ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଫେବୃୟାରୀ ୨୩/୨୦୧୯ (୧୬ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) Sambalpur, Saturday, February 23 / 2019 (Career & Appointment) | ★★

୧୫ଶ ଭାଗ ୬୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-

ସ୍ୱଚ୍ଛ ଭାରତ ମନ୍ତ୍ରୀ ହେବାକୁ ଚାହାନ୍ତି ଦୀପିକା

କେବେ ରାଜନୀତିରେ ଯୋଗଦେଲେ ସ୍ୱଚ୍ଛ ଭାରତ ମନ୍ତ୍ରୀ ହେବାକୁ ଚାହିଁବେ ବୋଲି ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍ ପ୍ରକାଶ କରିଛନ୍ତି।

୦୪

୧୫

ଅଂଶୁଙ୍କୁ ସିଙ୍ଗଲ୍ସ ଟାଇଟଲ

ମେଣ୍ଟାଶାଳସ୍ଥିତ ଗୁରୁକୁଳ ରିସର୍ଟରେ ଅନୁଷ୍ଠିତ ର୍ୟାଙ୍କିଙ୍ଗ୍ ଟେନିସ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସରେ ଚାମ୍ପିୟନ ହୋଇଛନ୍ତି ଓଡ଼ିଶାର ଅଂଶୁକୁମାର ଭୂୟାଁ ।

ଆଜିର ସମ୍ପାଦକୀୟ

ବାବୁ 'ଅନୁରକ୍ତି'

ଆଜିର ମନ୍ତବ୍ୟ

"କେନ୍ଦ୍ରରେ କଂଗ୍ରେସ କ୍ଷମତାସୀନ ହେଲେ ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ କରିବା।

–ହରିଶ ରାୱତ୍, ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ

କିଛି ତଥ୍ୟ

ଗତ ୪ ବର୍ଷରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ୩.୬୨ ଲକ୍ଷ କୋଟି ଟଙ୍କାର ଏନ୍‌ପିଏ ଅସୁଲ କରିବାକୁ ସକ୍ଷମ ହୋଇଛନ୍ତି। ୨୦୧୭–୧୮ ଆର୍ଥିକ ବର୍ଷରେ ୧.୦୨ ଲକ୍ଷ କୋଟି ଟଙ୍କା ଅସୁଲ ହୋଇଛି।

– ଅର୍ଥ ମନ୍ତ୍ରଣାଳୟ

■ ମାଟ୍ରିକ ପରୀକ୍ଷା ଆରମ୍ଭରୁ ବିଭ୍ରାଟ

ଭାଇରାଲ ହେଲା ଓଡ଼ିଆ ପ୍ରଶ୍ନପତ୍ର

■ ୪ ସୁପରିଣ୍ଟେଣ୍ଡେଣ୍ଟଙ୍କ ସମେତ ୭ ନିଲମ୍ବିତ

■ ଥାନାରେ ଏତଲା

ପ୍ରଶ୍ନପତ୍ର ଭାଇରାଲ ଘଟଣାରେ ଗଣଶିକ୍ଷା ମନ୍ତ୍ରୀଙ୍କ ବାସଭବନକୁ ଧସେଇ ପଶିବା ବେଳେ ପୋଲିସ ସହ ଏବିଭିପି କାର୍ଯ୍ୟକର୍ତ୍ତାଙ୍କ ଧସ୍ତାଧସ୍ତି।

କଟକ ଅଫିସ/ନୂଆପଡ଼ା ଅଫିସ୍/ଢେଙ୍କାନାଳ ଅଫିସ୍/କୋରାପୁଟ୍,୨୨।୨(ସ୍ୱ.ପ୍ର.)

ରାଜ୍ୟରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ମାଟ୍ରିକ ପରୀକ୍ଷା। ହେଲେ ପ୍ରଥମ ଦିନରୁ ହିଁ ବିଭ୍ରାଟ ଉପୁଜିଛି। ଭାଇରାଲ ହୋଇଛି ଓଡ଼ିଆ ପରୀକ୍ଷାର ପ୍ରଶ୍ନପତ୍ର, ଯାହାକୁ ନେଇ ରାଜ୍ୟବ୍ୟାପୀ ପ୍ରତିକ୍ରିୟା ପ୍ରକାଶ ପାଇଛି। ପରୀକ୍ଷା ପରିଚାଳନାକୁ ନେଇ ପୁଣି ଥରେ କାଠଗଡ଼ାରେ ଛିଡ଼ାହୋଇଛି ରାଜ୍ୟ ଗଣଶିକ୍ଷା ବିଭାଗ ଓ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ। ତେବେ ପ୍ରଶ୍ନପତ୍ର ଭାଇରାଲ ହେବା ପରେ ୪ ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଓ ୩ଜଣ ପରୀକ୍ଷା ନିରୀକ୍ଷକଙ୍କୁ ନିଲମ୍ବିତ କରାଯାଇଛି। ଆଉ ୨ଜଣ ପରୀକ୍ଷା ନିରୀକ୍ଷକଙ୍କ ବିରୋଧରେ ତଦନ୍ତ କରାଯାଉଛି। ବୋର୍ଡର ୧୯୮୮ ଆକ୍ଟ ଅନୁଯାୟୀ ଦାୟୀମାନଙ୍କ ବିରୋଧରେ ନିକଟସ୍ଥ ଥାନାରେ ଜିଲା ଶିକ୍ଷାଧିକାରୀଙ୍କ ଦ୍ୱାରା ଏତଲା ଦିଆଯାଇଥିବା ବୋର୍ଡ ସଭାପତି ଡ. ଜହାଁଆରା ବେଗମ୍ ଶୁକ୍ରବାର ସନ୍ଧ୍ୟାରେ କହିଛନ୍ତି। ପରୀକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ କଡ଼ାକଡ଼ି କରିବା ପାଇଁ ବୋର୍ଡ ପକ୍ଷରୁ ଉଦ୍ୟମ ହୋଇଛି। ମୋବାଇଲ ଫୋନ

☞ ପୃଷ୍ଠା–୪

ସ୍ଥାୟୀ ହେବେ ଅସ୍ଥାୟୀ ସ୍ୱାସ୍ଥ୍ୟ କର୍ମଚାରୀ

ଭୁବନେଶ୍ୱର, ୨୨।୨(ବ୍ୟୁରୋ)

ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ଗୋଟିଏ ପରେ ଗୋଟିଏ ଘୋଷଣା କରି ନିର୍ବାଚନ ବୈତରଣୀ ପାର ହେବାକୁ ଜୋରସୋର ଉଦ୍ୟମ ଚଳାଇଛନ୍ତି। ଚାଷୀ, ମହିଳା, ଯୁବଗୋଷ୍ଠୀ, ବୃଦ୍ଧା ବୃଦ୍ଧ, ଅନଙ୍ଗୱାଡି କର୍ମୀଙ୍କୁ ଖୁସି କରିବା ପରେ ବିଭାଗୀୟ ମୁଖ୍ୟଦପ୍ତର, ଜିଲା, ବ୍ଲକ, ତହସିଲ ଓ ଠିକା ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଖୁସି କରିଛନ୍ତି। ରାଜ୍ୟ ମୁଖ୍ୟଦପ୍ତର, ଜିଲା, ବ୍ଲକ ଓ ତହସିଲରେ କାର୍ଯ୍ୟକରୁଥିବା କର୍ମଚାରୀମାନଙ୍କ ପାଇଁ ନୂତନ କମନ କ୍ୟାଡର ଏବଂ ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ପ୍ରାୟ ୮ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ରାଜ୍ୟ ସରକାର ସ୍ଥାୟୀ ନିଯୁକ୍ତି ଦେବାକୁ ଘୋଷଣା କରିଛନ୍ତି।

ଦୀର୍ଘଦିନ ଧରି କ୍ୟାଡର ରୁଲ୍‌ରେ ସଂଶୋଧନ କରିବା ଏବଂ ସଚିବାଳୟ କର୍ମଚାରୀଙ୍କ ଭଳି ପଦୋନ୍ନତି ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବା ପାଇଁ ବିଭାଗୀୟ ମୁଖ୍ୟ ଦପ୍ତରର କର୍ମଚାରୀମାନେ ଦୀର୍ଘଦିନ ଆନ୍ଦୋଳନ ଚଳାଇଥିଲେ। ଏପରି କି ଦାବି ପୂରଣ ନେଇ ୩ ମାସ କଲମ ଛାଡ଼ ଆନ୍ଦୋଳନ କରି ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି କରିଥିଲେ। ନିର୍ବାଚନ ଆଗରୁ କର୍ମଚାରୀମାନଙ୍କୁ ଖୁସି କରିବା ଲାଗି ରାଜ୍ୟ ସରକାର ଓଡ଼ିଶା

☞ ପୃଷ୍ଠା–୪

କ୍ୟାବିନେଟ ନିଷ୍ପତ୍ତି

■ ବିଭାଗୀୟ ମୁଖ୍ୟ ଦପ୍ତର, ଜିଲା, ବ୍ଲକ, ତହସିଲ କର୍ମଚାରୀଙ୍କ ପଦୋନ୍ନତି ପାଇଁ ବାଟ ଖୋଲିଲା

■ ଗଠନ ହେଲା କମନ୍‌କ୍ୟାଡର

■ ବାର୍ଷିକ ପଡ଼ିବ ୭୨ କୋଟିର ଅତିରିକ୍ତ ଆର୍ଥିକ ବୋଝ

ସଫଳତା ହାସଲ କରିଥିବା ଲୋକେ ଆଜି ଯେଉଁ ସ୍ତରରେ ପହଞ୍ଚିଛନ୍ତି, ତାହା ସେମାନଙ୍କ ବ୍ୟକ୍ତିଗତ ପ୍ରୟାସ ଯୋଗୁ ସମ୍ଭବ ହୋଇନାହିଁ। ସମାଜର ଉଦ୍ୟମ ଓ ଆଶୀର୍ବାଦ ହେତୁ ସେମାନେ ସଫଳତା ପାଇଛନ୍ତି। ତେଣୁ ବଞ୍ଚିତ ବର୍ଗର ଛାତ୍ରୀଛାତ୍ରଙ୍କୁ ସହଯୋଗର ହାତ ସମସ୍ତେ ବଢ଼ାଇବା ଉଚିତ।
-ରାମନାଥ କୋବିନ୍ଦ, ରାଷ୍ଟ୍ରପତି

ସଂକ୍ଷେପରେ

କଶ୍ମୀରୀଙ୍କ ସୁରକ୍ଷା ନେଇ ୧୧ ରାଜ୍ୟକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୨।୨(ପି.ଟି.): ପୁଲୱାମା ଆତଙ୍କବାଦୀ ଆକ୍ରମଣ ପରେ ବିଭିନ୍ନ ରାଜ୍ୟରେ କଶ୍ମୀର ଛାତ୍ର ଓ ଜନସାଧାରଣ ସାମାଜିକ ବାସନ୍ଦ, ହିଂସା ଓ ଧମକର ସମ୍ମୁଖୀନ ହୋଇଛନ୍ତି। ଏଥିରୁ ସେମାନଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ସୁପ୍ରିମକୋର୍ଟ ଶୁକ୍ରବାର ୧୧ ରାଜ୍ୟର ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କଶ୍ମୀରୀଙ୍କ ବିରୋଧରେ ଘଟିଥିବା ହିଂସାକାଣ୍ଡ ଉପରେ କେନ୍ଦ୍ର ଏବଂ ସମ୍ପୃକ୍ତ ରାଜ୍ୟକୁ ଅଦାଲତ ଜବାବ ମାଗିଛନ୍ତି। ଗତ ୧୪ ତାରିଖ ପୁଲୱାମା ଆକ୍ରମଣରେ ୪୯ ସିଆରପିଏଫ୍ ଯବାନ ଶହୀଦ ହୋଇଥିଲେ। ଏହାକୁ ନେଇ ବିଭିନ୍ନ ସ୍ଥାନରେ କଶ୍ମୀରୀମାନେ ବିରୋଧର ସମ୍ମୁଖୀନ ହୋଇଛନ୍ତି। ହିଂସାକାଣ୍ଡ ଘଟାଉଥିବା ଲୋକଙ୍କ ବିରୋଧରେ ତୁରନ୍ତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଏବଂ ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ନିଷ୍ପତ୍ତିକୁ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍ତି ଏବଂ ଓମାର ଅବଦୁଲ୍ଲା ସ୍ୱାଗତ କରିଛନ୍ତି।

ସେନାକୁ ମିଳିଲା ଧ୍ରୁବ ହେଲିକପ୍ଟର

ବେଙ୍ଗାଲୁରୁ,୨୨।୨(ପି.ଟି.): ଏରୋ ଇଣ୍ଡିଆ ଏୟାର ଶୋ' ଅବସରରେ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ (ହାଲ୍) ଶୁକ୍ରବାର ସେନାବାହିନୀକୁ ପ୍ରଥମ ପର୍ଯ୍ୟାୟରେ ୩ଟି ଅତ୍ୟାଧୁନିକ ହାଲୁକା ହେଲିକପ୍ଟର 'ଧ୍ରୁବ' ହସ୍ତାନ୍ତର କରିଛି। ୨୨ଟି ଧ୍ରୁବ (ଏଏଲ୍ଏଚ୍ ଏମ୍କେ-୩) ଏବଂ ୧୮ଟି ଏମ୍କେ-୪ ରୁଦ୍ର ହେଲିକପ୍ଟର ଯୋଗାଇବା ଲାଗି ହାଲ୍ ସହ ସେନାବାହିନୀ ୨୦୧୭ ଅଗଷ୍ଟରେ ଚୁକ୍ତି ସ୍ୱାକ୍ଷର କରିଥିଲା। ୨୨ଟିରୁ ୧୯ଟି ଧ୍ରୁବ ହେଲିକପ୍ଟର ନିର୍ମାଣ ଶେଷ ହୋଇଛି ଏବଂ ସେଗୁଡିକୁ ପର୍ଯ୍ୟାୟକ୍ରମେ ଯୋଗାଇ ଦିଆଯିବ ବୋଲି ହାଲ୍ ପକ୍ଷରୁ କୁହାଯାଇଛି।

ଆଝାରଙ୍କୁ ଚାବୁକ୍

ଶେଷରେ ଅନ୍ତର୍ଜାତୀୟ ଚାପ ଆଗରେ ମୁଣ୍ଡ ନୁଆଁଇବାକୁ ବାଧ୍ୟ ହୋଇଛି ଇସ୍‌ଲାମାବାଦ। ପୁଲୱାମା ଆକ୍ରମଣକୁ ନେଇ ଭାରତର କୂଟନୈତିକ ଉଦ୍ୟମ ପରେ ଏହାକୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଉଛି। ଆକ୍ରମଣରେ ଜୈଶ୍‌ର ସମ୍ପୃକ୍ତିକୁ ଅସ୍ୱୀକାର କରୁଥିବା ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ସପ୍ତାହେ ପରେ ଏହି ଆତଙ୍କବାଦୀ ସଙ୍ଗଠନ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ସେଠାକାର ବାହବଲପୁରସ୍ଥିତ ଜୈଶ୍ ମୁଖ୍ୟାଳୟରେ ପାକିସ୍ତାନ ପୋଲିସ ଚଢ଼ାଉ କରିଥିବା ଜଣାପଡ଼ିଛି। ଆତଙ୍କ ଓ ମୃତ୍ୟୁର ସୌଦାଗର ମୌଲାନା ମାସୁଦ୍ ଆଝାରଙ୍କ ପାଇଁ ଏହି କାର୍ଯ୍ୟାନୁଷ୍ଠାନ ଚାବୁକ୍ ମାଡ଼ରୁ କିଛି କମ୍ ନୁହେଁ ବୋଲି କୁହାଯାଉଛି।

ଜେଇଏମ୍ ମୁଖ୍ୟାଳୟ ବାଜ୍ୟାପ୍ତ

କରାଚୀ,୨୨।୨

ପୁଲୱାମା ଆକ୍ରମଣର ଷଡ଼ଯନ୍ତ୍ରକାରୀ ମାସୁଦ୍ ଆଝାରଙ୍କ ଜୈଶ-ଇ-ମହମ୍ମଦ (ଜେଇଏମ୍) ମୁଖ୍ୟାଳୟକୁ ଶୁକ୍ରବାର ପାକିସ୍ତାନ ସରକାର ବାଜ୍ୟାପ୍ତ କରିଛନ୍ତି। ପଞ୍ଜାବ ପ୍ରଦେଶର ବାହବଲପୁରସ୍ଥିତ ଜେଇଏମ୍ ଅଫିସ ପରିସରକୁ ସେଠାକାର ପୋଲିସ ଦଖଲ କରିଛି।

ଏହାସହ ଜେଇଏମ୍ ଦ୍ୱାରା ପରିଚାଳିତ ସମସ୍ତ ଇସ୍‌ଲାମିକ୍ ମଦ୍ରାସାକୁ ପଞ୍ଜାବ ସରକାର ନିଜ ନିୟନ୍ତ୍ରଣକୁ ନେଇଥିବା ଜଣାପଡ଼ିଛି। ଇସ୍‌ଲାମାବାଦରେ ଗୁରୁବାର ଜାତୀୟ ନିରାପତ୍ତା କମିଟି (ଏନ୍ଏସ୍‌ସି) ବୈଠକରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଅଧ୍ୟକ୍ଷତା କରିଥିଲେ। ବୈଠକର ନିଷ୍ପତ୍ତି ଅନୁସାରେ ଗୁରୁବାର ବମ୍ବେ ଆକ୍ରମଣର ମାଷ୍ଟରମାଇଣ୍ଡ ହାଫିଜ୍ ସୟିଦ୍‌ଙ୍କ ଜମାତ୍-ଉଦ୍-ଦାଓ୍ୱା (ଜେୟୁଡି) ଉପରେ ନିଷେଧାଦେଶ ଜାରି କରିବାର ଦିନକ ପରେ ଜେଇଏମ୍ ଅଫିସ ସିଲ୍ କରାଯାଇଥିବା ସେଠାକାର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ଭିଏତ୍‌ନାମ ରାଜଧାନୀ ହାନୋଇରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ଉତ୍ତର କୋରିଆ ଶାସକ କିମ୍ ଜଙ୍ଗ୍-ଉନ୍‌ଙ୍କ ମଧ୍ୟରେ ଆସନ୍ତା ୨୭ରେ ଦ୍ୱିତୀୟ ଶିଖର ସମ୍ମିଳନୀ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଶୁକ୍ରବାର ହାନୋଇସ୍ଥିତ ଅପେରା ହାଉସ୍‌ରେ ବୁହିଙ୍କ ଭଳି ଦେଖାଯାଉଥିବା ରସେଲ୍ ହ୍ୱାଇଟ୍ (ବାମ) ଓ ହାୱାର୍ଡ ଏକ୍ସ (ଡାହାଣ) ଫଟୋ ପାଇଁ ପୋଜ୍ ଦେଉଛନ୍ତି।

୨ ଜୈଶ୍ ଆତଙ୍କବାଦୀ ଗିରଫ

ଶାହନୱାଜ୍ ଅହମଦ ତେଲି | ଆକିବ୍ ଅହମଦ ମଲିକ୍

ଲକ୍ଷ୍ନୌ,୨୨।୨(ପି.ଟି.)

ପୁଲୱାମା ଆକ୍ରମଣ ପରେ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ବିରୋଧରେ ଉତ୍ତରପ୍ରଦେଶ (ୟୁପି) ପୋଲିସକୁ ମିଳିଛି ସଫଳତା। ଶାହରନପୁର ଜିଲା ଦେଓବନ୍ଦରୁ ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ୨ ଜୈଶ୍ ଆତଙ୍କବାଦୀଙ୍କୁ ଗିରଫ କରିଛି।

ୟୁପି ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଓ.ପି. ସିଂ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଜମ୍ମୁ-କଶ୍ମୀରର କୁଲଗାମ୍ ବାସିନ୍ଦା ଶାହନୱାଜ୍ ଅହମଦ ତେଲି ଓ ପୁଲୱାମା ନିବାସୀ ଆକିବ୍ ଅହମଦ ମଲିକ୍ ଦେଓବନ୍ଦର ଏକ ମଦ୍ରାସାରେ ଛଦ୍ମବେଶରେ ରହି ଆତଙ୍କବାଦୀ ସାଜିବାକୁ ଯୁବକମାନଙ୍କୁ ମତାଉଥିଲେ। ପୁଲୱାମା ଆକ୍ରମଣ ପରେ ଗୋଇନ୍ଦା ସୂଚନା ଆଧାରରେ ପୋଲିସ ସେମାନଙ୍କ ଉପରେ କଡ଼ା ନଜର ରଖିଥିଲା। ଏଟିଏସ୍ ଆଇଜି ଅସୀମ ତରୁଣଙ୍କ ନେତୃତ୍ୱରେ ଗୁରୁବାର ରାତିରେ ପୋଲିସ ଉକ୍ତ ମଦ୍ରାସାରେ ଚଢ଼ାଉ କରି ଉଭୟଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ କେତେକ ଜେହାଦୀ ଦସ୍ତାବିଜ ଓ ଅସ୍ତ୍ରଶସ୍ତ୍ର ଜବତ କରିଛି। ଉଭୟଙ୍କ ବୟସ ୨୦ରୁ ୨୫ ବର୍ଷ ମଧ୍ୟରେ ହେବ। ଦୁହେଁ ମଦ୍ରାସାରେ ନାମ ନ ଲେଖାଇ ସେଠାରେ ରହୁଥିଲେ। ପୁଲୱାମା ଆକ୍ରମଣରେ ସେମାନଙ୍କ ସମ୍ପର୍କ ନେଇ ଅଧିକ ତଦନ୍ତ ଲାଗି ଦୁଇ ଆତଙ୍କବାଦୀଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଲକ୍ଷ୍ନୌ ନିଆଯିବ ବୋଲି ଓ. ପି. ସିଂ ସୂଚନା ଦେଇଛନ୍ତି। ଚଢ଼ାଉ ବେଳେ ମଦ୍ରାସାରୁ ଓଡ଼ିଶା ଓ କଶ୍ମୀରର ଆଉ କେତେଜଣ ଛାତ୍ରଙ୍କୁ ନେଇ ଅଟକ ରଖିଥିଲା ବୋଲି ସୂତ୍ରରୁ ଜଣାପଡ଼ିଛି।

ପୁଲୱାମା ଆକ୍ରମଣକୁ ଏଫ୍ଏଟିଏଫ୍‌ର ନିନ୍ଦା
'ଗ୍ରେ' ଲିଷ୍ଟରୁ ହଟିବନି ପାକିସ୍ତାନ

ନୂଆଦିଲ୍ଲୀ,୨୨।୨(ପି.ଟି.)

ଆତଙ୍କବାଦ ପାଇଁ ଅର୍ଥ ଯୋଗାଣ ଉପରେ କଡ଼ା ନଜର ରଖୁଥିବା ଅନ୍ତର୍ଜାତୀୟ ସଂସ୍ଥା ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ (ଏଫ୍ଏଟିଏଫ୍) ପକ୍ଷରୁ ପାକିସ୍ତାନକୁ ଶକ୍ତ ଝଟକା ଲାଗଛି। ଏଫ୍ଏଟିଏଫ୍‌ର 'ଗ୍ରେ' ଲିଷ୍ଟ (ଧୂସର ତାଲିକା)ରେ ପାକିସ୍ତାନ ପୂର୍ବରୁ ରହିଥିବାବେଳେ ଏହାକୁ ବଳବତ୍ତର ରଖିବା ପାଇଁ ଶୁକ୍ରବାର ନିଷ୍ପତ୍ତି ନେଇଛି।

ଏଫ୍ଏଟିଏଫ୍ ଜୈଶ୍‌ର ପୁଲୱାମା ଆକ୍ରମଣକୁ ନିନ୍ଦା କରିଛି। ଏହାସହ ଆତଙ୍କବାଦୀ ସଙ୍ଗଠନଗୁଡିକୁ ପାଣ୍ଠି ଯୋଗାଣ ବନ୍ଦ କରିବାରେ ପାକିସ୍ତାନ ବିଫଳ ହୋଇଥିବା ଦର୍ଶାଇଛି। ଫ୍ରାନ୍ସ ରାଜଧାନୀ ପ୍ୟାରିସସ୍ଥିତ ଏଫ୍ଏଟିଏଫ୍ ମୁଖ୍ୟାଳୟରେ ଚାଲିଥିବା ବୈଠକ ପରେ ଏହି ସଂସ୍ଥା ପକ୍ଷରୁ କୁହାଯାଇଛି ଯେ, ପାକିସ୍ତାନ ଆତଙ୍କବାଦୀ ସଙ୍ଗଠନଗୁଡ଼ିକର ଟେରର୍ ଫାଇନାନ୍ସିଂର ବିପଜ୍ଜନକ ଦିଗଗୁଡ଼ିକୁ ନେଇ ସମୀକ୍ଷା କରିନାହିଁ। ତେଣୁ ଆସନ୍ତା ମେ ସୁଦ୍ଧା ଇସ୍‌ଲାମାବାଦ ଆତଙ୍କବାଦ ପାଇଁ ଅର୍ଥ ଯୋଗାଣ ବିରୋଧରେ ତତ୍ପରତା ଦେଖାଉ। ଏଥିରେ ବିଫଳ ହେଲେ ପାକିସ୍ତାନକୁ କଳାତାଲିକାଭୁକ୍ତ କରାଯାଇପାରେ। ୨୦୧୮ ଜୁନ୍‌ରୁ ପାକିସ୍ତାନ ଧୂସର ତାଲିକାରେ ରହିଛି। ଏହି ଦେଶକୁ ଏଫ୍ଏଟିଏଫ୍ ୨୮ ବିନ୍ଦୁ କାର୍ଯ୍ୟସୂଚୀ ଦିଆଯାଇଛି। ପାକିସ୍ତାନ ଏହି ତାଲିକାରେ ରହିବ କି ନାହିଁ ଆସନ୍ତା ଜୁନ୍‌ରେ ପୁଣି ସମୀକ୍ଷା କରାଯିବ ବୋଲି ଏଫ୍ଏଟିଏଫ୍ ବୈଠକରେ ଭାରତ ପକ୍ଷରୁ ଉପସ୍ଥିତ ଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ଜାତିସଂଘ ସୁରକ୍ଷା ପରିଷଦର ଭର୍ତ୍ସନା

ଜାତିସଂଘ,୨୨।୨(ପି.ଟି.)

ଜମ୍ମୁ-କଶ୍ମୀରର ପୁଲୱାମା ଜିଲା ଅବନ୍ତିପୋରା ନିକଟସ୍ଥ ଲେଥ୍‌ପୋରାରେ ଗତ ୧୪ ତାରିଖରେ ଆକ୍ରମଣ କରି ୪୯ ଯବାନଙ୍କ ଜୀବନ ନେଇଥିବା

ଜୈଶକୁ ଶୁକ୍ରବାର ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍ଏସ୍‌ସି)ରେ ଗୃହୀତ ସଂକଳ୍ପନାମାରେ ମଧ୍ୟ ନିନ୍ଦା କରାଯାଇଛି। ଏହି ବର୍ବର ଓ ଭୀରୁ କାର୍ଯ୍ୟ ପାଇଁ ଆକ୍ରମଣକାରୀମାନଙ୍କୁ ଆଇନର କାଠଗଡ଼ାରେ ଛିଡ଼ା କରାଯିବା ଆବଶ୍ୟକ ବୋଲି ୟୁଏନ୍ଏସ୍‌ସିରେ ମତ ପ୍ରକାଶ ପାଇଛି। ଆତଙ୍କବାଦୀଙ୍କୁ ସମର୍ଥନ, ପ୍ରୋତ୍ସାହନ, ଅର୍ଥଯୋଗାଣ ଓ ସଙ୍ଗଠିତ କରୁଥିବା ଦେଶକୁ ଆତଙ୍କବାଦ ପାଇଁ ଦାୟୀ କରାଯିବା ଲାଗି ଜାତିସଂଘର ଏହି ପ୍ରଭାବଶାଳୀ ଅଙ୍ଗର ସଦସ୍ୟ ରାଷ୍ଟ୍ର ଚାଇନା, ଫ୍ରାନ୍ସ, ରୁଷିଆ, ବ୍ରିଟେନ୍ ଓ ଆମେରିକା ଏକ ବିବୃତିରେ କହିଛନ୍ତି। ଜୈଶ୍ ମୁଖ୍ୟ ମାସୁଦ୍ ଆଝାରଙ୍କୁ ବିଶ୍ୱସ୍ତରୀୟ ଆତଙ୍କବାଦୀ ଘୋଷଣା ପାଇଁ ଭାରତ ପକ୍ଷରୁ ଚାଲିଥିବା ଉଦ୍ୟମରେ ସବୁବେଳେ କଣ୍ଟା ସାଜୁଥିବା ଚାଇନାର ପ୍ରତିବାଦର ସ୍ୱର ଏଥର ନରମ ପଡ଼ିଯାଇଛି। ଏହାକୁ ଭାରତର କୂଟନୈତିକ ବିଜୟ ବୋଲି କୁହାଯାଉଛି।

ବିଷାକ୍ତ ମଦ ପିଇ ୩୨ ମୃତ

ଗୁଆହାଟୀ,୨୨।୨: ଆସାମ ଗୋଲାଘାଟ ଜିଲାରେ ବିଷାକ୍ତ ମଦ ପିଇ ଏକ ଚା ବଗିଚାର ୩୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୫୦ ଜଣ ଅସୁସ୍ଥ ହୋଇ ଜୋରହାଟ ମେଡିକାଲ କଲେଜ ହସ୍ପିଟାଲ ଓ ଗୋଲାଘାଟ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। କେତେକଙ୍କ ଅବସ୍ଥା ଗୁରୁତର ଥିବାର ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଗୁରୁବାର ସନ୍ଧ୍ୟାରେ ସାଲମାରା ଚା ବଗିଚାରେ ମୁନ୍‌ସାଇନ୍ ନାମକ ଦେଶୀମଦ ପିଇ ପ୍ରଥମେ ୪ ଜଣଙ୍କର ମୃତ୍ୟୁ ଘଟିଥିଲା। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ମୃତ୍ୟୁସଂଖ୍ୟା ୨୨ରେ ପହଞ୍ଚିଛି। ପୋଲିସ ଜୁଗିବାରି ଅଞ୍ଚଳରେ ଥିବା ମଦଭାଟିର ୨ ଜଣ ମାଲିକଙ୍କୁ ଗିରଫ କରିଛି। ବିଷାକ୍ତ ମଦ କାରବାରରେ ସମ୍ପୃକ୍ତ ଅନ୍ୟମାନଙ୍କୁ ପୋଲିସ ଖୋଜୁଛି। ଉକ୍ତ ଅଞ୍ଚଳରେ ଏହି ବେଆଇନ ମଦ ଗ୍ଲାସ୍ ୧୦ରୁ ୨୦ ଟଙ୍କାରେ ବିକ୍ରି ହେଉଥିଲା। ମଦ ପିଇ ବିକ୍ରେତା ସଞ୍ଜୁ ଓରାଙ୍ଗ ଓ ତାଙ୍କ ମାଆ ମଧ୍ୟ ପ୍ରାଣ ହରାଇଛନ୍ତି। ଅବକାରୀ ମନ୍ତ୍ରୀ ମଦମୃତ୍ୟୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ବେଆଇନ ମଦ କାରବାର ରୋକିବାରେ ରାଜ୍ୟ ସରକାର ବିଫଳ ହୋଇଥିବା ଅଭିଯୋଗ କରି ମଦବିରୋଧୀ ଆନ୍ଦୋଳନର ମୁଖ୍ୟ ଭାଜପା କର୍ମୀଙ୍କ ଆକ୍ରମଣର ଶିକାର ହୋଇଥିବା ଅଭିଯୋଗ ହୋଇଛି। ମଦ ବ୍ୟବସାୟୀ ଓ ପ୍ରଶାସନ ମଧ୍ୟରେ ମଧୁଚନ୍ଦ୍ରିକାରୁ ଏଭଳି ଘଟିଲା ବୋଲି ସେ କହିଛନ୍ତି। ମୃତକଙ୍କ ପରିବାରକୁ ରାଜ୍ୟ ସରକାର ଉପଯୁକ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ବିରୋଧୀ ଦଳ ଅସମ୍ ଗଣ ପରିଷଦ (ଏଜିପି) ଅଧ୍ୟକ୍ଷ ଆହ୍ୱାନ ଦେଇଥିବାବେଳେ କଂଗ୍ରେସ ବିଧାୟକ ରୂପଜ୍ୟୋତି କୁର୍ମୀ ଅବକାରୀ ମନ୍ତ୍ରୀ ପରିମଳ ଶୁକ୍ଳା ବୈଦ୍ୟଙ୍କ ଇସ୍ତଫା ଦାବି କରିଛନ୍ତି।

ମୋଦିଙ୍କୁ ସିଓଲ ଶାନ୍ତି ପୁରସ୍କାର

ସିଓଲ,୨୨।୨(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦକ୍ଷିଣ କୋରିଆ ଗସ୍ତ ଅବସରରେ ଦୁଇ ଦେଶ ମଧ୍ୟରେ ଭିତ୍ତିଭୂମି ବିକାଶ, ଷ୍ଟାର୍ଟ-ଅପ୍, ସୀମାପାର ଅପରାଧ ରୋକିବା ଆଦି କ୍ଷେତ୍ରରେ ସହଯୋଗ ବୃଦ୍ଧି ଲାଗି ୬ଟି ରାଜିନାମା ସ୍ୱାକ୍ଷର ହୋଇଛି। ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ଲାଗି ଦକ୍ଷିଣ କୋରିଆ ରାଷ୍ଟ୍ରପତି ମୁନ୍ ଜାଏ-ଇନ୍ ଓ ମୋଦିଙ୍କ ମଧ୍ୟରେ ଗଠନମୂଳକ ଆଲୋଚନା ପରେ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷର ହୋଇଥିଲା।

ଆତଙ୍କବାଦ ଏବଂ ଉଗ୍ରବାଦ ବିଶ୍ୱ ଶାନ୍ତି ଏବଂ ନିରାପତ୍ତା ପ୍ରତି ବଡ଼ ବିପଦ। ଆତଙ୍କବାଦ ନେଟୱାର୍କ ଏବଂ ସେମାନଙ୍କୁ ପାଣ୍ଠି ଯୋଗାଉଥିବା ଚ୍ୟାନେଲଗୁଡିକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରିବା ଲାଗି ବିଶ୍ୱ ସମୁଦାୟ ଏକାଠି ହୋଇ କାର୍ଯ୍ୟ କରିବାର ସମୟ ଆସିଛି ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଥିଲେ। ସେଠାରେ ପ୍ରଧାନମନ୍ତ୍ରୀଙ୍କୁ ୨୦୧୮ ବର୍ଷ ପାଇଁ ମର୍ଯ୍ୟାଦାଜନକ ସିଓଲ ଶାନ୍ତି ପୁରସ୍କାରରେ ସମ୍ମାନିତ କରାଯାଇଛି। ଅନ୍ତର୍ଜାତୀୟ

ଭାରତ-ଦକ୍ଷିଣ କୋରିଆ ୬ ଚୁକ୍ତି

ସହଯୋଗ ଏବଂ ବିଶ୍ୱ ଆର୍ଥିକ ଅଭିବୃଦ୍ଧି ବଢ଼ାଇବାରେ ଅବଦାନ ପାଇଁ ତାଙ୍କୁ ଏହି ପୁରସ୍କାର ମିଳିଛି। ଏଥିପାଇଁ ମୋଦି କୃତଜ୍ଞତା ଜଣାଇବା ସହ ପୁରସ୍କାର ସମସ୍ତ ଭାରତୀୟଙ୍କର ବୋଲି କହିଛନ୍ତି। ୨ ଲକ୍ଷ ଡଲାର ମୂଲ୍ୟର ଏହି ପୁରସ୍କାରକୁ ସେ ନମାମି ଗଙ୍ଗେ କାର୍ଯ୍ୟକ୍ରମ ପାଇଁ ଉତ୍ସର୍ଗ କରିଛନ୍ତି।

[ଇତିହାସର ଆଇନାରେ]

ଫେବୃୟାରୀ ୨୩ର ପ୍ରମୁଖ ଘଟଣା

୨୦୧୨ ଫେବୃୟାରୀ ୨୩ରେ ଇରାକ୍‌ର ବିଭିନ୍ନ ସହରରେ ଆକ୍ରମଣ ଯୋଗୁ ୮୩ ଜଣଙ୍କ ମୃତ୍ୟୁ ଘଟିବା ସହ ୨୫୦ ଆହତ ହୋଇଥିଲେ।

୧୯୪୭ ଫେବୃୟାରୀ ୨୩ରେ ଇଣ୍ଟରନ୍ୟାଶନାଲ ଅର୍ଗାନାଇଜେଶନ୍ ଫର ଷ୍ଟାଣ୍ଡାର୍ଡାଇଜେଶନ୍ (ଆଇଏସ୍ଓ) ପ୍ରତିଷ୍ଠା କରାଯାଇଥିଲା।

ସିଦ୍ଧୁଙ୍କୁ ମୁମ୍ବାଇ ଫିଲ୍ମ ସିଟି ମନା

ମୁମ୍ବାଇ: ପୁଲୱାମା ଆତଙ୍କବାଦୀ ଆକ୍ରମଣ ପରେ ଦେଶବିରୋଧୀ ମନ୍ତବ୍ୟ ପାଇଁ ପୂର୍ବତନ କ୍ରିକେଟର ତଥା ପଞ୍ଜାବର କ୍ୟାବିନେଟ୍ ମନ୍ତ୍ରୀ ନବଜୋତ୍ ସିଂ ସିଦ୍ଧୁଙ୍କୁ ମୁମ୍ବାଇ ଫିଲ୍ମ ସିଟିରେ ପ୍ରବେଶ କରିବାକୁ ବାରଣ କରାଯାଇଛି। କିଛିଦିନ ତଳେ ଏହି କାରଣ ପାଇଁ ତାଙ୍କୁ କପିଲ ଶର୍ମାଙ୍କ କମେଡି ଶୋ'ରୁ ବାଦ୍ ଦିଆଯାଇଥିଲା। ସେଥିରେ ସେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଉଥିଲେ। କଂଗ୍ରେସ ନେତା ସିଦ୍ଧୁଙ୍କୁ ଫେଡେରେଶନ୍ ଅଫ୍ ୱେଷ୍ଟର୍ନ ଇଣ୍ଡିଆ ସିନେ ଏମ୍ପ୍ଲଇଜ୍ ପକ୍ଷରୁ ନିଷେଧ କରାଯାଇଥିବା ନେଇ ଏକ ପତ୍ର ଫିଲ୍ମ ସିଟିର ପରିଚାଳନା ନିର୍ଦ୍ଦେଶକଙ୍କ ପାଖକୁ ପଠାଯାଇଛି। ଭାରତରେ ପାକିସ୍ତାନୀ କଳାକାରଙ୍କୁ କାମ କରିବାର ସୁଯୋଗ ନ ଦେବା ଏବଂ ପାକିସ୍ତାନରେ ଭାରତୀୟ ଫିଲ୍ମ ରିଲିଜ୍ ନ କରିବାକୁ ଫେଡେରେଶନ୍ ପୂର୍ବରୁ ନିଷେଧାଜ୍ଞା ଜାରି କରିଥିଲା। କପିଲ ଶର୍ମା ଶୋ'ରେ ସିଦ୍ଧୁ କହିଥିଲେ କେତେଜଣ ଲୋକଙ୍କ ଖରାପ କାମ ପାଇଁ ସାରା ପାକିସ୍ତାନକୁ ନିନ୍ଦିତ କରାଯିବା ଉଚିତ ନୁହେଁ।

MEGA X-CHANGE
MÖBEL FURNITURE
40% Spring Offer + 15% Exchange Offer

MRP ₹70,000 DW/JM2813 IRIS 4, KING BED — Exchange Price: ₹ 35,700
MRP ₹1,63,633 RL-GA1402, BEDROOM SET K — Exchange Price: ₹ 83,453
MRP ₹1,59,300 UW-PACIFIC, BEDROOM SET Q — Exchange Price: ₹ 81,243
MRP ₹20,900 YS BREEZE 2, SOFA CUM BED — Exchange Price: ₹ 10,659
MRP ₹96,336 VR 114, SOFA SET 3+1+1 — Exchange Price: ₹ 49,131
MRP ₹72,828 VR 139 C, L-SHAPE SOFA SET — Exchange Price: ₹ 37,142
MRP ₹28,506 TN/XJ C04, VENUS 4 STR DINING SET — Exchange Price: ₹ 14,538
MRP 62,736 SR/MY A 206, SIENNA 4 STR DINING SET — Exchange Price: ₹ 31,995

WARDROBE SECTION
3 DR WARDROBE MRP ₹31,500 Exchange Price: ₹16,065
4 DR WARDROBE MRP ₹41,500 Exchange Price: ₹21,165
EURO - 4 DR WARDROBE
2 DR WARDROBE MRP ₹21,600 Exchange Price: ₹11,016
3 DR WARDROBE MRP ₹44,400 Exchange Price: ₹22,644
4 DR WARDROBE MRP ₹59,200 Exchange Price: ₹30,192
LEO - 4 DR WARDROBE
2 DR WARDROBE MRP ₹27,600 Exchange Price: ₹14,076
RL - Ga1601 SHOE RACK MRP ₹20,742 Ex

ସବୁ ଧର୍ମ ସମାନ। ଯେ ଯାହା ଧର୍ମରେ ଥାଇ ବ୍ୟାକୁଳ ଭାବେ ଈଶ୍ୱରଙ୍କୁ ଡାକିଲେ ସେ ନିଶ୍ଚୟ ମନୋବାଞ୍ଛା ପୂର୍ଣ୍ଣ କରିବେ। ଭଗବାନ ଶିଶୁ ପରି ସରଳ, କୌଣସି କପଟ ମନରେ ଥିଲେ ତାଙ୍କୁ ପାଇବା ଅସମ୍ଭବ।
- ରାମକୃଷ୍ଣ ପରମହଂସ

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ପ୍ରଫେସର ପଦୋନ୍ନତି ମାମଲା

ହାଇକୋର୍ଟଙ୍କ ନିର୍ଦ୍ଦେଶ: କୁଳାଧିପତି ନେବେ ନିଷ୍ପତ୍ତି

କଟକ ଅଫିସ,୨୨।୨:ଯୁଜିସିର ୨୦୧୦ ମସିହା ରେଗୁଲେଶନର ଧାରା ୬, ୪, ୮କୁ ଉଲ୍ଲଂଘନ କରି ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ୧୬ ଜଣ ଆସୋସିଏଟ ପ୍ରଫେସରଙ୍କ ମଧ୍ୟରୁ ୧୧ ଜଣଙ୍କୁ ବେଆଇନ ଭାବେ ପ୍ରଫେସର ପଦକୁ ପଦୋନ୍ନତି ଦିଆଯାଇଛି। ଏହାକୁ ବିରୋଧ କରି ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ଶୁକ୍ରବାର ଉକ୍ତ ମାମଲାର ଶୁଣାଣି କରି ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥ ଯୁଜିସି ନିୟମ ଆଧାରରେ ମାମଲାର ବିଚାର କରି କୁଳାଧିପତି ଦେଢ ମାସ ମଧ୍ୟରେ ନିଷ୍ପତ୍ତି ନେଇ ତାହା ଆବେଦନକାରୀଙ୍କୁ ଅବଗତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିବରଣୀରୁ ପ୍ରକାଶ ଯେ, ଯୁଜିସିର ଉପରୋକ୍ତ ନିୟମ ଅନୁସାରେ ପ୍ରଫେସର ପଦକୁ ଉନ୍ନୀତ ହେବାକୁ ହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଆସୋସିଏଟ ପ୍ରଫେସର ପଦରେ ଅନ୍ୟୂନ ୩ ବର୍ଷ କାର୍ଯ୍ୟ କରିଥିବା ଆବଶ୍ୟକ। ଉଲ୍ଲେଖଯୋଗ୍ୟ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କ ବିଜ୍ଞପ୍ତି ସଂଖ୍ୟା ୪୮୩୧ ଅନୁସାରେ ୨୦୧୬ ନଭେମ୍ବର ୮ ତାରିଖରେ ୧୬ ଜଣଙ୍କୁ ଆସୋସିଏଟ ପ୍ରଫେସର ପଦକୁ ଉନ୍ନୀତ କରାଇଥିଲେ। ତେଣୁ ଯୁଜିସିର ରେଗୁଲେଶନ ଧାରା ୬, ୪, ୮ ଅନୁସାରେ ଏମାନେ ଆସୋସିଏଟ ପ୍ରଫେସର ପଦରେ ୩ ବର୍ଷ ରହିବା ପରେ ୨୦୧୯ ନଭେମ୍ବର ୭ ତାରିଖ ପରେ ହିଁ ପ୍ରଫେସର ପଦକୁ ଉନ୍ନୀତ ହେବାକୁ ଯୋଗ୍ୟ ବିବେଚିତ ହେବା କଥା। ମାତ୍ର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଉପରୋକ୍ତ ଯୁଜିସି ନିୟମକୁ ଅଣଦେଖାକରି ପ୍ରଥମ ପର୍ଯ୍ୟାୟରେ ୧୦ ଜଣ ଓ ପରବର୍ତ୍ତୀ ପର୍ଯ୍ୟାୟରେ ଜଣେ ଆସୋସିଏଟ୍ ପ୍ରଫେସରଙ୍କୁ ପ୍ରଫେସର ପଦବୀକୁ ଉନ୍ନୀତ କରିବା ପାଇଁ କୁଳାଧିପତିଙ୍କୁ ଏମାନଙ୍କ ନାମ ସୁପାରିସ କରିଥିଲେ। ପରେ ସେମାନଙ୍କୁ ପଦୋନ୍ନତି ଦିଆଯାଇଥିଲା। ମାତ୍ର ଏ କ୍ଷେତ୍ରରେ ଯୁଜିସି ନିୟମର ଉଲ୍ଲଂଘନ କରାଯାଇଥିଲା। ଉପରୋକ୍ତ ଅଭିଯୋଗ ଆଧାରରେ ପ୍ରଫେସର ପଦୋନ୍ନତିକୁ ବାତିଲ କରିବା ପାଇଁ ହାଇକୋର୍ଟରେ ଏକ ରିଟ୍ ପିଟିଶନ ଆଗତ କରାଯାଇଥିଲା।



ୱାନ୍ ବାର୍ ୱାନ୍ ଭୋଟ କାର୍ଯ୍ୟକାରୀ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ ଅଫିସ, ୨୨।୨

ଏଣିକି ରାଜ୍ୟରେ ୱାନ୍ ବାର୍ ୱାନ୍ ଭୋଟ। ଓଡ଼ିଶା ଆଇନଜୀବୀ ପରିଷଦକୁ ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ସମସ୍ତ ୧୬୫ଟି ଓକିଲ ସଂଘର ନିର୍ବାଚନ ମାର୍ଜରେ ଗୋଟିଏ ବାର୍ ଗୋଟିଏ ଭୋଟ ନୀତିରେ ଅନୁଷ୍ଠିତ ହେବ। ପୂର୍ବରୁ ସୁପ୍ରିମକୋର୍ଟ ବାର୍ ଆସୋସିଏଶନ ସମେତ ଦେଶରେ ଯେତେଗୁଡ଼ିଏ ଓକିଲ ସଂଘ ଥିଲା ଜଣେ ଓକିଲ ଯେଉଁଠାରେ ଚାହେଁ ଏକାଧିକ ସଂଘର ମନଇଚ୍ଛା ସଦସ୍ୟତା ନେଇ ସବୁଠାରେ ଭୋଟ ଦେଇପାରୁଥିଲେ। ଫଳରେ ଠିକ୍ ପ୍ରତିନିଧିତ୍ୱ ହେବା ତ ଦୂରର କଥା ବିଭିନ୍ନ ଅରାଜକତା ସୃଷ୍ଟି ହେବା ମନେ ହେଉଥିଲା। ଏପରିକି କାର୍ଯ୍ୟ କ୍ଷେତ୍ରରେ କ୍ରିୟାଶୀଳ ନ ଥିବା ଜଣେ ସଦସ୍ୟ ନିର୍ବାଚନ ଲଢୁଥିଲେ, ଜିତୁଥିଲେ କିମ୍ବା ଅନ୍ୟ ଜଣେ ପ୍ରାର୍ଥୀଙ୍କୁ ଜିତାଇବାରେ ସାହାଯ୍ୟ କରୁଥିଲେ। କେହି କେହି ଜିତିବା ପାଇଁ ସୁପ୍ତ ଭୋଟରମାନଙ୍କ ନାମରେ ବାର୍ଷିକ ଦେୟ ଦେଉଥିବା ଜଣାପଡୁଥିଲା। ଫଳରେ ଯୋଗ୍ୟ ପ୍ରାର୍ଥୀ ମଧ୍ୟ ହାରିଯିବା ଭୟ ରହୁଥିଲା। ଏନେଇ ଆଡଭୋକେଟ ଶିବନାରାୟଣ ବିଶ୍ୱାଳ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ମାମଲାରେ ରାଜ୍ୟ ଆଇନଜୀବୀ ପରିଷଦକୁ ଜବାବ ରଖିବା ପାଇଁ ହାଇକୋର୍ଟ ଆଦେଶ ଦେଇଥିଲେ। ଆଇନଜୀବୀ ପରିଷଦ ପକ୍ଷରୁ ଜବାବ ଦାଖଲ ପରେ ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ୱାନ ବାର୍ ୱାନ ଭୋଟ କାର୍ଯ୍ୟକାରୀ କରିବାକୁ ଆଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଡ. ଅଶୋକ କୁମାର ମହାପାତ୍ର ମାମଲା ପରିଚାଳନା କରୁଥିଲେ।

NECC NATIONAL EGG CO-ORDINATION COMMITTEE
22.02.2019
Vencobb CHICKEN

Dist	Farm Gate/Kg	With Skin/Kg	Skinless /Kg
BBSR	77	128	138
CTC	79	131	141
DKL	79	131	141
BDK	80	132	142
BLS	80	132	142
ANG	80	132	142

*Conditions Apply
Eggs Retail Price- 55/-Dozen
Issued in the Interest of Consumers

ଚୋରି ଘଟଣାରେ ଜଣେ ଗିରଫ

ସମ୍ବଲପୁର,୨୨।୨(ବ୍ୟୁରୋ)–ସମ୍ବଲପୁର ଆମ୍ବେଡ଼କର ନଗର ଗାନ୍ଧୀ ନୋଡାଲ ୟୁପି ସ୍କୁଲରୁ ଚୋରି କରିଥିବା ଘଟଣାରେ ଟାଉନ ଥାନା ପୋଲିସ ଶୁକ୍ରବାର ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ଟାଉନ ଥାନା ଅନ୍ତର୍ଗତ ଠେଲକୋପଡା ସାଗର ମୁଖି (୧୯) । ଏ ନେଇ ଟାଉନ ଥାନାରେ କେଶ ନଂ. ୭୫/୧୯ ଏକ ମାମଲା ରୁଜୁ ହୋଇଛି ।

ଶାର୍ଟ ବଟନରେ ଆଣି ଧରାପଡ଼ିଲେ ଯାତ୍ରୀ

ଭୁବନେଶ୍ୱର,୨୨।୨ (ବ୍ୟୁରୋ)

ଭୁବନେଶ୍ୱର ବିମାନବନ୍ଦର ସୁନା ଚୋରା ଚାଲାଣକାରୀଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି। ବିଦେଶରୁ ବେଆଇନ ଭାବେ ସୁନା ଆଣି ଅନେକ ଯାତ୍ରୀ ଏଠାରେ ଧରାପଡୁଛନ୍ତି। ଏହାକୁ ରୋକିବା ପାଇଁ କଷ୍ଟମ ବିଭାଗ ଧରପଗଡ଼କୁ ଜୋରଦାର କରିଛି। ମାତ୍ର ଚୋରା ଚାଲାଣକାରୀ ନୂଆ ନୂଆ ତରିକାରେ ସୁନା ଆଣୁଛନ୍ତି। ୩ ଦିନ ତଳେ ଜଣେ ମହିଳା ଯାତ୍ରୀ ଟର୍ଚ୍ଚ ଲାଇଟ୍‌ରେ ସୁନା ପୂରାଇ ଆଣିଥିବା ବେଳେ ଶୁକ୍ରବାର ଜଣେ ଯାତ୍ରୀ ଅଭିନବ ଉପାୟରେ ସୁନା ଆଣି କଷ୍ଟମ ବିଭାଗ ଅଧିକାରୀଙ୍କ ହାତରେ ଧରାପଡ଼ିଛନ୍ତି। କୋଲକାତାର ଉକ୍ତ ଯାତ୍ରୀ ଜଣକ ନିଜ ଶାର୍ଟରେ ବଟନ ତଳେ ସୁନା ଲଗାଇ ଆଣୁଥିଲେ। ଯାଞ୍ଚ କରିବା ପରେ ତାଙ୍କଠାରୁ ୨୮୩.୨୪୦ ଗ୍ରାମର ସୁନା ଜବତ କରାଯାଇଛି। ଏହାର ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କା ହେବ ବୋଲି କଷ୍ଟମ ବିଭାଗ ପକ୍ଷରୁ କୁହାଯାଇଛି। ସମ୍ପୃକ୍ତ ଯାତ୍ରୀଙ୍କୁ କଷ୍ଟମ ବିଭାଗର ଅଧିକାରୀମାନେ ଅଟକ ରଖି ମାରାଥନ ଜେରା କରୁଛନ୍ତି। ସେ ବ୍ୟାଙ୍କକରୁ ଏୟାର ଏସିଆ ବିମାନ (ଏଫ୍‌ଡି–୧୧୨)ରେ ଭୁବନେଶ୍ୱର ଆସୁଥିଲେ। ଗୋଇନ୍ଦା ସୂତ୍ରରୁ ଖବର ପାଇ କଷ୍ଟମ ବିଭାଗର ଅଧିକାରୀମାନେ ବିମାନବନ୍ଦରରେ ଜଗି ରହିଥିଲେ। ଯାତ୍ରୀ ଜଣକ ଓହ୍ଲାଇବା ପରେ ତାଙ୍କୁ କଷ୍ଟମ ବିଭାଗର ଅଧିକାରୀମାନେ କାବୁ କରି ଯାଞ୍ଚ କରିଥିଲେ। ହେଲେ ତାଙ୍କ ଲଗେଜ୍ ଓ ଶରୀରରୁ ସୁନା ମିଳି ନ ଥିଲା। ଶେଷରେ ତାଙ୍କ ଶାର୍ଟ ବଟନ ଯାଞ୍ଚ କରିବାରୁ ସେଥିରେ ସୁନା ଲାଗିଥିବା ଜଣାପଡ଼ିଥିଲା।

ସୁନା ଚୋରା ଚାଲାଣର ନୂଆ ତରିକା

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ବିଭାନ୍
ପରିବାରବର୍ଗ

ଅନୁଭା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

classified

automobile

SALE

L&T Pc 71 Komatsu show room condition, 2009 Dec (Mo): 7978887806. D-11293

real estate

SALE

Ready to move 3BHK premium duplex at Gandamunda Square (adjacent to Main road). Contact: 9437309741. D-11181

Plot on lowest buduget Brahmanajharilo, 9km. from BBSR 16km. from Cuttack 250/- sqft. 7809525452. D-65834

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

Bhubaneswar AIIMS Hospitalଠାରେ **yellowz-one gharabari 30'road,** ଇଲେକ୍ଟ୍ରିସିଟିଥାଇ **plot sqft. 1500/-**ରେ ବିକ୍ରିହେବ: **9937819395.** D-65362

Sthitiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

Book 4BHK flat with 3 toilet, near AIIMS Square 150 meter Aiginia over bridge, NH-5, 1622 sqft. @ 65 lac. including parking. 7978584549. D-65592

Gharabari plots at Baliantaand Bhingarpur immediate possession, registration. Contact: 9437147826. D-11154

Yellowzone sthitiban plot sale at AIIMS Hospital, Bhubaneswar. 8280037688. D-65368

Readymade Gheri (prawn farm) Gadadharipur, Jagatsinghpur 7 acres land 15,00,000/-. 7809525452. D-65833

Bhubaneswar GITA Collegeଠାରେ 1200 sqft. 3,99,000/-ରେ demarcated plot ମିଳୁଅଛି। 9937146640. D-65369

3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617. D-11299

Now Matrimonial ads. only on Wednesday & Sunday Book 1 Get 1 FREE

Yellowzone gharabari plots 30ft. road Jharapada Tankapani Road, Sai Temple 2BHK simplex 20,50,000/-. 7735738102. D-11286

2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 9348253463, 8908292617. D-11298

Tamando market ପାଖରେ Janla NH-5, ପାଖରେ ଘରବାରି plot ନେଇ ଘର କରନ୍ତୁ: 9438859527. D-11188

Immediate registration & possession of gharabari plot near Patnaika Chowk in Bhubaneswar Puri NH and another ready to move 2BHK flat in Hanspal. Contact: 7606977222, 7978237779. D-65594

construction

Construct your Residential, Commercial and Industrial Civil Construction Projects with 20 years experienced with Expert Technical Team committed to delivering quality, cost effective construction within stipulated time & budgeted cost. SMPL. 9040008777. D-11297

healthcare

Newly ayurvedic fullbody massage ladies, gents: 7609923705, 7438851534. D-38549

Newly opening ayurvedic full body massage. 7077444583. D-11285

New new full body massage with home service available. 8117833107. D-38548

AFFIDAVIT

Affidavit before Notary, Dhenkanal on 22.01.2019, I have changed my name from Mamina Hota to Pusparani Hota. Henceforth I shall be known as Pusparani Hota for all purpose. D-62078

ପ୍ରଥମ ଜନ୍ମବାର୍ଷିକ ଉତ୍ସବ

(ବିଭାନ)

ଶ୍ରେୟାଂଶ ରଞ୍ଜନ ଦାସ

ସିଳନ୍ଦୀ, ତିର୍ତ୍ତୋଲ

ଜଗତରନାଥ ଶ୍ରୀଜଗନ୍ନାଥ ଓ ମା' ଶାରଳାଙ୍କ କୃପାରୁ ତୋର ସାରାଜୀବନ ସୁଖରେ ଭରିଯାଉ, ଶୁଭେଚ୍ଛା ସହ: ବାବା, ମାମା, ବଡ଼ବାବା, ବଡ଼ମାମା, ଓମ୍ ଭାଇ, ସାଇଭାଇ, ଜଗାବାବା, ଅଜା, ଆଈ, ଗୁନ୍ତୁ, ମାମୁ, ପୂଜା, ମଉସା, ମାଉସୀ, ପିଉସୀ, ବନ୍ଧୁ ଓ ପରିବାରବର୍ଗ।

ଧ-୧୧୨୯୬

Birthday Wish

Sending you smiles for every moment of your special day... Have a wonderful time and a very

Happy Birthday

"Anubha"

D-11295

ପାଠକଙ୍କ ପାଇଁ ସୂଚନା:
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

୧.୭ ଟନ୍ ଗଞ୍ଜେଇ ଜବତ

କୋରାପୁଟ, ୨୨।୨(ସ୍ୱ.ପ୍ର.): ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ ଅନ୍ତର୍ଗତ କୋରାପୁଟ, ମାଲକାନଗିରି ଓ ରାୟଗଡ଼ା ଜିଲାରୁ ଗତ ଗୋଟିଏ ଦିନରେ ୧୭୦୯ କେଜି ଗଞ୍ଜେଇ ଜବତ ହୋଇଛି। ଏଥିରେ ବ୍ୟବହାର ହୋଇଥିବା ୫ଟି ଗାଡ଼ି ଜବତ କରାଯାଇଥିବା ବେଳେ ୧୦ ଜଣଙ୍କୁ ଗିରଫ କରିଛି ପୋଲିସ। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୯୫ ଲକ୍ଷ ୮୦ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି।

ମନେ ପଡ଼ନ୍ତି

ଶ୍ରଦ୍ଧାଞ୍ଜଳି

୪ର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତ ଅର୍ଜୁନ ଛୁଆଳସିଂହ

ବଡପୋଖରିଆ, ଖୋର୍ଦ୍ଧା
ଆବିର୍ଭାବ: ୩୦।୧୦।୧୯୩୦
ତିରୋଧାନ: ୦୮।୦୨।୨୦୧୫

ଆଜି ୪ର୍ଥ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ। ଶୋକସନ୍ତପ୍ତ: ଛୁଆଳସିଂହ, ସାମନ୍ତରାୟ ଓ ହରିଚନ୍ଦନ ସମସ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୧୧୨୯୨

ଦ୍ୱାଦଶାହ ଉପଲକ୍ଷେ

ସ୍ୱର୍ଗତ ଦିଗମ୍ବର ମିଶ୍ର

୧୯୨୯-୨୦୧୯

ଖଇରାପଡ଼ା, ଗଣ୍ଡରପୁର,
ଭୁବନେଶ୍ୱର, ଖୋର୍ଦ୍ଧା

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ମହର୍ଷି ବାଲ୍ମୀକିଙ୍କ ମୂଳ ରଚନାରୁ ଆପଣଙ୍କ ଦ୍ୱାରା ଅନୂଦିତ ଓଡ଼ିଆ ରାମାୟଣ ପ୍ରକାଶ ଅପେକ୍ଷାରେ। ଶୋକସନ୍ତପ୍ତ: ପ୍ରସନ୍ନ, ବାବୁ, ମାମି, ଛବି, ଲକ୍ଷ୍ମୀଧର, ରାମାୟଣ କମିଟି ସଦସ୍ୟବୃନ୍ଦ ଏବଂ ବନ୍ଧୁ ପରିଜନ। ଧ-୧୧୨୯୪

ସ୍ୱଚ୍ଛ ଭାରତ ମନ୍ତ୍ରୀ ହେବାକୁ ଚାହାନ୍ତି ଦୀପିକା

ମୁମ୍ବାଇ: କେବେ ରାଜନୀତିରେ ଯୋଗଦେଲେ ସ୍ୱଚ୍ଛ ଭାରତ ମନ୍ତ୍ରୀ ହେବାକୁ ଚାହିଁବେ ବୋଲି ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍ ପ୍ରକାଶ କରିଛନ୍ତି। ବର୍ତ୍ତମାନ ସମୟର ସର୍ବାଧିକ ସଫଳ ଅଭିନେତ୍ରୀଙ୍କ ମଧ୍ୟରୁ ଅନ୍ୟତମ ହେଉଛନ୍ତି ଦୀପିକା। ସେ ପ୍ରାୟତଃ ପ୍ରତ୍ୟେକ ଦିନ ବିଶେଷ କାର୍ଯ୍ୟକ୍ରମ ପାଇଁ ଚର୍ଚ୍ଚାରେ ରହିଥାଆନ୍ତି। ନିକଟରେ ହୋଇଥିବା ଏକ କାର୍ଯ୍ୟକ୍ରମରେ ତାଙ୍କୁ ରାଜନୀତିରେ ଯୋଗଦେବା ସମ୍ପର୍କରେ ପ୍ରଶ୍ନ କରାଯାଇଥିଲା। ସେ କହିଥିଲେ, ରାଜନୀତିରେ ତାଙ୍କର ବିଶେଷ କିଛି ଅଭିଜ୍ଞତା ନାହିଁ। କିନ୍ତୁ ଏହା ନିଶ୍ଚିତ ଯେ, ତାଙ୍କର ଭବିଷ୍ୟତରେ ସେପରି କିଛି ଯୋଜନା ଅଛି। କେବେ ରାଜନୀତିରେ ମିଶିବାର ସୁଯୋଗ ମିଳିଲେ ସେ ସ୍ୱଚ୍ଛ ଭାରତ ମନ୍ତ୍ରୀ ହେବାକୁ ଅଧିକ ପସନ୍ଦ କରିବେ। କାରଣ ସେ ପରିଷ୍କାର ଓ ପରିଚ୍ଛନ୍ନତା ଉପରେ ଅଧିକ ଗୁରୁତ୍ୱ ଦିଅନ୍ତି। ଦୀପିକାଙ୍କୁ ମେଘ୍‌ନା ଗୁଲ୍‌ଜାରଙ୍କ 'ଛପକ'ରେ ଦେଖିବାକୁ ମିଳିବ। ଏସିଡ୍ ଆକ୍ରମଣର ଶିକାର ହୋଇ ବଞ୍ଚିଯାଇଥିବା ଜଣେ ମହିଳା (ଲକ୍ଷ୍ମୀ)ଙ୍କ ଭୂମିକାରେ ସେ ଅଭିନୟ କରିଛନ୍ତି। ଉକ୍ତ ଫିଲ୍ମରେ ତାଙ୍କ ବିପକ୍ଷରେ ଅଭିନୟ କରିଛନ୍ତି ବିକ୍ରାନ୍ତ ମାସି। ଫିଲ୍ମର ଶୁଟିଂ କାର୍ଯ୍ୟ ଚାଲୁରହିଥିବା ବେଳେ ଏହା ଖୁବ୍ ଶୀଘ୍ର ମୁକ୍ତିଲାଭ କରିବ।

୨୭ରେ ଖୋର୍ଦ୍ଧାରେ ବିଜୁ ଯୁବ ବାହିନୀ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୨।୨(ବ୍ୟୁରୋ): ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଖୁବ୍‌ଶୀଘ୍ର ଆଚରଣବିଧି ଲାଗୁ କରାଯାଇପାରେ। ଏହା ପୂର୍ବରୁ ଶାସକ ଦଳ ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲାରେ ସରକାରୀ କାର୍ଯ୍ୟକ୍ରମ ଜାରି ରହିଛି। ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବର୍ଗର ଲୋକମାନଙ୍କ ନିକଟରେ ପହଞ୍ଚିବାରେ ଲାଗିଛନ୍ତି। ଏହି କ୍ରମରେ ବିଜୁ ଯୁବ ବାହିନୀ କାର୍ଯ୍ୟକ୍ରମ ଜରିଆରେ ସବୁ ଜିଲାର ଯୁବପିଢ଼ିମାନଙ୍କୁ ମଧ୍ୟ ଭେଟିବାକୁ ପ୍ରୟାସ କରୁଛନ୍ତି। ରାଜ୍ୟର ପ୍ରାୟ ସବୁ ଜିଲାରେ ବିଜୁ ଯୁବ ବାହିନୀ କାର୍ଯ୍ୟକ୍ରମ ଶେଷ ହେବାକୁ ଯାଉଛି। ଆସନ୍ତା ୨୭ରେ ନିର୍ବାଚନ ପୂର୍ବରୁ ଖୋର୍ଦ୍ଧା ଜିଲାରେ ଅନ୍ତିମ ଯୁବ ବାହିନୀ କାର୍ଯ୍ୟକ୍ରମ ହେବାକୁ ଥିବା ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ପ୍ରାୟ ୩୦ହଜାର ଯୁବପିଢ଼ି ଯୋଗଦେବା ନେଇ ଦଳ ପକ୍ଷରୁ ସୂଚନା ମିଳିଛି। ଖୋର୍ଦ୍ଧା ଜିଲାର ଏହି କାର୍ଯ୍ୟକ୍ରମରେ ଅବିଭକ୍ତ ପୁରୀ ଜିଲା ବିଜୁ ଯୁବ ବାହିନୀର ଯୁବପିଢ଼ି ମଧ୍ୟ ଯୋଗଦେବେ ବୋଲି ନିଷ୍ପତ୍ତି ନିଆଯାଇଛି।

ପ୍ରଥମ ପୃଷ୍ଠାରୁ...

ସ୍ଥାୟୀ ହେବେ ଅସ୍ଥାୟୀ...

ଅମଲାସେବା(ଜିଲା କାର୍ଯ୍ୟାଳୟ ପ୍ରତିଷ୍ଠାନ ଅଧିକାରୀ ଓ ବରିଷ୍ଠ ପ୍ରତିଷ୍ଠାନ ଅଧିକାରୀଙ୍କ ନିଯୁକ୍ତି ପଦ୍ଧତି ଓ ସେବା ସର୍ତ୍ତ) ସାଧାରଣ କ୍ୟାଡର ନିୟମାବଳୀ ୨୦୧୯ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଦିଆଯାଇଥିବା ୪ଟି କ୍ୟାଡର ରୁଲ୍ ସଂଶୋଧନ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ପୂର୍ବରୁ ଓଡ଼ିଶା ମୁଖ୍ୟ ଦପ୍ତର କାର୍ଯ୍ୟାଳୟର କନିଷ୍ଠ ସହାୟକ, ବରିଷ୍ଠ ସହାୟକ ଓ ଉପ ବିଭାଗ ଅଧିକାରୀଙ୍କ ସେବା ସର୍ତ୍ତ, ଓଡ଼ିଶା ଅମଲା ସଂଘ ନିୟମାବଳୀ ୧୯୯୪ କାର୍ଯ୍ୟକାରୀ ହେଉଥିଲା। ଏଥିଯୋଗୁ କର୍ମଚାରୀମାନେ ଅବସର ଗ୍ରହଣ କରୁଥିଲେ ମଧ୍ୟ ଗୋଟିଏରୁ ଅଧିକ ପଦୋନ୍ନତି ପାଇବା ସମ୍ଭବ ହେଉ ନ ଥିଲା । କ୍ୟାଡର ରୁଲ୍ ସଂଶୋଧନ ଓ ନୂତନ କମନ କ୍ୟାଡର ଗଠନ ପରେ ବିଭାଗୀୟ ମୁଖ୍ୟ ଦପ୍ତରରେ କନିଷ୍ଠସ୍ତରରେ ୩ଟି ପଦବୀ ଯଥା ଜୁନିୟର ଆସିଷ୍ଟାଣ୍ଟ, ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସଓ) ଏବଂ ସେକ୍ସନ ଅଫିସର(ଏସଓ) ପାହ୍ୟ ସୃଷ୍ଟି କରାଯାଇଥିବା ବେଳେ ବରିଷ୍ଠସ୍ତରରେ ମଧ୍ୟ ୩ଟି ପାହ୍ୟା ସୃଷ୍ଟି କରାଯାଇଛି। ସେହି ପାହ୍ୟାଗୁଡ଼ିକ ହେଲା ଏଷ୍ଟାବ୍ଲିସମେଣ୍ଟ ଅଫିସର, ଆଡମିନିଷ୍ଟ୍ରେଟିଭ ଅଫିସର ଏବଂ ସିନିୟର ଆଡମିନିଷ୍ଟ୍ରେଟିଭ ଅଫିସର। ଏଥିପାଇଁ ବରିଷ୍ଠ ସ୍ତରରେ ୭୮ଟି ନୂଆ ପଦବୀ ସୃଷ୍ଟି କରାଯାଇଛି। ମୁଖ୍ୟ ଦପ୍ତର କର୍ମଚାରୀଙ୍କ ଭଳି ଜିଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ ଏବଂ ତହସିଲରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ପାଇଁ ମଧ୍ୟ ଏହି ନୂତନ କ୍ୟାଡର ରୁଲ କାର୍ଯ୍ୟକାରୀ ହେବ। କ୍ୟାଡର ରୁଲ ସଂଶୋଧନ ପରେ ଜିଲାସ୍ତରରେ ଜୁନିୟର ଆସିଷ୍ଟାଣ୍ଟ, ସିନିୟର ଆସିଷ୍ଟାଣ୍ଟ ଓ ସେକ୍ସନ ଅଫିସର ପାହ୍ୟାକୁ ପଦୋନ୍ନତି ମିଳି ପାରିବ। ସମସ୍ତ ବିଭାଗୀୟ ମୁଖ୍ୟ ଦପ୍ତରରେ କାର୍ଯ୍ୟରତ ଏଷ୍ଟାବ୍ଲିସମେଣ୍ଟ ଅଫିସର ଓ ଏହାର ଉପର ପାହ୍ୟା ଅଧିକାରୀଙ୍କୁ ପଦୋନ୍ନତି ଏବଂ ଚାକିରି ସମ୍ବନ୍ଧୀୟ ସମାନ ସୁଯୋଗ ପ୍ରଦାନ କରିବା ନିମନ୍ତେ କମନ କ୍ୟାଡର ବ୍ୟବସ୍ଥା କରାଯାଇଛି। ପୂର୍ବରୁ ବିଭାଗୀୟ ମୁଖ୍ୟ ଦପ୍ତରରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ଅବସର ନେବା ପର୍ଯ୍ୟନ୍ତ ମାତ୍ର ଗୋଟିଏ ପଦୋନ୍ନତି ପାଉଥିଲେ। କମନ କ୍ୟାଡର ଗଠନ ହେବା ପରେ କର୍ମଚାରୀମାନେ ଚାକିରି କାଳରେ ଅନେକ ପଦୋନ୍ନତି ପାଇପାରିବେ ବୋଲି କ୍ୟାବିନେଟ ବୈଠକ ଶେଷରେ ଗଣମାଧ୍ୟମକୁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ସୂଚନା ଦେଇଛନ୍ତି।

କେବଳ ମୁଖ୍ୟ ଦପ୍ତର ନୁହେଁ ସ୍ୱାସ୍ଥ୍ୟ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଅସ୍ଥାୟୀ କର୍ମଚାରୀଙ୍କୁ ମଧ୍ୟ ସ୍ଥାୟୀ କରିବାକୁ ନିଷ୍ପତ୍ତି ନିଆଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ, ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସଂସ୍ଥା ଓ ଅନ୍ୟାନ୍ୟ ସଂସ୍ଥାରେ କାର୍ଯ୍ୟ କରୁଥିବା ଅସ୍ଥାୟୀ ଚୁକ୍ତିଭିତ୍ତିକ କର୍ମଚାରୀମାନେ ସ୍ଥାୟୀ ହେବେ। ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀ (ପୁରୁଷ) ସେବା(ନିଯୁକ୍ତି ପଦ୍ଧତି ଓ ସେବା ସର୍ତ୍ତାବଳୀ) ଆଇନ-୨୦୧୫, ଓଡିଶା ଷ୍ଟାଫ ନର୍ସ ସେବା (ନିଯୁକ୍ତି ପଦ୍ଧତି ଓ ସେବା ସର୍ତ୍ତାବଳୀ)ଆଇନ ୨୦୧୫, ଓଡିଶା ଲାବୋରେଟୋରି ଟେକ୍ନିସିଆନ, ଓଡିଶା ଫାର୍ମାସିଷ୍ଟ ସେବା ନିଯୁକ୍ତି ପଦ୍ଧତି ଓ ସେବା ସର୍ତ୍ତାବଳୀ) ଆଇନ-୨୦୧୫ ଆଦି ୬ଟି ନିଯୁକ୍ତି ନିୟମରେ ସଂଶୋଧନ କରାଯାଇଛି। ଏହି ସଂସ୍ଥାରେ କାର୍ଯ୍ୟ କରୁଥିବା ଷ୍ଟାଫନର୍ସ, ଏଏନଏମ, ଫାର୍ମାସିଷ୍ଟ, ରେଡିଓଗ୍ରାଫର, ଲାବୋରେଟୋରି ଟେକ୍ନିସିଆନମାନଙ୍କୁ ସ୍ଥାୟୀ ନିଯୁକ୍ତି ମିଳିବ। ଏଥିଯୋଗୁ ୮ ହଜାର ୧୦୦ କର୍ମଚାରୀ ଉପକୃତ ହେବେ। ସେଥିମଧ୍ୟରୁ ୫୮୮ ଜଣ ସ୍ୱାସ୍ଥ୍ୟକର୍ମୀ, ୩୯୯୮ ଷ୍ଟାଫ ନର୍ସ, ୨୭୩୦ ଏଏନଏମ, ୭୯୯ ଲାବୋରେଟୋରି ଟେକ୍ନିସିଆନ, ୬୮ ଜଣ ଫାର୍ମାସିଷ୍ଟ ରହିଛନ୍ତି। ଏଥିପାଇଁ ବାର୍ଷିକ ୧୭୨ କୋଟି ଟଙ୍କାର ଅତିରିକ୍ତ ଆର୍ଥିକ ବୋଝ ସରକାରଙ୍କ ଉପରେ ପଡ଼ିବ। ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସଚିବାଳୟ ଠାରେ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ୨୮ଟି ପ୍ରସ୍ତାବ ଉପରେ କ୍ୟାବିନେଟ୍ ମୋହର ମାରିଛି।

ଭାଇରାଲ ହେଲା...

ବ୍ୟବହାର ଉପରେ କଟକଣା ଲାଗୁ ହୋଇଥିଲା। ନିୟମ ଭାଙ୍ଗିଥିବା ଏହି ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ସଭାପତି ବେଗମ୍ କହିଛନ୍ତି।

ପ୍ରଶ୍ନପତ୍ରକୁ ତିନିସ୍ତରୀୟ ସିଲ୍ ଭିତରେ ପରୀକ୍ଷା କେନ୍ଦ୍ରଗୁଡ଼ିକୁ ପଠାଯିବା ସହ ପରୀକ୍ଷା କେନ୍ଦ୍ର ଭିତରକୁ ମୋବାଇଲ ଫୋନ୍ ସମ୍ପୂର୍ଣ୍ଣ ଭାବେ ନିଷେଧ କରାଯାଇଥିଲା। ମାତ୍ର ଦିନ ପ୍ରାୟ ୧୧.୩୦ ପରେ ମାଟ୍ରିକ୍ ପରୀକ୍ଷାର ଓଡ଼ିଆ ପ୍ରଶ୍ନପତ୍ର ହ୍ୱାଟସ୍‌ଆପ୍ ଗ୍ରୁପ୍‌ଗୁଡ଼ିକରେ ଦେଖିବାକୁ ମିଳିଥିଲା। ପରୀକ୍ଷା ୧୦ଟାରେ ଆରମ୍ଭ ହୋଇ ୧୨.୩୦ରେ ଶେଷ ହୋଇଥାନ୍ତା। ମାତ୍ର ପରୀକ୍ଷା ଚାଲିଥିବା ବେଳେ ପ୍ରଶ୍ନପତ୍ର ଭାଇରାଲ ହେବା ଜଣାପଡ଼ିବା ପରେ ବୋର୍ଡ କର୍ତ୍ତୃପକ୍ଷଙ୍କ ମୁଣ୍ଡରେ ଚଡ଼କ ପଡ଼ିଥିଲା। ଉଭୟ ସବ୍‌ଜେକ୍‌ଟିଭ ଓ ଅବ୍‌ଜେକ୍‌ଟିଭ ପ୍ରଶ୍ନପତ୍ର ଭାଇରାଲ ହୋଇଥିଲା। ଘଟଣାର ଅନୁସନ୍ଧାନ ଚଳାଇ ବୋର୍ଡ ରାଜ୍ୟର ୩ ଜିଲାର ୪ ପରୀକ୍ଷା କେନ୍ଦ୍ରରେ ଏହି ବେନିୟମ କାର୍ଯ୍ୟ ହୋଇଛି ବୋଲି ଜାଣିବାକୁ ପାଇଥିଲା। ନୂଆପଡ଼ା ଜିଲା ବୋଡେନ ବ୍ଲକର କରଙ୍ଗମାଲ ହାଇସ୍କୁଲ, ଲିଟିସର୍ଗିସ୍ଥିତ ଗୋପୀନାଥ ହାଇସ୍କୁଲ, ଢେଙ୍କାନାଳ ଜିଲାର ସୁଦର୍ଶନ ବିଦ୍ୟାଭବନ ଓ କୋରାପୁଟ ଜିଲାର ବନ୍ଧୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ହୋଇଥିବା ପରୀକ୍ଷା କେନ୍ଦ୍ରରୁ ଏହି ପ୍ରଶ୍ନପତ୍ର ବିଭ୍ରାଟ ହୋଇଛି ବୋଲି ବୋର୍ଡ ସଭାପତି ଡ. ବେଗମ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ନୂଆପଡ଼ା ଜିଲାର କରଙ୍ଗମାଲ ହାଇସ୍କୁଲ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ପ୍ରସନ୍ନ କୁମାର ପତି, ପରୀକ୍ଷା ନିରୀକ୍ଷକ ମୁକୁନ୍ଦ ଶବର, ଗୋପୀନାଥ ହାଇସ୍କୁଲ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ସୁଶୀଳ କୁମାର ଜୋଷୀ, ପରୀକ୍ଷା ନିରୀକ୍ଷକ ଅର୍ଜୁନ ଜୟ ପଣ୍ଡା, କୋରାପୁଟ ଜିଲା ବନ୍ଧୁଗାଁ ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ନଗେନ୍ଦ୍ର କୁମାର ଜେନା ଓ ପରୀକ୍ଷା ନିରୀକ୍ଷକ ଉମେଶ ଚନ୍ଦ୍ର ବେହେରାଙ୍କୁ ନିଲମ୍ବନ କରାଯାଇଛି। ସେହିପରି ଢେଙ୍କାନାଳ ଜିଲାର ସୁଦର୍ଶନ ବିଦ୍ୟାଭବନ କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଓ ପରୀକ୍ଷା ନିରୀକ୍ଷକଙ୍କୁ ନିଲମ୍ବନ କରିବା ପାଇଁ ସେଠାକାର ଶିକ୍ଷା ଜିଲା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ତଦନୁଯାୟୀ ସୁପରିଣ୍ଟେଣ୍ଡେଣ୍ଟ ସନ୍ତୋଷ କୁମାର ସାହଙ୍କୁ ନିଲମ୍ବିତ କରାଯାଇଛି। ଆଉ ୨ଜଣ ପରୀକ୍ଷା ନିରୀକ୍ଷକଙ୍କ ବିରୋଧରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଢେଙ୍କାନାଳ ଜିଲା ଶିକ୍ଷା ଅଧିକାରୀ ସୁଧାନନ୍ଦ ପରିଡ଼ା କହିଛନ୍ତି।

ସୂଚନା ଅନୁଯାୟୀ, ବନ୍ଧୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ର ପାଇଁ ୧୨୯ ଜଣ ପରୀକ୍ଷାର୍ଥୀ ରହିଥିବା ବେଳେ ୪ ଜଣ ଅନୁପସ୍ଥିତ ଥିଲେ। ପରୀକ୍ଷା ଆରମ୍ଭ ହେବାର ୨୦ ମିନିଟ୍ ପରେ କେନ୍ଦ୍ରର ୫ ନମ୍ବର ରୁମ୍‌ର ଝରକା ପାଖକୁ ଆସି ଜଣେ ଯୁବକ ନିଜ ମୋବାଇଲ ଫୋନରେ ପ୍ରଶ୍ନପତ୍ରର ଫଟୋ ଉଠାଇ ଭାଇରାଲ କରିଦେଇଥିଲେ। ଏନେଇ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ନଗେନ୍ଦ୍ର କୁମାର ଜେନା କହିଛନ୍ତି ଯେ, କେନ୍ଦ୍ରର ପାଚେରି ନିକଟରେ ସୁରକ୍ଷାକର୍ମୀ ନ ଥିବାର ସୁଯୋଗ ନେଇ ଯୁବକ ଜଣକ ଏଭଳି ଘଟାଇଛନ୍ତି।

ଅନ୍ୟପକ୍ଷରେ ଘଟଣାକୁ ନେଇ ଛାତ୍ର ସଂଗଠନ ଏବିଭିପିର କାର୍ଯ୍ୟକର୍ତ୍ତାମାନେ ରାଜଭବନ ନିକଟ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ରଙ୍କ ସରକାରୀ ବାସଭବନକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ପୋଲିସ ସହ ସେମାନଙ୍କର ଧସ୍ତାଧସ୍ତି ହୋଇଥିଲା। ପୋଲିସ ୨୫ ଜଣଙ୍କୁ ଅଟକ ରଖିଛି।

ବୋର୍ଡ କର୍ତ୍ତୃପକ

ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ

■ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣାକୁ ବର୍ଷେ

କ୍ଷତ ଭରିନି, ଲୁହ ଶୁଖିନି

ବୀରେନ୍ଦ୍ର ଝାଙ୍କର
ବଲାଙ୍ଗୀର ଅଫିସ, ୨୨।୨

ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣାକୁ ଶନିବାର ବର୍ଷେ ପୂରିଛି । ୨୦୧୮ ଫେବୃୟାରୀ ୨୩ ତାରିଖ। ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ରହ୍ମପୁରା ଛକ ନିକଟ ଅଧ୍ୟାପକ ରବୀନ୍ଦ୍ର ସାହୁଙ୍କ ଘରେ ଘଟିଥିଲା ଭୟଙ୍କର ବିସ୍ଫୋରଣ । ଏଥିରେ ଅଧ୍ୟାପକ ସାହୁଙ୍କ ନବବିବାହିତ ଏକମାତ୍ର ପୁଅ ସୌମ୍ୟଶେଖର ଓ ପିଉସୀ ଜେମାମଣି ଦେବୀଙ୍କ ମୃତ୍ୟୁ ଘଟିଥିଲା । ନବବିବାହିତା ବୋହୂ ରିମା ସାହୁ ଗୁରୁତର ଆହତ ହୋଇଥିଲେ। ବାହାଘରର ମାତ୍ର ୫ ଦିନ ପରେ ରବୀନ୍ଦ୍ର ସାହୁଙ୍କ ଘରକୁ ଏକ ପାର୍ସଲ ଆସିଥିଲା। ସେହି ପାର୍ସଲକୁ ସୌମ୍ୟ ଶେଖର ଖୋଲୁଥିବା ବେଳେ ଏହି ବିସ୍ଫୋରଣ ଘଟିଥିଲା । ସେହି ବିସ୍ଫୋରଣ ଏତେ ଭୟାନକ ଥିଲା ଯେ ଘରର ଛାତ ଉଡ଼ିଯିବା ସହିତ ଆସବାବପତ୍ର ଛିନିଛତ୍ର ହୋଇଯାଇଥିଲା । ଘଟଣାସ୍ଥଳରେ ହିଁ ସୌମ୍ୟ ଓ ଜେମାମଣିଙ୍କ ମୃତ୍ୟୁ ଘଟିଥିଲା । ନବବଧୂ ରିମା ଗୁରୁତର ହୋଇପଡିଥିଲେ । କେହି କିଛି ଚିନ୍ତା କରିବା ପୂର୍ବରୁ ବାହାଘରର ଖୁସି ଯେମିତି ପାଣିଫୋଟକା ପରି ଅସହ୍ୟ ଦୁଃଖରେ ଲୀନ ହୋଇଯାଇଥିଲା ।

ଏହି ଲୋମଟାଙ୍କୁରା ଜଘନ୍ୟକାଣ୍ଡର ୧ ବର୍ଷ ପରେ ପୁଣିଥରେ ସେହି ଘଟଣା ଆଲୋଚ୍ୟ ବିଷୟ ହୋଇଛି। ସୌମ୍ୟ ଓ ରିମାଙ୍କ ପରିବାର ଲୋକେ,ସମ୍ପର୍କୀୟମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ସୌମ୍ୟଙ୍କ ମା'ବାପା ଓ ସ୍ତ୍ରୀ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି। ସେମାନେ ସେଦିନରୁ ଜିଅନ୍ତା ଶବ ପାଲଟି ଯାଇଥିବା କହିଛନ୍ତି । ଏହି ଘଟଣାର ମାଷ୍ଟରମାଇଣ୍ଡ ତଥା ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ ଯେତେ ଶୀଘ୍ର ଫାଶୀ ଦିଆଯିବ ତାହା ଠିକ୍ ହେବ ବୋଲି ସେମାନେ କହିଛନ୍ତି । ପାଣି ଭିତରୁ ମାଛକୁ କାଢ଼ି ନେଲେ ଯେଭଳି ସିଏ ଛଟପଟ ହୋଇ ମରିଯାଏ, ସେଭଳି ଅବସ୍ଥା ଆମର । ମାଛ ମରିଯାଏ । ହେଲେ ଏଭଳି ସ୍ଥିତିରେ ଆମେ ମରିପାରୁନାହୁଁ ବୋଲି ଅଧ୍ୟାପକ ସାହୁ କହିଛନ୍ତି । ଆମ ସୁନାର ସଂସାରକୁ ପୁଞ୍ଜିଲାଲ ଧୂଳିସାତ୍ କରିଦେଲା ବୋଲି କହିଛନ୍ତି । ପୁଅକୁ ବିବାହ କରିବା ପରେ ଏକ ସୁଖ ଜୀବନର ପରିକଳ୍ପନା କରିଥିଲୁ । ମାତ୍ର ସେ ସବୁ ଓଲଟପାଲଟ ହୋଇଗଲା । ଏବେ କେବଳ ମୃତ୍ୟୁକୁ ଅପେକ୍ଷା କରିବା ଭଳି ସ୍ଥିତିରେ ଆମେ ରହିଛୁ ବୋଲି ଅଧ୍ୟାପକ ସାହୁ କହିଛନ୍ତି ।

ମୃତ ସୌମ୍ୟ ଶେଖରଙ୍କ ମା' ସଂଯୁକ୍ତା ସାହୁ ୨୦୧୪ ମସିହାରେ ବରଗଡ଼ ଜିଲା ଝାରବନ୍ଧ କଲେଜରୁ ପାଟଣାଗଡ଼ ନିକଟସ୍ଥ ଭଇଁଷା କଲେଜକୁ ବଦଳି ହୋଇ ଆସିଥିଲେ । ସେତେବେଳେ ଇଂଲିଶ ବିଭାଗ ଅଧ୍ୟାପକ ଥିବା ପୁଞ୍ଜିଲାଲ ମେହେର କଲେଜର ଅଧ୍ୟକ୍ଷ ଦାୟିତ୍ୱରେ ଥିଲେ । ୨୦୧୭ ମସିହାରେ ବରିଷ୍ଠତା ଭିତ୍ତିରେ ସଂଯୁକ୍ତା ସାହୁ ପୁଞ୍ଜିଲାଲଙ୍କଠାରୁ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଥିଲେ । ଏହି ଘଟଣା ପରେ ପୁଞ୍ଜିଲାଲ ପ୍ରତିଶୋଧପରାୟଣ ହୋଇପଡିଥିଲେ । ସେଦିନଠାରୁ ସେ ଏପରି ଷଡ଼ଯନ୍ତ୍ର କରିଥିବା କ୍ରାଇମବ୍ରାଞ୍ଚ କହିଛି । ଏହି ତଥ୍ୟକୁ ଆଧାର କରି କ୍ରାଇମବ୍ରାଞ୍ଚ ପୁଞ୍ଜିଲାଲଙ୍କୁ ଗିରଫ କରିଛି। ପୁଞ୍ଜିଲାଲ ଏବେ ବଲାଙ୍ଗୀର ଜିଲା କାରାଗାରରେ ବିଚାରାଧୀନ କଏଦୀ ଭାବେ ଅଛନ୍ତି। ଅଧ୍ୟକ୍ଷ ଚୌକି ତାଙ୍କ ପୁଅର ଜୀବନ ନେଇଯିବ ଓ ମୋର ପରିବାରକୁ ଛାରଖାର କରିଦେବ ବୋଲି ସେ କେବେ କଳ୍ପନା ମଧ୍ୟ କରି ନ ଥିଲେ ବୋଲି ସଂଯୁକ୍ତା କହିଛନ୍ତି । ପୁଞ୍ଜିଲାଲ ପାଇଁ ଫାଶୀଦଣ୍ଡ ବି କମ୍ ହେବ ବୋଲି ସେ କହିଛନ୍ତି ।

ଗତବର୍ଷ ଫେବୃୟାରୀ ୧୮ ତାରିଖରେ ସୌମ୍ୟ ଓ ରିମାଙ୍କ ବିବାହ ସମ୍ପନ୍ନ ହୋଇଥିଲା । ବିବାହର ମାତ୍ର ୫ଦିନ ପରେ ଅର୍ଥାତ୍ ଫେବୃୟାରୀ ୨୩ ତାରିଖରେ ପାର୍ସଲ ବୋମା ବିସ୍ଫୋରଣ ଘଟଣା ଘଟିଥିଲା । ସୌମ୍ୟଙ୍କ ସହ ମାତ୍ର ୫ ଦିନର ବୈବାହିକ ଜୀବନ କଟାଇଥିବା ରିମା ଏବେ ସମ୍ପୂର୍ଣ୍ଣ ଏକାକୀ ହୋଇପଡିଛନ୍ତି । ତେବେ ସୌମ୍ୟଙ୍କ ସହ ୫ ଦିନର ସମ୍ପର୍କ ଓ ସ୍ମୃତିକୁ ନେଇ ସାରା ଜୀବନ ସେ ବଞ୍ଚିବେ କହିଛନ୍ତି। ଏବେ ଶାଶୁ-ଶ୍ୱଶୁରଙ୍କ ସହ ପାଟଣାଗଡ଼ ବ୍ରହ୍ମପୁରା ଛକସ୍ଥିତ ଘରେ ରହୁଛନ୍ତି ରିମା । ଯେତେଶୀଘ୍ର ପୁଞ୍ଜିଲାଲଙ୍କୁ ଫାଶୀ ଦିଆଯିବ ସେ ଶାନ୍ତି ପାଇବେ ବୋଲି କହିଛନ୍ତି । ତାଙ୍କ କହିବା ଅନୁଯାୟୀ, ସୌମ୍ୟଶେଖର ଅନାଥ ଶିଶୁମାନଙ୍କୁ ଖୁବ୍ ଭଲ ପାଉଥିଲେ । ବିବାହ ପୂର୍ବରୁ ଅନାଥାଶ୍ରମ ଯାଇ ଉଭୟ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ସୌମ୍ୟ ଓ ରିମା କେକ୍ କାଟିଥିଲେ । ଏବେ ସୌମ୍ୟ ନାହାନ୍ତି । ସୌମ୍ୟଙ୍କ ସ୍ମୃତି ଓ ଭଲପାଇବା ନେଇ ଅନାଥାଶ୍ରମଟିଏ କରିବାର ଇଚ୍ଛା ଅଛି ବୋଲି ରିମା କହିଛନ୍ତି । ଏହା ସହିତ ସୌମ୍ୟଙ୍କ ସ୍ମୃତିରେ ଏକ ଡାକ୍ତରଖାନା କରି ଅବଶିଷ୍ଟ ଜୀବନକୁ ଗରିବ ଲୋକଙ୍କ ସେବାରେ ବିତାଇବାର ଇଚ୍ଛା ଅଛି ବୋଲି ରିମା କହିଛନ୍ତି ।

ଆଉ କାହା ଘରେ ଏଭଳି ଘଟଣା ନ ଘଟୁ। ଆଉ କାହାର ସ୍ୱପ୍ନ ଚୂରମାର ନ ହେଉ । ଜୀବନ ଥିବା ଯାଏ ପୁଞ୍ଜିଲାଲ ଦେଇଥିବା କ୍ଷତ ଭରିବ ନାହିଁ କି ଲୁହ ଶୁଖିବ ନାହିଁ ବୋଲି ସୌମ୍ୟଙ୍କ ମା'ବାପା କହିଛନ୍ତି ।

ସୌମ୍ୟଙ୍କ ମା'ବାପାଙ୍କ ସହିତ ବୋହୂ ରିମା ସାହୁ ।

■ଜିଅନ୍ତା ଶବ ଭଳି ବଞ୍ଚିଛୁ:ରବୀନ୍ଦ୍ର
■ପୁଞ୍ଜିଲାଲକୁ ଫାଶୀଦଣ୍ଡ ବି କମ୍ ହେବ:ସଂଯୁକ୍ତା
■ସୌମ୍ୟଙ୍କ ସ୍ମୃତିରେ ହସ୍‌ପିଟାଲ, ଅନାଥାଶ୍ରମ କରିବି:ରିମା

ପରିବାର ଚିନ୍ତାରେ ପୁଞ୍ଜିଲାଲ

ବଲାଙ୍ଗୀର ଅଫିସ, ୨୨।୨

ଅନ୍ୟ ପରିବାରକୁ ବୋମା ବିସ୍ଫୋରଣରେ ଛାରଖାର କରିଦେଇଥିବା ପୁଞ୍ଜିଲାଲ ମେହେର ଗିରଫ ହେବା ପରେ ଏବେ ଜେଲରେ ନିଜ ପରିବାର ଚିନ୍ତାରେ ଘାଣ୍ଟି ହେଉଛନ୍ତି। ଗତ ୮ ତାରିଖ ତାଙ୍କୁ ପାଟଣାଗଡରୁ ବଲାଙ୍ଗୀର ଜେଲକୁ ଅଣାଯାଇଥିଲା । ତେବେ ମିଥ୍ୟା ଅଭିଯୋଗ ଦର୍ଶାଇ ତାଙ୍କୁ ଜେଲ ସ୍ଥାନାନ୍ତରଣ କରାଯାଇଛି କହି ସେ ବଲାଙ୍ଗୀର ଜେଲରେ ଅନଶନ ଆରମ୍ଭ କରିଥିଲେ । ଅନଶନ ବେଳେ ସ୍ୱାସ୍ଥ୍ୟବସ୍ଥା ବିଗିଡି ଯିବାରୁ ଗତ ୧୬ ତାରିଖ ତାଙ୍କୁ ଭୀମଭୋଇ ମେଡିକାଲ କଲେଜ ହସପିଟାଲରେ ଭର୍ତ୍ତି କରାଯାଇଥିଲା । ୨୦ ତାରିଖ ଅନଶନ ପ୍ରତ୍ୟାହାର କରିବାରୁ ପୁଞ୍ଜିଲାଲ ପୁଣି ଜେଲକୁ ଫେରିଛନ୍ତି। ଜେଲ ଭିତର ସ୍ୱତନ୍ତ୍ର ୮ ନମ୍ବର ସେଲ୍‌ରେ ରହିବା ସହ ଗୀତା ଓ ଉପନ୍ୟାସ ପଢୁଛନ୍ତି । ଗିରଫ ପରେ ପୁଞ୍ଜିଲାଲଙ୍କୁ ଉଚ୍ଚଶିକ୍ଷା ବିଭାଗ ଚାକିରିରୁ ନିଲମ୍ବିତ କରିଛନ୍ତି । ଫଳରେ ସେହି ଦିନରୁ ସେ ଆଉ ଦରମା ପାଇନାହାନ୍ତି । ଇଂଲିଶ ବିଭାଗ ଅଧ୍ୟାପକ ଭାବେ କାର୍ଯ୍ୟ କରୁଥିବା ପୁଞ୍ଜିଲାଲ ମାସିକ ୮୪ହଜାର ଟଙ୍କା ଦରମା ପାଉଥିଲେ । ନୂଆ ଦରମା ଲାଗୁ ହୋଇଥିଲେ ସେ ମାସିକ ୧ ଲକ୍ଷ ୪୦ ହଜାର ଟଙ୍କା ପାଇଥାନ୍ତେ । ତାଙ୍କ ପରିବାର ଖୁସିରେ ରହୁଥିଲେ । ହେଲେ ସବୁ କିଛି ଓଲଟପାଲଟ ହୋଇଗଲା ବୋଲି ପୁଞ୍ଜିଲାଲ ବଲାଙ୍ଗୀର ଜେଲର ସଞ୍ଜୟ ବର୍ମାଙ୍କୁ କହିଛନ୍ତି । କିଭଳି ତାଙ୍କ ପରିବାର ଚଳିବେ ସେନେଇ ଏବେ ସେ ଚିନ୍ତାରେ ଅଛନ୍ତି । ତୁରନ୍ତ ତାଙ୍କର ଦରମା ବାବଦ ଅର୍ଥ ପରିବାର ଲୋକଙ୍କୁ ଦିଆଯାଉ ବୋଲି ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କୁ ପୁଞ୍ଜିଲାଲ ଚିଠି ଲେଖିଥିବା ଜେଲର ବର୍ମା କହିଛନ୍ତି ।

ପୁଞ୍ଜିଲାଲ ମେହେର ।

ନ୍ୟାୟିକ ପ୍ରକ୍ରିୟା ଉପରେ ନଜର

୨୦୧୮ ଫେବୃୟାରୀ ୨୩ତାରିଖ ମଧ୍ୟାହ୍ନରେ ପାଟଣାଗଡ ବ୍ଲକ ଛକ ନିକଟ ଅଧ୍ୟାପକ ରବୀନ୍ଦ୍ର ସାହୁଙ୍କ ଘରେ ପାର୍ସଲ ବୋମା ବିସ୍ଫୋରଣ ଘଟିଥିଲା । ପାଟଣାଗଡ ସ୍ଟାଏକିଙ୍ଗ୍ କେ । ରି ଅ ର ରୁ ଆସିଥିବା ଏକ ପାର୍ସଲକୁ ଅଧ୍ୟାପକ ସାହୁଙ୍କ ନବବିବାହିତ ପୁତ୍ର ସୌମ୍ୟ ଶେଖର ଖୋଲିଲା ବେଳେ ବିସ୍ଫୋରଣ ଘଟିଥିଲା। ଏଥିରେ ସୌମ୍ୟଶେଖର ଓ ଜେଜେମା ଜେମାମଣି ସାହୁଙ୍କ ମୃତ୍ୟୁ ହୋଇଥିଲା । ଗୁରୁତର ଆହତ ହୋଇଥିଲେ ନବବଧୂ ରିମା । ବଲାଙ୍ଗୀର ପୋଲିସ ବିସ୍ଫୋରଣ ଘଟଣାର ତଦନ୍ତ କରିଥିଲେ ମଧ୍ୟ ଆଶାନୁରୂପକ ଅଗ୍ରଗତି ନ ହେବା ଫଳରେ ଘଟଣାର ପ୍ରାୟ ୧ ମାସ ପରେ ଅର୍ଥାତ ୨୨ ମାର୍ଚ୍ଚରେ ମୁଖ୍ୟମନ୍ତ୍ରୀ ଏହି ଘଟଣାର ତଦନ୍ତଭାର କ୍ରାଇମବ୍ରାଞ୍ଚକୁ ପ୍ରଦାନ କରିଥିଲେ । କ୍ରାଇମବ୍ରାଞ୍ଚ ଆଇଜି ଅରୁଣ ବୋଥ୍ରା ଓ ଅତିରିକ୍ତ ଏସପି ଅନୀଲ କୁମାର ଦାସଙ୍କ ନେତୃତ୍ୱରେ ସ୍ପେଶାଲ ଇନ୍‌ଭେଷ୍ଟିଗେସନ୍ ଟିମ୍ ଏହି ବୋମା ବିସ୍ଫୋରଣ ଘଟଣାର ମାଷ୍ଟରମାଇଣ୍ଡ ତଥା ଭଇଁଷା ଜ୍ୟୋତି ବିକାଶ କଲେଜର ଇଂଲିଶ ବିଭାଗ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ଗିରଫ କରିଥିଲେ । ଇତିମଧ୍ୟରେ ପାର୍ସଲ ବୋମା ବିସ୍ଫୋରଣ ଘଟଣାକୁ ୧ ବର୍ଷ ପୂରିଛି । ଇତ୍ୟବସରେ ଗତ ଜାନୁୟାରୀ ୩୧ରେ କ୍ରାଇମବ୍ରାଞ୍ଚ ପକ୍ଷରୁ ୩୭୬ ପୃଷ୍ଠାର ଫାଇନାଲ ଚାର୍ଜଶିଟ୍ ପାଟଣାଗଡ ଏସଡିଜେଏମ୍ କୋର୍ଟରେ ଦାଖଲ କରାଯାଇଛି। କ୍ରାଇମବ୍ରାଞ୍ଚ ବୈଜ୍ଞାନିକ ଭିତ୍ତିରେ ଓ ମନୋବୈଜ୍ଞାନିକମାନଙ୍କ ସହାୟତା ନେଇ ପ୍ରମାଣ ଯୋଗାଡ କରିଥିବା କୁହାଯାଉଛି । ଗତ ୧ ବର୍ଷ ଧରି ଦାରୁଣ ପୀଡାରେ ରହିଥିବା ସୌମ୍ୟଙ୍କ ମାତାପିତା ଓ ସ୍ତ୍ରୀ ରିମା ଖୁବ୍‌ଶୀଘ୍ର ନ୍ୟାୟିକ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଆଶା ରଖିଛନ୍ତି ।

ବିବାହ ଭୋଜିରେ ସୌମ୍ୟ ଓ ରିମା ।

ବଳାତ୍କାର, ଭ୍ରଷ୍ଟାଚାର ମାମଲାରେ ଦୋଷୀ

ସାଲୱିନ୍ଦର ସିଂଙ୍କୁ ୧୫ ବର୍ଷ ଜେଲ୍

ଗୁରୁଦାସପୁର,୨୨।୨(ପି.ଟି.)

ପଞ୍ଜାବସ୍ଥିତ ଗୁରୁଦାସପୁରର ପୂର୍ବତନ ଏସ୍‌ପି ସାଲୱିନ୍ଦର ସିଂଙ୍କୁ ଏକ ବଳାତ୍କାର ମାମଲାରେ ୧୦ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଛି। ଏହାସହ ଗୁରୁଦାସପୁରସ୍ଥିତ ଅତିରିକ୍ତ ଜିଲା ସେସନ୍ସ କୋର୍ଟ ବିଚାରପତି ପ୍ରେମକୁମାର ସାଲୱିନ୍ଦରଙ୍କୁ ଏକ ଦୁର୍ନୀତି ମାମଲାରେ ୫ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ୨୦୧୬ ଜାନୁୟାରୀରେ ପଠାନ୍‌କୋଟ ବାୟୁସେନା ଘାଟିରେ ଜୈଶ୍ ଆକ୍ରମଣର ଅବ୍ୟବହିତ ପୂର୍ବରୁ ଆତଙ୍କବାଦୀମାନେ ସାଲୱିନ୍ଦରଙ୍କୁ ଅପହରଣ କରିବା ପରେ ସେ ଚର୍ଚ୍ଚାକୁ ଆସିଥିଲେ। ବରିଷ୍ଠ ପୋଲିସ ଅଧିକାରୀ ସାଲୱିନ୍ଦର ଜଣେ ବଳାତ୍କାର ପୀଡ଼ିତାଙ୍କ ସ୍ୱାମୀଙ୍କ ବିରୋଧରେ ଏକ ବଳାତ୍କାର ମାମଲାର ତଦନ୍ତ କରୁଥିଲେ। ସେତେବେଳେ ସେ ଅଭିଯୁକ୍ତଙ୍କୁ ଜେରା କରିବା ବାହାନାର ପୀଡ଼ିତାଙ୍କ ଘରକୁ ଯାଉଥିଲେ। ଏହି ସମୟରେ ସାଲୱିନ୍ଦର ଉକ୍ତ ମହିଳାଙ୍କୁ ବଳାତ୍କାର କରିଥିଲେ। ଏହାସହ ସେ ଅଭିଯୁକ୍ତଙ୍କ ମାମଲା ଦୁର୍ବଳ କରିବା ପାଇଁ ଉକ୍ତ ମହିଳାଙ୍କୁ ୫୦,୦୦୦ ଟଙ୍କା ଲାଞ୍ଚ ଦାବି କରିଥିବା ଅଭିଯୋଗ ହୋଇଥିଲା। କାର୍ଯ୍ୟରୁ ନିଲମ୍ବିତ ହେବା ପରେ ସେ ଫେରାର ହୋଇଯାଇଥିଲେ। ୨୦୧୭ ଏପ୍ରିଲ ୨୦ରେ ସାଲୱିନ୍ଦର ସ୍ଥାନୀୟ କୋର୍ଟରେ ଆତ୍ମସମର୍ପଣ କରିଥିଲେ। କୋର୍ଟ ଶୁକ୍ରବାର ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଶୁଣାଇବା ପରେ ତାଙ୍କୁ ଅମୃତସର ସେଣ୍ଟ୍ରାଲ ଜେଲ୍‌କୁ ପଠାଇଦିଆଯାଇଛି।

ସାଲୱିନ୍ଦର ସିଂ

ବିଧାୟକ ଦେବାଶିଷ ସାମନ୍ତରାୟଙ୍କୁ ନେଇ ବିବାଦ ଥମୁନି

ଗିରଫ ଦାବିରେ ଭାଜପା, କଂଗ୍ରେସର ଏତଲା

କଟକ ଅଫିସ, ୨୨।୨

ଶହୀଦ ଯବାନଙ୍କ ସମ୍ପର୍କୀୟ ଦାଦାଙ୍କୁ ଠେଲାପେଲା କରି ବିବାଦକୁ ଆସିଥିବା କଟକ-ବାରବାଟୀ ବିଧାୟକ ତଥା ବିଜେଡି ଜିଲା ସଭାପତି ଦେବାଶିଷ ସାମନ୍ତରାୟଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ସେ ଘଟଣା ପାଇଁ କ୍ଷମାପ୍ରାର୍ଥନା କରିସାରିଥିବାବେଳେ ଏହି ପ୍ରସଙ୍ଗକୁ ବିରୋଧୀ ଦଳଗୁଡ଼ିକ ହାତଛଡ଼ା କରିବାକୁ ଚାହୁଁନାହାନ୍ତି। ଭାଜପା ପକ୍ଷରୁ ନଗର ସଭାପତି ଲକ୍ଷ୍ମୀଧର ପ୍ରଧାନଙ୍କ ନେତୃତ୍ୱରେ ଶୁକ୍ରବାର ଗ୍ରାମାଞ୍ଚଳ ଏସ୍‌ପିଙ୍କ ନିକଟରେ ବିଧାୟକଙ୍କ ବିରୋଧରେ ଏତଲା ଦାଏର କରାଯାଇଛି। ଏତଲାରେ ଦର୍ଶାଯାଇଛି ଯେ, ବିଧାୟକଙ୍କ ଆଚରଣ କେବଳ ରାଜ୍ୟ ନୁହେଁ ସମଗ୍ର ଦେଶକୁ ଲଜ୍ଜିତ କରିଛି। ତେଣୁ ତାଙ୍କୁ ଗିରଫ କରାଯାଉ ବୋଲି ଭାଜପା ଦାବି କରିଛି। ସେହିପରି ନଗର ମହିଳା କଂଗ୍ରେସ ସଭାନେତ୍ରୀ ଶୈଳବାଳା ଜେନାଙ୍କ ନେତୃତ୍ୱରେ ବିଧାୟକଙ୍କ ବିରୋଧରେ ବାଦାମବାଡ଼ି ଥାନାରେ ଏତଲା ଦିଆଯାଇଛି। ହେଲେ ବିଧାୟକଙ୍କ ସପକ୍ଷରେ

ବିଧାୟକଙ୍କ ସପକ୍ଷରେ ଶହୀଦଙ୍କ ଦାଦା

ବାହାରିଛନ୍ତି ଶହୀଦଙ୍କ ଦାଦା, ଯାହା ଘଟଣାକୁ ଭିନ୍ନମୋଡ଼ ଦେଇଛି।

ସୂଚନାଥାଉକି, ଗତ ୧୬ ତାରିଖରେ ନିଆଳି ବ୍ଲକ ଗଜାବର ଗ୍ରାମରେ ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ସିଆର୍‌ପିଏଫ୍ ଯବାନ ମନୋଜ ବେହେରାଙ୍କ ଶବ ସତ୍କାର ହୋଇଥିଲା। ଶବସତ୍କାର ସ୍ଥଳକୁ ବିଧାୟକ ସାମନ୍ତରାୟ ଯାଇଥିଲେ। ସେଠାରେ ସେ ଜଣେ ବ୍ୟକ୍ତିଙ୍କୁ ଠେଲାପେଲା କରୁଥିବାର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବା ସହିତ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା। ପରେ ଜଣାପଡ଼ିଥିଲା ଯେ, ବିଧାୟକ ଯାହାଙ୍କୁ ଠେଲାପେଲା କରିଥିଲେ ସେ ହେଉଛନ୍ତି ଶହୀଦ ମନୋଜ ବେହେରାଙ୍କ ଜଣେ ସମ୍ପର୍କୀୟ ଦାଦା। ଏନେଇ ବିଧାୟକ କ୍ଷମାପ୍ରାର୍ଥନା କରିବା ସହ ଶହୀଦଙ୍କୁ ତୋପ ସଲାମି ସମୟରେ ବିଶୃଙ୍ଖଳାକୁ ଏଡ଼ାଇବାକୁ ଯାଇ ଜଣେ ବ୍ୟକ୍ତିଙ୍କୁ ବସାଇ ଦେଇଥିଲେ ବୋଲି କହିଥିଲେ। କିନ୍ତୁ ଘଟଣାର ଭିଡିଓ ପାକିସ୍ତାନର ଟିଭି ଚ୍ୟାନେଲ ଆଜାଦ ଟିଭି ପକ୍ଷରୁ ପ୍ରସାରିତ କରାଯାଇଥିଲା। ଫଳରେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ବିଧାୟକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା।

ଅନ୍ୟପକ୍ଷରେ ବିଧାୟକ ଠେଲାପେଲା କରିଥିବା ଶହୀଦଙ୍କ ଦାଦା ଚୈତନ୍ୟ ବେହେରାଙ୍କ ଏକ ଭିଡିଓ ଶୁକ୍ରବାର ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଭିଡିଓରେ ଚୈତନ୍ୟ ବିଧାୟକଙ୍କ ସପକ୍ଷରେ ମତ ଦେଇଛନ୍ତି। ବିଧାୟକ ମୋତେ ଠେଲାପେଲା କରି ନ ଥିଲେ ବରଂ ବସିଯିବାକୁ କହିଥିଲେ। କାରଣ ତୋପ ସଲାମି ସମୟରେ ଲୋକେ ଠେଲାପେଲା ହେଉଥିବାରୁ ତା' ଭିତରକୁ ନ ପଶିବାକୁ ସେ ମୋତେ କହିଥିଲେ। ଦେବାଶିଷ ବାବୁ ଜଣେ ବହୁତ ଭଲ ଲୋକ। ସେଦିନ ଶବ ପହଞ୍ଚିବା ପୂର୍ବରୁ ସେ ଆମ ଘରକୁ ଆସି ଆମକୁ ବୁଝାଶୁଝା କରିଥିଲେ। ଶବକୁ କାନ୍ଧେଇ ଶ୍ମଶାନ ପର୍ଯ୍ୟନ୍ତ ନେଇଥିଲେ। ବିଧାୟକ ମୋତେ କୌଣସି ପ୍ରକାର ଅସମ୍ମାନ କରିନାହାନ୍ତି। ଟିଭିରେ ଏହାକୁ ଦେଖି ମୋତେ ବହୁତ ଖରାପ ଲାଗୁଛି। ଏହାକୁ ନେଇ ରାଜନୀତି ନ କରିବାକୁ ଚୈତନ୍ୟ ଉକ୍ତ ଭିଡିଓ ମାଧ୍ୟମରେ କହିଛନ୍ତି। ବିଧାୟକ ଦେବାଶିଷ ସାମନ୍ତରାୟ କହିଛନ୍ତି ଯେ, ଭିଡିଓ ପାକିସ୍ତାନକୁ ଲିକ୍ କରିବାରେ କେଉଁମାନଙ୍କ ହାତ ଅଛି ତାହାର ତଦନ୍ତ କରାଯାଉ। ବିଧାୟକ ସିଧା ଭାଜପାକୁ ଟାର୍ଗେଟ କରି କହିଛନ୍ତି ଯେ, ଏହି ପ୍ରସଙ୍ଗକୁ ନେଇ ଭାଜପା ନିଜର ରାଜନୈତିକ ଅଭିସନ୍ଧି ହାସଲ କରିବା ଲକ୍ଷ୍ୟରେ ଅଛି। ପାକିସ୍ତାନ ଟିଭିରେ କ'ଣ ଚାଲିଲା ତାକୁ ନେଇ ଏଠାରେ ଚର୍ଚ୍ଚା କରିବା କିଭଳି ଦେଶପ୍ରେମ ବୋଲି ବିଧାୟକ ପ୍ରଶ୍ନ କରିଛନ୍ତି। ଶହୀଦଙ୍କ ଦାଦା ଯେତେବେଳେ ନିଜ ତରଫରୁ ଏହା ଉପରେ ସ୍ପଷ୍ଟୀକରଣ ଦେଇସାରିଲେଣି ପୁନର୍ବାର ତାକୁ ନେଇ ରାଜନୀତି କରିବା ଭାଜପାର ମନ୍ଦ ଉଦ୍ଦେଶ୍ୟ ବୋଲି ସାମନ୍ତରାୟ ପ୍ରତିକ୍ରିୟାରେ କହିଛନ୍ତି।

ସ୍ମୁଟି ଡିକିରୁ ଟଙ୍କା ଲୁଟ୍ ଅଭିଯୋଗ

ରେଡ଼ାଖୋଲ, ୨୨।୨(ଡି.ଏନ.ଏ)

ରେଡ଼ାଖୋଲ ହୋଣ୍ଡା ଶୋ ରୁମ୍ ନିକଟରୁ ଏକ ସ୍ମୁଟି ଡିକିରୁ ଶୁକ୍ରବାର ଅପରାହ୍ନ ସାଢ଼େ ୪ ଟାରେ ୧ ଲକ୍ଷ ୨୮ ହଜାର ଲୁଟ୍ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସହରର କୁରୁମଟିକିରାର କେତନ କୁମାର ସାହୁ ନାମକ ଜଣେ ଠିକାଦାର ଯୁନିୟନ ବ୍ୟାଙ୍କ ନିକଟରୁ ମଞ୍ଜୁ ନାୟକଙ୍କଠାରୁ ଏହି ଟଙ୍କା ଆଣି ତାଙ୍କ ସ୍ମୁଟି ଡିକିରେ ରଖି ମିନିଷ୍ଟାଡିୟମ ନିକଟସ୍ଥ ହୋଣ୍ଡା ଶୋ ରୁମକୁ ଯାଇଥିଲେ। କିଛି ସମୟପରେ ଶୋ ରୁମରୁ ବାହାରି ପାଣି ପିଇବାକୁ ସ୍ମୁଟି ଡିକିରୁ ପାଣି ବୋତଲ ବାହାରକରିବାକୁ ଡିକି ଖୋଲିବା ବେଳେ ଡିକିରେ ଟଙ୍କା ନ ଥିବା ଦେଖିଥିଲେ। ଗତ ୧୩ ତାରିଖ ଘୋଷରାମାଳ ପଞ୍ଚାୟତର ଲାଣ୍ଡିମାଳ ଗ

କର୍ମମାର୍ଗର ଭଲ ଦିଗଟି ହେଲା– ତା'ଭିତରେ ଭଗବାନଙ୍କ ସହିତ ଶତ୍ରୁତା ବି ଯଦି ହୁଏ– ତେବେ ସେହି ଶତ୍ରୁତା ମଧ୍ୟ ମୁକ୍ତିର ଉପାୟ ହୋଇଉଠେ। କେବେ କେବେ ଭଗବାନ ଆମକୁ ତାଙ୍କ ପାଖକୁ ଟାଣି ନିଅନ୍ତି ଓ ଧରିରଖନ୍ତି – ସବୁଠାରୁ କ୍ଷିପ୍ର ଉପାୟଟି ଦ୍ୱାରା। ତା'ହେଲା – ସେ ଯେତେବେଳେ ଆମର ଦୁର୍ଦମ ଦୁର୍ଦ୍ଧର୍ଷ ଐକାନ୍ତିକ ଶତ୍ରୁ ହୋଇଉଠନ୍ତି। –ଶ୍ରୀଅରବିନ୍ଦ

ବାବୁ 'ଅନୁରକ୍ତି'

ଦିଲ୍ଲୀକା ବାବୁ
ଦିଲୀପ ଚେରିଏନ୍

କେନ୍ଦ୍ରୀୟ ସୂଚନା ଆୟୋଗ (ସିଆଇସି) ଓ ରାଜ୍ୟ ସୂଚନା ଆୟୋଗଗୁଡ଼ିକରେ ସୂଚନା ଆୟୁକ୍ତ ପଦଗୁଡ଼ିକ ପୂରଣ କରିବାରେ ସରକାର କାହିଁକି ଅଧିକାଂଶ ବାବୁଙ୍କ ପ୍ରତି ଅତିଶୟ ଅନୁରକ୍ତି ବା ପୂର୍ବାଗ୍ରହ ଦେଖାଇଛନ୍ତି, ସେ ନେଇ ସୁପ୍ରିମ୍‌କୋର୍ଟ ପ୍ରଶ୍ନ କରିଛନ୍ତି। କୋର୍ଟ କହିଲେ ଯେ, ଏହିସବୁ ପଦଗୁଡ଼ିକରେ ନିଯୁକ୍ତି ଦେବାବେଳେ ସରକାର କେବଳ ବାବୁମାନଙ୍କୁ ଗୁରୁତ୍ୱ ନ ଦେଇ ବିଭିନ୍ନ କ୍ଷେତ୍ରରୁ ବିଶିଷ୍ଟ ଓ ଯୋଗ୍ୟ ବ୍ୟକ୍ତିମାନଙ୍କୁ ବାଛିବା ଉଚିତ ଥିଲା। ତେବେ କେନ୍ଦ୍ର ସରକାର ଏହି ନିଯୁକ୍ତି ପ୍ରକ୍ରିୟାରେ ଯେପରି ୱେବ୍‌ସାଇଟ୍‌ରେ ସର୍ଚ୍ଚ କମିଟି ସଦସ୍ୟମାନଙ୍କ ନାମ, ଶର୍ଟଲିଷ୍ଟ ହୋଇଥିବା ପ୍ରାର୍ଥୀମାନଙ୍କର ନାମ, ଯୋଗ୍ୟତା ମାନଦଣ୍ଡ ଆଦି ସ୍ଥାନିତ କରୁଛନ୍ତି, ରାଜ୍ୟଗୁଡ଼ିକ ମଧ୍ୟ ତାହା ଅନୁସରଣ କରିବା ଉଚିତ ବୋଲି କୋର୍ଟ ପ୍ରକାଶ କରିଛନ୍ତି। କେନ୍ଦ୍ର ଓ ଆଠଟି ରାଜ୍ୟ– ପଶ୍ଚିମବଙ୍ଗ, ଓଡ଼ିଶା, ମହାରାଷ୍ଟ୍ର, ଗୁଜରାଟ, ନାଗାଲାଣ୍ଡ, ଆନ୍ଧ୍ରପ୍ରଦେଶ, କେରଳ ଓ କର୍ନାଟକକୁ ଆଉ ବିଳମ୍ବ ନ କରି ୬ ମାସ ମଧ୍ୟରେ ଖାଲି ଥିବା ସ୍ଥାନଗୁଡ଼ିକ ପୂରଣ କରିବା ପାଇଁ କୋର୍ଟ ଆଦେଶ ଦେଇଛନ୍ତି। କୋର୍ଟ ପୁଣି କହିଛନ୍ତି, କୌଣସି ପଦବୀ ଖାଲି ହେବାର ସମ୍ଭାବ୍ୟ ତାରିଖଠାରୁ ଏକରୁ ଦୁଇମାସ ପୂର୍ବରୁ ନିଯୁକ୍ତି ପାଇଁ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବା ଉଚିତ, ଯାହାଫଳରେ ପଦ ଖାଲି ହେବା ଓ ପୂରଣ ହେବା ଭିତରେ ବିଶେଷ ବ୍ୟବଧାନ ରହିବ ନାହିଁ। ସର୍ଚ୍ଚ କମିଟି ପ୍ରର୍ଥୀମାନଙ୍କୁ ଶର୍ଟଲିଷ୍ଟ କରିବା ପାଇଁ ଗ୍ରହଣ କରିଥିବା ଯୋଗ୍ୟତା ମାନଦଣ୍ଡକୁ ମଧ୍ୟ ସର୍ବସାଧାରଣରେ ପ୍ରକାଶ କଲେ, ତାହା ନିରପେକ୍ଷ ଭାବେ କରାଯାଉଛି ବୋଲି ଲୋକମାନେ ସୁନିଶ୍ଚିତ ହୋଇପାରିବେ।

ୟୁପିଏସ୍‌ସି ଓ ଆଇପିଏସ୍

ପଞ୍ଜାବର ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ପଦ ପାଇଁ କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ରାଜ୍ୟ ସରକାରଙ୍କ ପାଖକୁ ତିନିଜଣ ବରିଷ୍ଠ ଆଇପିଏସ୍ ଅଫିସରଙ୍କର ଏକ ଶର୍ଟଲିଷ୍ଟ ପଠାଇବାର ଦିନକ ପରେ ଏହି ପଦରେ ଦିନକର ଗୁପ୍ତାଙ୍କୁ ନିଯୁକ୍ତି ମିଳିଛି। ସଂକ୍ଷିପ୍ତୀକୃତ ତାଲିକାରେ ଅନ୍ୟ ଯେଉଁ ଦୁଇଜଣ ବାବୁଙ୍କର ନାମ ଥିଲା, ସେମାନେ ହେଉଛନ୍ତି ଡିଜିପି (ପ୍ରଶାସନ) ଏମ୍.କେ. ତିୱାରୀ ଏବଂ ଡିଜିପି (ପ୍ରୋଭିଜନିଂ) ଭି.କେ. ଭାୱରା। ଉଭୟେ ୧୯୮୭ ବ୍ୟାଚ୍‌ର ଅଫିସର। ଗୁପ୍ତା ହେଉଛନ୍ତି ସମସ୍ତଙ୍କଠାରୁ ବରିଷ୍ଠ। କୌଣସି ଡିଜିପି ନିଯୁକ୍ତି ନିମନ୍ତେ ପ୍ରଥମ ଥର ପାଇଁ ଏପରି ଶର୍ଟଲିଷ୍ଟ ପ୍ରସ୍ତୁତ କରାଯାଇଛି। ଗତ ଜାନୁୟାରୀ ମାସରେ ସୁପ୍ରିମ୍‌କୋର୍ଟ କହିଥିଲେ ୟୁପିଏସ୍‌ସି ପ୍ରସ୍ତୁତ କରିଥିବା ଶର୍ଟଲିଷ୍ଟରୁ ହିଁ ରାଜ୍ୟ ସରକାର ଜଣଙ୍କୁ ଡିଜିପି ରୂପେ ନିଯୁକ୍ତି ଦେଇପାରିବେ। ଏହି ପଦ୍ଧତି ଦ୍ୱାରା କୌଣସି ରାଜ୍ୟର ପୋଲିସ ବିଭାଗର ସର୍ବୋଚ୍ଚ ପଦରେ ନିଯୁକ୍ତି କ୍ଷେତ୍ରରେ ରାଜନୈତିକ ହସ୍ତକ୍ଷେପକୁ ଯଥେଷ୍ଟ ହ୍ରାସ କରାଯାଇପାରିବ। କୋର୍ଟଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ଡିଜିପି ଅବସର ନେବାର ତିନିମାସ ପୂର୍ବରୁ ପ୍ରତ୍ୟେକ ରାଜ୍ୟ ସରକାର ୟୁପିଏସ୍‌ସିକୁ ଅବଗତ କରାଇବେ। ତା' ସହ ଯେଉଁ ଡିଜିପିଙ୍କୁ ବଛାଯିବ, ତାଙ୍କର ଚାକିରି ଅବଧି ଦୁଇବର୍ଷରୁ କମ୍ ବାକି ନ ଥିବ। କାରଣ ତାଙ୍କୁ ଦୁଇବର୍ଷର ନିର୍ଦ୍ଧାରିତ ଅବଧି ପାଇଁ ଡିଜିପି ପଦରେ ରହିବାକୁ ପଡ଼ିବ। ମଝିରେ ସରକାର ବଦଳିଲେ ବି ଯେପରି ଅଫିସରମାନଙ୍କ ଭିତରେ ବିଶେଷ ଅଦଳବଦଳ ନ ହୁଏ, ତାହା ସୁନିଶ୍ଚିତ କରିବା ହେଉଛି ଏହାର ଉଦ୍ଦେଶ୍ୟ। ପଞ୍ଜାବ ସମେତ ଆଉ କେତେକ ରାଜ୍ୟ ସରକାର ଡିଜିପି ନିଯୁକ୍ତି ତାଙ୍କ ନିଜ ରାଜ୍ୟର ନିୟମ ଅନୁସାରେ କରିବାକୁ ଦିଆଯାଉ ବୋଲି ଆବେଦନ କରିଥିଲେ ମଧ୍ୟ ସୁପ୍ରିମ୍‌କୋର୍ଟ ସେ ଆବେଦନକୁ ନାକଚ କରିଦେଇଥିଲେ। କୌତୂହଳର ବିଷୟ, ସବୁ ଯୋଗ୍ୟତା ଥିବା ସତ୍ତ୍ୱେ ପଞ୍ଜାବ ପୋଲିସ ମୁଖ୍ୟ ନିଯୁକ୍ତିରେ ୧୯୮୫ ବ୍ୟାଚ୍ ଆଇପିଏସ୍ ଅଫିସର ମହମ୍ମଦ ମୁସ୍ତାଫାଙ୍କୁ ଉପେକ୍ଷା କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ତେବେ ଏହାପରର ପ୍ରତିକ୍ରିୟା କିଛି ଜଣାପଡ଼ି ନାହିଁ।

ସେନା ମୁହଁରେ ତୁଣ୍ଡି

ବିଦେଶକୁ ସାମରିକ ସହଦୂତ (ମିଲିଟାରୀ ଆଟାଶେ) ପଠାଇବା ନେଇ ବିଳମ୍ବ ଘଟଣାରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଓ ସେନା ମଧ୍ୟରେ ସମ୍ପର୍କରେ ଶିଥିଳତାର ସୂଚନା ମିଳୁଛି। ପ୍ରାପ୍ତ ଖବର ଅନୁସାରେ, ଚୟନ କମିଟିର ଗଠନକୁ ନେଇ ବିବାଦ ଉପୁଜିବାରୁ ୱାଶିଂଟନ ଡିସି ଓ ଓମାନ ସମେତ ଅନେକ ସ୍ଥାନରେ ସାମରିକ ସହଦୂତଙ୍କ ଅନେକ ଗୁରୁତ୍ୱପୂର୍ଣ୍ଣ ପଦ ଖାଲି ପଡ଼ିଛି। ଯାହା ଜଣାଯାଏ, ସରକାର ମନ୍ତ୍ରଣାଳୟର ଅତିରିକ୍ତ ସଚିବଙ୍କୁ ପ୍ୟାନେଲରେ ଅନ୍ତର୍ଭୁକ୍ତ କରି ଏହାକୁ ବଦଳାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏପର୍ଯ୍ୟନ୍ତ ପ୍ରତିରକ୍ଷା ସହଦୂତ ଚୟନ ପ୍ରତିରକ୍ଷା ସେବାର ପରିଧି ଭିତରେ ହିଁ ହେଉଥିଲା। ତେଣୁ ସରକାରଙ୍କ ଏପରି ନିଷ୍ପତ୍ତି ଯୋଗୁ ପ୍ରତିରକ୍ଷା ସେବା ବାବୁମାନେ ଭାବୁଛନ୍ତି ଯେ, ଏହା ତାଙ୍କ କ୍ଷେତ୍ର ଉପରେ ସାଧାରଣ ପ୍ରଶାସନିକ ସେବା ବାବୁମାନଙ୍କ ଅନଧିକାର ପ୍ରବେଶ। ତେବେ ସରକାରଙ୍କ ଦାବି ଅନୁସାରେ ପୂର୍ବତନ ଜାତୀୟ ସୁରକ୍ଷା ଉପପରାମର୍ଶଦାତା ଅରବିନ୍ଦ ଗୁପ୍ତାଙ୍କ ସୁପାରିସ ଅନୁସାରେ ଚୟନ କମିଟିରେ ଉକ୍ତ ପରିବର୍ତ୍ତନ କରାଯାଇଛି। ପ୍ରାପ୍ତ ସୂଚନା ଅନୁସାରେ ତିନି ସେବା ମୁଖ୍ୟ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନଙ୍କୁ ସାକ୍ଷାତ୍ କରି ଯଥାଶୀଘ୍ର ଏହି ସମସ୍ୟାର ସମାଧାନ କରିବାକୁ ଯୋଜନା କରୁଛନ୍ତି।

Email: dilipcherian@gmail.com

su | do | ku | ସୁ–ଡୋ–କୁ

				5		1					D		9	B
		2	E			D	7	6		3	1	A		
				8		C	3		A	6			1	
									9		2	3		
E								0		4	5	D	6	7
				6	E		D	7		B			8	
		7	5	9			C			1				4
	8			A	4		2						D	
		9		D	C	3		8				1	E	
								B	3		6	5	2	9
		B		4					5		7	8		
				B		E				9	8			
			1	C	9		4				0		B	2
		5			6			D	E					
	4	6	0		5					2	3			C

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

0	3	4	7	9	A	B	C	2	D	1	5	8	6	E
9	1	C	8	D	2	A	6	E	3	B	0	5	4	7
7	6	A	5	E	3	D	1	8	9	2	4	B	C	0
D	5	E	6	1	B	9	0	4	C	7	8	A	2	3
8	B	2	C	0	4	5	7	3	A	6	E	1	9	D
E	7	8	D	3	C	6	5	0	B	9	2	4	A	1
2	A	6	1	4	9	E	B	7	0	8	3	D	5	C
4	0	1	A	2	E	8	9	C	5	D	7	3	B	6
3	9	5	B	7	6	4	2	D	1	C	A	0	E	8
B	C	D	0	5	8	1	3	A	4	E	6	9	7	2
C	2	3	9	B	5	0	E	1	7	4	D	6	8	A
6	8	9	E	C	1	3	D	5	2	A	B	7	0	4
A	E	B	3	6	7	2	4	9	8	0	1	C	D	5
5	4	0	2	A	D	7	8	B	6	3	C	E	1	9
1	D	7	4	8	0	C	A	6	E	5	9	2	3	B

ଗତକାଲିର ଉତ୍ତର

ବୃଦ୍ଧକାଳେ ଅପତ୍ୟଦୁଃଖୀ

ରଞ୍ଜନ କୁମାର ଦାସ

ଜଣେ ବୟସ୍କ ବ୍ୟକ୍ତି ମୋର ଖବରକାଗଜରେ ପ୍ରକାଶିତ ଲେଖାସବୁ ପଢ଼ି ନିୟମିତ ଭାବେ ଫୋନ୍ କରନ୍ତି। ପ୍ରତ୍ୟେକ ଥର ସେ କହନ୍ତି ଯେ, ମୁଁ କେବେ ଥରେ ଯିବି ଆପଣଙ୍କ ସହ ଦେଖା କରିବି। ଏମିତି କହନ୍ତି ସିନା ସେ କେବେ ଆସନ୍ତି ନାହିଁ। ମୁଁ ମନେମନେ ଭାବେ ସେ ଆସୁ ତ ନାହାନ୍ତି ପୁଣି ଏ କଥା ବାରମ୍ବାର କହୁଛନ୍ତି କାହିଁକି? ଦିନେ ସେ ଫୋନ୍ କରି କହିଲେ, ଶୁଣିଲି ଆପଣ ଆସୁଛନ୍ତି ଆମ ପଞ୍ଚାୟତକୁ? ପଞ୍ଚାୟତ ଘର ପାଖରେ ହିଁ ଆମ ଘର। ମୁଁ ଆପଣଙ୍କୁ ଆମ ଘରକୁ ନିମନ୍ତ୍ରଣ କରିବି। ମନା କରିବେ ନାହିଁ, ନିଶ୍ଚୟ ଆସିବେ। ସରକାରୀ କାର୍ଯ୍ୟରୁ ସମୟ ମିଳିବ କି ନାହିଁ ବୋଲି ମୁଁ ସଂଶୟ ପ୍ରକଟ କରନ୍ତେ ସେ କହିଲେ, ବେଶି ସମୟ ନ ରହିଲେ ନାହିଁ ପଛେ ଖାଲି ଗୋଟିଏ ମିନିଟ୍ ପାଇଁ ଆମଘର ଆଗରେ ଓହ୍ଲାଇବେ। ଚିନ୍ତାକଲି ତାଙ୍କର ଆଗ୍ରହ ଭାଙ୍ଗିବା ଠିକ୍ ହେବନାହିଁ। ଯାହା ହେଲେ ବି ଯିବି।

ସେଦିନ ତାଙ୍କ ପଞ୍ଚାୟତକୁ ଅଭିଯୋଗ ଶୁଣାଣି ଶିବିର ପାଇଁ ଯାଇଥିଲି। ଶିବିର ସରିଲା ପରେ ସେ ଆସି ମତେ ଡାକିନେଲେ ତାଙ୍କ ଘରକୁ। ପଞ୍ଚାୟତର ଅଳ୍ପ ଦୂରରେ ତାଙ୍କ ଘର। ଆକ୍‌ବେଷ୍ଟସ ଘର ତିନି ଚାରି ବଖରା। ସାମ୍ନାରେ ଛୋଟ ଗୋବରଲିପା ଅଗଣା, ବଗିଚାରେ ନାନାପ୍ରକାର ପରିବା। ପରିବାର କହିଲେ ତାଙ୍କର ବୃଦ୍ଧା ସ୍ତ୍ରୀ, ଶିକ୍ଷକ ଚାକିରି କରିଥିବା ଏକମାତ୍ର ପୁଅ, ଅବିବାହିତ ଝିଅଟିଏ, ବୋହୂ ଓ ନାତିନାତୁଣୀ। ବୃଦ୍ଧ ଜଣକ ଶିକ୍ଷକ ଚାକିରି କରିଥିଲେ। ବୟସ ହୋଇଯିବାରୁ ଇଚ୍ଛାକୃତ ଅବସର ନେଇ ପୁଅକୁ ତାଙ୍କ ଜାଗାରେ ରଖେଇ ଦେଇଛନ୍ତି। ଆପାତତଃ ସୁଖୀ ପରିବାର ହେବାକଥା। ମାତ୍ର ମୁଁ ତାଙ୍କ ଘରକୁ ଯେବେ ଗଲି ଦେଖିଲି କିଛି ଗୋଟେ ଶୂନ୍ୟତା ସବୁଠି ଉଙ୍କିମାରି ଚାହୁଁଚି। କାହା ମନରେ ସରାଗ ନାହିଁ। ବୁଢ଼ୀ ପିଣ୍ଡାରୁ ଓହ୍ଲେଇ ପାରୁ ନ ଥାନ୍ତି। ଝିଅଟି ପାଣି ଓ ଚା' କରି ଆଣି ଦେଲା। ବୋହୂ ତା' ପୁଅସହ ଆସି ମୁଣ୍ଡିଆ ମାରିଲା। ଚାରି ପାଞ୍ଚ ମାସର ଝିଅଟି ତା'ର ଅଳ୍ପ ଖରାରେ ଜେଜେମା ପାଖରେ ଶେଯରେ ଶୋଇଥାଏ।

ବୃଦ୍ଧ କହିଲେ କାନ୍ଦ କାନ୍ଦ ହୋଇ ଆପଣ ଏଠିକି ଆସିଛନ୍ତି ଜାଣିଲେ ଆମ ସମସ୍ତଙ୍କ ଅବସ୍ଥା ଆଜି କ'ଣ ହବ ମୁଁ କଳନା କରିପାରୁନି। ହେଲେ ଆପଣଙ୍କୁ ଦେଖିଲା ଦିନରୁ ଆପଣ ମୋର ବଡ଼ପୁଅ, ଯିଏ ଏ ଦୁନିଆରେ ଆଉ ନାହିଁ, ତାରି ଭଳି ଲାଗନ୍ତି। ସେଥିପାଇଁ ଶ୍ରଦ୍ଧାରେ ଡାକିଦେଲି। ଦୋଷ ଥିଲେ କ୍ଷମା କରିଦେବେ। ବୃଦ୍ଧ ତା'ପରେ ତାଙ୍କ ଝିଅ ଆଡକୁ ଚାହିଁ ପଚାରିଲେ ତୋ ଭାଇନାଙ୍କ ଚେହେରା ସହ ମିଶୁନି ସାର୍‌ଙ୍କ ଚେହେରା? ଝିଅଟି କାନ୍ଦକାନ୍ଦ ହୋଇଗଲା। ବୃଦ୍ଧା ବି କାନିରେ ଲୁହ ପୋଛିଲେ। ମୁଁ ତାଙ୍କୁ ପଚାରିଲି ଆପଣଙ୍କ ଅବସ୍ଥା କ'ଣ ହେବ ବୋଲି କାହିଁକି କହୁଥିଲେ?

ବୃଦ୍ଧ କହିଲେ, ମୋ ବଡ଼ ପୁଅ ଥିଲା ସୁନାମୁଣ୍ଡା। ସେ ମଲା ପରେ ଆମେ ସମସ୍ତେ ଭାଙ୍ଗିପଡ଼ିଲୁ। ସ୍ତ୍ରୀ ଶଯ୍ୟାଶାୟୀ ହୋଇଗଲେ। ମୁଁ ବି ଘରଦ୍ୱାର ସମ୍ଭାଳିବାକୁ ଚାକିରିରୁ ଅବସର ନେଲି। ସାନପୁଅକୁ ଚାକିରିଖଣ୍ଡକ ଦେଇ ବାହା କରେଇଦେଲି। ବୋହୂ ବି ଭଲ। ମାତ୍ର ସେ କୁଳାଙ୍ଗାର ଖରାପ ସାଙ୍ଗରେ ପଡ଼ି ମଦପାଣି କଲା। ଘରକୁ ପଇସାପତ୍ର ଦଉନି, ଆସୁନି ବି। ଯେତେବେଳେ ବି ଆସୁଚି ବୋହୂକୁ, ଆମକୁ ମାର୍‌ପିଟ୍ କରୁଛି। ବେଳେବେଳେ ଇଚ୍ଛାହଉଚି ଘରଦ୍ୱାର ଛାଡ଼ି ଜରାନିବାସକୁ ଚାଲିଯିବାକୁ। ହେଲେ ଏ ବୋହୂ, ନାତିନାତୁଣୀଙ୍କୁ ଛାଡି କୁଆଡେ ଯିବୁ? ଆପଣ ଏଠିକି ଆସିଥିଲେ ଜାଣିଲେ ସେ ଭାବିବ ଆମେ ବୋଧେ ତା' ନାଁରେ ନାଲିସ୍ କରିବାକୁ ଆପଣଙ୍କ ପାଖକୁ ଯାଇଥିବୁ, ନ ହେଲେ ଆପଣ କାହିଁକି ଏଠିକି ଆସିଥାନ୍ତେ? ତେଣୁ ନିଶ୍ଚୟ ଆସି ଘରେ ହଙ୍ଗାମା କରିବ। ତାକୁ କିଏ ବା ବୁଝେଇବ? ଏ କଥା ଶୁଣୁଶୁଣୁ ଆଉ ଜଣେ ବୃଦ୍ଧ ଥିଲେ କହିଲେ, ୟାଙ୍କ ବୋହୂଟା ତ ହେଲେ କ'ଣ ଗଣ୍ଡାଏ ଫୁଟେଇ ଖାଇବାକୁ ଦଉଛି। ଆମର ପୁଅବୋହୂ ମିଶି ଆମକୁ ଯାହା କରୁଛନ୍ତି ନ କହିଲେ ଭଲ। ଦିନଟିଏ ବି ଭଲରେ କରୁନି। ବେଳେବେଳେ ଭାବୁଚୁ ଆତ୍ମହତ୍ୟା କରିଦିଅନ୍ତୁ। ହେଲେ ମାୟା କୋଉ ତୁଟୁଛି? ବୁଢ଼ା ବୟସରେ ଏ କଷ୍ଟ ଆଉ ସହି ହଉନି।

ସେଦିନ ସେଇଠୁ ବୃଦ୍ଧଙ୍କ ଶିକ୍ଷକ ପୁତ୍ରଙ୍କୁ ଜିଲା ଶିକ୍ଷାଧିକାରୀଙ୍କ ମାଧ୍ୟମରେ ଡକେଇଲି। ସେ ବାବୁ ବୁଝିବା ସ୍ତରରେ ନ ଥିଲେ। ସିଧାସଳଖ ତାଙ୍କୁ ଧମକେଇବାକୁ ପଡ଼ିଲା। କହିଲି, ଯଦି ବାପମା, ସ୍ତ୍ରୀ ପିଲାଙ୍କ ଦାୟିତ୍ୱ ନ ନବ, ସିଧା ସସ୍‌ପେଣ୍ଡ ହବ, ଜେଲ୍‌କୁ ଯିବ। ତମ ମଦପିଆ, ସାଙ୍ଗସାଥୀ ମସ୍ତି ସବୁ ଛାଡ଼ିଯିବ। ଥାନାବାବୁ ଆସିଲା ପରେ ପୋଲିସ ଦେଖି ତାଙ୍କର ନିଶା ଛାଡ଼ିଗଲା ଏବଂ ସେ ତାଙ୍କ ବାପାଙ୍କ ପାଦଛୁଇଁ ପ୍ରତିଜ୍ଞା କଲେ ଯେ ଆଉ ସେଭଳି କରିବେ ନାହିଁ। ମୋ ସାମ୍ନାରେ ତାଙ୍କ ବ୍ୟାଙ୍କ୍‌ର ଏଟିଏମ୍ କାର୍ଡ ସ୍ତ୍ରୀଙ୍କୁ ହସ୍ତାନ୍ତର କଲେ। ସର୍ତ୍ତ ରହିଲା ଯେ, ସେ ଆଉ ମଦ ପିଇବେ ନାହିଁ କି ଘରେ ଗଣ୍ଡଗୋଳ କରିବେ ନାହିଁ। ବୃଦ୍ଧ କୃତଜ୍ଞତା ଜଣାଇ ଘରକୁ ଗଲେ। ମାତ୍ର ଘଟଣାଟି ଗୋଟେ ଇଙ୍ଗିତ କଲା ଯେ ଏଇଭଳି ଘଟଣା ଅନେକ ଘରେ ଘଟୁଛି। ଅନେକ ଘରେ ବୃଦ୍ଧ ପିତାମାତା ଅବହେଳିତ, ସେମାନଙ୍କ ପାଇଁ ଘରେ ସ୍ଥାନ ନାହିଁ। ବନ୍ଧୁବାନ୍ଧବଙ୍କ ପାଖକୁ ଯାଇପାରିବେନି। ଅନେକ ଜାଗାରେ ଜରାନିବାସ ମଧ୍ୟ ନାହିଁ, ଯୋଉଠି କି ଯାଇ ସେମାନେ ଆଶ୍ରୟ ନେଇପାରିବେ।

ଏ କଥାଟି ମନରେ କୁହୁଲୁଥାଏ। ତେଣୁ ଆମେ ଜିଲାସ୍ତରରେ ନିଷ୍ପତ୍ତି ନେଲୁ ଅନ୍ତତଃ ଜିଲାର ଦୁଇ ମୁଣ୍ଡରେ ବଡ଼ ବଡ଼ ଅନାଥାଶ୍ରମ ଓ ଜରାନିବାସ କରିବୁ। ଉଭୟ ଅନାଥ ଶିଶୁ ଏବଂ ବୟସ୍କ ଲୋକମାନେ ଆଶ୍ରୟ ତ ନେବେ, ପୁଣି ପରିପୂରକ ଭାବେ ପରସ୍ପରର ଅଭାବ ପୂରଣ କରିପାରିବେ। ଅନାଥ ପିଲାମାନେ ଅଜାଆଈଙ୍କ ସ୍ନେହ ପାଇବେ ଓ ବୁଢ଼ାବୁଢ଼ୀମାନେ ପରିବାରର କୋଳାହଳମୟ ସାହଚର୍ଯ୍ୟ ବି ପାଇବେ। ନିଷ୍ପତ୍ତିଟି ଖବରକାଗଜରେ ବାହାରିବା ପରେ ଅନେକ ବ୍ୟକ୍ତି ସାଧୁବାଦ ବି ଜଣାଇଲେ। ଏଇ ସମୟରେ ଦିନେ ସେଇ ବୃଦ୍ଧ ଦୁଇଜଣଙ୍କର ଆବିର୍ଭାବ ହେଲା ମୋ କାର୍ଯ୍ୟାଳୟରେ। ଅବସରପ୍ରାପ୍ତ ସେଇ ଶିକ୍ଷକ ଯିଏ ନିଜ ପୁତ୍ର ଦ୍ୱାରା ନିର୍ଯାତିତ ହୋଇଥିଲେ ସେ କହିଲେ, ଆମେ ଆସିଥିଲୁ ଆପଣଙ୍କ ସହ କିଛି ଆଲୋଚନା କରିବା ପାଇଁ। କହିବା ପାଇଁ ମୁଁ ତାଙ୍କୁ ଇଙ୍ଗିତ କରିବା ପରେ ଅନ୍ୟ ବୃଦ୍ଧ ଜଣକ ଆରମ୍ଭ କଲେ, ଶୁଣୁଚୁ ଆପଣ କୁଆଡେ ବୁଢ଼ାବୁଢ଼ୀଙ୍କ ପାଇଁ ଗୋଟେ ଜରାଶ୍ରମ ଖୋଲୁଛନ୍ତି। ମୁଁ ତାଙ୍କୁ ହଁ କଲି। ହଠାତ୍ ସେ ଛଳଛଳ ହୋଇ ଉଠି କହିଲେ, ଦୟାକରି ଆପଣ ସେ ଜରାଶ୍ରମ ନିର୍ମାଣ କରନ୍ତୁ ନାହିଁ। ମୁଁ ଆଶ୍ଚର୍ଯ୍ୟ ହୋଇ କାରଣ ପଚାରିଲି। ସେ କ୍ଷଣକ ପାଇଁ ନିଜକୁ ସମ୍ଭାଳି ନେଇ କହିଲେ, ଆମର ତ ଦିନକାଳ ସରିଆସିଲାଣି। ଯାହା କଷ୍ଟ ଭୋଗିବା କଥା ଆମେ ଭୋଗି ସାରିଲୁଣି। ଆମ ପରେ ଏ ଅପତ୍ୟ ଦୁଃଖ କେହି ନ ଭୋଗନ୍ତୁ। ବାହାର ଶତ୍ରୁ ସାଙ୍ଗେ ସିନା ଲଢ଼ିହବ, ନିଜ ପୁଅବୋହୂଙ୍କ ସଙ୍ଗେ କି ଯୁଦ୍ଧ ଲଢ଼ିହବ? ଲଢ଼ିଲେ ବି ସେ ଯୁଦ୍ଧରେ ହାରିବ କିଏ, ଜିତିବ କିଏ? ଯିଏ ହାରିଲେ ବି କଷ୍ଟ ଆମକୁ ହିଁ ହବ। ତେଣୁ ଯିଏ ଯେତେ କହିଲେ ବି ଆମେ ଥାନା କଚେରି ଯାଇପାରୁନୁ। ଜାକିମାଡି ହୋଇ ଘରେ ପଡିରହିଛୁ କୁକୁର ଭଳି। କେବେ ଗଣ୍ଡାଏ ଦେଲେ ଖାଉଛୁ, ନ ହେଲେ ନାଇଁ। ଡରିଡରି ପଡିରହୁଛୁ, କାରଣ ପାଟି ଖୋଲିଲେ କେବେ ଘରୁ ତଣ୍ଟିଆ ଦେଇ ପୁଅବୋହୂ କାଢ଼ିଦେବେ। ଏବେ ସେମାନେ ଆମକୁ ଘରୁ ତଡିଦେଲେ ଆମେ କୁଆଡେ ଯିବୁ ଜାଣିପାରୁନୁ। ହୁଏତ ଲୋକଲଜ୍ଜା ପାଇଁ ସେମାନେ ଆମକୁ ଘରୁ କାଢ଼ିଦେଇ ପାରୁନାହାନ୍ତି। ମାତ୍ର ଯେଉଁ ଜରାଶ୍ରମ ଖୋଲିଯିବ ସେମାନେ ସେଦିନ ଆଉ ଡକେଇବେ ନାହିଁ। ମୁହେଁ ମୁହେଁ କହିଦେବେ, ସରକାର ତମ ପାଇଁ ଘର ତୋଳିଦେଲେଣି, ଏଠି ଯଦି ଆଡଜଷ୍ଟ କରି ଚଳି ନ ପାରୁଛ ସେଠିକି ପଳା। ଏବେ ହେଲେ ଆମେ କହିପାରୁଛୁ ଏ ବୁଢ଼ା ବୟସରେ କୁଆଡେ ଯିବୁ, ସେତେବେଳେ ଆଉ କ'ଣ କହିବୁ? ଏତେ ଦୁଃଖ ଭିତରେ ବିନାତିନାତୁଣୀଙ୍କୁ ଦେଖି ଯେଉଁଟିକକ ସୁଖ ମିଳୁଛି ସେତକରୁ ବିବଞ୍ଚିତ ହୋଇଯିବୁ। ଦୟାକରି ଏ ଜରାନିବାସ କରନ୍ତୁନି କି ଆମକୁ ଘରୁ ବିତାଡିତ କରିବା ପାଇଁ ଆମ କୁଳାଙ୍ଗାର କୁଳଚନ୍ଦ୍ରମାମାନଙ୍କୁ ବାଟ ଦେଖାନ୍ତୁନି।

ବୃଦ୍

ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ

ସଂକ୍ଷେପରେ

ତୁରୀପଡ଼ା ବନ୍ଦରୁ ମୃତଦେହ ଉଦ୍ଧାର

ପଡିଆବାହାଲ, ୨୨।୨ (ଡି.ଏନ.ଏ.)- ସମ୍ବଲପୁର ସଦର ଥାନା ତଥା ଯୁଯୁମୁରା ବ୍ଲକ ଅନ୍ତର୍ଗତ କବରାପାଲି ପଞ୍ଚାୟତ ତୁରିପଡା ପୋଖରୀରୁ ଶୁକ୍ରବାର ସକାଳୁ ସକାଳୁ ରେଙ୍ଗାଲି ବ୍ଲକ ଗଣେଶନଗର ଅଞ୍ଚଳର ଜଣେ ୨୨ ବର୍ଷ ବୟସର ଯୁବକଙ୍କ ମୃତଦେହକୁ ସଦର ପୋଲିସ ଉଦ୍ଧାର କରିଛି। ମୃତ ଯୁବକ ଜଣକ ଗଣେଶନଗର ନିକଟସ୍ଥ କେଉଁଟେନଡିହିର ବଳରାମ ଟୁଡୁଙ୍କ ପୁଅ ଆନନ୍ଦ ଟୁଡୁ (୨୭) ଓରଫ ଛୋଟୁ । ସେ ଗୁରୁବାର ତୁରୀପଡାର ରୁଦ୍ର ପ୍ରସାଦ ମୁଣ୍ଡାଙ୍କ ଘରକୁ ଆସିଥିଲେ । ତେବେ ବ୍ୟବଚ୍ଛେଦ ଓ ଅନୁସନ୍ଧାନ ପରେ ମୃତ୍ୟୁ ରହସ୍ୟ ଜଣାପଡିବ ବୋଲି ପୋଲିସ ଅଧିକାରୀ ଲୋକନାଥ ସାହୁ ପ୍ରକାଶ କରିଛନ୍ତି।

ବିଜେଡିର ୱାର୍ଡ ବୈଠକ କାର୍ଯ୍ୟକ୍ରମ

ସମ୍ବଲପୁର,୨୨।୨(ବ୍ୟୁରୋ) ଶାନ୍ତିନଗରସ୍ଥିତ ଦଳୀୟ କାର୍ଯ୍ୟାଳୟଠାରେ ବିଜୁ ଜନତା ଦଳ (ବିଜେଡି)ର ୱାର୍ଡ ବୈଠକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୨୭ ଓ ୨୮ ନମ୍ବର ୱାର୍ଡର କର୍ମକର୍ତ୍ତାମାନେ ଶାନ୍ତିନଗରସ୍ଥିତ ଦଳୀୟ କାର୍ଯ୍ୟାଳୟଠାରେ ସମବେତ ହୋଇଥିଲେ । ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ୨୭ ନମ୍ବର ୱାର୍ଡରେ ଦେହେରିପାଲି, ଜଗନ୍ନାଥ ମନ୍ଦିର କଲୋନୀ, ଏସଆରଆଇଟି କଲୋନୀ, ସହଯୋଗ ନଗର, ପଧାନପଡା, କେନାଲପଡା, ଖଜରିଆପଡା ପ୍ରଭୃତି ଅଞ୍ଚଳରେ ୩୦ଟି କାର୍ଯ୍ୟ ମାଧ୍ୟମରେ ୩କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯିବ । ଅପରପକ୍ଷେ ୨୮ ନମ୍ବର ୱାର୍ଡରେ ୨କୋଟି ୫୦ ଲକ୍ଷ ବ୍ୟୟ ଅଟକଳରେ ୨୭ଟି ଉନ୍ନୟନ ମୂଳକ କାର୍ଯ୍ୟ କରାଯିବ ବୋଲି ବିଧାୟିକା ସୂଚନା ଦେଇଥିଲେ । ଟାଉନ ସଭାପତି ପ୍ରଫୁଲ୍ଲ ଦାଶ, ମହିଳା ଟାଉନ ସଭାନେତ୍ରୀ ଡା. ସୁମିତ୍ରା ଅଗ୍ରୱାଲ, ଜିଲା ମହିଳା ସଭାନେତ୍ରୀ ରାଜଲକ୍ଷ୍ମୀ ପ୍ରଧାନ, ସତ୍ୟନ୍ଦ୍ର ଦାସ, ଦୁଲାଲ ରାୟ, ଲିଙ୍ଗରାଜ ପରିଡା ପ୍ରମୁଖ ସାମିଲ ଥିଲେ।

ଯୁବକଙ୍କ ମୃତଦେହ ଉଦ୍ଧାର

ସମ୍ବଲପୁର, ୨୨।୨ (ବ୍ୟୁରୋ)- ସମ୍ବଲପୁର ଧନୁପାଲି ଥାନା ନଣ୍ଡାପାଲି ଗ୍ରାମ ନିକଟ ନିଛାଟିଆ ସ୍ଥାନରେ ପୋଲିସ ଗୋବିନ୍ଦତୋଲାର ରୁସ୍ତମ ଖାନ୍ ଓରଫ ଜାନୁ (୨୧)ଙ୍କ ମୃତ ଦେହ ଉଦ୍ଧାର କରିଛି । ଏ ନେଇ ଧନୁପାଲି ଥାନାରେ କେସ ନଂ. ୭୫/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ସନ୍ଦେହରେ ପୋଲିସ ଖଇରପାଲି ଗ୍ରାମର ଜଣେ ଓ ମୃତ ରୁସ୍ତମଙ୍କ ଦୁଇ ଜଣ ସାଙ୍ଗକୁ ଅଟକ ରଖି ପଚରାଉଚରା କରୁଛି । ଏ ନେଇ ଧନୁପାଲି ଥାନା ଅଧିକାରୀ କୋମଳଲୋଚନ ପଣ୍ଡା କହିଛନ୍ତି ଯେ, ଖୁବ ଶୀଘ୍ର ଘଟଣାର ପର୍ଦ୍ଦାଫାସ ହେବ।

ମାଟ୍ରିକ ପରୀକ୍ଷା ଆରମ୍ଭ

ସମ୍ବଲପୁର ଜିଲାରେ କେନ୍ଦ୍ର, ୧୨,୮୦୦ ଛାତ୍ରୀଛାତ୍ର

ସମ୍ବଲପୁର, ୨୨।୨ (ବ୍ୟୁରୋ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପରିଚାଳିତ ୨୦୧୯ ମାଟ୍ରିକ, ମଧ୍ୟମା ପରୀକ୍ଷା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଶୁକ୍ରବାର ଆରମ୍ଭ ହୋଇଛି । ସମ୍ବଲପୁର ଜିଲାର ୭୪ଟି ପରୀକ୍ଷା କେନ୍ଦ୍ରରେ ୨୧୦ ସ୍କୁଲର ୧୨ ହଜାର ୮ଶହ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି । କିନ୍ତୁ ୧୮୩ ଜଣ ଅନୁପସ୍ଥିତ ରହିଛନ୍ତି । ଅନ୍ୟପକ୍ଷେ ମଧ୍ୟମା ପରୀକ୍ଷାରେ ୬୦ଜଣ ପରୀକ୍ଷା ଦେଇଥିବା ବେଳେ କେହି ଅନୁପସ୍ଥିତ ରହି ନାହାନ୍ତି । ସେହିପରି ଓଡିଶା ମୁକ୍ତ ବିଦ୍ୟାଳୟର ୧୩୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ୧୪ ଜଣ ଅନୁପସ୍ଥିତ ରହିଛନ୍ତି । ୭୪ଟି କେନ୍ଦ୍ରରେ ଶାନ୍ତିଶୃଙ୍ଖଳା ସହ ପରୀକ୍ଷା ହୋଇଛି । କେହି ଛାତ୍ରୀଛାତ୍ର କପି କରି ନ ଥିବା ଜଣାପଡିଛି । ସକାଳ ୮ଟାରେ ପରୀକ୍ଷା କେନ୍ଦ୍ର ଗୁଡିକୁ ପ୍ରଶ୍ନପତ୍ର କଡା ସୁରକ୍ଷା ବଳରେ ପହଞ୍ଚି ଥିଲା ବୋଲି ଜିଲା ଶିକ୍ଷା ଅଫିସ ପକ୍ଷରୁ ସୂଚୀତ କରାଯାଇଛି । ସମ୍ବଲପୁର ଜିଲାରେ ୬ଟି ନୋଡାଲ ସେଣ୍ଟର ରହିଛି । ବାମରା ବ୍ଲକରେ ୧୧, ଧନକଉଡାରେ ୩, ଜମନକିରାରେ ୭, ଯୁଯୁମୁରାରେ ୪, କୁଚିଣ୍ଡାରେ ୭, କୁଚିଣ୍ଡା ଏନଏସିରେ ୨, ମାନେଶ୍ୱରରେ ୬, ନାକଟିଦେଉଳରେ ୫, ରେଢ଼ାଖୋଲରେ ୭, ରେଢ଼ାଖୋଲ ଏନଏସିରେ ୨, ରେଙ୍ଗାଲିରେ ୪ ଓ ସମ୍ବଲପୁରରେ ୧୭ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହୋଇଛି । ମାଟ୍ରିକ ପରୀକ୍ଷାକୁ ଶୃଙ୍ଖଳିତ କରିବା ପାଇଁ ପୋଲିସ, ଶିକ୍ଷକ ଓ ସ୍କାର୍ଡକୁ କେନ୍ଦ୍ର ଭିତରକୁ ମୋବାଇଲ ଫୋନ ନେବା ସଂପୂର୍ଣ୍ଣ ଭାବେ ବନ୍ଦ କରାଯାଇଛି । ସେହିପରି ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ, ନୃସିଂହଗୁରୁ ଟାଉନ ହାଇସ୍କୁଲ ଓ ମୁରା ହାଇସ୍କୁଲରେ ସିସିଟିଭି କ୍ୟାମେରାର ବ୍ୟବସ୍ଥା କରାଯାଇଛି । ମାଧ୍ୟମିକ ଶିକ୍ଷା ବୋର୍ଡର ସେଣ୍ଟ୍ରାଲ ସ୍କାର୍ଡ, ଜିଲା ଶିକ୍ଷା ଅଧିକାରୀ ଅଫିସର ୨ଟି ସ୍କାର୍ଡ ସହ ଜିଲା ପ୍ରଶାସନର ସ୍କାର୍ଡ ବିଭିନ୍ନ ପରୀକ୍ଷା କେନ୍ଦ୍ର ଯାଞ୍ଚ କରିଛନ୍ତି । ବିଭିନ୍ନ ସ୍କୁଲ ଗୁଡିକରେ ପରୀକ୍ଷାର୍ଥୀଙ୍କୁ ସ୍ୱାଗତ କରାଯାଇଥିଲା । ଏଥିସହ କପି ମଧ୍ୟ ଯାଞ୍ଚ ହୋଇଥିବା ଦେଖାଯାଇଥିଲା ।



ଶୁକ୍ରବାର ସମ୍ବଲପୁର କମିଶନର୍ସ କଲୋନୀ ହାଇସ୍କୁଲ କେନ୍ଦ୍ରରୁ ପରୀକ୍ଷା ଦେଇ ଫେରିବା ବାଟରେ ଛାତ୍ରୀମାନେ ଆଲୋଚନା କରୁଛନ୍ତି ।

ରେଢ଼ାଖୋଲ ଉପଖଣ୍ଡ ୧୬ କେନ୍ଦ୍ରରେ ପରୀକ୍ଷା ଦେଲେ ୨୬୪୨ ପରୀକ୍ଷାର୍ଥୀ

ରେଢ଼ାଖୋଲ,(ଡି.ଏନ.ଏ.): ସମ୍ବଲପୁର ଜିଲା ରେଢ଼ାଖୋଲ ଗୌରଚନ୍ଦ୍ର ହାଇସ୍କୁଲ ନୋଡାଲ ସେଣ୍ଟର ଅଧୀନରେ ଥିବା ୧୬ଟି ପରୀକ୍ଷା କେନ୍ଦ୍ରରେ ସମୁଦାୟ ୨୬୪୨ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଗୌରଚନ୍ଦ୍ର ହାଇସ୍କୁଲରେ ୧୧୯, ରାଣୀ ଅନ୍ନପୂର୍ଣ୍ଣା ବାଳିକା ଉଚ୍ଚ ବିଦ୍ୟାଳୟରେ ୧୮୦ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ବଡବାହାଳ ପଞ୍ଚଖଣ୍ଡା ହାଇସ୍କୁଲ ରେ ୧୪୦, କଦଳୀଗଡ ହାଇସ୍କୁଲରେ ୧୦୧, ବଂଶାଜାଲ ଅଳସୁଆବାବା ହାଇସ୍କୁଲରେ ୧୪୪, ବଡମାଳ ହାଇସ୍କୁଲରେ ୧୪୯, ଚାରମାଳ ହାଇସ୍କୁଲରେ ୧୬୨, ମୋଚିବାହାଳ ହାଇସ୍କୁଲରେ ୧୧୦, ଚଳିତବର୍ଷ ନୂତନ ଭାବେ ପରୀକ୍ଷାକେନ୍ଦ୍ର କରାଯାଇଥିବା ବାରବାଙ୍କ ହାଇସ୍କୁଲରେ ୧୫୪, ନାଙ୍ଖିଦେଉଳ ବ୍ଲକର ବାପୁଜୀ ହାଇସ୍କୁଲ ଡଇଁଚାରେ ୧୮୨, ପବିତ୍ରମୋହନ ହାଇସ୍କୁଲ ଜଗନ୍ନାଥ ପ୍ରସାଦରେ ୨୦୧, ସରାପାଲି ହାଇସ୍କୁଲରେ ୨୪୯, ସାଲେଭିପ ହାଇସ୍କୁଲ କୁଞ୍ଜାମୁରାରେ ୧୪୧, କିସିଣ୍ଡା ହାଇସ୍କୁଲରେ ୨୦୨ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ଏଥିସହିତ ଜୁଜୁମୁରା ବ୍ଲକର ୨ଟି ପରୀକ୍ଷାକେନ୍ଦ୍ର ଏହି ନୋଡାଲ ସେଣ୍ଟର ଅଧୀନରେ ରହିଛି। ଜୁଜୁମୁରା ହାଇସ୍କୁଲରେ ୧୭୯ ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିବା ବେଳେ ନୂତନ କେନ୍ଦ୍ର କେଜିଏମଏନ ମହୁଲପାଲି ସେଣ୍ଟରରେ ୨୨୭ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ରେଢ଼ାଖୋଲ ବ୍ଲକ ଓ ଏନଏସିର ୧୨୫୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଉଥିବା ବେଳେ ନାଙ୍ଖିଦେଉଳ ବ୍ଲକର ୯୭୫ ଜଣ ଓ ଜୁଜୁମୁରାର ୨ଟି କେନ୍ଦ୍ରରେ ୪୦୬ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। ମେଟ୍ରିକ ପରୀକ୍ଷା ପାଇଁ ୧୬ ଜଣ ଅଧୀକ୍ଷକ ଓ୧୯୩ ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ପୂର୍ବରୁ ନୋଡାଲ ସେଣ୍ଟରକୁ ପରୀକ୍ଷା ପ୍ରଶ୍ନପତ୍ର ପହଞ୍ଚିଥିବା ବେଳେ ଶୁକ୍ରବାର ସକାଳେ ପୋଲିସ ସୁରକ୍ଷାରେ ପରୀକ୍ଷାକେନ୍ଦ୍ର ଗୁଡିକୁ ପ୍ରଶ୍ନପତ୍ର ପହଞ୍ଚାଇ ଦିଆଯାଇଥିଲା।

ରେଙ୍ଗାଲି ବ୍ଲକର ୪ ପରୀକ୍ଷା କେନ୍ଦ୍ରରେ ୭୫୫ ଛାତ୍ରୀଛାତ୍ର

ରେଙ୍ଗାଲି, (ଡି.ଏନ.ଏ.)– ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ନୂଆଁରମ୍ପେଲା ନୋଡାଲ ଉଚ୍ଚ ବିଦ୍ୟାଳୟକୁ ନୋଡାଲ ସେଣ୍ଟର କରାଯାଇଛି । ବ୍ଲକରେ ମୋଟ ୪ଟି ପରୀକ୍ଷା କେନ୍ଦ୍ର ହୋଇଛି । ନୂଆଁରମ୍ପେଲା ନୋଡାଲ ଉଚ୍ଚ ବିଦ୍ୟାଳୟରେ ୨୩୯ ଜଣ ଛାତ୍ରୀଛାତ୍ର, ଲପଙ୍ଗା ଉଚ୍ଚ ବିଦ୍ୟାଳୟରେ ୧୯୧ ଜଣ ଛାତ୍ରୀଛାତ୍ର, କତରବଗା ଉଚ୍ଚ ବିଦ୍ୟାଳୟରେ ୧୪୭ ଜଣ ଛାତ୍ରୀଛାତ୍ର ଏବଂ ଲଇଡା ଉଚ୍ଚ ବିଦ୍ୟାଳୟରେ ୧୭୮ ଜଣ ଛାତ୍ରୀଛାତ୍ର ଏହିପରି ରେଙ୍ଗାଲି ବ୍ଲକରେ ମୋଟ ୭୫୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି ।

ବାମରା ବ୍ଲକର ୧୧ ସେଣ୍ଟର ପରୀକ୍ଷା ଦେଲେ ୧୪୩୮ ଛାତ୍ରୀଛାତ୍ର, ୩୫ ଅନୁପସ୍ଥିତ

ବାମରା, (ସ୍ୱ.ପ୍ର.)– ବାମରା ବ୍ଲକରେ ପ୍ରଥମ ଦିନ ୧୧ଟି ପରୀକ୍ଷା କେନ୍ଦ୍ରରେ ମୋଟ ୧୪୮୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୩୫ଜଣ ଅନୁପସ୍ଥିତ ରହିଥିବା ଜଣାପଡିଛି । ପରୀକ୍ଷାକୁ ସୁଚାରୁ ଭାବେ ସଂଚାଳନ କରିବା ପାଇଁ ତହସିଲଦାର ଅନୀଲ କୁଲୁ, ବିଡିଓ ସୁଶୀଲ କୁଜୁର ଓ ବିଇଓ ନରେନ୍ଦ୍ର ପଟେଲଙ୍କ ତତ୍ତ୍ୱାବଧାନରେ ସ୍କାର୍ଡ ଗଠନ କରାଯାଇ ବିଭିନ୍ନ ପରୀକ୍ଷା କେନ୍ଦ୍ରଗୁଡିକ ନିରକ୍ଷଣ କରାଯାଉଛି । ପରୀକ୍ଷା କେନ୍ଦ୍ରରେ କୌଣସି ଅପ୍ରୀତିକର ଘଟଣାକୁ ଏଡେଇବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ମଧ୍ୟ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ୧୦ଟି ପରୀକ୍ଷା କେନ୍ଦ୍ରରେ ୧୪୧୮ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୩୯୧ ଜଣ ନିୟମିତ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୨୭ଜଣ ଅନୁପସ୍ଥିତ ରହିଥିଲେ । ସେହି ଭଳି ବାମରା ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ମୁକ୍ତ ବିଦ୍ୟାଳୟ ମାଧ୍ୟମରୁ ୧୦୦ ଜଣଙ୍କ ମଧ୍ୟରୁ ୯୨ଜଣ ଉପସ୍ଥିତ ରହି ପରୀକ୍ଷା ଦେଇଥିବା ନେଇ ବାମରା ବିଇଓ ନରେନ୍ଦ୍ର ପଟେଲ ସୂଚନା ଦେଇଛନ୍ତି।

ଅଘୋଷିତ ବିଦ୍ୟୁତ୍ କାଟ୍ ବିରୋଧରେ ମଶାଲ ଶୋଭାଯାତ୍ରା

ସମ୍ବଲପୁର, ୨୨।୨ (ବ୍ୟୁରୋ)

ଅଘୋଷିତ ବିଦ୍ୟୁତ କାଟ ବିରୋଧରେ ଶୁକ୍ରବାର ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଜିଲା କଂଗ୍ରେସ କାର୍ଯ୍ୟାଳୟରୁ ରାତି ୭ଟାରେ ନେତା ଓ କର୍ମୀମାନେ ରାଲିରେ ସହର ପରିକ୍ରମା କରିଥିଲେ । ସଂପ୍ରତି ରାଜ୍ୟରେ ସିବିଏସଇ ଦ୍ୱାଦଶ ପରୀକ୍ଷା ପୂର୍ବରୁ ଆରମ୍ଭ ହୋଇଛି । ଅପରପକ୍ଷେ ଓଡିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପରିଚାଳିତ ମାଟ୍ରିକ ପରୀକ୍ଷା, ମଧ୍ୟମା ଓ ମୁକ୍ତ ବିଶ୍ୱବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଏବଂ ଆଇସିଏସଆଇ ଦଶମ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି । କିନ୍ତୁ ପରିତାପର ବିଷୟ ଯେ, ହୀରାକୁଦ ଜଳ ଭଣ୍ଡାର ତଳେ ଐତିହାସିକ ସମ୍ବଲପୁର ସହର ରହିଛି । ଏହି ସହର ବର୍ଷତମାମ ଅଘୋଷିତ ବିଦ୍ୟୁତ କାଟର ସମ୍ମୁଖିନ ହେଉଛନ୍ତି । ତେଣୁ ଆଗକୁ ଏହି ଧାରା ଜାରି ରହିଲେ ଜିଲା କଂଗ୍ରେସ ଆନ୍ଦୋଳନ ଦୁର୍ବାର କରିବ ବୋଲି ଚେତାବନୀ ଦେଇଛନ୍ତି । ସେମାନେ ବିଦ୍ୟୁତ ବିଭାଗ ଓ ରାଜ୍ୟ ସରକାରଙ୍କୁ ଚେତାବନୀ ଦେବା ଉଦ୍ଦେଶ୍ୟରେ ପ୍ରତିକାତ୍ମକ ଭାବେ ମଶାଲ ଜଳାଇ ରାଲିରେ ସାମିଲ ହୋଇଥିଲେ । ଜିଲା କଂଗ୍ରେସ ସଭାପତି ଅଶ୍ୱିନୀ ଗୁରୁଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସୁତାପା ମିତ୍ର, ଦୁର୍ଗା ପାଢ଼ୀ, ଆସଫ ଅଲ୍ଲି ଖାନ୍, ସୁଧିର ପଣ୍ଡା, ଲାଲମୋହନ ସାଠିଆ, ରେଙ୍ଗାଲି ପୂର୍ବତନ ବିଧାୟକ ଦୁର୍ଯ୍ୟଧନ ଗର୍ଡିଆ, ନିରଞ୍ଜନ ତ୍ରିପାଠୀ, ବିଜୟ ଭୁୟାଁ, ଜୁଲଫିକର୍ ଅଲ୍ଲିଭୁଟୋ, ଜୟରାମ ବନିଆଁ, ଆଶୁତୋଷ ସ୍ୱାଇଁ, ସଞ୍ଜୟ ଛୁରିଆ, ପ୍ରଶାନ୍ତ ସାହୁ, ବିଜୟଲକ୍ଷ୍ମୀ ବେହେରା, ରେଣୁ କରିମ ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ ।

ଶୁକ୍ରବାର ସମ୍ବଲପୁର ଜିଲା କଂଗ୍ରେସ ଆୟୋଜିତ ମଶାଲ ରାଲି ।

ସରାପାଲି କେଜିବିଭିର ବାର୍ଷିକ ଉତ୍ସବ

ନାକଟିଦେଉଳ, ୨୨।୨ (ଡି.ଏନ.ଏ.) ନାକଟିଦେଉଳ ବ୍ଲକ ସରାପାଲି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ସରାପାଲି ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଭୀମସେନ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ସମ୍ବଲପୁର ଡିପିସି କଳ୍ପନା ପଣ୍ଡା ମୁଖ୍ୟ ଅତିଥି, ବ୍ଲକ ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ ମୁଖ୍ୟବକ୍ତା, ସରାପାଲି ଏମଇ ସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ଗୋପୀନାଥ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଥିଲେ। ଭଲ ପାଠପଢି ସୁନାଗରିକ ହୋଇ ଦେଶ ତଥା ଜାତିର ଗୌରବକୁ ଆଗକୁ ନେବାକୁ ଛାତ୍ରଛାତ୍ରୀଙ୍କୁ ଅତିଥି ପରାମର୍ଶ ଦେଇଥିଲେ। କେଜିବିଭିର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରମ୍ଭା ସ୍ୱାଇଁ ବିବରଣୀ ପାଠ କରିଥିଲେ ।ଶେଷରେ ଦିବ୍ୟକାନ୍ତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ଗୋଗୁଆରେ ହରିବଂଶ, ରାମାୟଣ ପୂଜା

ନାକଟିଦେଉଳ,୨୨।୨(ଡି.ଏନ.ଏ.) ରେଙ୍ଗାଲି ବହୁମୁଖୀ ଜୋଜନାରେ ବାସଚ୍ୟୁତ ନାକଟିଦେଉଳ ବ୍ଲକର ଗୋଗୁଆ ଗ୍ରାମରେ ଦୁଇଦିନ ଧରି ଚାଲିଥିବା ହରିବଂଶ ଓ ରାମାୟଣ ପୂଜା ଉଦ୍‌ଯାପିତ ହୋଇଯାଇଛି। ପ୍ରତାପ କୁମାର ସାହୁଙ୍କ ପରିଚାଳନାରେ ମହୋତ୍ସବ ଆୟୋଜିତ ହୋଇଥିଲା।

ଓପେପାର ଧର୍ମଘଟ: ସମ୍ବଲପୁର କର୍ମଚାରୀ, ଅଧିକାରୀ ସାମିଲ

ସମ୍ବଲପୁର, ୨୨।୨ (ବ୍ୟୁରୋ)

ଓଡିଶା ମାଧ୍ୟମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ କର୍ମଚାରୀ ସେବା ସଂଘ ସ୍ଥାୟୀ ନିଯୁକ୍ତି ଦାବିରେ ଗତ ୪ ତାରିଖରୁ ଭୁବନେଶ୍ୱରଠାରେ ଆନ୍ଦୋଳନ କରୁଛନ୍ତି। ଏଥିରେ ସମ୍ବଲପୁର କର୍ମଚାରୀମାନେ ସାମିଲ ହୋଇଛନ୍ତି । ସୂଚନାଯୋଗ୍ୟ ଯେ, ଓପେପା ଅଧୀନରେ କାର୍ଯ୍ୟରତ ବିଭିନ୍ନ ବର୍ଗର ୧୨ଶହ କର୍ମଚାରୀ, ସହକାରୀ ନିର୍ଦ୍ଦେଶକ, ବରିଷ୍ଠ ବୈଷୟିକ ପରାମର୍ଶଦାତା, ବିତ୍ତଅଧିକାରୀ, ଅର୍ଥ ପରାମର୍ଶଦାତା, ଶୈକ୍ଷିକ ସଂଯୋଜକ, ବାଳିକା ଶିକ୍ଷା ସଂଯୋଜକ, ଆଦିବାସୀ ଶିକ୍ଷା ସଂଯୋଜକ, ଯୋଜନା ସଂଯୋଜକ, ତଥ୍ୟ ପରିଚାଳନା ସଂଯୋଜକ, ଅନ୍ତଃ ନିବେଶ ଶିକ୍ଷା ସଂଯୋଜକ, କ୍ଷୀପ୍ର ଲିଖକ, ଆକାଉଣ୍ଟଣ୍ଟ, କ୍ୟାସିୟର୍, ଅଫିସ ଆସିଷ୍ଟାଣ୍ଟ, ପ୍ରୋଗ୍ରାମ ଆସିଷ୍ଟାଣ୍ଟ, ଡାଟା ଏଣ୍ଟ୍ରି ଅପରେଟର୍ ଓ ବିଭିନ୍ନ ଚତୁର୍ଥ ଶ୍ରେଣୀ କର୍ମଚାରୀ ଦୀର୍ଘ ୨୨ ବର୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟ କରି ଆସୁଛନ୍ତି। ରାଜ୍ୟର ଜରୁରୀ ପରିସ୍ଥିତି ବନ୍ୟା, ବାତ୍ୟା ଓ ନିର୍ବାଚନ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ଅତି ନିଷ୍ଠାର ସହ ସମ୍ପାଦନା କରି ଆସୁଛନ୍ତି। କିନ୍ତୁ ପରିତାପର ବିଷୟ ଯେ, ଏ ପର୍ଯ୍ୟନ୍ତ ଚାକିରିର ସ୍ଥାୟିତ୍ୱ ପ୍ରତି ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଅପରପକ୍ଷେ ସ୍କୁଲ ନିର୍ମାଣ ରକ୍ଷଣ ବେକ୍ଷଣ ଓ ଉନ୍ନତିକରଣ ସକାଶେ ବ୍ୟବସ୍ଥିତ ଅର୍ଥକୁ ଅନ୍ୟ ବିଭାଗକୁ ସ୍ଥାନାନ୍ତରଣ କରି କାର୍ଯ୍ୟରତ ୩ଶହରୁ ଉର୍ଦ୍ଧ୍ୱ ଇଞ୍ଜିନିୟରମାନଙ୍କ ଭବିଷ୍ୟତକୁ ଅନିଶ୍ଚିତତା ଭିତରକୁ ଠେଲି ଦେବା, ସମସ୍ତ କାର୍ଯ୍ୟରତ କର୍ମଚାରୀ ଷଷ୍ଠ ବେତନ ଅନୁଯାୟୀ ଦରମା ପାଉଥିବା ବେଳେ ସେମାନଙ୍କୁ ସପ୍ତମ ବେତନ କମିଶନ ସୁପାରିଶ ଅନୁଯାୟୀ ଦରମା ଦେବାରୁ ବଞ୍ଚିତ କରାଯାଇଥିବା ପ୍ରଭୃତି ଦାବି ରହିଛି ।

ଲାଇବ୍ରେରୀ ଶୀର୍ଷକ ଜାତୀୟ ସମ୍ମାନ ଉଦଘାଟିତ

ପୁସ୍ତକ ଲାଇବ୍ରେରୀର ମହତ୍ତ୍ୱ ସଦା ଅକ୍ଷୁଣ୍ଣ ରହିବ

ସମ୍ବଲପୁର, ୨୨।୨ (ବ୍ୟୁରୋ)

ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପକ୍ଷରୁ ଦୁଇଦିନିଆ ଜାତୀୟ ସମ୍ମାନ ଶୁକ୍ରବାର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଉଦ୍‌ଘାଟିତ ହୋଇଛି । ଲାଇବ୍ରେରୀର ଅଧ୍ୟକ୍ଷ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା । ଓଡ଼ିଶା ଯୋଜନା ବୋର୍ଡ଼ର ସଦସ୍ୟ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ରବିନାରାୟଣ ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥ

ସଂକ୍ଷେପରେ

ଜୁଆ ଆଡ୍ଡାରୁ ୩ ଗିରଫ

ସମ୍ବଲପୁର,୨୨।୨(ବ୍ୟୁରୋ)- ସମ୍ବଲପୁର ଅଇଁଠାପାଲି ପୋଲିସ ଗୁରୁବାର ରାତିରେ ଏକ ଜୁଆ ଆଡ୍ଡାରେ ଚଢ଼ାଉ କରି ୩ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଅଇଁଠାପାଲି ଥାନା ଅନ୍ତର୍ଗତ ରାମଗଡ ପଡାର କୃଷ୍ଣ ରଣା (୩୪), ଗୁରୁଦେବ ସାଲମା (୨୬) ଓ ରବି ସାହୁ (୫୭)। ସେମାନଙ୍କ ନାମରେ କେସ ନଂ. ୬୬/୧୯ ଆଇପିସି ୩୪ପିଜି ଆକ୍ଟରେ ମାମଲା ରୁଜୁ ହୋଇଛି । ସେମାନଙ୍କଠାରୁ ୧୨ଶହ ୮୦ଟଙ୍କା ଓ ୫୨ଟି ତାସ ଜବତ କରାଯାଇଛି ।

ଟ୍ରେନ୍ ଆଗକୁ ଡେଇଁପଡ଼ିଲେ ଯୁବକ

ବାମରା, ୨୨।୨ (ସ୍ୱ.ପ୍ର.)- ବାମରା- ଧାରୁଆଡିହି ରେଳଖଣ୍ଡ ମଧ୍ୟ ମୁଣ୍ଡାଡ଼ିପା ପାଖରେ ଟ୍ରେନ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଏ ପର୍ଯ୍ୟନ୍ତ ତାଙ୍କ ପରିଚୟ ମିଳିପାରିନାହିଁ। ସେ ଆତ୍ମହତ୍ୟା କରିଥିବା ନେଇ ପୋଲିସ୍ ସନ୍ଦେହ କରୁଛି । ସୂଚନା ଅନୁସାରେ ଗୁରୁବାର ରାତି ପ୍ରାୟ ସାଢ଼େ ୧୧ଟାରେ ବାମରା ରେଳ ଷ୍ଟେଶନରୁ ପ୍ରାୟ ୩ କି.ମି. ଦୂର ମୁଣ୍ଡାଡ଼ିପା ରେଳ ଲାଇନରେ ହାୱଡା- ସିରିଡିସାଇ ଏକ୍ସପ୍ରେସ (୨୨୮୯୪ ଅପ୍) ଧକ୍କାରେ ଏହି ଯୁବକଙ୍କ ମୃତ୍ୟୁ ଘଟିଥିଲା। ଟ୍ରେନ ଡ୍ରାଇଭର ବାମରା ରେଳ ଷ୍ଟେଶନକୁ ଜଣାଇଲା ପରେ ଜିଆରପି ଫାଣ୍ଡି ଅଧିକାରୀ ଉମେଶ ଚନ୍ଦ୍ର ଅହିର ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲେ । ଡ୍ରାଇଭରଙ୍କ ସୂଚନା ଅନୁସାରେ ଯୁବକ ଜଣଙ୍କ ରେଳ ଲାଇନ କଡ଼ରେ ଠିଆ ହୋଇଥିବା ବେଳେ ହଠାତ୍ ଟ୍ରେନ ସମ୍ମୁଖକୁ ଡେଇଁ ପଡିଥିଲେ । ପ୍ରାଥମିକ ତଦନ୍ତରୁ ଏହା ଏକ ଆତ୍ମହତ୍ୟା ବୋଲି ପୋଲିସ ଅନୁମାନ କରୁଛି । ଝାରସୁଗୁଡା ଜିଆରପି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି ।

OFFICE OF THE ENGINEER-IN-CHIEF (CIVIL), ODISHA NIRMAN SOUDHA, UNIT-V, BHUBANESWAR
ଓଡ଼ିଶା ସରକାର
No.1301-B
INVITATIONS FOR BIDS (IFB)
e-mail id-cebuildings_orissa@yahoo.co.in / cebuildings@rediffmail.com / Tel- (0674)-2391523
Fax- (0674)-2395245
File No-B-III-SS&EPD - 03/2017 (pt) 9212 / Bhubaneswar, Date: 20.02.2019
Invitation for Bids
Bid Identification No. CE (B)- 47 / 2018-19

1.	The Chief Engineer (Buildings) Odisha, Bhubaneswar on behalf of Governor of Odisha, invites percentage rate bids in double cover system in ONLINE MODE only, for Construction of Building works as detailed below.		
2.	Nature of work	:	Bulding work (Composite work)
3.	: No. of work		02 Nos.
4.	Bid Cost	:	Rs.10,000/- per each
5.	Class of Contractor	:	Super Class
6.	Availablity of Bid documents in the website	:	From dt.28.02.2019 to 17.00 hours of dt.20.03.2019
7.	date of opening of Bid	:	Dt.23.03.2019 at 11.30 AM.
8.	The Bidders have to participate in ONLINE biddng only. Further details can be seen from the website: **https://tendersodisha.gov.in.** Any addendum / Corrigendum / cancellation of tender can also be seen in the said website.		

Sd./- Chief Engineer (Buildings), Odisha, Bhubaneswar
34117/11/0214/1819

GOVERNMENT OF ODISHA
OFFICE OF THE EXECUTIVE ENGINEER PHULBANI (R&B) DIVISION, PHULBANI
e-mail-eeplbrb@gmail.com No.1304-B
INVITATIONS FOR BIDS (IFB)
'e'-Procurement Notice
Bid Identification No.EE-R&B-PLB-19-2018-19.

1. Name of the work : Building work-1 no.
2. Estimated Cost : Rs.53.67 lakhs
3. Period of Completion : As notified in Tender Call Notice.
4. Date & Time of availability of Bid documents in the portal : From 25.02.2019, 10.00 AM. to 06.03.2019, 5.00 PM.
5. Last date / time for receipt of bids in the portal : Up to 5.00 PM. of dated 06.03.2019.
6. Name and adderss of the O.I.T. : Executive Engineer, Phulbani (R&B) Division.

Further details can be seen from the website **www.tendersodisha.gov.in**
Corrigendum if any shall be published only in the above website.
Sd./- Executive Engineer, Phulbani (R&B) Division.
34066/11/0029/1819

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ
ଆମ ଭଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରଷ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅତଚନ, ଗୃହକ୍ଲେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୁ ଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସଂମ୍ପର୍କ କରନ୍ତୁ
9997928820

FINANCE
MAHALAXMI CREDIT SERVICES
Bank ଯଦି ଋଣ ବଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ ।
A to Z ସମସ୍ୟାର ସମାଧାନ ଘରେ ବସି ।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ ଜଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦିବି ମୁତାବକ ପୁରଷ୍କାର ।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ **Badrinnath Finance Company** ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
Regd. No. FEB/055876945/69745/REC office: 3rd Floor, DN, Enclave, Meerut, UP
H.O.- Plot No. 114/616, Devaraj Mohalla, Bangalore- 570001, Mob: 09650353144
M: 7894472652, 7750921738

Baba Kamal Khan
7th Time Gold Medalist
Jharsuguda, Odisha
୭ ଭଲମ ଜାଣିବାରେ ମାହିର
(ମୋହିନି ବଶୀକରଣ ଏବଂ ମୁଠକରଣୀ ସ୍ପେଶାଲିଷ୍ଟ)
ପ୍ରେମରେ ଧୋକା, ପତି-ପତ୍ନୀ କନ୍ଦଳ, ସଉତୁଣୀ ଓ ଶତ୍ରୁ ମୁକ୍ତି,ବିବାହରେ ବାଧା, ଗୃହକ୍ଲେଶ, ବ୍ୟବସାୟରେ ବାଧା, ପ୍ରେମ ବିବାହ,ଜୁଆ, ଭୁତ-ପ୍ରେତ ଇତ୍ୟାଦି ଘରେବସି ୭ ଘଣ୍ଟାରେ ସମାଧାନ
କାମ ନହେଲେ ମନଚାହାଁ ପୁରଷ୍କାର
7064890616

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଗାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

MORE SPACE • SAME PRICE * GST 5% Extra
TARIFF

For Single Day		For 7 Days		For 15 Days		For 30Days	
6×4	12×4	6×4	12×4	6×4	12×4	6×4	12×4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

LOAN
ଟଙ୍କା ନେଉନୁ - ଧୋକା ଦେଉନୁ
ଆଗେ କାମ - ପରେ ଦାମ୍
ଧନଲକ୍ଷ୍ମୀ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7248859942, 7248860817
SCO- 106, Second Floor, Vishal Tower, Cannaught Place, Delhi.

ଭାରତର ନଂ. 1
SATYAM FINANCE
ପଞ୍ଜୀକୃତ କମ୍ପାନୀରୁ ଘରେ ବସି ପାଆନ୍ତୁ
ଆଧାରକାର୍ଡ, ମାର୍କଶିଟ୍ ପ୍ରପର୍ଟି, ଗାଡ଼ି,ଗୃହ
ସମସ୍ତ ଋଣ ମାତ୍ର 4 ଘଣ୍ଟାରେ
ଖର୍ଚ୍ଚ କମ୍ପାନୀର ଆପୁଆଲ ଲେଟର ଆସିବା ପରେ
1% ସୁଧ - 40% ଛାଡ଼
ସରକାରୀ କର୍ମଚାରୀ/ମହିଳାଙ୍କ ପାଇଁ ବିଶେଷ ରିହାତି
07701890960, 09999153695 7
168, sector 30, jagatpura, jaipur (Rajasthan)

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ
(ଭୂ-ଅର୍ଜନ ଉପବିଭାଗ)
(ଭାରତ ସରକାର ରାଜପତ୍ର, ଅସାଧାରଣ ଭାଗ-୨, ଖଣ୍ଡ-୩ (ii)ରେ ପ୍ରକାଶ ନିମନ୍ତେ)
ଭାରତ ସରକାର (ସଡ଼କ ପରିବହନ ଓ ରାଜପଥ ମନ୍ତ୍ରାଳୟ)

ଅଧିସୂଚନା

ନୂଆଦିଲ୍ଲୀ- ତା୨୨।୧୧।୨୦୧୮

No. X-04:- କା.ଆ. ୫୮୫୬ (ଅ) କେନ୍ଦ୍ର ସରକାରଙ୍କ ଜାତୀୟ ରାଜପଥ ନିୟମ ୧୯୫୬ (୧୯୫୬ କା ୪୮) (ଯାହାକି ପରେ ଉକ୍ତ ଅଧିନିୟମ ରୂପେ ଗୃହୀତ)ର ଧାରା ୩(କ)ର ଉପଧାରା (୧) ଅର୍ପିତ କ୍ଷମତାର ପ୍ରୟୋଗପୂର୍ବକ ଏହାର ଆବଶ୍ୟକତା ପ୍ରତୀତ ହେବା ପରେ ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ଅଧିସୂଚନା ସଂଖ୍ୟା କା.ଆ. ୩୮୧୧, ତାରିଖ୍ ୧୧।୨୦୧୭ରିଖ ଯାହାକି ଭାରତ ସରକାର ରାଜପତ୍ର, ଅସାଧାରଣ ଭାଗ-II, ଖଣ୍ଡ-୩ ଉପଖଣ୍ଡ-(ii)ରେ ପ୍ରକାଶିତ କରାଯାଇଥିଲା ଯେ, ଓଡ଼ିଶା ରାଜ୍ୟ ଅନ୍ତର୍ଗତ କୋରାପୁଟ ଜିଲ୍ଲାର ଜାତୀୟ ରାଜପଥ-୨୬ (ପୁରୁଣା ରାଜପଥ-୪୩)ର ଜୟପୁର ସହର ବାହାର ଦେଇ ଯିବାକୁ ଥିବା ପ୍ରଧାନ ରାସ୍ତା (bye-pass road)ର ନିର୍ଦ୍ଦିଷ୍ଟ ଭୂଖଣ୍ଡ ନିର୍ମାଣ, (ପ୍ରଶସ୍ତୀକରଣ/୪ ଲେନ ଇତ୍ୟାଦି) ରକ୍ଷଣାବେକ୍ଷଣ, ପ୍ରବନ୍ଧନ ଓ ପରିଚାଳନା ଇତ୍ୟାଦି ସାର୍ବଜନୀନ ଉଦ୍ଦେଶ୍ୟରେ ଉକ୍ତ ଭୂମି ଅର୍ଜନର ଆବଶ୍ୟକତା ଘୋଷଣା କରାଯାଇଥିଲା । ଯାହାର ଏକ ସଂକ୍ଷିପ୍ତ ଭୂମିର ଅନୁସୂଚୀ ଉପରୋକ୍ତ ଉଦ୍ଦେଶ୍ୟରେ ଘୋଷଣାନାମାରେ ପ୍ରକାଶ ନିମନ୍ତେ ଅନ୍ତର୍ଭୁକ୍ତ କରାଯାଇଥିଲା ।

ଉପରୋକ୍ତ ଅଧିସୂଚନାର ସାର ଉକ୍ତ ଅଧିନିୟମର ଧାରା-୩ (କ)ର ଉପଧାରା (୩) ଅନୁଯାୟୀ ତା୧୫।୦୨।୨୦୧୮ରିଖରେ ଦୈନିକ ଖବରକାଗଜ ଯଥା ପ୍ରମେୟ ଏବଂ ସମାଜରେ ପ୍ରକାଶିତ କରାଯାଇଥିଲା ଏବଂ ଏଥିସମ୍ବନ୍ଧରେ ଆପତ୍ତି ଅଭିଯୋଗ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଗ୍ରହଣ କରାଯାଇ ଏବଂ ସେଗୁଡ଼ିକୁ ବିଚାରକୁ ନିଆଯାଇ, କ୍ଷମତାପ୍ରାପ୍ତ ଅଧିକାରୀ ଆପତ୍ତି ଅଭିଯୋଗକୁ ତର୍ଜମା କରି ଅଧିନିୟମ ଧାରା (ଘ)ର ଉପଧାରା (୧) ଅନୁଯାୟୀ କେନ୍ଦ୍ର ସରକାରଙ୍କୁ ବିବରଣୀ ପ୍ରଦାନ କରିଛନ୍ତି ।

ଅତଏବ, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଉକ୍ତ ରିପୋର୍ଟ ପ୍ରାପ୍ତ ହେବା ପରେ, କେନ୍ଦ୍ର ସରକାର ଉକ୍ତ ଅଧିନିୟମ ଧାରା ୩(ଘ)ର ଉପଧାରା (୧) ଦ୍ୱାରା ପ୍ରଦତ୍ତ କ୍ଷମତାର ପ୍ରୟୋଗ ପୂର୍ବକ ଘୋଷଣା କରିଅଛନ୍ତି ଯେ, ଉକ୍ତ ଅନୁସୂଚୀରେ ଉଲ୍ଲେଖିତ ଭୂମିର ଉପରଦର୍ଶିତ ପ୍ରୟୋଜନ ନିମନ୍ତେ ଅର୍ଜନ କରାଯାଇପାରେ । ପୁନଶ୍ଚ, ଉକ୍ତ ଅଧିନିୟମର ଧାରା ୩(ଘ)ର ଉପଧାରା (୨) ଅନୁଯାୟୀ କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଅଛି ଯେ, ଏହି ଅଧିସୂଚନା ରାଜପତ୍ରରେ ପ୍ରକାଶିତ ହେବା ପରେ ଉକ୍ତ ଅଧିସୂଚନାରେ ବର୍ଣ୍ଣିତ ଭୂମି ସମସ୍ତ ପ୍ରକାର ଦଖଲରୁ ମୁକ୍ତ ହୋଇ ପୂର୍ଣ୍ଣ ମାତ୍ରାରେ କେନ୍ଦ୍ର ସରକାରଙ୍କ ଦଖଲକୁ ଚାଲିଯିବ ।

ସ୍ୱା./- ଡେପୁଟି କଲେକ୍ଟର (ରାଜସ୍ୱ) ତଥା ଭୂ-ଅର୍ଜନ ଅଧିକାରୀ
(କ୍ଷମତାପ୍ରାପ୍ତ ଅଧିକାରୀ), କୋରାପୁଟ, ଜାତୀୟ ରାଜପଥ-୨୬, କୋରାପୁଟ ଜିଲ୍ଲା

ଅନୁସୂଚୀ

ଓଡ଼ିଶା ରାଜ୍ୟ ଅନ୍ତର୍ଗତ କୋରାପୁଟ ଜିଲ୍ଲାର ଜାତୀୟ ରାଜପଥ-୨୬ (ପୁରୁଣା ରାଜପଥ-୪୩)ର ଜୟପୁର ସହର ବାହାର ଦେଇ ଯିବାକୁ ଥିବା ପ୍ରଧାନ ରାସ୍ତା (bye pass road)ର ନିର୍ଦ୍ଦିଷ୍ଟ ଭୂଖଣ୍ଡ ନିର୍ମାଣ, (ପ୍ରଶସ୍ତୀକରଣ/୪ ଲେନ) ରକ୍ଷଣାବେକ୍ଷଣ, ପ୍ରବନ୍ଧନ ଓ ପରିଚାଳନା ଇତ୍ୟାଦି ସାର୍ବଜନୀନ ଉଦ୍ଦେଶ୍ୟରେ ଉକ୍ତ ଭୂ-ଅର୍ଜନର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

	ସର୍ଭେ ନଂ.	ଭୂମିର ପ୍ରକୃତି	ଭୂମିର କିସମ	କ୍ଷେତ୍ରଫଳ (ହେକ୍ଟର)	ରୟତଙ୍କ ନାମ
	୧	୨	୩	୪	୫
	ତାଲୁକ: ଜୟପୁର				
	ଗ୍ରାମ: ଘୁରୁଲି				
୧	୧	ସରକାରୀ	ନଦୀ	୦.୧୧୩	ଅବାଦ ଅଯୋଗ୍ୟ ଅନାବାଦି ୧
୨	୮୦	ରୟତି	ଡଙ୍ଗର-୨	୦.୧୯	ବୁଢୁ ପୁଡି ଆଦି ନାରାୟଣ ୮୦
୩	୮୨	ରୟତି	ଡଙ୍ଗର-୨	୦.୦୩୨	ବୁଢୁ ପୁଡି ଆଦି ନାରାୟଣ ୮୨
୪	୧୮୧	ରୟତି	ଡଙ୍ଗର-୨	୦.୬୪୭	କେଶବ ତେଲି, ଦୁଲଭ ତେଲି ୧୮୧
୫	୧୮୩	ରୟତି	ଡଙ୍ଗର-୨	୦.୦୨୪	କେ. ସୁକଶ୍ରୁ ବିକେସିଉ ରାଓ ପଟ୍ଟନାୟକ ୧୮୩
୬	୨୦୦	ରୟତି	ଡଙ୍ଗର-୨	୦.୪୦	ସୁଶୀଲା ଗୌଡ ୨୦୦
୭	୨୦୧	ରୟତି	ଧାନ-୩	୦.୧୦୯	ସୁଶୀଲା ଗୌଡ ୨୦୧
୮	୧୮୯	ରୟତି	ଧାନ-୨	୦.୦୪	ବୁଢୁ ପାଇକ ୧୮୯
୯	୧୮୯/୮୩୩	ରୟତି	ଧାନ-୩	୦.୦୨୮	ପରେଶ ପାଲ ୧୮୯/୮୩୩
୧୦	୧୮୫	ରୟତି	ଡଙ୍ଗର-୨	୦.୦୫୭	ଉମା ନାୟକ ୧୮୫
୧୧	୧୮୫/୩୦୦ /୫୪୨	ରୟତି	ଘରବାରି	୦.୦୧୬	ଲିଙ୍ଗରାଜ ପଣ୍ଡା, ବୀର ପଣ୍ଡା ୧୮୫/୩୦୦/୫୪୨
୧୨	୧୯୬/୨୯୮	ରୟତି	ଡଙ୍ଗର-୨	୦.୦୩୨	ଅଶୋକ ଚନ୍ଦ୍ର ବଳ ୧୯୬/୨୯୮
୧୩	୨୧୦	ରୟତି	ଡଙ୍ଗର-୨	୦.୨୨୩	ରୁଦ୍ର ପରଜା ୨୧୦
୧୪	୨୦୭	ରୟତି	ଡଙ୍ଗର-୨	୦.୩୭୬	ପ୍ରେମ ସିଂ ୨୦୭
୧୫	୨୦୮	ରୟତି	ଡଙ୍ଗର-୨	୦.୨୩୫	ପ୍ରେମ ସିଂ ୨୦୮
୧୬	୭୬	ରୟତି	ଡଙ୍ଗର-୨	୦.୫୦୬	ଗୋରୀ ପରଜାରୁଣୀ ୭୬
୧୭	୭୭	ରୟତି	ଡଙ୍ଗର-୨	୦.୧୩୮	ଗୋରୀ ପରଜାରୁଣୀ ୭୭
୧୮	୭୯	ରୟତି	ଧାନ-୩	୦.୧୨୧	ସଦନା ଖୋସ୍ଲା ୭୯
୧୯	୨୨୨	ରୟତି	ଡଙ୍ଗର-୨	୦.୧୮୨	ଲକ୍ଷଣ ମହାରଣା ୨୨୨
୨୦	୨୦୨	ରୟତି	ଧାନ-୩	୦.୦୦୮	କଳ୍ୟାଣୀ ରାୟ ୨୦୨
୨୧	୧୮୮	ସରକାରୀ	ରାସ୍ତା	୦.୨୧	ପରମ୍ବକ ୧୮୮
୨୨	୮୧	ରୟତି	ଧାନ-୩	୦.୧୮୬	ବୁଢୁପୁଡି ଆଦି ନାରାୟଣ ୮୧
୨୩	୨୨୩	ରୟତି	ଧାନ-୨	୦.୧୫୪	ରାଇ ପାଇଦିବେଲି ୨୨୩
୨୪	୨୨୪	ସରକାରୀ	ନଦୀ	୦.୧୦୧	ଅବାଦ ଅଯୋଗ୍ୟ ଅନାବାଦି ୨୨୪
୨୫	୨୨୫	ସରକାରୀ	ନଦୀ	୦.୧୫୪	ଅବାଦ ଅଯୋଗ୍ୟ ଅନାବାଦି ୨୨୫
୨୬	୧୮୨	ରୟତି	ଡଙ୍ଗର-୨	୦.୦୩୨	ପ୍ରେମ ସିଂ ୧୮୨
୨୭	୧୮୫/୩୦୦ /୩୮୨	ରୟତି	ଘରବାରି	୦.୦୪	ସଂଗ୍ରାମ କେଶରୀ ସାମଲ ୧୮୫/୩୦୦/୩୮୨
୨୮	୧୮୫/୩୦୦ /୬୦୯	ରୟତି	ଡଙ୍ଗର-୨	୦.୦୧୬	ଶିବରାମ ତ୍ରିପାଠୀ ୧୮୫/୩୦୦/୬୦୯
୨୯	୧୮୫/୩୦୦ /୬୧୦	ରୟତି	ଡଙ୍ଗର-୨	୦.୦୩୨	ବିଷ୍ଣୁପ୍ରିୟା ପଣ୍ଡା ୧୮୫/୩୦୦/୬୧୦
୩୦	୧୮୫/୩୦୦ /୬୧୧	ରୟତି	ଡଙ୍ଗର-୨	୦.୦୧୬	ପଦ୍ମାବତୀ ମିଶ୍ର ୧୮୫/୩୦୦/୬୧୧
୩୧	୧୮୫/୩୦୦	ରୟତି	ଡଙ୍ଗର-୨	୦.୦୮୧	ନଟବର ଗୌଡ ୧୮୫/୩୦୦
୩୨	୧୮୫/୩୦୦ /୩୮୧	ରୟତି	ଡଙ୍ଗର-୨	୦.୦୩୨	ସଞ୍ଜୁକ୍ତା ନାୟକ ୧୮୫/୩୦୦/୩୮୧
୩୩	୧୮୫/୩୦୦ /୬୦୭	ରୟତି	ଡଙ୍ଗର-୨	୦.୦୧୬	କିଶୋର ଚନ୍ଦ୍ର ତ୍ରିପାଠୀ ୧୮୫/୩୦୦/୬୦୭
୩୪	୨୦୬/୧	ରୟତି	ଧାନ-୨	୦.୦୩୨	ପ୍ରେମ ସିଂ ୨୦୬/୧
୩୫	୨୨୭/୧/୩୦୮	ରୟତି	ଡଙ୍ଗର-୨	୦.୦୪	ରାଇ ଶିବକିଶୋର ରାଓ ୨୨୭/୧/୩୦୮
୩୬	୧୯୫/୩୫୫	ରୟତି	ଧାନ-୨	୦.୦୬୧	ସୁଶୀଲ ହାଲଦାର ୧୯୫/୩୫୫
୩୭	୧୯୫/୩୪୧	ରୟତି	ଧାନ-୨	୦.୦୬୧	ଜୟଦେବ ପଟ୍ଟନାୟକ ୧୯୫/୩୪୧
୩୮	୧୯୫/୩୩୫ /୫୫୬	ରୟତି	ଘରବାରି	୦.୦୨	ସୁଶୀଲ ହାଲଦାର ୧୯୫/୩୩୫/୫୫

ପୁରୀ ବିଧାନସଭା ନିର୍ବାଚନ ମଣ୍ଡଳୀ

ଚର୍ଚ୍ଚା: ଭାଜପାରୁ ମହାଶ୍ୱେତା, କଂଗ୍ରେସରୁ ଯୁବ ଆଶାୟୀ

ହେମନ୍ତ ନାୟକ
ପୁରୀ ଅଫିସ,୨୨।୨

ପୁରୀ ଜିଲା ଅନ୍ତର୍ଗତ ୬ଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ପୁରୀ ଏକ ପ୍ରମୁଖ ନିର୍ବାଚନ ମଣ୍ଡଳୀ। ଗତ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଏହା ମହେଶ୍ୱର ମହାନ୍ତିଙ୍କ କବ୍‌ଜାରେ ରହିଆସିଛି। ପ୍ରମୁଖ ରାଜନୈତିକ ଦଳ ସେମାନଙ୍କ ପ୍ରାର୍ଥୀ ପରିବର୍ତ୍ତନ କରିଥିଲେ ମଧ୍ୟ ସଫଳତା ପାଇନାହାନ୍ତି। ହେଲେ ଏଥର ପଟ ପରିବର୍ତ୍ତନ ହେବାର ଚର୍ଚ୍ଚା ଜୋର୍ ଧରିଛି। ବିଗତ ୨ଟି ନିର୍ବାଚନ ଫଳାଫଳକୁ ଦେଖିଲେ ଦଳ ନୁହେଁ, ଜଣେ ବ୍ୟକ୍ତି ହିଁ ମହେଶ୍ୱରଙ୍କୁ ଟକ୍କର ଦେବାକୁ ଚେଷ୍ଟା କରୁଥିଲେ। ଏଥର ସେ ପୁରୀ ଜିଲାରୁ ମୁହଁ ଫେରାଇ କଟକ ଜିଲା ଆଠଗଡ଼ ମୁହାଁ ହୋଇଛନ୍ତି। ମହେଶ୍ୱରଙ୍କୁ ଗାଦିଚ୍ୟୁତ କରିବା ସହଜ ନୁହେଁ, କିନ୍ତୁ ପରିବର୍ତ୍ତନର ହ୍ୱାଓ୍ୱା ବହୁଥିବାରୁ ଏହାକୁ ବିରୋଧୀ ଠିକ୍ ଢଙ୍ଗରେ ଆଗେଇ ନେଲେ ସଫଳ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।

ଏହି ନିର୍ବାଚନମଣ୍ଡଳୀରେ ରହିଛି ପୁରୀ ସହର। ହେଲେ ସହରବାସୀ ସମସ୍ୟାରୁ କେବେ ମୁକୁଳି ପାରୁନାହାନ୍ତି। ବିଶେଷକରି ଡ୍ରେନେଜ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡିଛି। ସଚେତନ ନାଗରିକ ମଞ୍ଚ ସଭାପତି ପ୍ରସନ୍ନ କୁମାର ଦାଶ କହିଛନ୍ତି, ଅସରାଏ ବର୍ଷା ହେଲେ ନଳାପାଣିରେ ଉବୁଟୁବୁ ହେଉଛି ବଡ଼ଦାଣ୍ଡ। ଘରେ ଘରେ ପଶୁଛି ଡ୍ରେନ୍ ପାଣି। ଏହି ମନୁଷ୍ୟକୃତ ତ୍ରୁଟି ପାଇଁ ବିଗତ ଦିନରେ ମହାପ୍ରଭୁଙ୍କ ରଥ ବି ଗଡ଼ିଛି ନଳା ପାଣିରେ। ସେମିତି ନିର୍ବାଚନମଣ୍ଡଳୀରେ ସ୍ୱାସ୍ଥ୍ୟାବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ଜିଲା ସଦର ମୁଖ୍ୟ ଚିକିତ୍ସାଳୟରେ ଅଧାରୁ ଅଧିକ ପଦବୀ ଖାଲି। ଅଧିକାଂଶ ମେଶିନ ଅଚଳ। ଉପଯୁକ୍ତ ଭିତ୍ତିଭୂମି ଅଭାବରୁ ରୋଗୀଙ୍କୁ କଟକ, ଭୁବନେଶ୍ୱର ରେଫର କରିବାର ମାନସିକତା ଡାକ୍ତରଙ୍କ ମନରେ ବସା ବାନ୍ଧିଲାଣି। ସେହିପରି ଅଧିକାଂଶ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନାହାନ୍ତି ବୋଲି ଦାଶ କହିଛନ୍ତି। କୌଣସି ବଡ଼ ଶିଳ୍ପ କିମ୍ବା କାରଖାନା ନ ଥିବାରୁ ବେକାର ଯୁବତୀଯୁବକଙ୍କ ମଧ୍ୟରେ ଅସନ୍ତୋଷ ଲାଗିରହିଛି। ବିଭିନ୍ନ ସମୟରେ ଶ୍ରୀମନ୍ଦିରରେ ବିଭ୍ରାଟ ଏବଂ ବିଶୃଙ୍ଖଳା କେବଳ ଜିଲାକୁ ନୁହେଁ ରାଜ୍ୟକୁ ବି ବଦ୍‌ନାମ କରୁଛି। ହେଲେ ଏ ସବୁରୁ ଫାଇଦା ହାସଲ କରିବା ପାଇଁ ବିରୋଧୀ ଠିକ୍ ରଣନୀତି ପ୍ରସ୍ତୁତ କରିପାରୁନାହାନ୍ତି। ଫଳରେ ବିଜେଡି ଏକଚାଟିଆ ଭାବେ କ୍ଷମତା ଦଖଲ କରିଆସୁଛି ବୋଲି କୁହାଯାଉଛି।

ଆଗାମୀ ସାଧାରଣ ନିର୍ବାଚନରେ ବିଜେଡି ବିଧାୟକ ତଥା ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ପୁଣି ଟିକେଟ ପାଇବାକୁ ଦୃଢ ଆଶା ରଖିଛନ୍ତି। ଲଗାତର ୫ଥର ସେ ବିଧାନସଭାକୁ ଜିତି ଆସିଛନ୍ତି। ସେ ଗତ ନିର୍ବାଚନରେ ୭୬,୭୬୦ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ଉମାବଲ୍ଲଭ ରଥ ୪୨,୦୩୯ ଖଣ୍ଡ ଭୋଟ ପାଇଥିଲେ। ମହେଶ୍ୱର ୩୪,୭୨୧ ଅଧିକ ଭୋଟ ପାଇ ବିଜୟୀ ହୋଇଥିଲେ। ଏଥର ପୁଣି ଭାଜପାରୁ ପ୍ରାର୍ଥୀ ହେବାକୁ ଆଶାୟୀ ଥିବା କୃଷ୍ଣଚନ୍ଦ୍ର ପଣ୍ଡା ୧୭,୫୬୦ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ୨୦୦୯ ନିର୍ବାଚନକୁ ଦୃଷ୍ଟି ଦେଲେ ମହେଶ୍ୱର ୬୧,୩୨୮ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଉମାବଲ୍ଲଭ ରଥ ଭାଜପା ଟିକେଟ୍‌ରୁ ଲଢ଼ି ୪୭,୯୩୪ ଭୋଟ ପାଇଥିଲେ। କଂଗ୍ରେସର ଉତ୍ତମ ଆଚାର୍ଯ୍ୟ ୬,୮୩୨ ଭୋଟ ପାଇଥିଲେ। ତେବେ ଏଥିରୁ ସ୍ପଷ୍ଟ ହେଉଛି ମହେଶ୍ୱରଙ୍କ ସହିତ ଉମାବଲ୍ଲଭ ହିଁ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। କାରଣ ୨୦୦୯ରେ ଉମାବଲ୍ଲଭ ଭାଜପାରୁ ପ୍ରାର୍ଥୀ ହୋଇଥିଲେ। ସେତେବେଳେ ସେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ୨୦୧୪ରେ ସେ କଂଗ୍ରେସରୁ ପ୍ରାର୍ଥୀ ହୋଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ୨୦୦୯ରେ ଭାଜପା ୪୭,୯୩୪ ଭୋଟ ଭାଜପା ପାଇଥିବା ବେଳେ ୨୦୧୪ରେ ଭାଜପା ୧୭,୫୬୦ ପାଇ ତୃତୀୟରେ ଥିଲା।

ଏଥର ଉମାବଲ୍ଲଭ ଆଠଗଡ଼ରୁ କଂଗ୍ରେସର ପ୍ରାର୍ଥୀ ହେବା ଏକପ୍ରକାର ନିଶ୍ଚିତ। ହେଲେ ବିଜେଡି ଟିକେଟକୁ ନେଇ ଏଥର ଅନ୍ୟ କେହି ଆଶାୟୀ ଆଗକୁ ଆସିନାହାନ୍ତି। ଏ ସମ୍ପର୍କରେ ମହେଶ୍ୱରଙ୍କୁ ପଚରାଯିବାରୁ ତାହା ଦଳ ନିଷ୍ପତ୍ତି ନେବ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁରୀ ଲୋକ ସଭା ଆସନରୁ ଲଢିବା ନେଇ ହେଉଥିବା ଚର୍ଚ୍ଚା ସମ୍ପର୍କରେ ପଚରାଯିବାରୁ ବିଜେଡି ଏଥିପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି, ଯିଏ ଠିଆ ହୁଅନ୍ତୁ କୌଣସି ଫରକ୍ ପଡିବ ନାହିଁ ବୋଲି ମହେଶ୍ୱର କହିଛନ୍ତି।

ଅନ୍ୟପକ୍ଷରେ ପୁରୀ ବିଧାନସଭା ନିର୍ବାଚନ ପାଇଁ ଭାଜପାର ୩ ଆଶାୟୀ ପ୍ରାର୍ଥୀଙ୍କ ନାଁ ଏବେ ଦଳୀୟ ମହଲରେ ଚର୍ଚ୍ଚା ହେଉଛି। ସେମାନେ ହେଲେ ଅଭିନେତ୍ରୀ ମହାଶ୍ୱେତା ରାୟ, କୃଷ୍ଣଚନ୍ଦ୍ର ପଣ୍ଡା ଏବଂ ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର। ମହାପାତ୍ର କହିଛନ୍ତି, ସାଢ଼େ ୫ ବର୍ଷ ହେବ ଜିଲା ସଭାପତି ଭାବେ ସେ ଦାୟିତ୍ୱ ତୁଲାଇ ଆସିଛନ୍ତି। ଦଳ ଯେତେବେଳେ ଯାହା ନିର୍ଦ୍ଦେଶ ଦେବ ତାହାକୁ ସେ ପାଳନ କରିବେ। ସେହିପରି ଗତ ନିର୍ବାଚନରେ ଭାଜପା ପ୍ରାର୍ଥୀ ହୋଇଥିବା କୃଷ୍ଣଚନ୍ଦ୍ର ପଣ୍ଡା ଦଳୀୟ କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କ ନିକଟରେ ପହଞ୍ଚିବାକୁ ପ୍ରୟାସ ଜାରି ରଖିଛନ୍ତି। ସେ କହିଛନ୍ତି, ଦଳ ଯେତେବେଳେ ଯେଉଁ ଦାୟିତ୍ୱ ଦେଇଛି ଜଣେ ଶୃଙ୍ଖଳିତ କର୍ମୀ ଭାବେ ସେ ତାହା କରିଆସିଛନ୍ତି। କାହାକୁ ଟିକେଟ ମିଳିବ ନ ମିଳିବ ତାହା ଦଳର ପାର୍ଲମେଣ୍ଟ ବୋର୍ଡ ନିଷ୍ପତ୍ତି ନେବ। କେହି ଆଶା କରିବା କିଛି ଖରାପ ନୁହେଁ। କିନ୍ତୁ ଦଳରେ ଗୋଷ୍ଠୀ କନ୍ଦଳ ଥିବା ଯାହା ଚର୍ଚ୍ଚା ହେଉଛି ତାହା ଭୁଲ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ଦଳୀୟ ସୂତ୍ରରୁ ମହାଶ୍ୱେତାଙ୍କ ନାଁ ମଧ୍ୟ ଚର୍ଚ୍ଚାରେ ରହିଛି। ଏନେଇ ମହାଶ୍ୱେତା କହିଛନ୍ତି, ଯାହା ଚର୍ଚ୍ଚା ହେଉଛି ତାହା ଚର୍ଚ୍ଚାରେ ଥାଉ। ମୋତେ ପାର୍ଟି ଅଫିସ୍‌ରୁ ଏ ନେଇ କୌଣସି ସୂଚନା ଦିଆଯାଇନାହିଁ। ଯଦି ଦଳ ମୋତେ କୌଣସି ଦାୟିତ୍ୱ ଦିଏ ତେବେ ନିଶ୍ଚିତ ତାହାକୁ ତୁଲାଇବି।

ଅନ୍ୟପକ୍ଷରେ ୩୦ ବର୍ଷରୁ ଊର୍ଦ୍ଧ୍ୱ ହେବ କଂଗ୍ରେସ ଏଠାରେ ଉଠିପାରୁନି। ୧୯୮୦ରୁ ୮୫ ପର୍ଯ୍ୟନ୍ତ କଂଗ୍ରେସର ଗଦାଧର ମିଶ୍ର ବିଧାୟକ ହୋଇଥିଲେ। ଏହା ପରଠୁ ଏହି ଜାତୀୟ ଦଳର ସ୍ଥିତିରେ ସୁଧାର ଆସୁନାହିଁ। ବିଶେଷକରି ନିର୍ବାଚନମଣ୍ଡଳୀ ବାସିନ୍ଦାଙ୍କ ସହ ସମ୍ପର୍କ ନ ଥିବା ଲୋକଙ୍କୁ ଏଠାରୁ ପ୍ରାର୍ଥୀ କରାଯାଉଥିବାରୁ ଦଳ ସଙ୍ଗଠିତ ହୋଇପାରୁନି ବୋଲି କର୍ମୀ କହୁଛନ୍ତି। କିନ୍ତୁ ଏଥର ନିର୍ବାଚନ ଲଢିବା ପାଇଁ କଂଗ୍ରେସର ଲମ୍ବା ଆଶାୟୀ ରହିଛନ୍ତି। ଯୁବନେତା ଅରୋପ୍ରସାଦ ମିଶ୍ର, ପିସିସି ମୁଖପାତ୍ର ବିନାୟକ ଦାସ ମହାପାତ୍ର, ବିଶ୍ୱଜିତ ମହାନ୍ତି, ସୁଜିତ ମହାପାତ୍ର ପ୍ରାର୍ଥୀ ହେବା ନେଇ ଆଶା ରଖିଛନ୍ତି। ବିନାୟକ ଦାସ ମହାପାତ୍ର କହିଛନ୍ତି, ୩୦ ବର୍ଷ ହେବ ଦଳର ଜଣେ ଶୃଙ୍ଖଳିତ କର୍ମୀ ଭାବେ କାମ କରିଆସିଛି। ଦଳ ମୋତେ ମୁଖପାତ୍ରର ଦାୟିତ୍ୱ ଦେଇଛି। ଟିକେଟ କାହାକୁ ମିଳିବ ତାହା ଦଳ ହିଁ ନିଷ୍ପତ୍ତି ନେବ। କିନ୍ତୁ ମୁଁ ଆଶା ରଖିଛି। ଅରୋପ୍ରସାଦ ମିଶ୍ର କହିଛନ୍ତି, ଯୁବ ପ୍ରାର୍ଥୀଙ୍କ ଉପରେ ରାହୁଲ ଗାନ୍ଧୀଙ୍କ ଫୋକସ ରହିଥିବାରୁ ଆଶାବାଦୀ ଅଛି। ୧୪ ବର୍ଷ ହେଲା ଯୁବ ଛାତ୍ର ସଙ୍ଗଠନରେ ଯୋଡ଼ି ହୋଇରହିଛି। ଛାତ୍ର କଂଗ୍ରେସର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ମଧ୍ୟ ରହିଥିଲି। ତେଣୁ ଟିକେଟ ପାଇଁ ଆଶା ରଖିଛି। ବିଶ୍ୱଜିତ ମହାନ୍ତି କହିଛନ୍ତି, ଉମାବଲ୍ଲଭଙ୍କ ସ୍ଥାନରେ ଏଠାରେ ଏଥର ଦଳ ଜଣେ ଯୁବ ଚେହେରାଙ୍କୁ ପ୍ରାର୍ଥୀ କରିବା ସମ୍ଭାବନା ରହିଛି। ତେଣୁ ଦଳର ଜଣେ ଯୁବ କର୍ମୀ ଭାବେ ମୁଁ ଟିକେଟ ପାଇବି ବୋଲି ଆଶା ରଖିଛି। ସୁଜିତ ମହାପାତ୍ର କହିଛନ୍ତି, ଦୀର୍ଘବର୍ଷ ହେଲା ଦଳ ସହିତ ରହିଆସିଛି। ଲୋକଙ୍କୁ ସାଙ୍ଗରେ ନେଇ ସଙ୍ଗଠନକୁ ଦୃଢ଼ କରିଛି। ନିର୍ମଳ ଭାବମୂର୍ତ୍ତି ଏବଂ ଯୁବ ଚେହେରାଙ୍କୁ ଦଳ ଚାହୁଁଥିବାରୁ ମୁଁ ଆଶାବାଦୀ। ଏମାନଙ୍କ ବ୍ୟତୀତ ଦଳ ଏବେ ବି ପୁରୀ ପାଇଁ ଅନ୍ୟ କେତେଜଣଙ୍କ ସହ ଯୋଗାଯୋଗରେ ଥିବା ଜଣାପଡ଼ିଛି। ନିର୍ବାଚନ ଯେତେ ପାଖଉଛି କଂଗ୍ରେସର ଅଙ୍କ ସେତେ ଜଟିଳ ହେବାରେ ଲାଗିଛି।

୨୦୧୪ ନିର୍ବାଚନର ଫଳାଫଳ

କ୍ର.ନ.	ପ୍ରାର୍ଥୀ	ଦଳ	ପାଇଥିବା ଭୋଟ
୧	ମହେଶ୍ୱର ମହାନ୍ତି	ବିଜେଡି	୭୬,୭୬୦
୨	ଉମାବଲ୍ଲଭ ରଥ	କଂଗ୍ରେସ	୪୨,୦୩୯
୩	କୃଷ୍ଣଚନ୍ଦ୍ର ପଣ୍ଡା	ଭାଜପା	୧୭,୫୬୦
୪	ସୁରେନ୍ଦ୍ର ନାଥ ଦାଶ	ଏସ୍‌କେଡି	୨,୫୦୪
୫	ଆଦିତ୍ୟ ହୃଦୟ ମିଶ୍ର	ଆପ୍	୧,୦୫୮
୬	ବାସନ୍ତୀ ଭୋଇ	ବିଏସ୍‌ପି	୯୨୧
୭	ଶ୍ରୀଧର ମିଶ୍ର	ଆମ ଓଡ଼ିଶା	୫୮୦
୮	ନୃସିଂହ ଚରଣ ଦାସ	ଟିଏମ୍‌ସି	୩୪୮
୯	ରାମଚନ୍ଦ୍ର ପ୍ରଧାନ	ସ୍ୱାଧୀନ	୩୩୧

ନିର୍ବାଚନମଣ୍ଡଳୀ ରୂପରେଖ

ପୁରୀ ପୌରାଞ୍ଚଳ, ସଦର ବ୍ଲକର ୧୯ ଏବଂ ଗୋପ ବ୍ଲକର ୩ଟି ପଞ୍ଚାୟତକୁ ନେଇ ନିର୍ବାଚନମଣ୍ଡଳୀର ସୀମା ନିର୍ଦ୍ଧାରଣ କରାଯାଇଛି। ୨୦୧୧ ଜନଗଣନା ଅନୁଯାୟୀ ନିର୍ବାଚନମଣ୍ଡଳୀର ମୋଟ ଜନସଂଖ୍ୟା ୩,୦୦,୫୪୮। ୨୦୧୯ ଭୋଟର ତାଲିକା ଅନୁଯାୟୀ ମତଦାତାଙ୍କ ସଂଖ୍ୟା ହେଉଛି ୨,୩୯,୪୩୧। ଏମାନଙ୍କ ମଧ୍ୟରେ ୧,୨୪,୫୩୭ ଜଣ ପୁରୁଷ, ୧,୧୪,୮୬୪ଜଣ ମହିଳା ଓ ଅନ୍ୟାନ୍ୟ ୩୦ଜଣ ଅଛନ୍ତି। ୨୦୧୪ ନିର୍ବାଚନରେ ମତଦାନ ହାର ୬୪.୭୩% ରହିଥିଲା। ବିଜେଡି ୫୩.୪୪% ଭୋଟ ପାଇଥିବା ବେଳେ କଂଗ୍ରେସ ୨୯.୨୭ ଏବଂ ଭାଜପା ୧୨.୨୩% ଭୋଟ ପାଇଥିଲା। ୨୦୦୯ ନିର୍ବାଚନରେ ମତଦାନ ହାର ଥିଲା ୫୭.୬୭%। ବିଜେଡି ୫୧.୫୮% ଭୋଟ ପାଇଥିବା ବେଳେ ଭାଜପା ୪୦.୩୨% ଏବଂ କଂଗ୍ରେସ ୫.୭୫% ଭୋଟ ପାଇଥିଲା।

ସଂକ୍ଷେପରେ

୩ ବର୍ଷର ଝିଅକୁ ବଳାତ୍କାର
ଅଭିଯୁକ୍ତ ନାବାଳକ କୋର୍ଟ ଚାଲାଣ

ମହାକାଳପଡା, ୨୨।୨ (ଡି.ଏନ୍.ଏ.): କେନ୍ଦ୍ରାପଡ଼ା ଜିଲା ଜମ୍ବୁ ମେରାଇନ ଥାନା ଅଞ୍ଚଳର ଜନୈକା ୩ବର୍ଷର ଝିଅକୁ ଗୁରୁବାର ସେହି ଅଞ୍ଚଳର ଜଣେ ନାବାଳକ(୧୫) ବଳାତ୍କାର କରିଛନ୍ତି। ପୀଡ଼ିତା ନାବାଳିକାଙ୍କୁ ଗୁରୁତର ଅବସ୍ଥାରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ନେଇ ପୀଡ଼ିତାଙ୍କ ବଡ଼ ମା' ଶୁକ୍ରବାର ଜମ୍ବୁ ମେରାଇନ୍ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ୧୦/୧୯ ନଂ.ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ନାବାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବୋଲି ଥାନା ଅଧିକାରୀ ରାମକୁମାର ମୁର୍ମୁ କହିଛନ୍ତି। ଅଭିଯୁକ୍ତ ନାବାଳକ ସ୍ଥାନୀୟ ଏକ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ର ବୋଲି ଜଣାପଡ଼ିଛି।

ଏମ୍‌ପି ତାପସ ପାଲ୍‌ଙ୍କ ପାସ୍‌ପୋର୍ଟ ରିଲିଜ ପାଇଁ ହାଇକୋର୍ଟଙ୍କ ଅନୁମତି

କଟକ ଅଫିସ,୨୨।୨: ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ ଏମ୍‌ପି ତାପସ ପାଲ୍‌ଙ୍କ ପାସ୍‌ପୋର୍ଟ ରିଲିଜ କରିବା ପାଇଁ ହାଇକୋର୍ଟ ଅନୁମତି ଦେଇଛନ୍ତି। ମାତ୍ର ଏ କ୍ଷେତ୍ରରେ ହାଇକୋର୍ଟ କେତେକ ସର୍ତ୍ତ ରଖିଛନ୍ତି। ଯେତେବେଳେ ଏମ୍‌ପି ବିଦେଶ ଯାତ୍ରା କରିବେ ସେତେବେଳେ ତାଙ୍କ ଯାତ୍ରା ସମ୍ବନ୍ଧରେ ନିମ୍ନ ଅଦାଲତଙ୍କୁ ଅବଗତ କରାଇବେ। ବିଚାରପତି ଜଷ୍ଟିସ ଜେ.ପି. ଦାସ ଏହି ମାମଲାର ଶୁଣାଣି କରି ଉପରୋକ୍ତ ଆଦେଶ ଦେଇଛନ୍ତି। ସୂଚନାଥାଉ କି, ରୋଜ୍‌ଭ୍ୟାଲି ଟିଟ୍‌ଫଣ୍ଡ ଲିଙ୍କ୍‌ରେ ସିବିଆଇ ପକ୍ଷରୁ ଏମ୍‌ପି ପାଲ୍‌ଙ୍କୁ ୨୦୧୬ ଡିସେମ୍ବର ୩୦ ତାରିଖରେ ଗିରଫ କରାଯାଇଥିଲା। ପରେ ପାଲ୍‌ଙ୍କୁ ଅଧିକ ପଚରାଉଚରା ନିମନ୍ତେ ଭୁବନେଶ୍ୱର ଅଣାଯାଇଥିଲା ଏବଂ ତାଙ୍କୁ ଝାରପଡ଼ା ଜେଲ୍‌ରେ ରଖାଯାଇଥିଲା। ତେବେ ଜାମିନ ନିମନ୍ତେ ପାଲ୍ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପାଲ୍‌ଙ୍କ ଜାମିନ ଆବେଦନର ଶୁଣାଣି କରି ହାଇକୋର୍ଟ ତାଙ୍କୁ ୨୦୧୮ ଫେବୃୟାରୀ ମାସରେ ଜାମିନ ପ୍ରଦାନ କରିଥିଲେ। ତେବେ ଗିରଫ ସମୟରେ ସିବିଆଇ ପକ୍ଷରୁ ଏମ୍‌ପି ପାଲ୍‌ଙ୍କ ପାସ୍‌ପୋର୍ଟ ଜବତ କରାଯାଇଥିଲା। ଉକ୍ତ ପାସ୍‌ପୋର୍ଟକୁ ସିବିଆଇଠାରୁ ମୁକୁଳାଇବା ପାଇଁ ଏମ୍‌ପି ପାଲ୍ ପୁନର୍ବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ମିଲନ କାନୁନ୍‌ଗୋ ମାମଲା ପରିଚାଳନା କରୁଥିଲେ।

ଆନ୍ଦୋଳନକୁ ଓହ୍ଲାଇଲା ଶୀତଳଭଣ୍ଡାର ସଂଘ

ଭୁବନେଶ୍ୱର,୨୨।୨(ବ୍ୟୁରୋ)

ଓଡ଼ିଶା ଶୀତଳଭଣ୍ଡାର ସଂଘ ପକ୍ଷରୁ ଶୁକ୍ରବାରଠାରୁ ବନ୍ଦ ଡାକରା ଦିଆଯାଇଛି। ରାଜ୍ୟରେ ଶୀତଳଭଣ୍ଡାରଗୁଡିକ ଅଚଳ ହେବା ପାଇଁ ୮ଟି ମୁଖ୍ୟ ପ୍ରସଙ୍ଗକୁ ଦାୟୀ କରାଯାଇଛି। ଏହି ପ୍ରସଙ୍ଗଗୁଡିକ ହେଉଛି– ଅଧିକ ପୁଞ୍ଜିନିବେଶ, ଉଚ୍ଚ ସୁଧ ବୋଝ, ବିଦ୍ୟୁତ୍ ଦେୟ, ଆଳୁ ମିଶନ ଫେଲ୍, ଲୋଡିଂ ସିଜନରେ ଅଧିକ ଯାତାୟାତ ଖର୍ଚ୍ଚ, ଷ୍ଟୋରେଜ୍ ଫାଇନାନ୍ସ ବିପକ୍ଷରେ ୱେର ହାଉସ ରିସିପ୍ଟ, ଅବକ୍ଷୟମୁଖୀ ଭଣ୍ଡାର କାର୍ଯ୍ୟକ୍ଷମ କରା ନ ଯିବା ଏବଂ ସ୍ଥାନୀୟ ଉତ୍ପାଦର ଅଭାବ। ଓଡ଼ିଶାରେ ମୁଖ୍ୟତଃ ଶୀତଳଭଣ୍ଡାରଗୁଡିକରେ ଆଳୁ ରଖାଯାଇଥାଏ। ତେଣୁ ଶୀତଳଭଣ୍ଡାର ସଂଘ ଆନ୍ଦୋଳନକୁ ଓହ୍ଲାଇଥିବାରୁ ଏହାର ଦର ପ୍ରଭାବିତ ହେବାର ଆଶଙ୍କା ରହିଛି। ଆଳୁ ବ୍ୟତୀତ ବିଟ୍, ଗାଜର, ଅଦା, ମହୁଲ ଏବଂ କିଛି ପରିମାଣର ଟମାଟୋ ଶୀତଳଭଣ୍ଡାରରେ ଗଚ୍ଛିତ ହୋଇଥାଏ। ତେଣୁ ଏ ସବୁର ଦର ପ୍ରଭାବିତ ହେବା ଆଶଙ୍କାଙ୍କୁ ମଧ୍ୟ ଏଡାଇ ଦିଆଯାଇ ନ ପାରେ। ତେଲକୋଇ ଭଳି ସ୍ଥାନରେ ଚାଷୀ ଅମଳ ଟମାଟୋକୁ ରାସ୍ତାରେ ଫିଙ୍ଗିଛନ୍ତି। ରାଜ୍ୟ ସମବାୟ ବିଭାଗ ତୁରନ୍ତ ସମସ୍ୟାର ସମାଧାନ ନ କଲେ ପରିସ୍ଥିତି ଭୟାନକ ହେବ ବୋଲି ଜଣାପଡିଛି। ଆଶ୍ଚର୍ଯ୍ୟର କଥା ଏହି ଯେ, ଶୀତଳଭଣ୍ଡାର ସଂଘ ଆନ୍ଦୋଳନକୁ ଓହ୍ଲାଇଥିଲେ ମଧ୍ୟ ସରକାର ନିଜଆଡୁ କଥାବାର୍ତ୍ତା ପାଇଁ ଆଗେଇ ଆସିନାହାନ୍ତି।

ରାଜ୍ୟର ଶୀତଳଭଣ୍ଡାରଗୁଡିକୁ କାର୍ଯ୍ୟକ୍ଷମ କରିବା ପାଇଁ ଏକାଧିକ ପ୍ରସ୍ତାବ ସଂଘ ପକ୍ଷରୁ ସରକାରଙ୍କ ନିକଟରେ ବାରମ୍ବାର ରଖାଯାଇଛି। ତନ୍ମଧ୍ୟରେ ରହିଛି– ୫୦୦୦ ମେଟ୍ରିକ ଟନ୍ କ୍ଷମତାବିଶିଷ୍ଟ ଶୀତଳଭଣ୍ଡାରକୁ ୨ କୋଟି ଟଙ୍କାର ଆର୍ଥିକ ସହାୟତା, ଋଣ ଏବଂ ଦୈନନ୍ଦିନ ଖର୍ଚ୍ଚ ପାଇଁ ରିହାତି ଦର(୩%) ସୁଧ, ବିଜୁଳି ଦେୟ ବାବଦକୁ ୫୦% ରିହାତି, ଟ୍ରେଡର ଏବଂ କୃଷକଙ୍କୁ ବିଭିନ୍ନ ସବ୍‌ସିଡି, ଶୀତଳଭଣ୍ଡାର ପ୍ରମୋଟରଙ୍କ ଜରିଆରେ ବୀଜ ଉତ୍ପାଦନ ଏବଂ ବଣ୍ଟନ, ଆଳୁ ଉତ୍ପାଦନ ବୃଦ୍ଧି ଏବଂ ବୈଷୟିକ ତାଲିମପ୍ରାପ୍ତ ବ୍ୟକ୍ତିଙ୍କୁ ପରିଚାଳନା ଦାୟିତ୍ୱ।

ଶୀତଳଭଣ୍ଡାର ସଂଘର ସମ୍ପାଦକ ଜନାର୍ଦ୍ଦନ ସାହୁ କହିଛନ୍ତି ଯେ, ଆଳୁ ମିଶନ ଫେଲ୍ ହେବା ଦ୍ୱାରା ଶୀତଳଭଣ୍ଡାର ବହୁଳ ଭାବରେ ପ୍ରଭାବିତ ହୋଇଛି। ଏହାର ପରିଚାଳନା ଯଥାରୀତି କରାଯାଉ ନାହିଁ। ଭଣ୍ଡାରଗୁଡ଼ିକର ଉତ୍ତମ ପରିଚାଳନା ପାଇଁ ହାର୍ଭେଷ୍ଟ ମ୍ୟାନେଜ୍‌ମେଣ୍ଟ ବ୍ୟକ୍ତିବିଶେଷଙ୍କୁ ଦାୟିତ୍ୱ ପ୍ରଦାନ କରାଯିବାର ଆବଶ୍ୟକତା ରହିଛି। ବର୍ତ୍ତମାନ ପରିଚାଳନା ଦାୟିତ୍ୱରେ ଥିବା ବ୍ୟକ୍ତିବିଶେଷ ସେହି ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ତାଲିମପ୍ରାପ୍ତ ନୁହନ୍ତି। ପ୍ରତି ଶୀତଳଭଣ୍ଡାର ପରିଚାଳନା ପାଇଁ ବାର୍ଷିକ ପ୍ରାୟ କୋଟିଏ ତିରିଶ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହୋଇଥାଏ। ହେଲେ ସେହି ପରିମାଣରେ ଆୟ ହେଉନାହିଁ। ବାର୍ଷିକ କ୍ଷତିର ପରିମାଣ ଶୀତଳଭଣ୍ଡାର ପିଛା ୮୦ ଲକ୍ଷରୁ କୋଟିଏ ଛୁଉଁଛି। ସମସ୍ୟାର ସମାଧାନ ପାଇଁ ସଂଘର ପ୍ରତ୍ୟେକ ସଦସ୍ୟ ଚାହିଁ ବସିଛନ୍ତି। ସରକାର ତୁରନ୍ତ ସମାଧାନ ଦିଗରେ ପ୍ରକ୍ରିୟା ଆରମ୍ଭ କରନ୍ତୁ ବୋଲି ଜନାର୍ଦ୍ଦନ କହିଛନ୍ତି।

ଏହା ଏକ ସମ୍ବେଦନଶୀଳ ପ୍

ଦୁଷ୍ଟଙ୍କର ସାରା ଶରୀରରେ ବିଷ ରହିଛି। ଦୁଷ୍ଟ ତଥା କଣ୍ଟାର ଦୁଇପ୍ରକାର ଉପଚାର ରହିଛି ; ଜୋତାରେ ମଳି, ମକଚି ଦିଅ ନତୁବା ତାକୁ ଦୂରରେ ଛାଡି ଦେଇଆସ।
- ଚାଣକ୍ୟ

ସଂକ୍ଷେପରେ

ଢେଙ୍କାନାଳ ଶେଲ୍‌ଟର ହୋମ ଯୌନ ନିର୍ଯାତନା ମାମଲା

ମୁଖ୍ୟ ଅଭିଯୁକ୍ତ, ସହଯୋଗୀଙ୍କ ଜାମିନ ଆବେଦନ ଖାରଜ

କଟକ ଅଫିସ,୨୨।୨: ଢେଙ୍କାନାଳର ଗୁଡ୍ ନ୍ୟୁଜ ଇଣ୍ଡିଆ ଶେଲ୍‌ଟର ହୋମ ଯୌନ ନିର୍ଯାତନା ମାମଲାର ମୁଖ୍ୟ ଅଭିଯୁକ୍ତ ଫୟାଜ ରହମନ ଓ ତାଙ୍କ ସହଯୋଗୀ ଉଦିତ କୁମାର ଲିମାଙ୍କ ଜାମିନ ଆବେଦନ ହାଇକୋର୍ଟରେ ଖାରଜ ହୋଇଛି। ଉଭୟଙ୍କ ଜାମିନ ଆବେଦନର ଶୁଣାଣି ଗତ ୨୦ ତାରିଖରେ ବିଚାରପତି ଜଷ୍ଟିସ ସଙ୍ଗମ କୁମାର ସାହୁଙ୍କ ଇଜିଲାସରେ ହୋଇଥିଲା। ଜାମିନ ଆବେଦନର ପୂର୍ଣ୍ଣାଙ୍ଗ ଶୁଣାଣି କରି ବିଚାରପତି ନିଜ ରାୟକୁ ସଂରକ୍ଷିତ ରଖିଥିଲେ। ତେବେ ଶୁକ୍ରବାର ଏହି ରାୟ ପ୍ରକାଶ ପାଇଛି। ଯେଉଁଥିରେ ଉଭୟଙ୍କ ଜାମିନ ଆବେଦନକୁ ଖାରଜ କରାଯାଇଛି। ସୂଚନାଥାଉ କି, ଉକ୍ତ ଶେଲ୍‌ଟର ହୋମରେ ରହୁଥିବା ଅନ୍ତେବାସୀମାନଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଥିଲା। ଉକ୍ତ ଘଟଣାରେ ପୋଲିସ ସେଲ୍‌ଟର ହୋମର ମୁଖ୍ୟ ଫୟାଜ ରହମନ ଓ ତାଙ୍କର ସହଯୋଗୀମାନଙ୍କୁ ଗିରଫ କରିଥିଲା। ତଳ କୋର୍ଟରେ ଏମାନଙ୍କ ଜାମିନ ଆବେଦନ ଖାରଜ ହେବା ପରେ ସେମାନଙ୍କ ମଧ୍ୟରୁ ଫୟାଜ ଓ ଲିମା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ଖୁସି ଯୋଜନାକୁ କ୍ୟାବିନେଟ ମୋହର

ଭୁବନେଶ୍ୱର,୨୨।୨(ବ୍ୟୁରୋ)

- ୧୭.୨୫ ଲକ୍ଷ ଛାତ୍ରୀଙ୍କୁ ମିଳିବ ମାଗଣା ସାନିଟାରୀ ନାପକିନ
- ୫ ବର୍ଷରେ ଖର୍ଚ୍ଚ ହେବ ୪୬୬ କୋଟି
- ସବୁ ସହରରେ ଆହାର
- ଦୈନିକ ୧ ଲକ୍ଷ ଲୋକଙ୍କୁ ୫ଟଙ୍କାଆ ଡାଲମା ଭାତ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦିଆଯାଇଥିବା ୮ଟି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ କରିଛି। ସରକାରୀ ସ୍କୁଲ, ସରକାରୀ ଅନୁଦାନପ୍ରାପ୍ତ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ନବୋଦୟ ବିଦ୍ୟାଳୟରେ ପାଠ ପଢୁଥିବା ଷଷ୍ଠରୁ ଦ୍ୱାଦଶ ଶ୍ରେଣୀର ଛାତ୍ରୀମାନଙ୍କୁ ରାଜ୍ୟ ସରକାର ଖୁସି ଯୋଜନାରେ ମାଗଣା ସାନିଟାରୀ ନାପକିନ ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ଶୁକ୍ରବାର କ୍ୟାବିନେଟ ଅନୁମୋଦନ କରିଛି। ଉକ୍ତ ଯୋଜନାରେ ପ୍ରତ୍ୟେକ ଛାତ୍ରୀଙ୍କୁ ମାସକୁ ୧୮ଟି ଲେଖାଏ ସାନିଟାରୀ ନାପକିନ ଯୋଗାଇ ଦିଆଯିବ। ଏଥିରେ ୧୭ ଲକ୍ଷ ୨୫ ହଜାର ଛାତ୍ରୀ ଉପକୃତ ହେବେ। ଏହି ଯୋଜନାରେ ୫ ବର୍ଷ ପାଇଁ ୪୬୬ କୋଟି ଟଙ୍କା ଖର୍ଚ୍ଚ ହେବ। ପୂର୍ବରୁ ମୁଖ୍ୟମନ୍ତ୍ରୀ ଏହି ଯୋଜନା ଘୋଷଣା କରିଥିଲେ। ହୋମିଓପାଥିକ ନିଯୁକ୍ତି ନିୟମରେ ସଂଶୋଧନ କରାଯାଇଛି। ନିଯୁକ୍ତି ପାଇଁ ଆବେଦନ କରିବାକୁ ଥିବା ବୟସ ସୀମାରେ କୋହଳ କରାଯାଇଛି। ଏଣିକି ହୋମିଓପାଥିକ ନିଯୁକ୍ତି ପାଇଁ ବୟସ ସୀମା ୪୦ ବର୍ଷ ରହିବ। ପୂର୍ବରୁ ୩୨ ବର୍ଷ ଥିଲା। ଗତ କିଛିବର୍ଷ ହେବ ହୋମିଓପାଥିକରେ କୌଣସି ନିଯୁକ୍ତି ଦିଆଯାଇନଥିବାରୁ ପୂର୍ବତନ ଛାତ୍ରୀଛାତ୍ରମାନଙ୍କୁ ସୁଯୋଗ ଦେବା ଲାଗି ଏହି ନିଷ୍ପତ୍ତି ନିଆଯାଇଛି। ସବୁ ସହରରେ ଆହାର କେନ୍ଦ୍ର ଖୋଲିବ। ରାଜ୍ୟରେ ଥିବା ୧୧୪ଟି ପୌରାଞ୍ଚଳରେ ୧୫୭ଟି ଆହାର କେନ୍ଦ୍ର ଖୋଲିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଦୈନିକ ୧ ଲକ୍ଷ ଲୋକଙ୍କୁ ୫ ଟଙ୍କିଆ ଡାଲମା ଭାତ ଯୋଗାଇ ଦିଆଯିବ। କେତେକ ସ୍ଥାନରେ ରାତ୍ରିରେ ମଧ୍ୟ ଖାଇବାକୁ ମିଳିବ। ଏଥିପାଇଁ ବାର୍ଷିକ ୬୦ କୋଟି ଟଙ୍କା ଖର୍ଚ୍ଚ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୮ ଡିସେମ୍ବର ୩୧ ତାରିଖରେ ସମସ୍ତ ସହରରେ ଆହାର କେନ୍ଦ୍ର ଖୋଲିବାକୁ ଘୋଷଣା କରିଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।

ଭୁବନେଶ୍ୱର ଭେଙ୍କଟେଶ୍ୱର ଇଂଲିଶ୍ ମିଡିୟମ୍ ସ୍କୁଲରେ ଛାତ୍ରୀଛାତ୍ରମାନେ ଶୁକ୍ରବାର ଆରମ୍ଭ ହୋଇଥିବା ଆଇସିଏସ୍‌ଇ ଦଶମ ପରୀକ୍ଷା ଦେଉଛନ୍ତି।

ଚିଲିକା ବ୍ଲକ ଉପାଧ୍ୟକ୍ଷ ଭାଜପାରୁ ନିଲମ୍ବିତ

ଭୁବନେଶ୍ୱର, ୨୨।୨(ବ୍ୟୁରୋ): ଅନୁଶାସନ ଭଙ୍ଗ ଏବଂ ବିଶୃଙ୍ଖଳିତ କାର୍ଯ୍ୟ ପାଇଁ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଅନୁମୋଦନ କ୍ରମେ ଖାର୍ଦ୍ଧା ଜିଲା ଚିଲିକା ବ୍ଲକ ଉପାଧ୍ୟକ୍ଷ ଉତ୍ପଳ ପାଇକରାୟ ଓ ସରପଞ୍ଚ ମମତା ପାଇକରାୟଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବନ କରାଯାଇଛି। ଏନେଇ ଶୁକ୍ରବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଦଳର ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି ।

ସ୍ମାର୍ଟ ଏଲଇଡି ବିଦ୍ୟୁତିକରଣ ଯୋଜନା ଶୁଭାରମ୍ଭ

ଦେବଗଡ,୨୨।୨(ସ୍ୱ.ପ୍ର)

ଦେବଗଡ଼ ପୌରସଂସ୍ଥା ପକ୍ଷରୁ ସ୍ଥାନୀୟ ପୁରୁଣାଗଡ଼ସ୍ଥିତ ଗୁଣ୍ଡିଚାମନ୍ଦିର ନିକଟରେ ଶୁକ୍ରବାର ରାଜ୍ୟ ସରକାରଙ୍କ ସ୍ମାର୍ଟ ଏଲଇଡି ବିଦ୍ୟୁତିକରଣ ଯୋଜନାର ଶୁଭାରମ୍ଭ ହୋଇଛି । ନିର୍ବାହୀ ଅଧିକାରୀ କୁଞ୍ଜବନ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଏହି ଯୋଜନା ଶୁଭାରମ୍ଭ କାର୍ଯ୍ୟକ୍ରମରେ ପିଡିଡିଆରଡିଏ ଭାନସେଣ୍ଟ ପୁନମକାନ୍ତ ଏକ୍କା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପୌରସଂସ୍ଥାର କନିଷ୍ଠ ଯନ୍ତ୍ରୀ ଇଂ.ପ୍ରିୟଙ୍କା ଦେ, କମ୍ୟୁନିଟି ଅର୍ଗାନାଇଜର ମୋନାଲିସା ପଣ୍ଡାଙ୍କ ସହ ପୌରସଂସ୍ଥାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ଦେବଗଡ଼,୨୨।୨(ସ୍ୱ.ପ୍ର.)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅଧୀନ ବଡଛାପାଲ,ଛେପିଲିପାଲି ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଦେବଗଡ଼ ରାଣୀ ଅରୁନ୍ଧତୀ ଦେବୀଙ୍କ ଦ୍ୱାରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗାଁ ମୁଣ୍ଡରୁ ଏକ ଶୋଭାଯାତ୍ରା ବାହାରିଥିଲା। ସ୍ଥାନୀୟ ଲୋକେ ଅରୁନ୍ଧତୀ ଦେବୀଙ୍କୁ ପାଛୋଟି ନେଇଥିଲେ। ଭୂମିପୂଜନ କାର୍ଯ୍ୟକ୍ରମରେ ତିଲେଇବଣୀ ବ୍ଲକ ଅଧକ୍ଷା ସୁବାସିନୀ ଦେହୁରୀ,ଜିଲାପରିଷଦ ସଭ୍ୟ ବୃନ୍ଦାବତୀ ଭୋଇ,ପୂର୍ବତନ ଜିଲା ପରିଷଦ ସଦସ୍ୟ ଯୋଗେଶ ଚନ୍ଦ୍ର ପ୍ରଧାନ, ବିରଞ୍ଚି ନାରାୟଣ ନନ୍ଦ, କିଶୋର ଦେହୁରୀ, ଭୀମ ସାହୁ, ତପନ ପ୍ରଧାନ, ବାବୁଲି ବିଶ୍ୱାଳ, ସୁବାସ ପ୍ରଧାନଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ ।

ରାଣୀ ଅରୁନ୍ଧତୀ ଦେବୀଙ୍କ ସହ ଗ୍ରାମବାସୀ ।

ବାଘ ନୁହେଁ ବୋଲି ପଗ୍‌ମାର୍କରୁ ସ୍ପଷ୍ଟ

ପୁଣି ରାଜଧାନୀରେ ବାଘ ଆତଙ୍କ

ଭୁବନେଶ୍ୱର,୨୨।୨(ବ୍ୟୁରୋ): ରାଜଧାନୀରେ ପୁଣି ବାଘ ଆତଙ୍କ। ରଙ୍ଗମାଟିଆ ତଳସାହି ଅଞ୍ଚଳରେ ବାଘ ବୁଲୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଗୁରୁବାର ରାତି ପ୍ରାୟ ସାଢ଼େ ୯ଟା ସମୟରେ କେଶବ ମନ୍ତ୍ରୀ ନାମକ ବ୍ୟକ୍ତି ଏହି ଅଞ୍ଚଳରେ ବାଘ ବୁଲୁଥିବାର ଦେଖିଥିବା କହିଥିଲେ। ଖବର ପାଇ ଶୁକ୍ରବାର ସକାଳୁ ବନ ବିଭାଗ ଉକ୍ତ ଅଞ୍ଚଳକୁ ଯାଇ ତନାଘନା କରିଥିଲା। ନଗର ବନଖଣ୍ଡ ପକ୍ଷରୁ ଏସିଏଫ୍ ଗୋବିନ୍ଦ ବିଶ୍ୱାଳ, ଖୋର୍ଦ୍ଧା ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁମଲ୍ଲିକଙ୍କ ସମେତ ୧୦ଜଣିଆ ଟିମ୍ ଘଟଣାସ୍ଥଳକୁ ଯାଇ ପଚରାଉଚରା କରିଥିଲେ। ସେଠାରେ ପାଦଚିହ୍ନ ଦେଖି ତା'ର ପଗ୍‌ମାର୍କ ସଂଗ୍ରହ କରିଥିଲେ। ପରେ ତାକୁ ନନ୍ଦନକାନନରେ ପରୀକ୍ଷା କରିବା ପରେ ତାହା ବାଘର ନୁହେଁ ବୋଲି ସ୍ପଷ୍ଟ ହୋଇଥିବା ସିଟି ଡିଏଫ୍‌ଓ ଅଶୋକ ମିଶ୍ର କହିଛନ୍ତି। ତଥାପି ରାତିସାରା ପାଟ୍ରୋଲିଂ କରାଯିବ ବୋଲି ଗୋବିନ୍ଦ ବିଶ୍ୱାଳ କହିଛନ୍ତି। ଯେହେତୁ ପାଦଚିହ୍ନରୁ ବାଘ ନୁହେଁ ବୋଲି ପ୍ରମାଣିତ ହୋଇସାରିଛି, ତେଣୁ ଲୋକେ ଭୟ ନ କରିବାକୁ ବନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଅନ୍ୟପଟେ ଏହି ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଥିଲା।

ସଦାଶିବ ପ୍ରଧାନୀ, ବହୁ ଅବସରପ୍ରାପ୍ତ କର୍ମଚାରୀ ବିଜେଡିରେ ସାମିଲ

ଭୁବନେଶ୍ୱର,୨୨।୨(ବ୍ୟୁରୋ): ସାଧାରଣ ନିର୍ବାଚନ ପାଖେଇ ଆସୁଛି। ଅନ୍ୟ ଦଳର ନେତାଙ୍କୁ ନିଜଆଡ଼କୁ ଟାଣିବା ପାଇଁ ସମସ୍ତେ ପ୍ରୟାସ କରୁଛନ୍ତି। ଶାସକ ବିଜେଡି ମଧ୍ୟ ଏହି ପ୍ରକ୍ରିୟାରେ ଅନ୍ୟ ଦଳଗୁଡିକଠାରୁ ସାମାନ୍ୟ ଆଗରେ ଥିବା ମନେହେଉଛି। ଅନ୍ୟ ଦଳର ବିଧାୟକ ହୁଅନ୍ତୁ ବା ତୃଣମୂଳସ୍ତରୀୟ ନେତା ସମସ୍ତଙ୍କୁ ନିଜ ଆଡ଼କୁ ଆଣୁଛି। ଏହି କ୍ରମରେ ଶୁକ୍ରବାର ନବରଙ୍ଗପୁରର ସଦାଶିବ ପ୍ରଧାନୀ ବିଜେଡିରେ ସାମିଲ ହୋଇଛନ୍ତି। ସଦାଶିବ ଜଣେ ବର୍ଷୀୟାନ୍ କଂଗ୍ରେସ ନେତା ତଥା ନବରଙ୍ଗପୁର ଏମ୍‌ପି ଖଗପତି ପ୍ରଧାନୀଙ୍କ ପୁଝୁରା ଏବଂ ନବରଙ୍ଗପୁର ଜିଲାର ପ୍ରଥମ ଜିଲା ପରିଷଦ ଅଧକ୍ଷ ଗୋପୀନାଥ ପ୍ରଧାନୀଙ୍କ ପୁତ୍ର । ନାଲ୍‌କୋର ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର ପଦବୀରୁ ଇସ୍ତଫା ଦେଇ ନବୀନ ନିବାସରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି।

ସଦାଶିବ କହିଛନ୍ତି ଯେ, ବିଜୁବାବୁଙ୍କ ଆଦର୍ଶ ଓ ମୁଖ୍ୟମନ୍ତ୍ରୀଙ୍କ ନିର୍ମଳ ଭାବମୂର୍ତ୍ତିରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦେଇଛି। ସେ ସାଧାରଣ ଜୀବନରୁ ଆସିଛନ୍ତି। ତେଣୁ ଆଦିବାସୀ ଅଧ୍ୟୁଷିତ ନବରଙ୍ଗପୁର ଜିଲାର ବିକାଶ ପାଇଁ କାମ କରିବେ ବୋଲି ପ୍ରଧାନୀ କହିଛନ୍ତି। ସଦାଶିବଙ୍କ ଯୋଗଦାନ ସମୟରେ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି, ନବରଙ୍ଗପୁର ଜିଲା ପର୍ଯ୍ୟବେକ୍ଷକ ସଞ୍ଜୟ ଦାସବର୍ମା, ଏମ୍‌ପି ବଳଭଦ୍ର ମାଝି, ପ୍ରତାପ ଦେବ, ନବରଙ୍ଗପୁର ବିଧାୟକ ମନୋହର ରନ୍ଧାରୀ, ଜିଲା ବିଜେଡି ସଭାପତି ପ୍ରହ୍ଲାଦ ତ୍ରିପାଠୀ ଓ ବିଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସଦାଶିବଙ୍କୁ ବାଦ୍ ଦେଇ ଏକାଧିକ ଅବସରପ୍ରାପ୍ତ ଅଧ୍ୟାପକ, ପ୍ରଶାସନିକ ଅଧିକାରୀ ଓ କଳାକାରଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ବୁଦ୍ଧିଜୀବୀ ବିଜେଡିରେ ସାମିଲ ହୋଇଛନ୍ତି। ସେମାନେ ହେଉଛନ୍ତି– ସାଲେପୁର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ବ୍ରହ୍ମାନନ୍ଦ ଶତପଥୀଙ୍କ ପୁତ୍ର ତଥା ସ୍ତମ୍ଭକାର ଗିରିଶ୍ ଚନ୍ଦ୍ର ଶତପଥୀ, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଡ. ସୁଲୋଚନା ଦାସ, ପ୍ରଫେସର ଡ. କପିଳେଶ୍ୱର ମିଶ୍ର, ଓଡ଼ିଶା ହାଇକୋର୍ଟ ଆଇନଜୀବୀ ଜୟନ୍ତ କୁମାର ବିଶ୍ୱାଳ ଓ କିରଣ ରାଉତ, ପ୍ରଫେସର ଜୟକୃଷ୍ଣ ମହାନ୍ତ, ପ୍ରଫେସର ବିଜୟ କୁମାର ଟପ୍ପୋ, ଅବସରପ୍ରାପ୍ତ ଅତିରିକ୍ତ ଡିଜି ପୋଲିସ ଗୋପବନ୍ଧୁ ମଲ୍ଲିକ, ଭୁବନେଶ୍ୱର ଜିଲା ଲାୟନ ଗଭର୍ନର ବିଶ୍ୱନାଥ ମହାନ୍ତି, ଅବସରପ୍ରାପ୍ତ ସିଡିପିଓ ଛବି ମହାନ୍ତି, ଅବସରପ୍ରାପ୍ତ ସିଆର୍‌ଆର୍‌ଆଇ ଅଧିକାରୀ ସୁରେନ୍ଦ୍ର ନାଥ ରାଉତ, ଓଡ଼ିଶୀ ନୃତ୍ୟଶିଳ୍ପୀ ଡ. ସୁଜାତା ମିଶ୍ର ଏବଂ ଅର୍ଥନୀତିଜ୍ଞ ପ୍ରଫେସର ଡ. ହରିଶ୍ ଚନ୍ଦ୍ର ନାୟକ।

ମହିଳାଙ୍କୁ ସଶକ୍ତ କରିଛି ଉଜ୍ଜ୍ୱଳା: ସୁଷମା ସ୍ୱରାଜ

ଭୁବନେଶ୍ୱର,୨୨।୨(ବ୍ୟୁରୋ)

ଉଜ୍ଜ୍ୱଳା ଯୋଜନା ପରିବାରଗୁଡ଼ିକୁ କେବଳ ଗ୍ୟାସ ସିଲିଣ୍ଡର ପ୍ରଦାନ କରି ନାହିଁ। ଏହା ମହିଳାଙ୍କୁ ସଶକ୍ତ କରିବା ଦିଗରେ କାର୍ଯ୍ୟ କରୁଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ କହିଛନ୍ତି। ଶୁକ୍ରବାର ସାରା ରାଜ୍ୟର ଜିଲାସ୍ତରରେ ଅନୁଷ୍ଠିତ ଉଜ୍ଜ୍ୱଳା ଦିବସ କାର୍ଯ୍ୟକ୍ରମରେ ସ୍ୱରାଜ ଏବଂ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଡ଼ିଓକନଫରେନ୍ସି ଯୋଗେ ସାମିଲ ହୋଇଥିଲେ। ଏହି ଅବସରରେ ସୁଷମା ସ୍ୱରାଜ କହିଛନ୍ତି ଯେ, କାଠ ଦ୍ୱାରା ରୋଷେଇ ଯୋଗୁ ମହିଳାଙ୍କ ଅନେକ ସମୟ ଅପଚୟ ହେଉଥିଲା। ଏହା ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇବା ସହ ପରିବେଶକୁ ମଧ୍ୟ ପ୍ରଦୂଷଣ କରୁଥିଲା। ମାତ୍ର ଉଜ୍ଜ୍ୱଳା ଆସିବା ପରେ ମହିଳାମାନେ ଏସବୁ ସମସ୍ୟାରୁ ମୁକ୍ତି ପାଇଛନ୍ତି। ଉଜ୍ଜ୍ୱଳା ଯୋଜନା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସ୍ୱରାଜ ଧନ୍ୟବାଦ ଦେଇଛନ୍ତି।

ଉଜ୍ଜ୍ୱଳା ହିତାଧିକାରୀଙ୍କ ସହ ଆଲୋଚନା କରି ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଉଜ୍ଜ୍ୱଳା ଦ୍ୱାରା ଦେଶରେ ଏକ ନୂଆ କ୍ରାନ୍ତି ଆସିଛି। ପୂର୍ବରୁ ଏଲ୍‌ପିଜି ବିତରକ ସଂଖ୍ୟା ୧୩ ହଜାର ଥିବା ବେଳେ ଏହା ବର୍ତ୍ତମାନ ୨୩ ହଜାର ଟିପିଛି। ବିତରଣ କେନ୍ଦ୍ର ବୃଦ୍ଧି ସହ କମନ ସର୍ଭିସ ସେଣ୍ଟର ମଧ୍ୟ ଯୋଡାଯାଇଛି ବୋଲି ସେ ସୂଚନା ଦେଇଛନ୍ତି।

ଉଜ୍ଜ୍ୱଳା ଦିଦି ସମାବେଶ ଆଜି

ଭୁବନେଶ୍ୱର,୨୨।୨(ବ୍ୟୁରୋ): ତୈଳ ବୀପଣନ କମ୍ପାନୀଗୁଡ଼ିକ (ଓଏମ୍‌ସି) ପକ୍ଷରୁ ସାରା ରାଜ୍ୟର ଉଜ୍ଜ୍ୱଳା ଦିଦିଙ୍କୁ ନେଇ ଏଠାକାର ମଞ୍ଚେଶ୍ୱର ସ୍ପୋର୍ଟସ କମ୍ପ୍ଲେକ୍ସ ଗ୍ରାଉଣ୍ଡଠାରେ ଏକ ସମାବେଶ ଶନିବାର ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ପ୍ରାୟ ୧୦,୦୦୦ ଉଜ୍ଜ୍ୱଳା ଦିଦି ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି। କେନ୍ଦ୍ର ପେଟ୍ରୋଲିୟମ ତଥା ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ ବୋଲି ଓଏମ୍‌ସିଗୁଡ଼ିକ ପକ୍ଷରୁ ଏକ ମିଳିତ ଖବରଦାତା କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଛି। ଉଜ୍ଜ୍ୱଳା ଉପଭୋକ୍ତା ଏବଂ ବିତରକଙ୍କ ମଧ୍ୟରେ ଏକ ସେତୁ ଭାବେ ଉଜ୍ଜ୍ୱଳା ଦିଦି କାର୍ଯ୍ୟ କରିବେ। ଗ୍ରାମାଞ୍ଚଳର ଘରୋଇ ଉର୍ଜା କ୍ଷେତ୍ର ଏବଂ ବିତରଣ ନେଟୱର୍କରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିବ। କାର୍ଯ୍ୟକ୍ରମ ଅବସରରେ ତେଲ କମ୍ପାନୀର ଏସ୍‌ଏଲସି ତଥା ସିଜିଏମ୍ ଆଇଓସିଏଲ୍ ଶୁଭଜିତ ଘୋଷ, ଏଚ୍‌ପିସିଏଲ୍ ଡିଜିଏମ୍ ଧର୍ମେନ୍ଦ୍ର ବେହୁରା, ଆଇଓସିଏଲ୍ ଜିଏମ୍ ଏସ୍.କେ.ଝା, ରାଜ୍ୟସ୍ତରୀୟ ସଂଚାଳକ ଅନମୋଲ ବାରା ଏବଂ ସିନିୟର ମ୍ୟାନେଜର କର୍ପୋରେଟ କମ୍ୟୁନିକେଶନ ଶ୍ରୀନିବାସ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

କିସିଣ୍ଡାରେ ଭାଜପାର କର୍ମୀ ବୈଠକ

ନାକଟିଦେଉଳ,୨୨।୨(ଡି.ଏନ.ଏ.)

No.: 103-V: In pursuance of this office Advertisement No. 1991/SSD dated 14.08.2018, Notification No. 188/SSD, Dated 31.01.2019 and Notification No. 346/SSD, dated 11.02.2019 the Final Selection List of candidates for the Post of Sikshya Sahayak is hereby published in the website **www.bargarh.nic.in**. The same is also available in the notice board of District Welfare Office, Bargarh. The selected candidates are hereby informed to remain present personally at District Welfare Office on 27.02.2019 at 11.00 A.M. along with an agreement paper duly typed & filled in on Rs.11/- (Non Judicial Stamp Paper) for execution of agreement. The candidates those who fail to turnout for the above purpose on date specified shall not be considered for engagement.

24042/11/0012/1819 **Sd./- Collector, Bargarh**

GOVT. OF ODISHA
OFFICE OF THE SUPERINTENDING ENGINEER
K.B.K.MINOR IRRIGATION CIRCLE-I, BHAWANIPATNA

'e' Procurement Notice

Bid Identification No. SEKBKMIC-I / 07 / 2018-19
sekbkmi@yahoo.co.in
No. 384 // KBKMIC-I // date – 19.02.2019

No. 1309-A:- Bid documents consisting of Work, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

1. Name of the work	:-	Construction work
2. No of Works	:-	02 (Two) Nos.
3. Estimated cost	:-	Approximately from Rs.126.81 lakh to Rs. 200.81 lakh
4. Period of completion	:-	04 (Four) Calendar months
5. Date and Time of availability of bid documents in the portal	:-	From 25.02.2019 (10.00 AM) to 13.03.2019 upto (5.00 PM)
6. Last date / time of receipt of bids in the portal	:-	13.03.2019 (5.00 PM)
7. Date of opening of Bid	:-	14.03.2019 at 11.00 AM onwards
8. Date of receipt of bid cost and bid security on online payment mode	:-	From dt.25.02.2019 to 13.03.2019 up to (5.00 PM)
9. Date of Transparent Lottery (if cases arise)	:-	28.03.2019 at 11.00 AM onwards
10. Name and address of the OIT	:-	Superintending Engineer, K.B.K.M.I. Circle-I, Bhawanipatna

** Further details can be seen from the e-Procurement market place http://tendersodisha.gov.in

Sd./- Superintending Engineer
32116/11/0002/1819 *K.B.K.M.I. Circle-I, Bhawanipatna*

OFFICE OF THE NOTIFIED AREA COUNCIL,KASHINAGAR, GAJAPATI
Ph & Fax No: 06815-284215, e-Mail : kasinagarn.hud@nic.in

Letter No.454 /NAC **e-procurement Notice** **Dated: 22.02.2019**

BID REFERENCE NO: KSN/NAC/06/2018-19

Bid documents consists of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tendersorissa.gov.in.**
1- Nature of work-Civil, **2-** No. of works-05 Nos, **3-** Bid Value-Rs.1,19,588/- to 5,58,060/- **4-** Period of completion-As per DTCN, **5-** Date and time of availability of the documents in portal-23.02.2019 from 10.00 AM. to 02.03.2019 up to 5.00 PM. **6-** Last date / time for receipt of bids in the portal-02.03.2019 up to 5.00 PM. **7-** Time & Period documents required to be submitted-As per DTC **8-** Bids received online shall be opened on-07.03.2019 at 4.30 PM. **9-** Name & address of the officer inviting tender-Executive Officer Kashinagar NAC, Gajapati

Sd./- Executive Officer Kashinagar NAC, Gajapati

ପଞ୍ଚାୟତ ସମିତି କାର୍ଯ୍ୟାଳୟ, କଟକ ସଦର

ପତ୍ର ସଂଖ୍ୟା: ୯୭୩ ତା୨୨।୦୨।୨୦୧୯ରିଖ

ଜନ ଶୁଣାଣି ବିଜ୍ଞାପନ

ଏତଦ୍ଦ୍ୱାରା କଟକ ସଦର ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ୨୩ଗୋଟି ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତାରିଖ୍ ୨୦୧୯ରିଖ ଦିବା ଘ.୧୧.୩୦ମି. ସମୟରେ କଟକ ସଦର ପଞ୍ଚାୟତସମିତିଠାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା (ମହାତ୍ମା ଗାନ୍ଧୀ ନରେଗା) ସମ୍ବନ୍ଧୀୟ ଜନଶୁଣାଣି କରାଯିବ।

ଉକ୍ତ ବୈଠକରେ ସମ୍ପୃକ୍ତ ଗ୍ରାମପଞ୍ଚାୟତର ଜନସାଧାରଣ, ନିର୍ବାଚିତ ପ୍ରତିନିଧି/ସମ୍ପୃକ୍ତ ବିଭାଗୀୟ ଅଧିକାରୀ/ସମସ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନ/ସ୍ୱୟଂସହାୟକ ଗୋଷ୍ଠୀ/ଜବକାର୍ଡ଼ଧାରୀ ଶ୍ରମିକ (ଜବକାର୍ଡ଼) ସହିତ ଉପସ୍ଥିତ ରହିବାକୁ ଅନୁରୋଧ।

ଯେଉଁ ବ୍ୟକ୍ତି ବିଶେଷ ଅଥବା ଶ୍ରମିକଙ୍କର କୌଣସି ଆପତ୍ତି ଅଭିଯୋଗ କରିବାର ଥାଏ ସେମାନେ ଲିଖିତ କିମ୍ବା ମୌଖିକଭାବେ କମିଟିକୁ ଅଭିଯୋଗ କରିପାରିବେ।

ସ୍ୱା./– ମଣ୍ଡଳ ଉନ୍ନୟନ ଅଧିକାରୀ, କଟକ ସଦର

PANCHAYAT SAMITI, BOIPARIGUDA

Letter No. 463/19 **Dt. 22.02.2019**

CORRIGENDUM -2

Sub : Corrigendum to Tender Call Notice No. 318, dt. 11.02.2019 & 1st. Corrigendum No. 421 Dt. 18.02.2019 of Panchayat Samiti, Boipariguda

Due to unavoidable circumstances, the time for sale, receipt and opening of tender papers for the Tender Calls Notice published earlier in "The Samaja", "The Dharitri" & Daily English News Paper "Orissa Post" on dt. 18.02.2019 is extended as detailed below in respect of all works.

1. Sale of Tender Paper : The bid documents will be sold during office hours i.e. from 10.00 AM to 5.00 PM (on working days only in the Block Office) upto dt. 26.02.2019.
2. Date of Receipt of tender paper : Sealed tender in complete shape will be received during office hour upto 2.00 PM on dt. 27.02.2019 in the Block Office, Boipariguda through registered post/ speed post only.
3. Date of opening of the Tender Paper : The Bid documents shall be opened at 4.00 PM on dt. 27.02.2019 in the office chamber of the Block Development Officer, Boipariguda in presence of the bidders or their authorized representative having written authorization for the purpose.
4. The name of works mentioned at Sl. No. 01, 02, 06 & 08 in above tender call notice are cancelled.
5. The works mentioned at Sl. No. 7 - No change.
6. The works mentioned at 03, 04, 05 & 09 may be read as follows.

Sl. No.	Name of work with location	Name of the Scheme	Estimated cost put to tender (in Rs.)	EMD to be deposited 1% of the tender cost (in Rs.)	Cost of Tender Documents (Non refundable) (in Rs.)	Period of comp-letion	Class of Contra-ctors
1	2	3	4	5	6	7	8
3	Construction of WBM Road from Kantabaunsaguda to Nirgal Jodi nalla alongwith 1 culvert and 1 bridge on Nirgaljodi	SCA for LEW Effected District 2018-19	Rs. 26,33,254.00	Rs, 27,000.00	Rs. 6,000/-	6(Six) Calendar Months	"C" & "B"
4	Construction of WBM road from Nirgaljodi to Artamjodi alongwith 1 No. of culvert and 1 bridge on Artamjodi Nalla.	SCA for LEW Effected District 2018-19	Rs. 26,33,573.00	Rs, 27,000.00	Rs. 6,000/-	6(Six) Calendar Months	"C" & "B"
5	Construction of WBM road from Aramjodi to Matiguda chowk alongwith 1 culvert	SCA for LEW Effected District 2018-19	Rs. 26,33,859.00	Rs.27,000.00	Rs. 6,000/-	6(Six) Calendar Months	"C" & "B"
9	Construction of Bridge on the river Gaurkund in village Gadulpadar in Haladikund GP	BKBK (State Sector) 2018-19	Rs. 43,95,086.00	Rs. 44,000.00	Rs, 6,000/-	6(Six) Calendar Months	"B" & "A"

The other terms and conditions in the Tender Call Notice No. 318, Dt. 11.02.2019 shall remain unchanged.

Sd./- Block Development Officer, Boipariguda

GOVERNMENT OF ODISHA

PANCHAYATIRAJ & DRINKING WATER DEPARTMENT

OFFICE OF THE PANCHAYAT SAMITI, KANIHA

e-mail Address: ori-kanhia@nic.in

INVITATION FOR BIDS (IFB)

Identification No. Kaniha - 1

TENDER CALL NOTICE NO. - 5 OF 2018-19

1. **Block Development Officer, Kaniha** on behlaf of Governor of Odisha invites **Percentage Bids** for the works 4 Nos. details in the table from class of contractors mentioned in Col. 4 below registered with the State Government and contractors of equivalent grade/class registered with Central Government/MES/Railways to be eventually drawn up in PWD (P-1) form for execution of civil works, on production of definite proof from the appropriate authority. The bidders may submit bid of the following works.

Sl. No.	Name of the Work	Amount put to Tender Including 12% GST (In Rs.)	Class of Contractor	EMD to be deposited 1% (In Rs.)	Cost of tender document (non-refundable (In Rs.)	Period of Completion
1	2	3	4	5	6	7
1	Construction of AWC Building at Takua in Kaniha G.P.	15,26,384/-	D & C	15,270/-	6000/-	Six Calendar Months
2	Construction of AWC Building at Bijigol-3 in Bijigol G.P.	15,26,384/-	D & C	15,270/-	6000/-	Six Calendar Months
3	Construction of AWC Building at Sadasibapur in Hariharpur G.P.	15,26,384/-	D & C	15,270/-	6000/-	Six Calendar Months
4	Construction of AWC Building at Durgapur in Talapada G.P.	15,26,384/-	D & C	15,270/-	6000/-	Six Calendar Months

Sd./- Block Development Officer, Kaniha

Terms & Conditions

1. The Sale of Bid documents shall start from **Dt.23.02.2019** and close on **Dt.28.02.2019**, during office hours i.e. (10 A.M. to 5 P.M.) in the office of the Block Development Officer, Kaniha. The bid document may also be downloaded from website: **www.angul.nic.in** during this period. The indending tenderers downloading the tender document has to pay the cost of tender paper as mentioned in shape of Bank Draft payable at SBI, Telesingha Branch in favour of B.D.O., Kaniha.
2. Bids shall be received by the Block Development Officer, Kaniha till Dt.28.02.2019 through Registered Post/ Speed Post only. The authority will not be held responsible for postal delay in the delivering of the documents or non-receipt of the same.
3. The tender will be opened in the Office of the Block Development Officer, Kaniha at 11.00 A.M. on Dt.01.03.2019 in presence of the bidders or their authorised representatives who wish to attend. In the office happended to be closed on the date of receipt/opening of the bids as specified the bids will be received/opened on the next working day at the same time and venue. Bid documents can be purchased from this office against a non-refundable fee towards the cost of documents as indicated in the form of **Cash or Demand Draft** issued from Scheduled Bank payable at **SBI, Telesingha Branch** as per DTCN in favour of the Block Development Officer, Kaniha may be deposited in shape of Bank Draft prepared on or before the last date of receipt along with the Bid.
4. For other details of term & condition please visit the website: **www.angul.nic.in**.
5. The Block Development Officer, Kaniha reserves the right to reject any or all the tender without assigning any reason.

Sd./- Block Development Officer, Kaniha

ସଂକ୍ଷେପରେ

ଆଇପିଏଲ-୧୨ ଉଦ୍‌ଘାଟନୀ ଉତ୍ସବ ହେବନି

ନୂଆଦିଲ୍ଲୀ,୨୨।୨(ପିଟି): ଆଇପିଏଲର ୧୨ତମ ସଂସ୍କରଣର ଉଦ୍‌ଘାଟନୀ ଉତ୍ସବ ଆୟୋଜନ କରାଯିବ ନାହିଁ। ଏ ନେଇ ବିସିସିଆଇ ପରିଚାଳନା ଦାୟିତ୍ୱରେ ଥିବା ପ୍ରଶାସକ କମିଟି ସିଓଏ ଶୁକ୍ରବାର ନିଷ୍ପତ୍ତି ନେଇଛି। ଉତ୍ସବ ଲାଗି ଖର୍ଚ୍ଚ ହେବାକୁ ଥିବା ଅର୍ଥରାଶି ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ସିଆରପିଏଫ୍ ଯବାନଙ୍କ ପରିବାରକୁ ଦିଆଯିବ। ବିଶ୍ୱର ବିତ୍ତଶାଳୀ କ୍ରିକେଟ ଲିଗ୍‌ର ଉଦ୍‌ଘାଟନୀ ଉତ୍ସବରେ ସର୍ବଦା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯାଏ, ଯେଉଁଥିରେ ବଲିଉଡ୍ ଷ୍ଟାରଙ୍କୁ ପରଫର୍ମ କରୁଥିବାର ଦେଖିବାକୁ ମିଳେ। କିନ୍ତୁ ସିଆରପିଏଫ୍ ଯବାନଙ୍କ ଶ୍ରଦ୍ଧାଞ୍ଜଳି ଲାଗି ଆଇପିଏଲର ଦ୍ୱାଦଶ ସିଜନର ପ୍ରଥମ ଦିନ ତଥା ମାର୍ଚ୍ଚ ୨୩ ତାରିଖରେ କୌଣସି ଉଦ୍‌ଘାଟନୀ ଆୟୋଜନ କରାଯିବ ନାହିଁ। ଏହି ଇଭେଣ୍ଟ ଲାଗି ବଜେଟ ହୋଇଥିବା ଅର୍ଥରାଶି ଯବାନଙ୍କ ପରିବାରକୁ ଦିଆଯିବ ବୋଲି ସିଓଏ ଅଧ୍ୟକ୍ଷ ବିନୋଦ ରାଇ କହିଛନ୍ତି। ଉଲ୍ଲେଖଥାଉ କି, ଗତ ସପ୍ତାହରେ ଜମ୍ମୁ-କଶ୍ମୀରର ପୁଲୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ୪୯ ଜଣ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଥିଲେ। ଶହୀଦଙ୍କ ପରିବାର ସହାୟତା ଲାଗି ଦେଶର ବହୁ କ୍ରୀଡ଼ାବିତ ଆଗେଇ ଆସିଥିଲେ।

ଜୟଦୀପଙ୍କ ପରଲୋକ

କଟକ ଅଫିସ, ୨୨।୨: ଓଡ଼ିଶାର ପୂର୍ବତନ ଜାତୀୟ ଫୁଟବଲ ଖେଳାଳି ଜୟଦୀପ ବୋଷଙ୍କର ଶୁକ୍ରବାର ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୬୧ବର୍ଷ ହୋଇଥିଲା । କିଛି ଦିନ ହେବ ତାଙ୍କ ଦେହ ଅସୁସ୍ଥ ଥିଲା। ଜୟଦୀପ ଓଡ଼ିଶା ପକ୍ଷରୁ ସନ୍ତୋଷ ଟ୍ରଫିରେ ପ୍ରତିନିଧିତ୍ୱ କରିଥିଲେ। ତାଙ୍କ ଘର କଟକର ଚୌଧୁରୀବଜାର ଅଞ୍ଚଳରେ । ଜୟଦୀପଙ୍କ ମୃତ୍ୟୁ ଖବର ପାଇ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ)ର ସମସ୍ତ ସଦସ୍ୟ, ଫୁଟବଲ ଖେଳାଳି, କ୍ଲବ ମାଲିକ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ଶାନ୍ତନା ଜଣାଇଥିଲେ । ଫାଓ ସମ୍ପାଦକ ସଞ୍ଜୟ ବେହେରା ଶୋକ ପ୍ରକାଶ କରିଛନ୍ତି ।

ପୁଲ୍‌ୱାମା ଆକ୍ରମଣ ଘଟଣା ପରେ କ୍ରିକେଟ ଟାର୍ଗେଟର ଶିକାର ହୋଇଛି। ବିଶ୍ୱକପ୍‌ରେ ଭାରତ–ପାକିସ୍ତାନ ମୁକାବିଲା ଏବେ ଅନିଶ୍ଚିତତାରେ ।

– ସର୍ଫରାଜ ଅହମ୍ମଦ, ପାକିସ୍ତାନ କ୍ରିକେଟ ଅଧିନାୟକ

ଇଂଲଣ୍ଡରେ ଖେଳାଯିବାକୁଥିବା ଆଇସିସି ବିଶ୍ୱକପ୍‌ରେ ଟାଇଟଲ ଜିତିବାର ଯଥେଷ୍ଟ ସମ୍ଭାବନା ରହିଛି।

– ସୌରଭ ଗାଙ୍ଗୁଲି, ପୂର୍ବତନ ଭାରତୀୟ ଅଧିନାୟକ

ଭାରତ ଉପରେ ଆଇଓସି କ୍ଷୁବ୍ଧ

ଲାଉସାନେ/ ନୂଆଦିଲ୍ଲୀ,୨୨।୨(ପି.ଟି.)

ନୂଆଦିଲ୍ଲୀ ଶୁଟିଂ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବା ପାଇଁ ପାକିସ୍ତାନ ଶୁଟରମାନଙ୍କୁ ଭିଜା ଦେବାକୁ ଭାରତ ମନା କରିଦେବା ପରେ ଆନ୍ତର୍ଜାତିକ ଅଲିମ୍ପିକ କମିଟି(ଆଇଓସି) କ୍ଷୁବ୍ଧ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଫଳରେ ଭାରତରେ ଅଲିମ୍ପିକ୍ ତଥା ଅନ୍ୟ ବିଶ୍ୱସ୍ତରୀୟ ଇଭେଣ୍ଟ ଆୟୋଜନ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଆଇଓସି ଏ ନେଇ ଭାରତ ସହ ସବୁ ପ୍ରକାର ଆଲୋଚନା ବାତିଲ କରିବାକୁ ନିଷ୍ପତ୍ତି ନେଇଛି। କେବଳ ସେତିକି ନୁହଁ ଭାରତକୁ କୌଣସି ବଡ଼ ଟୁର୍ନାମେଣ୍ଟ ଆୟୋଜନ ଅଧିକାର ନ ଦେବା ପାଇଁ ସୁପାରିଶ କରିଛି। ଏଥି ସହିତ ଶୁଟିଂ ବିଶ୍ୱକପ୍‌ର ଦୁଇଟି ଅଲିମ୍ପିକ କୋଟାକୁ ରଦ୍ଦ କରିଛି।

ଗତ ଶନିବାର ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଭାରତର ୪୦ ସିଆରିପିଏଫ୍ ଯବାନ ଶହୀଦ ହେବା ପରେ ଭାରତ ପାକ୍ ଶୁଟରଙ୍କୁ ଭିଜା ଦେବାକୁ ମନା କରିଦେଇଛି। ଏଥିରେ ଅସନ୍ତୋଷ ଜାହିର କରି ଆଇଓସି ୨୫ ମିଟର ରାପିଡ ଫାୟାର ପିସ୍ତଲ ପ୍ରତିଯୋଗିତାର ଦୁଇଟି ଅଲିମ୍ପିକ୍ କୋଟାକୁ ରଦ୍ଦ କରିଦେଇଛି। ଭବିଷ୍ୟତରେ ବଡ଼ ଇଭେଣ୍ଟ ଆୟୋଜନ ନେଇ ଭାରତ ସହ କୌଣସି ଆଲୋଚନା କରାଯିବ ନାହିଁ ବୋଲି କହିଛି। ଆଗକୁ ଭାରତ ୨୦୨୬ ଯୁବ ଅଲିମ୍ପିକ୍ସ, ୨୦୩୨ ସମର ଅଲିମ୍ପିକ୍ସ ଓ ୨୦୩୦ ଏସିଆନ ଗେମ୍ସ ଆୟୋଜନ କରିବାକୁ ଇଚ୍ଛା ପ୍ରକାଶ କରିଥିଲା। ପୂର୍ବରୁ ଭାରତ ୨୦୩୨ ଅଲିମ୍ପିକ୍ସ ଗେମ୍ସ ଆୟୋଜନ କରିବା ନେଇ ଆଇଓସିକୁ ତା'ର ଆଭିମୁଖ୍ୟ ସ୍ପଷ୍ଟ କରିଥିଲା। ୨୦୨୬ ଯୁବ ଅଲିମ୍ପିକ୍ସର ବିଡିଂ ପ୍ରକ୍ରୟା ଆସନ୍ତା ବର୍ଷ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଯେପର୍ଯ୍ୟନ୍ତ ଭାରତ ସରକାର ବିଭିନ୍ନ ଇଭେଣ୍ଟ ଆୟୋଜନରେ ଅଲିମ୍ପିକ୍ସ ନିୟମ ଅନୁସାରେ ସବୁ ପ୍ରତିଯୋଗୀଙ୍କୁ ଅଂଶଗ୍ରହଣ କରିବା ନିମନ୍ତେ ଅନୁମତି ତଥା ଭିଜା ଦେବା ନେଇ ଲିଖିତ ଭାବେ ଗ୍ୟାରେଣ୍ଟି ନ ଦେଇଛି ସେପର୍ଯ୍ୟନ୍ତ ଆଇଓସି ତା'ର ଆଭିମୁଖ୍ୟ ବଜାୟ ରଖିବ ବୋଲି ସ୍ପଷ୍ଟ କରିଛି।

ପାକ୍ ଶୁଟରଙ୍କୁ ଭିଜା ନ ଦେବା ଘଟଣା ଅଲିମ୍ପିକ୍ସର ମୌଳିକ ନିୟମର ଉଲ୍ଲଂଘନ କରୁଛି ବୋଲି ଲାଉସାନେରେ ଆୟୋଜିତ କାର୍ଯ୍ୟକାରୀ କମିଟି ବୈଠକରେ କୁହାଯାଇଛି। ଏଥି ସହିତ ଭବିଷ୍ୟତରେ ବିଭିନ୍ନ ଇଭେଣ୍ଟ ଆୟୋଜନ ନେଇ ଆଇଓଏ ତଥା ଭାରତ ସରକାରଙ୍କ ସହ କୌଣସି ଆଲୋଚନ ହେବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ଅପରପକ୍ଷରେ ଆଇଓଏ ଏ ନେଇ ତା'ର ଅସହାୟତା ପ୍ରକାଶ କରିଛି। ବର୍ତ୍ତମାନର ପରିସ୍ଥିତିରେ ଦେଶର କ୍ରୀଡ଼ା ଭବିଷ୍ୟତ ଭଲ ମନେ ହେଉ ନାହିଁ ବୋଲି ଆଇଓଏ କହିଛି। ଆମେ ସବୁ ମତେ ଚେଷ୍ଟା କରିଛୁ। ତେବେ ଖେଳାଳିଙ୍କୁ ଭିଜା ଦେବା ଦାୟିତ୍ୱ ସରକାରଙ୍କର। ଦେଶର ସବୁ କ୍ରୀଡ଼ା ପାଇଁ ଏବେ ବିପଦଜନକ ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଆଇଓଏ ସାଧାରଣ ସମ୍ପାଦକ ରାଜୀବ ମେହେଟ୍ଟା କହିଛନ୍ତି। ଏହା ଦ୍ୱାରା ଆମ ଖେଳାଳିମାନେ କ୍ଷତିଗ୍ରସ୍ତ ହେବେ। ପୁଣି ଥରେ ପରିସ୍ଥିତି ସମାଧାନ ପାଇଁ ଆମେ ସରକାରଙ୍କୁ ଅନୁରୋଧ କରିବୁ। ଯଦି ଆଗାମୀ ୧୫–୨୦ ଦିନ ମଧ୍ୟରେ ଭାରତ ସରକାର କୌଣସି ପ୍ରତିଶ୍ରୁତି ନ ଦିଅନ୍ତି ତେବେ ଆଇଓସି ନିକଟରୁ ଆଉ ଏକ ଚିଠି ଆସିବ ବୋଲି ସେ କହିଛନ୍ତି। ଅଲିମ୍ପିକ୍ସ ଆୟୋଜନ କରିବା ଇଚ୍ଛା ଜାହିର କରିଥିବା ଭାରତ ମଧ୍ୟ ୨୦୨୧ ପୁରୁଷ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍ ଆୟୋଜନ ଅଧିକାର ପାଇଛି। ତେଣୁ ଭାରତ ଏବେ ଆନ୍ତର୍ଜାତିକ ସ୍ତରରେ ନିନ୍ଦିତ ହେଉଛି। ଗତବର୍ଷ ମଧ୍ୟ ମହିଳା ବିଶ୍ୱ ଚାମ୍ପିୟନଶିପ୍‌ରେ କୋସୋଭର ଜଣେ ବକ୍ସରଙ୍କୁ ଭିଜା ନ ଦେଇ ଭାରତ ବିବାଦ ସୃଷ୍ଟି କରିଥିଲା ଓ ଏନେଇ ଆଇଓସି ଭାରତକୁ ଚିଠି ଲେଖିଥିଲା। ନୂଆଦିଲ୍ଲୀରେ ଶନିବାରଠାରୁ ଆରମ୍ଭ ହେବାକୁ ଥିବା ବିଶ୍ୱକପ୍‌ରେ ୨୦୨୦ ଅଲିମ୍ପିକ୍ସ ପାଇଁ ସବୁ ୧୬ ଅଲିମ୍ପିକ୍ କୋଟାକୁ ରଦ୍ଦ କରିବାକୁ ଆନ୍ତର୍ଜାତିକ ଶୁଟିଂ ସ୍ପୋର୍ଟ୍ସ ଫେଡେରେଶନ (ଆଇଏସ୍‌ଏସ୍‌ଏଫ୍) ଅଧ୍ୟକ୍ଷ ଭ୍ଲାଡିମୀର ଲିସିନ ଘୋଷଣା କରିଥିଲେ। ତେବେ ପରେ ଆଇଓସି ୧୬ ବଦଳରେ ୨ଟି ଅଲିମ୍ପିକ୍ କୋଟାକୁ ରଦ୍ଦ କରିବାକୁ ନିଷ୍ପତ୍ତି ନେଇଥିଲା। ନୂଆଦିଲ୍ଲୀରେ ଆୟୋଜନ ହେବାକୁ ଥିବା ଏହି ଇଭେଣ୍ଟରେ ୬୧ଟି ଦେଶରୁ ଅନ୍ୟ ୫୦୦ ଆଥଲେଟ୍ ଅଂଶଗ୍ରହଣ କରିବେ। ଏମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି ବୋଲି ଆଇଓସି ତରଫରୁ କୁହାଯାଇଛି। ଉଲ୍ଲେଖଥାଉ କି, ପାକିସ୍ତାନ ତା'ର ଦୁଇଜଣ ଶୁଟର ଜି.ଏମ୍. ବଶିର ଓ ଖଲିଲ ଅହମ୍ମଦଙ୍କ ପାଇଁ ଭିଜା ଆବେଦନ କରିଥିଲା। ଏହି ଦୁଇ ଶୁଟର ରାପିଡ ଫାୟାର ବର୍ଗରେ ଅଂଶଗ୍ରହ କରିବାର କାର୍ଯ୍ୟକ୍ରମ ଥିଲା। ଏହି ଇଭେଣ୍ଟ ଟୋକିଓ ଆୟୋଜନ ହେବାକୁ ଥିବା ୨୦୨୦ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟର ମାନ୍ୟତା ପାଇଛି।

ପାକିସ୍ତାନର ସ୍ୱାଗତ

କରାଚୀ,୨୨।୨(ପି.ଟି.)– ଆନ୍ତର୍ଜାତିକ ଅଲିମ୍ପିକ୍ କମିଟି (ଆଇଓସି) ନିଷ୍ପତ୍ତିକୁ ନ୍ୟାଶନାଲ ଅଲିମ୍ପିକ ଆସୋସିଏଶନ ଅଫ୍ ପାକିସ୍ତାନ (ପିଓଏ) ସ୍ୱାଗତ କରିଛି। ୨୫ ମିଟର ରାପିଡ ଫାୟାର ପିସ୍ତଲ ଇଭେଣ୍ଟରେ ଅଲିମ୍ପିକ କୋଟା ରଦ୍ଦ କରିବାକୁ ଆଇଓସି ନିଷ୍ପତ୍ତି ନେଇଥିଲା। ଏହା ସ୍ୱାଗତ ଯୋଗ୍ୟ ବୋଲି ପିଓଏ ଅଧ୍ୟକ୍ଷ ଆରିଫ ହାସନ କହିଛନ୍ତି। ଆମର ଦୁଇ ଶୁଟର ଏହି ଇଭେଣ୍ଟ ପାଇଁ ଦୀର୍ଘ ଦିନ ହେବ ପ୍ରସ୍ତୁତି କରୁଆସୁଛନ୍ତି। ଏପରି ସ୍ଥଳେ ଆମ ଶୁଟରଙ୍କୁ ଭିଜା ନ ମିଳିବା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। ଏଭଳି ପରିସ୍ଥିତିରେ ଆଇଓସିକୁ ଏସଂକ୍ରାନ୍ତରେ ଅବଗତ କରାଇବା ଅପେକ୍ଷା ଆମ ପାଖରେ କୌଣସି ବିକଳ୍ପ ମଧ୍ୟ ନହିଁ ବୋଲି ସେ କହିଛନ୍ତି।

୧୬ରୁ ୨ ଅଲିମ୍ପିକ୍ କୋଟା ରଦ୍ଦ

ନୂଆଦିଲ୍ଲୀ, ୨୨।୨(ପି.ଟି.)– ଆନ୍ତର୍ଜାତିକ ଶୁଟିଂ ଫେଡେରେଶନ (ଆଇଏସ୍‌ଏସ୍‌ଏଫ୍) ୧୬ ଅଲିମ୍ପିକ୍ କୋଟାକୁ ରଦ୍ଦ କରିବାକୁ ଘୋଷଣା କରିବା ପରେ ଆର୍ନ୍ତାଜାତିକ ଅଲିମ୍ପିକ୍ କମିଟି (ଆଇଓସି) ଏହାକୁ ୨କୁ କମାଇଛି। ନୁଆଦିଲ୍ଲରେ ଆୟୋଜନ ହେବାକୁ ଥିବା ଶୁଟିଂ ବିଶ୍ୱକପ୍‌ରୁ କେବଳ ପୁରୁଷ ୨୫ ମିଟର ରାପିଡ ଫାୟାର ପିସ୍ତଲ ଇଭେଣ୍ଟରୁ ଅଲିମ୍ପିକ କ୍ୱାଲିଫିକେଶନ ଷ୍ଟାଟସ୍‌କୁ କାଢ଼ି ନିଆଯାଇଛି ବୋଲ ଆଇଓସି ସ୍ପଷ୍ଟ କରିଛି। ଏହା ଦ୍ୱାରା ଏହି ମେଗା ଇଭେଣ୍ଟରେ ଚମକ ତଥା ଲୋକପ୍ରିୟତା ପୂର୍ବ ପରି ବଜାୟ ରହିବ। ଫଳରେ ନ୍ୟାଶନାଲ ରାଇଫଲ୍ସ ଆସୋସିଏଶନ ଅଫ୍ ଇଣ୍ଡିଆ (ଏନ୍‌ଆରଏଆଇ) ଆସ୍ୱସ୍ତି ଲାଭ କରିଛି। ଏଥିପାଇଁ ଶୁଟିଂ ବିଶ୍ୱକପ୍ ଆୟୋଜକ କମିଟି ଓ ଏନ୍‌ଆରଏଆଇ ଆଇଓସିକୁ ଧନ୍ୟବାଦ୍ ଜଣାଇଛି। ଆଇଏସ୍‌ଏସ୍‌ଏଫ୍ ଅଧ୍ୟକ୍ଷ ଭ୍ଲାଡିମୀର ଲିସିନ, ସାଧାରଣ ସମ୍ପାଦକ ଆଲେକ୍‌ଜାଣ୍ଡାର ରାଟନର, ଆଇଓଏ ଅଧ୍ୟକ୍ଷ ନରିନ୍ଦର ବାତ୍ରାଙ୍କୁ ଏନ୍‌ଆରଏଆଇ ଧନ୍ୟବାଦ ଜଣାଇଛି।

ଗୁରୁକୁଳ ର୍ୟାଙ୍କିଙ୍ଗ୍ ଟେନିସ: ଅଂଶୁ ଚାମ୍ପିୟନ

ଅଂଶୁକୁମାର ଭୂୟାଁ ଓ ଶେଖ୍ ମହମ୍ମଦ ଇଫ୍‌ତିକାର୍ ଟ୍ରଫି ସହ।

ଭୁବନେଶ୍ୱର, ୨୨।୨ (କ୍ରୀଡ଼ା ପ୍ରତିନିଧି)

ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସର୍ଟ ଟେନିସ କମ୍ପ୍ଲେକ୍ସରେ ଅନୁଷ୍ଠିତ ଏଆଇଟିଏ–ଓଟିଏ ପୁରୁଷ ୫୦କେ ର୍ୟାଙ୍କିଙ୍ଗ୍ ଟେନିସ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସରେ ଚାମ୍ପିୟନ ହୋଇଛନ୍ତି ଓଡ଼ିଶାର ଅଂଶୁକୁମାର ଭୂୟାଁ। ଶୁକ୍ରବାର ଫାଇନାଲରେ ଅଂଶୁ ଆସାମର ଶେଖ୍ ମହମ୍ମଦ ଇଫ୍‌ତିକାର୍‌ଙ୍କୁ୬–୨, ୬–୪ ସେଟ୍‌ରେ ହରାଇ ଟାଇଟଲ ହାସଲ କରିଛନ୍ତି। ପୁରୁଷ ହବଲ୍ସରେ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି ଓଡ଼ିଆ ଯୋଡ଼ି ସତୀର୍ଥ ପଟ୍ଟନାୟକ ଓ ଆଶୁତୋଷ ଦାସ। ଫାଇନାଲରେ ଆନ୍ଧ୍ର ପ୍ରଦେଶର ଉମର ଶେଖ୍ ଓ ଆସାମର ଶେଖ୍ ମହମ୍ମଦ ଇଫ୍‌ତିକାର୍ ଯୋଡ଼ି ୦–୬, ୬–୪,(୧୦–୪) ସେଟ୍‌ରେ ସତୀର୍ଥ–ଆଶୁତୋଷଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ଟୁର୍ନାମେଣ୍ଟ ନିର୍ଦ୍ଦେଶକ ପ୍ରଦୀପ ପ୍ରଧାନ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ରେଫରି ଯତୀନ ବୈସ୍ୟ, ଓଡ଼ିଶା ଟେନିସ ଆସୋସିଏଶନ(ଓଟିଏ) ମ୍ୟାନେଜର ପ୍ରକାଶ ପଟ୍ଟନାୟକ ଉପସ୍ଥିତ ଥିଲେ। ସିଙ୍ଗଲ୍ସରେ ଚାମ୍ପିୟନ ଓ ରନର୍ସଅପ୍ ଖେଳାଳି ଯଥାକ୍ରମେ ୧୫ ଓ ୧୨ ରେଟିଂ ପଏଣ୍ଟ ପାଇଛନ୍ତି। ସେହିପରି ଡବଲ୍ସରେ ଚାମ୍ପିୟନ ଓ ରନର୍ସଅପ୍ ଯୋଡ଼ି ୧୨ ଓ ୮ ପଏଣ୍ଟ ଲେଖାଏ ହାସଲ କରିଛନ୍ତି।

DADLS-281

ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା
କଟକ ଜିଲ୍ଲା ବଡ଼ମ୍ବା - ନରସିଂହପୁର ଅଞ୍ଚଳରେ
୯୩୧ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର
ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ
୨୩ ଫେବୃଆରୀ ୨୦୧୯ • ଶନିବାର
ଅନନ୍ତ ନାରାୟଣ ହାଇସ୍କୁଲ ପଡ଼ିଆ, ନରସିଂହପୁର • ମଧ୍ୟାହ୍ନ ୧୨.୨୦

ଓଡ଼ିଶା ସରକାର

ଶୁଭ ଉଦ୍‌ଘାଟନ

- ୨୨୫ କୋଟି ଟଙ୍କାରେ ୧୬୨ଟି ଗ୍ରାମର ୨୫୦୦୦ ଏକର ଚାଷଜମିକୁ ଜଳସେଚିତ କରିବା ପାଇଁ ମେଗା ଉଠା ଜଳସେଚନ ପ୍ରକଳ୍ପ
- ନରସିଂହପୁର ୨୨୦×୩୩ କେ.ଭି ଗ୍ରୀଡସବ୍‌ଷ୍ଟେସନ ଏବଂ ମର୍ଦ୍ଦମୁଖ, ଗୋପପୁର ୩୩/୧୧ କେ.ଭି ସବ୍‌ଷ୍ଟେସନ
- ଅଲରା - ନନ୍ଦକିଶୋରପୁର, ଗୁହାଳସାହି - ରଣସିଂହପୁର, ପୂର୍ତ୍ତରାସ୍ତା - ଅଢ଼େଇଗୁଣ୍ଡି ରାସ୍ତା ପ୍ରକଳ୍ପ
- ସୁନାପାଳ - ମଙ୍ଗରାଜପୁର ରାସ୍ତାରେ ପୋଖରା ନାଳ ଉପରେ, ଦେଉଳି - ବିଶ୍ୱନ୍ଥରପୁର ରାସ୍ତା ସିଆରିଆ ନାଳ ଉପରେ ଏବଂ ମଢ଼େଇପଦା - ବାଦଭୁଇଁ ରାସ୍ତାର ସୁନ୍ଦରିଆ ଉପରେ ନିର୍ମିତ ସେତୁ
- ନବନିର୍ମିତ ବଡ଼ମ୍ବା ରାଜସ୍ୱ ଡ଼ାକବଙ୍ଗଳା

ଭିତ୍ତିପ୍ରସ୍ତର ସ୍ଥାପନ

- ନରସିଂହପୁର - ବଡ଼ମ୍ବା ଅଞ୍ଚଳପାଇଁ ୨୧୭ କୋଟି ଟଙ୍କାର ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ
- ବଡ଼ମ୍ବା - ନରସିଂହପୁର ଅଞ୍ଚଳର ୧୫୦୦୦ ଏକର ଚାଷଜମିକୁ ଜଳସେଚିତ କରିବା ଉଦ୍ଦେଶ୍ୟରେ ୧୫୩କୋଟି ଟଙ୍କାର ୨ୟ ପର୍ଯ୍ୟାୟ ମେଗା ଉଠା ଜଳସେଚନ ପ୍ରକଳ୍ପ
- ବଡ଼ମ୍ବା ବ୍ଲକ୍‌ର ୫୪ଟି ଗ୍ରାମର ୩୭୪୭ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଦେବାପାଇଁ ୧୮୫ କୋଟି ଟଙ୍କାର କେନାଲ ବ୍ୟବସ୍ଥା
- ୨ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ
- ନରସିଂହପୁର - ବାଲିପୁଟ ଏବଂ ଚମ୍ପେଶ୍ୱର - କାନପୁର ସଡ଼କ ପ୍ରକଳ୍ପ
- ୫ଟି ସଡ଼କ ନିର୍ମାଣ ପ୍ରକଳ୍ପ ଏବଂ ଗୋଟିଏ ହାଇଲେଭଲ ସେତୁ
- ବଡ଼ମ୍ବା ବ୍ଲକ୍‌ର ୫୬ଟି ଏବଂ ନରସିଂହପୁର ବ୍ଲକ୍‌ର ୭୧ଟି ଅଙ୍ଗନୱାଡି କେନ୍ଦ୍ର

ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ସହାୟତା ପ୍ରଦାନ ଏବଂ ସାଧାରଣ ସଭାରେ ଉଦ୍‌ବୋଧନ

ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ

ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0591/1819

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା: ୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663) 2405616 ସମ୍ବଲପୁର, ଶନିବାର, ଫେବୃୟାରୀ ୨୩/୨୦୧୯ Sambalpur, Saturday, February 23/2019

ସଂକ୍ଷେପରେ

୪ର୍ଥ ଶ୍ରେଣୀ ଛାତ୍ରୀଙ୍କୁ ଶିକ୍ଷକଙ୍କ ଅସଦାଚରଣ ଅଭିଯୋଗ

ଧାମନଗର, ୨୨।୨ (ଡି.ଏନ.ଏ.)- ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଏକ ବିଦ୍ୟାଳୟର ଜଣେ ୪ର୍ଥ ଶ୍ରେଣୀ ଛାତ୍ରୀଙ୍କୁ ଶିକ୍ଷକ ଅସଦାଚରଣ କରିଥିବା ଧାମନଗର ଥାନାରେ ଅଭିଯୋଗ କରାଯାଇଛି। ଶୁକ୍ରବାର ଛାତ୍ରୀଙ୍କ ମା'ଙ୍କ ଅଭିଯୋଗ କ୍ରମେ ପୋଲିସ ଘଟଣାର ତଦନ୍ତ କରୁଛି। ପ୍ରକାଶ ଯେ, ଗତ ୧୫ ତାରିଖରେ ଛାତ୍ରୀ ଜଣଙ୍କ କାନ୍ଦି କାନ୍ଦି ସ୍କୁଲରୁ ଫେରିବାରୁ ତାଙ୍କ ମା' ଘଟଣା ସମ୍ପର୍କରେ ପଚାରିଥିଲେ। ସ୍କୁଲ ଛୁଟି ସମୟରେ ଶିକ୍ଷକ ଜଣଙ୍କ ତାଙ୍କୁ ଏକୁଟିଆ ଡାକି ନେଇ ଅସଦାଚରଣ କରିଥିବା ଛାତ୍ରୀ ଜଣଙ୍କ ତାଙ୍କ ମା'ଙ୍କୁ କହିଥିଲେ। ତାଙ୍କ ମା' ସଙ୍ଗେ ସଙ୍ଗେ ବିଦ୍ୟାଳୟକୁ ଯାଇଥିଲେ ମଧ୍ୟ ସେଠାରେ କାହାକୁ ନ ପାଇ ଫେରିଆସି ପରିଚାଳନା କମିଟି ସଭାପତିଙ୍କୁ ଏ ବିଷୟରେ ଜଣାଇଥିଲେ। ସେବେଠାରୁ ସମ୍ପୃକ୍ତ ଶିକ୍ଷକ ବିଦ୍ୟାଳୟକୁ ଆସୁ ନ ଥିବାରୁ ବାଧହୋଇ ଛାତ୍ରୀଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି।

ଆରମ୍ଭ ହେଲା ନିୟମରାଜା ପରବ

ଲାଞ୍ଜିଗଡ଼,୨୨।୨(ଡି.ଏନ.ଏ.)

ଆଦିବାସୀ ଏକତାର ଏକକ ନିଦର୍ଶନ

ନିୟମରାଜାଙ୍କ ବାର୍ଷିକ ନିୟମରାଜା ପରବ ପାଇଁ ଶୁଭ ସ୍ତମ୍ଭ ସ୍ଥାପନ କରାଯାଉଛି ।

ଆଦିବାସୀ ଝରଣିଆ ଓ କୁଟିଆ କନ୍ଧଙ୍କ ଆରାଧ୍ୟ ଦେବତା ନିୟମରାଜାଙ୍କ ବାର୍ଷିକ ନିୟମରାଜା ପରବ ଶୁକ୍ରବାରରୁ ଆରମ୍ଭ ହୋଇଯାଇଛି । ପାରମ୍ପରିକ ରୀତିନୀତି ଅନୁସାରେ ନିୟମଗିରି ପର୍ବତ ଶିଖରରେ ଥିବା ଅଁଳାଭଟାରେ ଶୁଭଖମ୍ଭ ସ୍ଥାପନ ସହିତ ଆରମ୍ଭ ହୋଇଛି ଏହି ପ୍ରକୃତି ଉପାସନାର ମହାନ ପରମ୍ପରା । ଜୈବ ବିବିଧତା ପରିପୂର୍ଣ୍ଣ ନିୟମଗିରି ସଂଲଗ୍ନ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ, ରାୟଗଡ଼ ଜିଲା ମୁନିଗୁଡ଼ା, ବିଷମକଟକ, କଲ୍ୟାଣ ସିଂହପୁର ବ୍ଲକର ହଜାର ହଜାର ଆଦିମ ଅଧିବାସୀଙ୍କ ମଧ୍ୟରେ ନିୟମରାଜା ପରବକୁ ନେଇ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ହର୍ଷୋଲ୍ଲାସର ବାତାବରଣ ମଧ୍ୟରେ ଶୁଭସ୍ତମ୍ଭ ସ୍ଥାପନ ସହିତ ପରବର ଶୁଭାରମ୍ଭ ହୋଇଛି । ୩ ଦିନ ଧରି ହେବାକୁ ଥିବା ଏହି ପରବ ଶେଷ ଦିନରେ ଏହି ମାଟିର ମଣିଷମାନେ ନେବେ ବଜ୍ର ଶପଥ । କାରଣ ପ୍ରକୃତିର ଅମାପ ସମ୍ପଦ ମାଟି, ପାଣି, ପବନ ଓ ଜଙ୍ଗଲକୁ ନେଇ ବଞ୍ଚୁଥିବା ଏହି ମାଟିର ମଣିଷମାନେ ବହୁ ରାଷ୍ଟ୍ରୀୟ କମ୍ପାନୀ ଦ୍ୱାରା ନିୟମଗିରି ପାହାଡରୁ ବକ୍ସାଇଟ୍ ଉତ୍ତୋଳନକୁ ଦୀର୍ଘ ଦିନ ଧରି ବିରୋଧ କରି ଆସୁଥିବାବେଳେ ଏହାର ସୁରକ୍ଷା ପାଇଁ ଏହି ପୂଜାରେ ହିଁ ବଜ୍ର ଶପଥ ନେଇଥାନ୍ତି। ପୂଜାର୍ଚ୍ଚନା ପରେ ରକ୍ତ ଚାଉଳକୁ ଧରି ଶପଥ ନେଇଥାନ୍ତି ଏବଂ ସେହି ସମୟରେ ସମସ୍ତଙ୍କ ପାଟିରୁ ବାହାରି ପଡିଥାଏ ଜାନ୍ ଜାଉ ଜୀବନ୍ ଯାଉ ନିୟମଗିରି ବଞ୍ଚିଥାଉ। ନିୟମରାଜା ପରବକୁ ନେଇ କେବଳ ସ୍ଥାନୀୟ ଅଧିବାସୀ ନୁହଁନ୍ତି ବରଂ ଦେଶ ତଥା ବିଦେଶର ମାନବାଧିକାର କର୍ମୀ, ଗଣମାଧ୍ୟମ ପ୍ରତିନିଧି ଉତ୍ସାହିତ ହେବା ସହିତ ଏଥିରେ ସାମିଲ ହେବା ଦେଖାଯାଏ। ନିୟମରାଜା ପରବ ମଧ୍ୟ ଆଦିବାସୀ ପରମ୍ପରାକୁ ବଜାୟ ରଖିବା ସହ ନିୟମଗିରି ସୁରକ୍ଷା ପାଇଁ ଆଦିବାସୀଙ୍କ ମଧ୍ୟରେ ଏକତ୍ୱ ଭାବ ସୃଷ୍ଟି କରିବାର କାରଣ ପାଲଟିଛି । ୩ ଦିନ ଧରି ଏହି ପରବର ଗୁରୁତ୍ୱ ଏବେ ଅନେକ ଗୁଣରେ ବୃଦ୍ଧି ପାଇଛି । ନିୟମଗିରି ସୁରକ୍ଷା ସମିତି ଆହ୍ୱାନରେ ଆୟୋଜିତ ଏହି ପରବରେ ଲଦ ସିକୋକା, ଦଧି ପୁସିକା, କୁମୁଟି ମାଝି, ସମାଜବାଦୀ ଜନପରିଷଦ ରାଜ୍ୟ ଆବାହକ ଲିଙ୍ଗରାଜ ଆଜାଦ, ସତ୍ୟ ମାହାର ଆଦି ଆଦିବାସୀ ନେତା ଓ ସାମାଜି କର୍ମୀ ନେତୃତ୍ୱ ନେଉଥିବାବେଳେ ନିୟମଗିରି ସଂଲଗ୍ନ ଅଞ୍ଚଳର ୧୧୨ଟି ଗାଁର ହଜାର ହଜାର ଆଦିବାସୀ ମହିଳାପୁରୁଷ ସାମିଲ ହେବେ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ ପାଇଛି ।

ଗୁରୁତର ଅବସ୍ଥାରେ ବୃଦ୍ଧ ଉଦ୍ଧାର

ରାଉରକେଲା ଅଫିସ,୨୨।୨

ଉଦିତନଗର ହାଇସ୍କୁଲ ପଡ଼ିଆରେ ପଲିଥିନ ତଳେ ପଡିଥିବା ଜଣେ ବୃଦ୍ଧଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ସାମାଜିକ ସଂଗଠନ 'ଆଖି' କର୍ମକର୍ତ୍ତା ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରେ ଭର୍ତ୍ତି କରିଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ସଂଗଠନ କର୍ମକର୍ତ୍ତା କହିଛନ୍ତି । ବୃଦ୍ଧଙ୍କ ଗୋଡ଼ ଦୁଇଟି ପକ୍ଷାଘାତରେ ଆକ୍ରାନ୍ତ ହୋଇଥିଲା । ଆବଶ୍ୟକ ଚିକିତ୍ସା ଅଭାବରୁ ସେଥିରେ ଘା' ହେବା ସହ ପୋକ ସାଲୁବାଲୁ ହେଉଥିବା ଜଣାପଡିଥିଲା । କେବଳ ଗୋଡ଼ ନୁହେଁ, ଶରୀରର ଏକାଧିକ ସ୍ଥାନରେ ମଧ୍ୟ ଏଭଳି ଘା' ସୃଷ୍ଟି ହୋଇଥିବାରୁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି ବୋଲି ଅବିନାଶ ଶୁକ୍ଳା, ସିଲୁ ଦାସ, ଦେବିକା ମିଶ୍ର ପ୍ରମୁଖ କହିଛନ୍ତି । ସଂଗଠନ କର୍ମକର୍ତ୍ତାଙ୍କ ସୂଚନାନୁସାରେ ସମ୍ପୃକ୍ତ ବ୍ୟକ୍ତି ଜଣକ ସ୍ଥାନୀୟ ଏକ ସରକାରୀ କାର୍ଯ୍ୟାଳୟରେ ସୁରକ୍ଷାକର୍ମୀ ଭାବେ କାମ କରୁଥିଲେ।

ସିପିସିବି କର୍ତ୍ତୃପକ୍ଷଙ୍କ ଅଜବ ନୀତି

ତଦନ୍ତର ୨ ମାସ ପରେ ବନ୍ଦ ନିର୍ଦ୍ଦେଶ

ଯାଜପୁର ଅଫିସ,୨୨।୨

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ମେସ୍କୋ ଷ୍ଟିଲ ଉପରେ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) କର୍ତ୍ତୃପକ୍ଷଙ୍କ ଆଶୀର୍ବାଦ ରହିଛି। ଗତ ଡିସେମ୍ବର ୧୩ ଓ ୧୪ର ଅନୁଧ୍ୟାନ ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି। ବିଡମ୍ବନା ଯେ, ଅନୁଧ୍ୟାନ ତାରିଖର ୨ମାସ ଅତିକ୍ରାନ୍ତ ପରେ ମେସ୍କୋ ଷ୍ଟିଲ କମ୍ପାନୀର ଭାଇସ ପ୍ରେସିଡେଣ୍ଟଙ୍କୁ କାରଖାନା ପରିଚାଳନା ବନ୍ଦ କରିବାକୁ ନିର୍ଦ୍ଦେଶ ହୋଇଛି। ଆଶ୍ଚର୍ଯ୍ୟର କଥା ଯେ, ସିପିସିବି କର୍ତ୍ତୃପକ୍ଷଙ୍କ ତଦନ୍ତ ପରେ ଇତିମଧ୍ୟରେ ମେସ୍କୋ କର୍ତ୍ତୃପକ୍ଷ ସୁଯୋଗ ପାଇ ବାୟୁ ପ୍ରଦୂଷଣର ଗୁରୁତ୍ୱପୂର୍ଣ୍ଣ ମେଶିନ କଣ୍ଟିନ୍ୟୁଇଂ ଏମିସନ ମନିଟରିଂ ସିଷ୍ଟମ (ସିଏଏମଏସ) କାର୍ଯ୍ୟକାରୀ ହୋଇସାରିଛି। ଏଥିରେ ମେସ୍କୋ ଓ ସିପିସିବି ମଧ୍ୟରେ ଲକ୍ଷାଧିକ ଟଙ୍କାର କାରବାର ହୋଇଥିବା ଅନୁମାନ କରାଯାଉଛି।



EPBX : 2561969/2562847
Email : paribesh1@mpcboard.org
Website : www.mpcboard.org

STATE POLLUTION CONTROL BOARD, ODISHA
[DEPARTMENT OF FOREST & ENVIRONMENT, GOVERNMENT OF ODISHA]
Paribesh Bhawan, A/118, Nilakanthanagar, Unit-VIII,
Bhubaneswar 751012

No. 19258 / IND-I-CON-4989 Dt. 22.02.2019 /
By Speed Post / By Email-info@mescosteel.com

From
Dr. A.K. Swar,
Chief Env. Engineer

To
The Vice President (Works),
M/s. Mideast Integrated Steels Ltd.,
(Works at Kalinagangar Industrial Complex)
At- Khurunti, PO- Dangadi,
Dist - Jajpur -755026

Sub : Direction U/s. 5 of the E(P) Act, 1986 by CPCB-Reg.

Ref : CPCB letter No. 15334, dtd. 14.02.2019.

Sir,
With reference to above, it is to intimate that Central Pollution Control Board has issued a direction U/s. 5 of the E(P) Act, 1986 to stop operation of your unit with immediate effect and not to resume operation based on non-compliances observed by officials of CPCB - Regional Directorate (Kolkata) during inspection conducted on 13.12.2014 to 14.12.2018.

In view of above, you are directed to furnish compliance to direction of CPCB to this office within 7 days for onward action at this end.

Yours faithfully,
Chief Env. Engineer

Memo No. 19259 /dtd. 22.02.2019 By e mail
Copy forwarded to the Regional Officer, SPC Board, Kalinganagar for information. He is requested to inspect the unit and verify physical compliance made by the unit and submit report to this office at the earliest.
Chief Env. Engineer

ଏସପିସିବିର ନୋଟିସ

ଉକ୍ତ ପ୍ରଦୂଷଣରୁ ମୁକ୍ତ ରଖିବାକୁ କେନ୍ଦ୍ରସ୍ତରରେ ସିପିସିବି ଓ ରାଜ୍ୟସ୍ତରରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସପିସିବି) କାର୍ଯ୍ୟ କରୁଛି। ମାତ୍ର ସିପିସିବି ସମେତ ଏସ୍‌ପିସିବି ନିଜ ଦାୟିତ୍ୱକୁ ଭୁଲି ଯାଇଛି। ବାୟୁ ଓ ଜଳ ପ୍ରଦୂଷଣ ସୃଷ୍ଟି କରୁଥିବା ବିଭିନ୍ନ କାରଖାନା ମାଲିକଙ୍କଠାରୁ ମୋଟା ଅଙ୍କର ହାତଗୁଞ୍ଜା ନେଇ ପ୍ରଭାବିତ ଲୋକଙ୍କ ଜୀବନକୁ ବିପଦରେ ପକାଉଥିବା ସିପିସିବିର ଏକ ନିର୍ଦ୍ଦେଶକୁ ଅବଲୋକନ କଲେ ସ୍ପଷ୍ଟ ବାରି ହୋଇ ପଡୁଛି। ସୂଚନା ଯେ, ଡିସେମ୍ବର ୧୩ ଓ ୧୪ରେ ସିପିସିବିର କୋଲକୋତା ଆଞ୍ଚଳିକ ନିର୍ଦ୍ଦେଶାଳୟର ଅଧିକାରୀମାନେ ମେସ୍କୋ ଷ୍ଟିଲ ପରିଦର୍ଶନରେ ଆସିଥିଲେ। ସିପିସିବିର ଇ(ପି) ଆକ୍ଟ-୧୯୮୬ର ଧାରା-୫କୁ ମେସ୍କୋ କର୍ତ୍ତୃପକ୍ଷ ପାଳନ କରି ନ ଥିବା ଅଧିକାରୀମାନେ ତଦନ୍ତରୁ ଜାଣି ପାରିଥିଲେ। ସିଏଏମ୍‌ଏସ୍ ପ୍ରତିଷ୍ଠା ହୋଇ ନ ଥିବାରୁ ମେସ୍କୋ କାରଖାନାର ଚିମିନିରୁ ନିର୍ଗତ ଧୂଆଁରେ କେତେ ପରିମାଣରେ ପ୍ରଦୂଷଣ ରହିଛି ତାହା ଅନଲାଇନ ଡାଟାରେ ଜଣା ପଡୁ ନ ଥିଲା। ଏହି ମେଶିନ ସହଯୋଗରେ ଦିଲ୍ଲୀରେ ରହି ଅନଲାଇନରେ ବାୟୁ ପ୍ରଦୂଷଣର ମାତ୍ରା ଆକଳନ କରାଯାଇଥାଏ । ଯାହାକି ମେସ୍କୋ କର୍ତ୍ତୃପକ୍ଷ ନ ମାନି ଦୀର୍ଘ ସମୟ ଧରି କାରଖାନା ଚଳାଇ ଆସୁଥିଲେ। ତଦନ୍ତ ପରେ ସିପିସିବି ପକ୍ଷରୁ ପତ୍ରସଂଖ୍ୟା ୧୫୩୩୬/୧୪।୨।୨୦୧୯ରେ ମେସ୍କୋ କାରଖାନାକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ ଭିତ୍ତିକରି ଏସପିସିବିର ମୁଖ୍ୟ ପରିବେଶ ଯନ୍ତ୍ରୀ ଏ.କେ. ସୁଆର ତାଙ୍କ ପତ୍ରସଂଖ୍ୟା ୧୯୫୮/୨୨।୨।୨୦୧୯ରେ ମେସ୍କୋର ଭାଇସ ପ୍ରେସିଡେଣ୍ଟଙ୍କୁ କାରଖାନା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ପ୍ରଦୂଷଣଜନିତ ରୋଗରେ କଳିଙ୍ଗନଗର ଦାନଗଦି ବ୍ଲକ ଅନ୍ତର୍ଗତ ଧୂଳିଗଡ ପଞ୍ଚାୟତ ମାନପୁର ଗ୍ରାମରେ। ୭ ଜଣଙ୍କ ମୃତ୍ୟୁ ହୋଇସାରିଛି। ସେହିପରି ରାବଣା ଓ ଦାନଗଦି ସ୍ୱାସ୍ଥ୍ୟକେନ୍ଦ୍ରରୁ ମିଳିଥିବା ରିପୋର୍ଟ ଅନୁସାରେ, ଗତ ୧୦ବର୍ଷ ମଧ୍ୟରେ ୨୫ ହଜାରରୁ ଊର୍ଦ୍ଧ୍ୱ ଲୋକ ବାୟୁ, ଧୂଳିଧୁଆଁ ଓ ଜଳବାହିତ ରୋଗରେ ଆକ୍ରାନ୍ତ ହୋଇଛନ୍ତି । କିଡିନୀ ରୋଗର ଭୟାବହତା ସାରା କଳିଙ୍ଗନଗର ଅଞ୍ଚଳରେ ବ୍ୟାପିବାରେ ଲାଗିଛି। ସିପିସିବି ଓ ଏସପିସିବି ଅଧିକାରୀଙ୍କ ଏଭଳି ଦାୟିତ୍ୱହୀନତା କାର୍ଯ୍ୟ ଯୋଗୁ ଲୋକଙ୍କ ଜୀବନ ବିପଦରେ ପଡିଥିବା କୁହାଯାଉଛି। ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ, ସିପିସିବିର ତଦନ୍ତ ପରେ ମେସ୍କୋ କାରଖାନାରେ ଇତିମଧ୍ୟରେ ସିଏଏମଏସ କାର୍ଯ୍ୟକାରୀ ହୋଇସାରିଛି । ଏନେଇ ରିପୋର୍ଟ ମଧ୍ୟ ଦାଖଲ ହୋଇସାରିଛି। ତଦନୁସାରେ ଏସ୍‌ପିସିବିର ନିର୍ଦ୍ଦେଶ ଅନୁଯାୟୀ ପରବର୍ତ୍ତି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

ବସ୍‌କୁ ଅପେକ୍ଷା କରିଥିଲେ, ଟ୍ରକ୍ ମାଡ଼ିଗଲା

ସୋନପୁର/ବିନିକା, ୨୨।୨(ନି.ପ୍ର./ଡି.ଏନ.ଏ.)

୨ ମୃତ, ୨ ଗୁରୁତର, ମୃତଦେହ ରଖି ରାସ୍ତା ଅବରୋଧ

ଆହତ ଭାନୁ ଓ ଜୟଦେବ ।

ଦୁର୍ଘଟଣା ଘଟାଇଥିବା ଟ୍ରକ୍ ।

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଚେରୁପାଲି ଛକରେ ବସ୍‌କୁ ଅପେକ୍ଷା କରିଥିବା ୪ ଜଣ ଯାତ୍ରୀଙ୍କ ଉପରେ ଏକ ଟ୍ରକ ମାଡିଯିବାରୁ ଶୁକ୍ରବାର ୨ଜଣଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଚେରୁପାଲିର ରୁଖ ଭୋରାସାଗର(୩୮) ଓ ବିନିକା ସହର ନିକଟସ୍ଥ ଶଉଳପୁରର ସୁରେନ୍ଦ୍ର ତରିଆ(୫୦)। ଟ୍ରକ୍ ଧକ୍କାରେ ରାସ୍ତାପାର୍ଶ୍ୱକୁ ଛିଟିକି ପଡିଥିବା ମୃତ ରୁଖଙ୍କ ଝିଅ ଭାନୁ(୪) ବିନିକା ସ୍ୱାସ୍ଥ୍ୟକେନ୍ଦ୍ରରେ ଓ ସେଲେଡିର ଜୟଦେବ ଷାଣ୍ଡ(୫୨) ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଗ୍ୟାସ ସିଲିଣ୍ଡର ବୋଝେଇ ଟ୍ରକ୍‌ର ଡ୍ରାଇଭରଙ୍କ ବେପରୁଆ ଗାଡିଚାଳନା ଯୋଗୁ ଏହି ଦୁର୍ଘଟଣା ଘଟିଛି । ଦୁର୍ଘଟଣା ପରେ ସ୍ଥାନୀୟ ଲୋକ ଟ୍ରକ୍ ଡ୍ରାଇଭର ବଲାଙ୍ଗୀର ଜିଲା ଲୋଇସିଂହାର ଅଶୋକ ପଧାନଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି । ଦୁର୍ଘଟଣା ଘଟାଇଥିବା ଟ୍ରକ୍ (ନଂ ଓଆର୦୨ୱାଇ-୪୨୩୨)କୁ ପୋଲିସ ଜବତ କରିଛି। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ଅନ୍ୟପକ୍ଷେ ସନ୍ଧ୍ୟାରେ ମୃତକଙ୍କ ପରିଜନ ଓ ଗ୍ରାମବାସୀ ସରକାରୀ ସହାୟତା ପ୍ରଦାନ ଦାବିରେ ମୃତଦେହକୁ ରଖି ସିଦ୍ଧାର୍ଥ କଲେଜ ଛକରେ ରାସ୍ତାରୋକୋ କରିଛନ୍ତି । ପ୍ରକାଶ ଯେ, ବିଶାଳପାଲି-ଗୋଡଭଗା ରାସ୍ତାର ଚେରୁପାଲି ଛକର ବାମପାର୍ଶ୍ୱରେ ରୁଖ, ଭାନୁ, ସୁରେନ୍ଦ୍ର ଓ ଜୟଦେବ ବିନିକା ପଟକୁ ଯିବା ପାଇଁ ବସ୍‌କୁ ଅପେକ୍ଷା କରି ଛିଡା ହୋଇଥିଲେ। ଟ୍ରକ୍‌ଟି ଡାହାଣ ପଟରେ ୪ ଜଣଙ୍କୁ ଧକ୍କା ଦେବା ପରେ ଏକ ଘର ଭିତରକୁ ପଶି ଯାଇଥିଲା । ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ରାସ୍ତାରେ ହମ୍ପସ୍ ନିର୍ମାଣ ପାଇଁ ଚେରୁପାଲି ଲୋକେ ଦାବି କରିଥିଲେ । ତହସିଲଦାର ଅଲେଖ ପୁଟା ହମ୍ପସ୍ ନିର୍ମାଣର ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ମୃତକଙ୍କ ପରିବାରକୁ ରେଡକ୍ରସରୁ ୧୦ହଜାର ଟଙ୍କା ଲେଖାଏ ସହାୟତା ରାଶି, ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା, ବସୁନ୍ଧରା ଯୋଜନାରେ ଘରଡିହ ପ୍ରଦାନ ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇଁ ବିନିକା ତହସିଲଦାର ପ୍ରତିଶ୍ରୁତି ଦେଇଛନ୍ତି । ଖବର ଲେଖାହେବା ପର୍ଯ୍ୟନ୍ତ କଲେଜ ଛକଠାରେ ରାସ୍ତାରୋକୋ ଜାରି ରହିଛି ।

ସଡ଼କ ଦୁର୍ଘଟଣା: ୨ ମହିଳା ମୃତ

ବିଶୋଇ, ୨୨।୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବିଶୋଇ ଥାନା ମଣଦାସ୍ଥିତ ୪୯ନଂ. ଜାତୀୟ ରାଜପଥରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ଜଣ ମହିଳା ପ୍ରାଣ ହରାଇଥିବା ବେଳେ ୪ ଜଣ ଗୁରୁତର ଆହତ ହୋଇଛନ୍ତି । ମୃତ ମହିଳା ହେଲେ ମଣଦା ଗ୍ରାମର ସହଚରି ବେହେରା ଓ ସରି ବେହେରା। ଗୁରୁତର ଆହତମାନେ ହେଲେ ଡ୍ରାଇଭର ମଣଦା ପଞ୍ଚାୟତ ବୁଢ଼ୀଖମାରି ଗ୍ରାମର ଉତ୍ତମ ମହାନ୍ତ ଓ ଅନ୍ୟ ୩ ଜଣ ମହିଳା ମଣଦା ଅଞ୍ଚଳର ରୋଇବାରି ବେହେରା,ପ୍ରମିଳା ବେହେରା ଓ ମମତା ବେହେରା । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଯାଇଥିଲା।

■ ବଜରଙ୍ଗ କ୍ରିକେଟ କପ୍

ସେମିଫାଇନାଲ୍‌ରେ ସୁନ୍ଦରଗଡ଼

ଦେବଗଡ଼,୨୨।୨(ସ୍ୱ.ପ୍ର)

ମହାବୀର କ୍ଲବର ରାଜେନ୍ଦ୍ର ଦେବଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି ।

ଦେବଗଡ଼ ପୌରାଞ୍ଚଳର ମହୁଲଡିପା ସାହିସ୍ଥିତ ନାଳ ପଡିଆ ଠାରେ ମହାବୀର କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ନବମ ସର୍ବଭାରତୀୟ ବଜରଙ୍ଗ୍ କ୍ରିକେଟ କପ୍‌ର ଶୁକ୍ରବାର ଫୁଲ୍ ବି ର ଚତୁର୍ଥ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସୁନ୍ଦରଗଡ ଦଳ ସହିତ ଦେବଗଡ଼ର ମହାବୀର କ୍ରିକେଟ କ୍ଲବ ମୁକାବିଲା ହୋଇଥିଲା । ମହାବୀର କ୍ରିକେଟ କ୍ଲବ ଟସ୍ ଜିଣି ପ୍ରଥମେ ଫିଲ୍ଡିଂ କରିଥିଲା । ସୁନ୍ଦରଗଡ଼ ଦଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟ ହରାଇ ୨୦୧ ରନ୍ ସଂଗ୍ରହ କରିଥିଲା । ଦଳର କିଷାନ ବାବୁ ୧୮ ବଲରେ ୪୨ ରନ ଓ ସନ୍ନି ନାଏକ ୧୩ ବଲରେ ୩୨ ରନ କରିଥିଲେ । ମହାବୀର ଦଳର ପଞ୍ଚାନନ ଆଚାର୍ଯ୍ୟ ୩ ଉଇକେଟ, ପ୍ରଶାନ୍ତ ଦେବ ୨ ଟି ଉଇକେଟ ନେଇଥିଲେ । ଜବାବରେ ମହାବୀର ଦଳ ୧୯.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୦୪ ରନ କରି ପରାଜୟ ବରଣ କରିଥିଲା । ଦଳ ପକ୍ଷରୁ ରାଜେନ୍ଦ୍ର ଦେବ ୧୭ ବଲରେ ୨୪ ରନ ଏବଂ ଅଭିଳାଷ ମିଶ୍ର ୨୩ ବଲରେ ୨୨ ରନ କରିଥିଲେ । ସୁନ୍ଦରଗଡ଼ ଦଳର ସନ୍ନି ନାଏକ ୪ ଉଇକେଟ ନେଇଥିଲେ ।

ଖେଳକୁ ବିକାଶ ମେହେର ଏବଂ ପ୍ରଭଞ୍ଜନ ବାଳା ପରିଚାଳନା କରିଥିଲେ । ସୁମନ ବେହେରା ସ୍କୋରର୍ ଦାୟିତ୍ୱ ତୁଲାଇଥିଲେ। ବେଣୁଧର ଗଡ଼ନାୟକ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁ, ସମ୍ମାନନୀୟ ଅତିଥି ଭାବେ କ୍ଲବର ସମ୍ପାଦକ ଟିକେଶ୍ୱର ଗୁରୁ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ସୁନ୍ଦରଗଡ଼ର ସନ୍ନି ନାଏକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଅବସରରେ ଭେଟେରାନ କ୍ରିକେଟ ଖେଳାଳି ସତ୍ୟନାରାୟଣ ପଟ୍ଟନାୟକଙ୍କୁ କ୍ଲବ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆୟୋଜକ କ୍ଲବର ଛବିଲ ଡଣ୍ଡିଆ, ବୁଧୁ ସାହୁ, କୁନା ଦେବ, ନୀଲକାନ୍ତ ନାଏକ, କାର୍ତ୍ତିକ ମହାକୁଳ, ତନ୍ମୟ ଦାଶ, କାହ୍ନା ଦେବ, କୁନା ଦାଶ, ପୁଟୁ ସ୍ୱାଇଁ, ରାଜୀବ ଗଡନାୟକ, ପ୍ରଶାନ୍ତ ଭଞ୍ଜଙ୍କ ସମେତ ଅନ୍ୟ ସଦସ୍ୟ ପ୍ରମୁଖ ସହଯୋଗ କରିଥିଲେ। ଶନିବାର ଫୁଲ ବି ର ସେମିଫାଇନାଲ ମ୍ୟାଚ ସୁନ୍ଦରଗଡ଼ ଏବଂ ବଡବିଲ କ୍ରିକେଟ ଦଳ ମଧ୍ୟରେ ଅନୁଷ୍ଠିତ ହେବ

କଷ୍ଟ ଏବଂ ବିପଦ ! ମନୁଷ୍ୟକୁ ଶିକ୍ଷା ଦେବାର ଶ୍ରେଷ୍ଠ ଗୁଣ ଅଟେ। ଯିଏ ଏହି ସମୟକୁ ସାହସର ସହିତ ସାମ୍ନାକରେ ସେ ହିଁ କଷ୍ଟ ଓ ବିପଦକୁ ବିଜୟ କରିପାରେ।
- ଚାଣକ୍ୟ

ସଂକ୍ଷେପରେ

ପ୍ରଶାସନ ସହାୟତା ଆଶାରେ ପଡାବାସୀ

ଜାମଟିକ୍ରା, ୨୨।୨ (ଡି.ଏନ.ଏ): ଅତାବିରା ବ୍ଲକ କୁଲୁଣ୍ଡା ହାଇସ୍କୁଲ ପଡାରେ ଗତ ୨୦୧୮ ଜୁଲାଇ ୨୧ ତାରିଖରେ ବନ୍ୟା ଯୋଗୁ ୧୩ଟି ପରିବାରର ଘରଦ୍ୱାର ଭାଙ୍ଗି ଯାଇଥିଲା। ସେତେବେଳେ ବନ୍ୟା ପୀଡିତ ଲୋକଙ୍କୁ ସହାୟତା ପାଇଁ ପ୍ରଶାସନ ପକ୍ଷରୁ ଆଶ୍ୱାସନା ଦିଆଯାଇଥିଲା । ତେବେ ଏହି ବନ୍ୟାକୁ ୭ ମାସ ବିତିଯାଇଥିଲେ ମଧ୍ୟ ଅବ୍ୟାବଧି ପଡାବାସୀଙ୍କୁ କୌଣସି ସହାୟତା ମିଳିପାରିନାହିଁ । ଏକ ମାସ ମଧ୍ୟରେ କ୍ଷତିପୂରଣ ଦିଆଯିବାର ପ୍ରତିଶ୍ରୁତି ଦିଆଯାଇଥିଲା । କିନ୍ତୁ ସେହି ପ୍ରତିଶ୍ରୁତି ପାଣିର ଗାର ସଦୃଶ ହୋଇଛି । ଏ ନେଇ ପଡ଼ାବାସୀ ବିଡିଓ, ତହସିଲଦାର ତଥା ସ୍ଥାନୀୟ ବିଧାୟିକାଙ୍କ ନିକଟକୁ ଯାଇ ନିରାଶ ହୋଇ ପଡିଲେଣି । ବନ୍ୟା ପୀଡିତ ଲୋକଙ୍କୁ ଆଦ୍ୟାବଧି କୌଣସି ସହାୟତା ମିଳି ନ ଥିବାରୁ ସେମାନେ ଦୁର୍ଦ୍ଦିନରେ ଜୀବନ ବିତାଉଥିବା ଦେଖାଯାଇଛି। ଏ ସମ୍ପର୍କରେ ଅତାବିରା ବ୍ଲକ ଅଧକ୍ଷା ରାତା ସାହୁଙ୍କୁ ପଚାରିବାରୁ ଜାଗା ଚିହ୍ନଟ ସରିଲେ, ସେମାନଙ୍କୁ ଘର ଯୋଗାଇ ଦିଆଯିବ ବୋଲି କହିଥିଲେ । ତହସିଲଦାର ହୃଦାନନ୍ଦ ଅଡା କୁହନ୍ତି, ଖୁବଶୀଘ୍ର କ୍ଷତିପୂରଣ ଟଙ୍କା ପଇଠ କରାଯିବ ।

୫ କେନ୍ଦ୍ରରେ ୮୩୧ ମାଟ୍ରିକ୍ ପରୀକ୍ଷାର୍ଥୀ

ଅମ୍ବାଭୋନା, ୨୨।୨ (ଡି.ଏନ.ଏ): ଅମ୍ବାଭୋନା ବ୍ଲକର ପାଞ୍ଚଟି ପରୀକ୍ଷା କେନ୍ଦ୍ରରେ ଚଳିତ ବର୍ଷ ୮୩୨ ଜଣ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେଇଛନ୍ତି। ଏହି ବ୍ଲକରୁ ୮୩୮ ଜଣ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ଦେବା ପାଇଁ ଅନୁମତି ପତ୍ର ପ୍ରଦାନ କରାଯାଇଛି । କୌଣସି କାରଣରୁ ୬ଜଣ ମାତୃଭାଷା ପରୀକ୍ଷାରେ ଅନୁପସ୍ଥିତ ରହିଥିବା ଅମ୍ବାଭୋନା ନୋଡାଲ ଅଧିକାରୀ ପ୍ରଭାସ କୁମାର ପଧାନ ସୂଚନା ଦେଇଛନ୍ତି। ଅମ୍ବାଭୋନା ବ୍ଲକର ସମସ୍ତ ୧୫ଟି ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଅମ୍ବାଭୋନା, ଡୁଙ୍ଗୁରୀ, ଭୁକ୍ତା, ରୁଚିଦା ଓ କଣ୍ଡପଲା ଆଦି ପାଞ୍ଚଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଛନ୍ତି । ଏଥିପାଇଁ ପରୀକ୍ଷା କେନ୍ଦ୍ର ଗୁଡିକରେ ମୋବାଇଲ, ଘଣ୍ଟା ଏବଂ ଇଲେକ୍ଟ୍ରୋନିକ ସାମଗ୍ରୀ ନେବାକୁ ବାରଣ କରାଯାଇଛି। ଅମ୍ବାଭୋନା ବ୍ଲକର କୌଣସି ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲଗାଯାଇ ନାହିଁ । ମାଟ୍ରିକ ପରୀକ୍ଷାକୁ ଶୃଙ୍ଖଳିତ କରିବା ପାଇଁ ପରୀକ୍ଷାକେନ୍ଦ୍ର ମାନଙ୍କରେ ପୋଲିସ ମୁତୟନ କରାଯାଇଛି ।

୭୩ ଦିନ ପରେ ଖୋଲିଲା ଚିନିକଳ

ବରଗଡ଼ ଅଫିସ୍,୨୨।୨

ବରଗଡ଼ ସହର ଉପକଣ୍ଠ ତୋରା ସମବାୟ ଚିନିକଳର ପୁନରୁଦ୍ଧାର ତଥା ଉନ୍ନତିକରଣ ପାଇଁ ଗୁରୁବାର ସୋହେଲା ନିକଟ ଇଚ୍ଛାପାଲିଠାରେ ଅନୁଷ୍ଠିତ ଚାଷୀ ସମାବେଶରେ ମୁଖ୍ୟମନ୍ତ୍ରୀ ୧୧କୋଟି ଅନୁଦାନ ଘୋଷଣା କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ପରେ ଚିନିକଳ ଉପରେ ନିର୍ଭର କରୁଥିବା ଚାଷୀ ଓ କର୍ମଚାରୀଙ୍କ ମଧ୍ୟରେ ଖୁସି ଦେଖାଦେଇଛି । ଏହି କ୍ରମରେ ଦୀର୍ଘ ୭୩ ଦିନ ଧରି ରିଲେ ଧାରଣାରେ ବସିବା ସହିତ ତାଲା ପକାଇ କାରଖାନାକୁ ଅଚଳ କରି ଦେଇଥିବା କର୍ମଚାରୀମାନେ ଧାରଣାରୁ ଓହରିଛନ୍ତି । ଏହାସହିତ ଶୁକ୍ରବାର ପୂଜାପାଠ କରି ଚିନିକଳ ଫାଟକରୁ ତାଲା ଖୋଲିବା ସହ ଗେଟ୍ ସାମ୍ନାରେ ପୂଜାପାଠ କରି କାର୍ଯ୍ୟରେ ଯୋଗ ଦେଇଛନ୍ତି ।

ବରଗଡ଼ ଜିଲା

କାରଖାନା ଫାଟକ ଆଗରେ ଚିନିକଳ କର୍ମଚାରୀ ପୂଜାପାଠ କରୁଛନ୍ତି ।

- କାର୍ଯ୍ୟରେ ଯୋଗଦେଲେ ଚିନିକଳ କର୍ମଚାରୀ
- ୧୧କୋଟି ଅନୁଦାନ ଘୋଷଣା କଲେ ମୁଖ୍ୟମନ୍ତ୍ରୀ
- ପୂଜାପାଠ କରି ଫାଟକରୁ ତାଲା ଖୋଲିଲେ
- ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇ କାମ ଆରମ୍ଭ କଲେ
- ୨୦ ବୁଶାକାର ପରିବାର ଚିନ୍ତାରେ

ପ୍ରକାଶଥାଉକି, ବକେୟା ଦରମା, ଚିନିକଳର ପୁନରୁଦ୍ଧାର, ଆଖୁଚାଷୀଙ୍କ ସମସ୍ୟାର ସମାଧାନ ଆଦି ଦାବି ନେଇ ଚିନିକଳ କର୍ମଚାରୀମାନେ ଗତବର୍ଷ ଡିସେମ୍ବର ୧୧ତାରିଖରୁ କାରଖାନା ମୁଖ୍ୟ ଫାଟକରେ ତାଲା ମାରିଥିଲେ। କାରଖାନା ସମ୍ମୁଖରେ କିଛିଦିନ ଧାରଣାରେ ବସିଥିଲେ। ମାତ୍ର କୌଣସି ସୁଫଳ ନ ମିଳିବାରୁ ସେମାନେ ଜିଲାପାଳ ଅଫିସ ଆଗକୁ ଆସି ରିଲେ ଧାରଣା ଚଳାଇଥିଲେ ।

ଲୋକମାନେ ଏନଏସି ଅଫିସ୍ ଘେରାଉ କରିଛନ୍ତି ।

ଜମିପଟ୍ଟା ଦାବିରେ ଏନଏସି ଘେରାଉ

ଜାମଟିକ୍ରା, ୨୨।୨ (ଡି.ଏନ.ଏ)

ଅତାବିରା ଏନଏସିର ୩, ୧୧ ଓ ୧୨ ନମ୍ବର ୱାର୍ଡର ଲୋକେ ଶୁକ୍ରବାର ଜମିପଟ୍ଟା ପ୍ରଦାନ ଦାବିରେ ଅତାବିରା ଏନଏସି ଅଫିସ୍ ଘେରାଉ କରିଥିଲେ । ଉକ୍ତ ୱାର୍ଡବାସୀ ଅଭିଯୋଗ କରଛନ୍ତି ଯେ, ସେମାନେ ସରକାରୀ ଜମିରେ ଘର କରି ରହିଆସୁଛନ୍ତି। ଓଡିଶାର କୌଣସି ସ୍ଥାନରେ ତାଙ୍କ ନାମରେ ଘରଡିହି ନାହିଁ । ତେଣୁ ସରକାରଙ୍କ ନିୟମ ମୁତାବକ ଅତାବିରା ଏନଏସିର ଯେ କୌଣସି ସ୍ଥାନରେ କିମ୍ବା ବର୍ତ୍ତମାନ ରହୁଥିବା ସ୍ଥାନରେ ଘରଡିହ ପଟ୍ଟା ତାଙ୍କ ନାମରେ ମଞ୍ଜୁର କରିବା ପାଇଁ ସେମାନେ ଦାବି କରିଛନ୍ତି । ଏଥିରେ ୧୧ ନମ୍ବର ୱାର୍ଡର ପଦ୍ମା ପଟେଲ, ଶିବାନୀ ବେହେରା, ରୀତା ବେହେରା, ୩ନମ୍ବର ୱାର୍ଡର ଦନାର ଛତ୍ରିଆ, ଚକ୍ରଧର ବାଗ, ହଂସରାଜ ମାଝୀ, ୧୨ ନମ୍ବର ୱାର୍ଡର ବାଙ୍କା ସୁନା, ମେଘ ଦୀପ, ଭାନୁମତି ସୁନାଙ୍କ ସମେତ ଶତାଧିକ ଲୋକ ଏଥିରେ ସାମିଲ ହୋଇଥିଲେ ।

ମହିଳା କଲେଜ, କଲ୍ୟାଣ ମଣ୍ଡପର ଭୂମିପୂଜନ

ମହିଳା କଲେଜ, କଲ୍ୟାଣ ମଣ୍ଡପର ଭୂମି ପୂଜନ ଓ ନାମଯଜ୍ଞ ଚାଲିଛି ।

ଗାଇସିଲେଟ, ୨୨।୨(ଡି.ଏନ.ଏ)

ଗାଇସିଲେଟ ବ୍ଲକ ଗିନ୍ଦେଲମାଳଠାରେ ମହିଳା କଲେଜ ଓ କଲ୍ୟାଣ ମଣ୍ଡପର ଭୂମି ପୂଜନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ନାମଯଜ୍ଞ ପାଇଁ ପ୍ରଥମେ ଯାମୁଟପାଲି ହନୁମାନ ମନ୍ଦିରରୁ ଦିବ୍ୟଜ୍ୟୋତି ଅଣାଯାଇଥିଲା। ପରେ ମହିଳା ପୁରୁଷ ଗ୍ରିନ୍ଦେଲମାଳ ସ୍ଥିତ ଶ୍ରୀରାମ ମନ୍ଦିରରୁ ଆଙ୍କାମାଳ ଓ ସରକାରୀ କଟାରୁ ଜଳପୂର୍ଣ୍ଣ କଳସ ନେଇ ଯଜ୍ଞସ୍ଥଳକୁ ଯାଇଥିଲେ । ଦୁଇଦିନ ଧରି ଅଖଣ୍ଡ ନାମଯଜ୍ଞ ହୋଇଥିଲା । ଏଥିରେ ବିଭିନ୍ନ ଗ୍ରାମର କୀର୍ତ୍ତନ ଦଳ ଭାଗ ନେଇଥିଲେ। କଂଗ୍ରେସ ସାହୁ, କାହ୍ନୁ ଚରଣ ମାଝୀ, ଯଦୁମଣି ପଧାନ, କ୍ଷମାନିଧି ସାହୁ, ଶ୍ୟାମ ପଧାନ, ପ୍ରଦୀପ ପଧାନ, ଅଲେଖ ପଧାନ, ପରାପର ସାହୁ ସହଯୋଗ କରିଥିଲେ। ଗିନ୍ଦେଲମାଳର ଜମିଦାତା ସେବାରାମ ଦାଶ ଓ ତାଙ୍କ ସ୍ତ୍ରୀ ନୀଳମଣି ଦାଶ କର୍ତ୍ତା ତଥା ଦହେତା ଗ୍ରାମର ପଣ୍ଡିତ ଧ୍ରୁବାନନ୍ଦ ହୋତା ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ। ପୂର୍ଣ୍ଣାହୁତି ପରେ ମହିଳା କୀର୍ତ୍ତନ ମଣ୍ଡଳୀମାନଙ୍କ ମଧ୍ୟରେ ବୈଠକୀ ପ୍ରତିଯୋଗିତା ହୋଇଥିଲା ।

୧୮,୦୫୫ ଜଣ ମାଟ୍ରିକ୍ ପରୀକ୍ଷା ଦେଲେ

ବରଗଡ଼ ଅଫିସ୍,୨୨।୨

ହାଇସ୍କୁଲ ସାର୍ଟିଫିକେଟ୍ (ମାଟ୍ରିକ) ପରୀକ୍ଷା ଶୁକ୍ରବାର ଆରମ୍ଭ ହୋଇଛି। ବରଗଡ଼ ଜିଲାରେ ପ୍ରଥମ ଦିବସ ମାତୃଭାଷା ପରୀକ୍ଷା ସୁରୁଖୁରୁରେ ସମ୍ପନ୍ନ ହୋଇଛି । ଦିନ ୮ଟା ୨୦ମିନିଟ୍ ସୁଦ୍ଧା ପ୍ରତ୍ୟେକ ପରୀକ୍ଷାକେନ୍ଦ୍ରକୁ ପ୍ରଶ୍ନପତ୍ର ପହଞ୍ଚିଥିଲା ଏବଂ ପରୀକ୍ଷା ପରେ ଉତ୍ତର ଖାତା ମଧ୍ୟ ନୋଡ଼ାଲ ସେଣ୍ଟର ଗୁଡ଼ିକୁ ପହଞ୍ଚି ସାରିଛି । କୌଣସି ପରୀକ୍ଷାକେନ୍ଦ୍ରରେ ବିଶୃଙ୍ଖଳା ହୋଇଥିବା ଖବର ନାହିଁ ବୋଲି ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି ।

ବରଗଡ଼ ଜିଲାରେ ଏଥର ସମୁଦାୟ ୧୮ହଜାର ୩୯୦ ପରୀକ୍ଷାର୍ଥୀ ରହିଛନ୍ତି। ସେଥିମଧ୍ୟରୁ ୧୮୦ଜଣ ଏସଓଏସସି ଏବଂ ୧୨୫ଜଣ ମଧ୍ୟମା ପରୀକ୍ଷାର୍ଥୀ ହୋଇଥିବାବେଳେ ଅନ୍ୟମାନେ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ (ଏଏଚ୍ଏସସି) ପରୀକ୍ଷାର ରେଗୁଲାର, ଏକ୍ସରେଗୁଲାର ଓ ପତ୍ର ବିନିମୟ ପରୀକ୍ଷାର୍ଥୀ ଅଟନ୍ତି। ସମୁଦାୟ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ମୋଟ୍ ୩୩୫ଜଣ ବିଭିନ୍ନ କାରଣରୁ ପରୀକ୍ଷା ଦେଇ ପାରି ନ ଥିଲେ । ଅବଶିଷ୍ଟ ୧୮ହଜାର ୫୫ଜଣ ପରୀକ୍ଷା ଦେଇଥିଲେ । ପରୀକ୍ଷା ଦେଇ ପାରି ନ ଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରୁ ସର୍ବାଧିକ ସାଧାରଣ ଏଏଚ୍ଏସସି ୩୧୧ଜଣ ରହିଥିବାବେଳେ ୨୨ଜଣ ଏସଓଏସସି ଏବଂ ୨ଜଣ ମଧ୍ୟମାର ଅଛନ୍ତି ।

ବରଗଡ଼ ଜିଲା

- ପ୍ରଥମ ଦିନ ପରୀକ୍ଷା ଦେଲେନି ୩୩୫ ଜଣ
- ସୁରୁଖୁରୁରେ ସମ୍ପନ୍ନ ହେଲା ମାତୃଭାଷା ପରୀକ୍ଷା
- ପରୀକ୍ଷା ତଦାରଖ ପାଇଁ ତିନି ସ୍କ୍ୱାଡ୍‌ଙ୍କୁ ଦାୟିତ୍ୱ
- ଜିଲାରେ ମୋଟ୍ ୧୮ହଜାର ୩୯୦ ପରୀକ୍ଷାର୍ଥୀ ରହିଛନ୍ତି
- ୧୮୦ ଏସଓଏସସି ଓ ୧୨୫ ମଧ୍ୟମା ପରୀକ୍ଷାର୍ଥୀ
- ଜିଲାରେ ଏଥର ସମୁଦାୟ ୯୨ଟି ପରୀକ୍ଷା କେନ୍ଦ୍ର
- ଜିଲାରେ ରହିଛି ୧୨ଟି ନୋଡ଼ାଲ ସେଣ୍ଟର

ଅମ୍ବାଭୋନା ବ୍ଲକର ପରୀକ୍ଷାକେନ୍ଦ୍ରରେ ସମୁଦାୟ ୮୩୮ରୁ ୮୩୨, ଅତାବିରା ୧୭୮୭ରୁ ୧୭୫୦, ବରଗଡ଼ ବ୍ଲକ ଓ ମ୍ୟୁନିସିପାଲିଟିରେ ୨୭୬୨ରୁ ୨୭୧୦, ବରପାଲି ବ୍ଲକ ଓ ଏନଏସିରେ ୧୫୮୨ରୁ ୧୫୬୬, ଭଟଲି ୮୬୪ରୁ ୮୫୬, ଭେଡ଼େନ ୧୬୪୩ରୁ ୧୬୧୧, ବଜେପୁର ବ୍ଲକ ଓ ଏନଏସିରେ ୧୩୬୧ରୁ ୧୩୪୭, ଗାଇସିଲେଟ ବ୍ଲକରେ ୧୧୮୬ରୁ ୧୧୫୯ ଜଣ ପରୀକ୍ଷା ଦେଇଥିଲେ। ସେହିପରି ଝାରବନ୍ଧ ୧୧୬୭ରୁ ୧୧୫୫, ପାଇକମାଳ ୧୦୬୪ରୁ ୧୦୨୩, ପଦ୍ମପୁର ବ୍ଲକ ଓ ପୌରାଞ୍ଚଳରେ ୨୪୬୧ରୁ ୨୪୧୦ ଏବଂ ସୋହେଲା ବ୍ଲକରେ ୧୩୭୦ରୁ ୧୩୫୫ଜଣ ପରୀକ୍ଷା ଦେଇଥିଲେ । ଅନ୍ୟପଟେ ଏସଓଏସସି ପରୀକ୍ଷା ହୋଇଥିବା ଅମ୍ବାପାଲି କେନ୍ଦ୍ରରେ ୮୭ରୁ ୭୪ ଏବଂ ବରିକେଲ ନୋଡ଼ାଲ ହାଇସ୍କୁଲ କେନ୍ଦ୍ରରେ ୯୩ରୁ ୮୪ଜଣ ପରୀକ୍ଷା ଦେଇଥିଲେ । ସେହିପରି ସୂର୍ଯ୍ୟମଣି ଜନତା ହାଇସ୍କୁଲ ଭେଡ଼େନ ଓ ପାଇକମାଳ ହାଇସ୍କୁଲ ପରୀକ୍ଷାକେନ୍ଦ୍ରରେ ମଧ୍ୟମା ପରୀକ୍ଷା ହୋଇଥିଲା । ଭେଡ଼େନରେ ୬୦ରୁ ୫୮ ଏବଂ ପାଇକମାଳରେ ସମୁଦାୟ ୬୫ଜଣ ମଧ୍ୟମା ପରୀକ୍ଷା ଦେଇଥିଲେ । ଜିଲାରେ ଏଥର ସମୁଦାୟ ୯୨ଟି ପରୀକ୍ଷା କେନ୍ଦ୍ର ରହିଛି । ସେଥିମଧ୍ୟରୁ ୨ଟି ମଧ୍ୟମା ପରୀକ୍ଷା କେନ୍ଦ୍ର ହୋଇଥିବାବେଳେ ୧୨ଟି ନୋଡ଼ାଲ ସେଣ୍ଟର ରହିଛି । ପରୀକ୍ଷା ସୁପରିଚାଳନା ପାଇଁ ୨ଟି ଜିଲାସ୍ତରୀୟ ସ୍କ୍ୱାଡ୍ ଗଠନ କରାଯାଇଛି । ମାଧ୍ୟମିକ ଶିକ୍ଷା ପରିଷଦର ଅନ୍ୟ ଏକ ସ୍କ୍ୱାଡ୍ ପରୀକ୍ଷା ପରିଚାଳନା ଉପରେ ନଜର ରଖିଛି । ପ୍ରଥମ ଦିବସର ପରୀକ୍ଷା ଜିଲାରେ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଥିବାବେଳେ ଆଗକୁ ପରୀକ୍ଷା କିଭଳି ଚାଲିବ, ତାହା ସମୟ କହିବ ।

ଜେଲରୁ ମୁକୁଳିଲେ ଇରାସିସ୍

ଭଟଲି,୨୨।୨(ଡି.ଏନ.ଏ)

ବରଗଡ଼ ଜିଲା ଭଟଲି ଥାନା କୁଶନପୁରୀ ଗ୍ରାମରେ ଗତ ଜୁନ୍ ୧ ତାରିଖରେ ସଂଘଟିତ ଗଳିକାଣ୍ଡ ମାମଲାରେ ଗିରଫ ହୋଇ ବରଗଡ଼ ସବ୍‌ଜେଲରେ ଥିବା ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ଇରାସିସ ଆଚାର୍ଯ୍ୟଙ୍କୁ ମଙ୍ଗଳବାର ସୁପ୍ରିମକୋର୍ଟରୁ ଜାମିନ ମିଳିଛି । ଶୁକ୍ରବାର ଇରାସିସ୍ ବରଗଡ଼ ସବ୍‌ଜେଲରୁ ବାହାରିବା ପରେ ପ୍ରଥମେ ଭଟଲିରେ ପହଞ୍ଚି ଦଧିବାମନଙ୍କ ମନ୍ଦିରକୁ ଯାଇ ଦର୍ଶନ କରିଥିଲେ । ସେଠାରେ ସମର୍ଥକମାନେ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ । ଇରାସିସ୍‌ଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଲେ, ମୁଁ ଭଟଲି ବିଧାନସଭା ନିର୍ବାଚନମଣ୍ଡଳୀବାସୀ ଏବଂ ମହାପ୍ରଭୁ ଦଧିବାମନଙ୍କ କୃପା ଓ ଆଶୀର୍ବାଦରୁ ଜେଲରୁ ବାହାରିଛି । ଜେଲରୁ ଫେରିବା ପରେ ତାଙ୍କ ପ୍ରତି ଲୋକଙ୍କ ଯେଭଳି ସମର୍ଥନ ରହିଛି ତାହା ସାଧାଣରେ ନିର୍ବାଚରେ ପ୍ରତିଫଳିତ ହେବ ବୋଲି ଇରାସିସ୍ ପ୍ରକାଶ କରିଥିଲେ ।

ଜେଲ୍‌ରୁ ବାହାରିବା ପରେ ସମର୍ଥକମାନଙ୍କ ଗହଣରେ ଇରାସିସ୍ ଆଚାର୍ଯ୍ୟ ।

ଶହୀଦ ଯବାନଙ୍କ ସ୍ମୃତିରେ ବୃକ୍ଷରୋପଣ

ଛାତ୍ରୀଛାତ୍ରମାନେ ସ୍କୁଲ ପରିସରରେ ବୃକ୍ଷରୋପଣ କରୁଛନ୍ତି ।

ପାଇକମାଳ, ୨୨।୨(ଡି.ଏନ.ଏ)

ବରଗଡ ଜିଲା ପାଇକମାଳ ବ୍ଲକ ତୁମିରିପାଣି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରୀମାନେ ପୁଲୱାମା ଆତଙ୍କୀ ବିସ୍ଫୋରଣରେ ଶହୀଦ ହୋଇଥିବା ଯବାନମାନଙ୍କ ସ୍ମୃତିରେ ଫୁଲଗଛ ରୋପଣ କର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ଶହୀଦଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ସମସ୍ତ ଛାତ୍ରୀଛାତ୍ର ଓ ଶିକ୍ଷକ ଶୁକ୍ରବାର ବିଦ୍ୟାଳୟରେ ଦୁଇ ମିନିଟି ନିରବ ପ୍ରାର୍ଥନା କରିଥିଲେ। ପରେ ସେମାନେ ଯବାନମାନଙ୍କ ନାମରେ ୪୦ଟି ଗୋଲାପ ଗଛ ରୋପଣ କରିଥିଲେ । ଏହାସହିତ ୫୪୦ ଟଙ୍କା ସଂଗ୍ରହ କରି ଜାତୀୟ ସୁରକ୍ଷା ପାଣ୍ଠିକୁ ପଠାଇଥିଲେ। ପୁରନ୍ଦର ଛତର, ଅଷ୍ଟମୀ ପଟେଲ, କଲ୍ୟାଣୀ, କୁମ୍ଭାର, ସଂଯୁକ୍ତା ଗିରା, ସୋମନାଥ ଚୌଧରୀ, ଅନୁସା ରାଉତ, ପୁଷ୍ପାଞ୍ଜଳି ଧଣ୍ଡା, ତରଣସେନ ପ୍ରଧାନ, ରଜନୀକାନ୍ତ ପ୍ରଧାନ, ସସ୍ମିତା ପାଣିଗ୍ରାହୀ ସହଯୋଗ କରିଥିଲେ ।

■ ସୋହେଲା ପଞ୍ଚାୟତ ସମିତି ବୈଠକ

ପାନୀୟ ଜଳ ଉପରେ ଗୁରୁତ୍ୱ

ସୋହେଲା,୨୨।୨(ଡି.ଏନ.ଏ)

ବରଗଡ଼ ଜିଲା ସୋହେଲା ବ୍ଲକ ଅଫିସ ସଭାଗୃହରେ ପଞ୍ଚାୟତ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା ସଭାପତିତ୍ୱ କରିଥିଲେ । ବିଡିଓ ଅଶୋକ କୁମାର ଗଡତିଆ ସଭା ସଂଯୋଜନା କରିଥିଲେ। ଜିପିଓ ଏମ୍‌ଡି ଆକବର ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ଏହି ବୈଠକରେ ମୁଖ୍ୟତଃ ପାନୀୟ ଜଳ ଉପରେ ଆଲୋଚନା କରାଯାଇଥିଲା। ହଳଦୀପାଲି, ଡୁମେରପାଲି, ସୋହେଲା, କନାପାଲି, କେନ୍ଦମୁଣ୍ଡି, ବେହେରାପାଲି ଗ୍ରାମରେ ପାନୀୟ ଜଳ ସମସ୍ୟା ରହିଛି। ସୋହେଲା ବସ୍ତିରେ ପୁରୁଣା ପାଇପ ଲାଇନ ଫାଟି ଯାଇଛି ଏବଂ ଏ ନେଇ ସଭେ ହୋଇଥିଲେ ମଧ୍ୟ ନୂତନ ପାଇପ ବସା ଯାଇ ନ ଥିବା ସୋହେଲା ସରପଞ୍ଚ ଜିତେନ ଭୋଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏପରିକି ପଦ୍ମପୁର ରୋଡ୍‌ରେ ବିଜୁ ଏକ୍ସପ୍ରେସ ୱେ ନିର୍ମାଣ ହେବା ପରେ ସେଠାରେ ଗୋଟିଏ ମାତ୍ର ଷ୍ଟାଣ୍ଡ ପୋଷ୍ଟ ରହିଛି । ରାସ୍ତା ନିର୍ମାଣ ବେଳେ ଅବଶିଷ୍ଟ ନଷ୍ଟ ହୋଇ ଯାଇଛି । ତେଣୁ ସେହି ରୋଡରେ ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ କରିବା ପାଇଁ ସରପଞ୍ଚ ଭୋଇ ଦାବି କରିଥିଲେ । ଦିନକୁ ଦିନ ଗ୍ରାମାଞ୍ଚଳରେ ଜଳସ୍ତର ନିମ୍ନଗାମୀ ହେଉଥିବାରୁ ଉକ୍ତ ନଳକୂପମାନଙ୍କରେ ପାଇପ ବଢ଼ାଯିବାକୁ ଦାବି ଉପସ୍ଥାପନା କରାଯାଇଥିଲା । ତେଣୁ ଏ ଦିଗରେ ପଦକ୍ଷେପ ନେବାକୁ ଜନପ୍ରତିନିଧିମାନେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କୌଣସି ଗ୍ରାମରେ ଜଳସଙ୍କଟ ଦେଖାଦେଲେ ତୁରନ୍ତ ଯୋଗାଯୋଗ କରିବାକୁ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସୁରେନ୍ଦ୍ର କୁମାର ବେହେରା ସମସ୍ତ ଜନପ୍ରତିନିଧିଙ୍କୁ ଅନୁରୋଧ କରିଥିଲେ। ଏହି ବୈଠକରେ ସୋହେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସମୀର କୁମାର ପଣ୍ଡା, ସିଡିପିଓ ରାଶେଶ୍ୱରୀ ସାହୁ, ଡବ୍ଲ୍ୟୁଇଓ ଅତୀଶ କୁମାର ଭୋଇ, ପ୍ରାଣୀ ଚିକିତ୍ସିକ ଡାକ୍ତର ସଞ୍ଜୀବ ମହାନନ୍ଦ, ଆର୍‌ଡବ୍ଲ୍ୟୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ ତୁଷାରକାନ୍ତି ନାଏକ, ସହକାରୀ କୃଷି ଅଧିକାରୀ ଅନ୍ୱେଷା ଦଳ ବେହେରା, ଫରେଷ୍ଟର ରମାକାନ୍ତ ସାହୁ, ଆରଡବ୍ଲ୍ୟୁଏସଏସ୍ ଜେଇ ସୁରେନ୍ଦ୍ର କୁମାର ବେହେରା, ମତ୍ସ୍ୟ ବିଭାଗର କିରନ ଦାଶ, ୱେସ୍‌କୋର ଏସଡିଓ ଆଦିକନ୍ଦ ଦାଶ ପ୍ରମୁଖ ଯୋଗଦେଇ ସେମାନଙ୍କ ବିଭାଗରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ । ଜିଲା ପରିଷଦ ସଦସ୍ୟ ସୁବ୍ରତ ବେହେରା, ଦୟାନିଧି ପଟେଲ, ଏମ୍‌ପି ପ୍ରତିନିଧି ଅମୃତ ପଧାନ ଓ ସହକାରୀ ଯନ୍ତ୍ରୀ ନରେଶ ଅଗ୍ରୱାଲ ଯୋଗ ଦେଇଥିଲେ ।

ପଞ୍ଚାୟତ ସମିତି ବୈଠକରେ ମଞ୍ଚାସୀନ ଜନପ୍ରତିନିଧି ଓ ସରକାରୀ ଅଧିକାରୀ ।

କ୍ରିକେଟ: ଡିଆମୁଣ୍ଡା ଚାମ୍ପିୟନ

ପାଇକମାଳ, ୨୨।୨(ଡି.ଏନ.ଏ)

ବରଗଡ଼ ଜିଲା ପାଇକମାଳ ବ୍ଲକ ଛିନ୍ଦେଇକେଲା ପଞ୍ଚାୟତ

ଖରାପ ଲୋକ ନିଜର ଦୋଷ ସପକ୍ଷରେ ଯୁକ୍ତି ବାଢ଼ିଥାଏ,
କିନ୍ତୁ ଭଲ ଲୋକ ସେ ସବୁକୁ ଦୂରକୁ ଫିଙ୍ଗିଦିଏ।
- ବେନ୍ ଜନସନ

ସଂକ୍ଷେପରେ

ସ୍ମାର୍ଟ ଏଲ୍‌ଇଡିର ଶୁଭାରମ୍ଭ

ସୋନପୁର,୨୨।୨(ନି.ପ୍ର.): ସୁବର୍ଣ୍ଣପୁର ସହରରେ ସ୍ମାର୍ଟ ଏଲଇଡି ଆଲୋକୀକରଣ କାର୍ଯ୍ୟର ଶୁକ୍ରବାର ଶୁଭାରମ୍ଭ ହୋଇଛି। ଜିଲାପାଳ ମଧୁସୂଦନ ମିଶ୍ର ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ପୌରାଞ୍ଚଳର ଯେଉଁ ବସ୍ତି ଓ ରାସ୍ତାରେ ଷ୍ଟ୍ରିଟ୍‌ଲାଇଟ୍ ନଥିବା ଏହି ଯୋଜନାରେ ସେ ସବୁ ସ୍ଥାନରେ ଲାଇଟ୍ ଲାଗିବ ବୋଲି ଜଣାପଡିଛି । ଶୁଭାରମ୍ଭ ଉତ୍ସବରେ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ଅଶୋକ କୁମାର ମିଶ୍ର ଓ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ।

ବରିଷ୍ଠ କଂଗ୍ରେସ ନେତାଙ୍କ ପରଲୋକ

ବୀରମହାରାଜପୁର, ୨୨।୨(ଡି.ଏନ୍.ଏ): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡର ଜଣାଶୁଣା କଂଗ୍ରେସ ନେତା ତଥା ସାମାଜିକ କର୍ମୀ ଅଜିତ କୁମାର ମହାନ୍ତି(୬୭)ଙ୍କର ଶୁକ୍ରବାର ଅପରାହ୍ନରେ ପରଲୋକ ଘଟିଛି। କିଡନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ ଗତ କିଛିଦିନ ହେଲା ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ଥିଲେ। ତାଙ୍କର ମୃତ୍ୟୁ ଖବର ଏଠାରେ ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅଭିବକ୍ତ ବଲାଙ୍ଗୀର ଓ ଫୁଲବାଣୀ ଜିଲାର ତତ୍କାଳୀନ ଲୋକପ୍ରିୟ ସରକାରୀ ଚିକିତ୍ସକ ସ୍ୱର୍ଗତ ଡା. ଲବ କୁମାର ମହାନ୍ତିଙ୍କ ବଡପୁଅ ଅଜିତ କଂଗ୍ରେସ ଦଳର ସକ୍ରିୟ ସଭ୍ୟ ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ, ଏକମାତ୍ର ପୁଅ ଏବଂ ସାନଭାଇ ଅଶୋକ ଓ ପ୍ରଦୀପ ଉପସ୍ଥିତ ଥିଲେ। ଶନିବାର ବୀରମହାରାଜପୁରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ସାନଭାଇ ବିଜୟ ମହାନ୍ତି ସୂଚିତ କରିଛନ୍ତି।

ବୌଦ୍ଧ ଜିଲା: ୬୯୪୪ ଛାତ୍ରୀଛାତ୍ର ପରୀକ୍ଷା ଦେଲେ

ବୌଦ୍ଧ,୨୨।୨(ସ୍ୱ.ପ୍ର): ମାଟ୍ରିକ୍ ପରୀକ୍ଷା ଶୁକ୍ରବାର ଆରମ୍ଭ ହୋଇଥିବାବେଳେ ବୌଦ୍ଧ ଜିଲାରେ ଏବର୍ଷ ୭୦୬୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲେ । ତେବେ ପ୍ରଥମ ଦିନ ମାତୃଭାଷା ପରୀକ୍ଷାରେ ୬୯୪୪ ଜଣ ପରୀକ୍ଷା ଦେଇଥିବା ବେଳେ ୧୨୦ ଜଣ ଅନୁପସ୍ଥିତ ଥିଲେ । ଜିଲାରେ ୩୨ଟି ପରୀକ୍ଷା କେନ୍ଦ୍ର ଓ ୩ଟି ନୋଡାଲ ସେଣ୍ଟର ହୋଇଛି । ପରୀକ୍ଷାରେ କପି ରୋକିବା ପାଇଁ ୪ଟି ସ୍କ୍ୱାଡ୍ ଗଠନ ହୋଇଥିବା ବେଳେ ପ୍ରଥମ ଦିନ ପରୀକ୍ଷା ଶୃଙ୍ଖଳାର ସହ ଶେଷ ହୋଇଥିବା ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ପ୍ରକାଶ କରିଛନ୍ତି । ସେହିପରି ବାଳିକା ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପରୀକ୍ଷା ପାଇଁ ୧୦୮ ଜଣ ଫର୍ମ ପୂରଣ କରିଥିବା ବେଳେ ୯୧ ଜଣ ପରୀକ୍ଷା ଦେଇଥିଲେ । ପ୍ରଥମ ଦିନ ପରୀକ୍ଷାରେ ଜଣେ ପରୀକ୍ଷାର୍ଥୀ କପି କରି ଏକ୍ସଫେଲ ହୋଇଥିବା ଜଣାପଡିଛି ।

ପ୍ରଥମ ଦିନ ପରୀକ୍ଷା ଅନୁଭୂତି ବଖାଣିଲେ ଛାତ୍ରୀଛାତ୍ର

ଅମରପାଲି, ୨୨।୨ (ଡି.ଏନ.ଏ)

ବୀରମହାରାଜପୁର ବ୍ଲକ

- ୭ କେନ୍ଦ୍ରରେ ପରୀକ୍ଷା ଦେଲେ ୧୫୫୦ ପରୀକ୍ଷାର୍ଥୀ

ଆରମ୍ଭ ହୋଇଯାଇଛି ଚଳିତ ବର୍ଷର ମାଟ୍ରିକ ପରୀକ୍ଷା । ଚଳିତ ବର୍ଷ ପରୀକ୍ଷା ଢ଼ାଞ୍ଚାରେ କିଛିଟା ପରିବର୍ତ୍ତନ ମଧ୍ୟ ହୋଇଛି । ଉଭୟ ସବଜେକ୍ଟିଭ ଓ ଅବଜେକ୍ଟିଭରେ ୫୦-୫୦ ନମ୍ବର ଆସୁଥିବା ବେଳେ ପାସ୍ ପାଇଁ ଉଭୟରୁ ୧୫ମାର୍କ ଲେଖାଏଁ ରଖିବାକୁ ହେବ। ସମାନ୍ତରାଳ ଭାବେ ୪ଗୋଟି ସେଟ ପ୍ରଶ୍ନପତ୍ର ମଧ୍ୟ ହୋଇଛି । ଚଳିତ ବର୍ଷ ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁର ବ୍ଲକରେ ୧୫୫୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। ଏଥିପାଇଁ ବୀରମହାରାଜପୁର ସରକାରୀ ବାଳକ ହାଇସ୍କୁଲ, ବୀରମହାରାଜପୁର ବାଳିକା ହାଇସ୍କୁଲ, ଲୁଚୁରପଙ୍କ ହାଇସ୍କୁଲ, ରଘୁନାଥ ହାଇସ୍କୁଲ ମୁର୍ଖୁଣୀ, ଇନ୍ଦିରାଗାନ୍ଧୀ ହାଇସ୍କୁଲ ଖଣ୍ଡହତା, ସୁବଳୟା ହାଇସ୍କୁଲ ଓ ଜଟେଙ୍ଗିଘା ହାଇସ୍କୁଲରେ ପରୀକ୍ଷା କେନ୍ଦ୍ର ହୋଇଛି। ପ୍ରଥମ ଦିନରେ ଏଫଏଲଓ (ଭାଷା) ପରୀକ୍ଷା ହୋଇଯାଇଛି। କିଛିଟା ଆଶା ଓ ଆଶଙ୍କାରେ ଥିବା ଛାତ୍ରୀଛାତ୍ର ପରୀକ୍ଷା ଦେଇ ଫେରିବା ବେଳେ ସବୁକିଛି ଠିକ୍ ଠାକ ଥିବା କହିଛନ୍ତି । କିଛି ପରୀକ୍ଷାର୍ଥୀ ବଖାଣିଛନ୍ତି ସେମାନଙ୍କ ପ୍ରଥମ ଦିନର ଅନୁଭୂତି ।

ମାଟ୍ରିକ ପରୀକ୍ଷାର ପ୍ରଥମ ଦିନର ଭାଷା ପରୀକ୍ଷା ଦେଇ ଖଣ୍ଡହତାସ୍ଥିତ ଇନ୍ଦିରାଗାନ୍ଧୀ ହାଇସ୍କୁଲ କେନ୍ଦ୍ରରୁ ଛାତ୍ରୀଛାତ୍ର ବାହାରକୁ ଆସି ପ୍ରଶ୍ନପତ୍ର ଉପରେ ଆଲୋଚନା କରୁଛନ୍ତି ।

ଏମାନେ ଯାହା କୁହନ୍ତି...

ହରିପ୍ରିୟା ଷଡଙ୍ଗୀ

ବନିତା ପଧାନ

ମାମି ପୋଢ଼

ଦଧିବାବନ ପ୍ରଧାନ

ମୁଁ ବାପୁଜୀ ହାଇସ୍କୁଲ କମିରାର ଛାତ୍ରୀ ଅଟେ । ଖଣ୍ଡହତାସ୍ଥିତ ଇନ୍ଦିରାଗାନ୍ଧୀ ହାଇସ୍କୁଲରେ ପରୀକ୍ଷା ଦେଉଛି । ପରୀକ୍ଷା ପାଇଁ ନିୟମିତ ପ୍ରସ୍ତୁତି କରି ଆସୁଥିଲି। ପରୀକ୍ଷା ପୂର୍ବରୁ କିଛିଟା ଚାପରେ ଥିଲି। ପ୍ରଶ୍ନପତ୍ର ଦେଖିଲା ପରେ ଭୟ ଦୂର ହେଲା। ଭାଷା ପରୀକ୍ଷା ଭଲ ହୋଇଛି । ଏଥିରେ ପ୍ରାୟ ୮୦ପ୍ରତିଶତ ନମ୍ବର ରହିବ ବୋଲି ଆଶା କରୁଛି ।

-ହରିପ୍ରିୟା ଷଡଙ୍ଗୀ

ବୀରମହାରାଜପୁର ଗଣପତି ଆଦର୍ଶ ଶିକ୍ଷା ନିକେତନର ମୁଁ ଛାତ୍ରୀ। ପରୀକ୍ଷା ପାଇଁ ଦୈନିକ ୧୫ରୁ ୧୬ ଘଣ୍ଟା ପରିଶ୍ରମ କରୁଥିଲି। ପରୀକ୍ଷାରେ ୯୦ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିବି ବୋଲି ଆଶା କରୁଛି। ଏଥିପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ସହଯୋଗ କରିଛନ୍ତି। ପ୍ରାଥମ ଦିନରେ ପରୀକ୍ଷା ବହୁତ ଭଲ ହୋଇଛି। ଆଶା କରିବିକି ଆଗକୁ ମଧ୍ୟ ସବୁ ବିଷୟ ଭଲ ହେବ।

- ବନିତା ପଧାନ

ମୁଁ କେଞ୍ଜିରିଆପାଲିସ୍ଥିତ ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠରେ ପଢୁଛି। ଲୁଚୁରପଙ୍କ ହାଇସ୍କୁଲରେ ମୋର ପରୀକ୍ଷା କେନ୍ଦ୍ର ହୋଇଛି। ପରୀକ୍ଷା ପୂର୍ବରୁ ଯେଭଳି ଭାବରେ ପ୍ରସ୍ତୁତି ହେଉଥିଲି ଠିକ୍ ସେହିଭଳି ପ୍ରଶ୍ନ ଆସିଥିଲା। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ନିର୍ଦ୍ଧାରିତ ସମୟରେ କରିପାରିଛି। ପ୍ରାୟ ୮୦ ପ୍ରତିଶତ ନମ୍ବର ଭାଷାରେ ରହିବ ବୋଲି ଆଶା କରୁଛି ।

- ମାମି ପୋଢ଼

ମୁଁ ଅମରପାଲି ହାଇସ୍କୁଲରେ ପଢୁଛି। ସ୍କୁଲଠାରୁ ପ୍ରାୟ ୧୫କିମି ଦୂର ଖଣ୍ଡହତାସ୍ଥିତ ଇନ୍ଦିରାଗାନ୍ଧୀ ହାଇସ୍କୁଲରେ ମୋର ପରୀକ୍ଷା କେନ୍ଦ୍ର ହୋଇଛି । ଘରଠାରୁ ପରୀକ୍ଷା କେନ୍ଦ୍ରକୁ ପ୍ରାୟ ୨୫ କିମି ଦୂର । କେନ୍ଦ୍ରକୁ ଆସିବାକୁ ସକାଳୁ ବାହାରିଥିଲି। କେନ୍ଦ୍ରରେ ଠିକ୍ ସମୟରେ ପହଞ୍ଚି ପରୀକ୍ଷା ଦେଇଛି। ପ୍ରଥମ ଦିନର ପରୀକ୍ଷା ଭଲ ହୋଇଛି। ପରୀକ୍ଷା ଢ଼ାଞ୍ଚା ଓ ପରିଚାଳନାକୁ ନେଇ ଖୁସି ଅଛି। ସ୍କୁଲଠାରୁ ପରୀକ୍ଷା କେନ୍ଦ୍ରର ଦୂରତା ଯୋଗୁଁ ହଇରାଣ ହେବାକୁ ପଡୁଛୁ ।

- ଦଧିବାବନ ପ୍ରଧାନ

ଭାଜପା ସଭା ପାଇଁ ଭୂମିପୂଜନ

ମନମୁଣ୍ଡା, ୨୨।୨ (ଡି.ଏନ.ଏ)

କେନ୍ଦ୍ର ସରକାରଙ୍କ ପ୍ରାକୃତିକ ବାଷ୍ପ ଓ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଗାମୀ ୨୪ ତାରିଖରେ କଣ୍ଟାମାଳ ନିର୍ବାଚନ ମଣ୍ଡଳୀ ପଲାସାଗୋରା ନର୍ସରୀ ପଡିଆଠାରେ ମନକି ବାତ୍ କାର୍ଯ୍ୟକ୍ରମ ସହ ଏକ ସାଧାରଣ ସଭାରେ ଉଦବୋଧନ ଦେବେ । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଜିଲା ଭାଜପା ତରଫରୁ ସଭା ସ୍ଥଳରେ ଭୂମିପୂଜନ ଓ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି । ଏଥିରେ ଜିଲା ଭାଜପା ସଭାପତି ସୌମିତ୍ରୀ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କହ୍ନେଇ ଚରଣ ଡାଙ୍ଗ, ଯୁବ ନେତା ଇଂ. ରାକେଶ ତ୍ରିପାଠୀ, ରାଜ୍ୟ ସମ୍ପାଦକ ଓମ୍‌ପ୍ରକାଶ ମିଶ୍ର, ବରିଷ୍ଠ ନେତା ଯୁଗଳ ସାହୁ, ସୁଧାଂଶୁ ଡାଙ୍ଗ, ମନମୁଣ୍ଡା ମଣ୍ଡଳ ସଭାପତି ନିରଞ୍ଜନ କର୍ଣ୍ଣ, କଣ୍ଟାମାଳ ସଭାପତି ଅନୀଲ ପ୍ରଧାନ, ମିଡିଆ ସେଲ୍ ସଭାପତି ସରୋଜ ମେହେର ପ୍ରମୁଖଙ୍କ ସହ ଅନେକ ଦଳୀୟ କର୍ମୀ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସାଧାରଣ ନିର୍ବାଚନ ପୂର୍ବରୁ ଶେଷ ଥର ପାଇଁ ମନ୍ତ୍ରୀ ପ୍ରଧାନ ମନକି ବାତ୍ କରିବେ ଓ ମୋଦି ସରକାରଙ୍କ ସାଢ଼େ ଚାରି ବର୍ଷର ଜନକଲ୍ୟାଣ ଯୋଜନା, ୧୯ ବର୍ଷର ବିଜେଡି ସରକାରର ଦୁର୍ନୀତି, ଭ୍ରଷ୍ଟାଚାର ଓ ଅପାରଗତା ସମ୍ପର୍କରେ ଉଦ୍‌ବୋଧନ ଦେବେ । ଏହାସହ ମୋଦି ଜୀଙ୍କ କିଷାନ ସମ୍ମାନ ନିଧି କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ ବୋଲି ଜିଲା ସଭାପତି ନାୟକ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି ।

ଶହୀଦ ସମ୍ପର୍କୀୟଙ୍କୁ ଦୁର୍ବ୍ୟବହାର ଘଟଣା

ବିଧାୟକଙ୍କ କୁଶପୁତ୍ତଳିକା ଦାହ କଲା ଭାଜପା

ଅମରପାଲି, ୨୨।୨(ଡି.ଏନ.ଏ)

ପୁଲୱାମାଠାରେ ଶହୀଦ ହୋଇଥିବା ସିଆରପିଏଫ ଯବାନ ଶହୀଦ ମନୋଜ ବେହେରାଙ୍କ ଶବ ସତ୍କାର ସମୟରେ କଟକ ବିଜେଡି ସଭାପତି ତଥା ବାରବାଟି-କଟକ ବିଧାୟକ ଦେବାଶିଷ ସାମନ୍ତରାୟ ଶହୀଦଙ୍କ ସମ୍ପର୍କୀୟଙ୍କୁ ଠେଲାପେଲା କରିଥିଲେ । ଏହାକୁ ନେଇ ଶୁକ୍ରବାର ବୀରମହାରାଜପୁର ନିକଟବର୍ତ୍ତି ଫୁଲତରାଠାରେ ଭାଜପା ପକ୍ଷରୁ ସମ୍ପୃକ୍ତ ବିଧାୟକଙ୍କ କୁଶପୁତ୍ତଳିକା ଦାହ କରି ବିରୋଧ କରାଯାଇଛି । ସୁବର୍ଣ୍ଣପୁର ଜିଲା ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ତଥା ବୀରମହାରାଜପୁର ଜୋନ- ୨ ଜିଲା ପରିଷଦ ସଭ୍ୟା ଗାୟତ୍ରୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ଜିଲା ସାଧାରଣ ସମ୍ପାଦିକା ନଳିନୀ ପଣ୍ଡା, ପୂର୍ବତନ ରାଜ୍ୟ କୃଷକ ମୋର୍ଚ୍ଚା କୋଷାଧ୍ୟକ୍ଷ ରଘୁବୀର ପାଣିଗ୍ରାହୀ, ଉଭୟ ମଣ୍ଡଳ ସଭାପତି ନରେଶ କୁମାର ସାହୁ ଓ ରଘୁନାଥ ଜଗଦଲା, ଉଭୟ ଜୋନର ସମସ୍ତ ଭାଜପା କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

ବିଧାୟକଙ୍କ କୁଶପୁତ୍ତଳିକା ଦାହ କରାଯାଉଛି ।

ମାଟ୍ରିକ ପରୀକ୍ଷା : ୩ କେନ୍ଦ୍ରରେ ୭୭୩ ପରୀକ୍ଷାର୍ଥୀ

ଘଣ୍ଟାପଡା, ୨୨।୨ (ଡି.ଏନ.ଏ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡାର ୧ ନଂ. ଜୋନର ୮ଟି ପଞ୍ଚାୟତରୁ ୩ଟି ସେଣ୍ଟରରେ ୭୭୩ ଛାତ୍ରୀଛାତ୍ର ପ୍ରଥମ ଦିନ ମାତୃଭାଷା ପରୀକ୍ଷା ଦେଇଛନ୍ତି । ଘଣ୍ଟାପଡା ହାଇସ୍କୁଲରେ ମୋଟ ୨୫୧ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩ ଜଣ କୌଣସି କାରଣରୁ ପରୀକ୍ଷା ଦେଇ ପାରି ନାହାନ୍ତି। ଆମ୍ବଗାଁ ହାଇସ୍କୁଲରେ ୨୫୨ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୪ଜଣ ପରୀକ୍ଷା ଦେଇନାହାନ୍ତି । ମୂଆଁପାଲି ହାଇସ୍କୁଲରେ ମୋଟ ୨୮୫ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୮ଛାତ୍ରୀଛାତ୍ର ପରୀକ୍ଷା ଦେଇ ପାରି ନାହାନ୍ତି ।

ଆତ୍ମରକ୍ଷା ତାଲିମ ଶିବିର

ବିନିକା,୨୨।୨(ଡି.ଏନ୍.ଏ)

ବିନିକା ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ପ୍ରଗତି ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆତ୍ମରକ୍ଷା ତାଲିମ୍ ଶିବିର ଉଦ୍‌ଘାଟିତ ହୋଇଛି । ୧୨୦ଜଣ ଛାତ୍ରୀ ୧୨ଦିନ ଧରି ହେବାକୁ ଥିବା ଶିବିରରେ ଆତ୍ମରକ୍ଷା ତାଲିମ ନେବେ । ମୁଖ୍ୟ ଅତିଥିଭାବେ ବିନିକା ସିଦ୍ଧାର୍ଥ କଲେଜ ଅଧ୍ୟକ୍ଷ ବିଶ୍ୱନାଥ ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନୀ କରିଥିଲେ । ମୁଖ୍ୟବକ୍ତା ବିନିକା ତହସିଲଦାର ଅଲେଖ ଘୁଟା, ସମ୍ମାନୀତ ଅତିଥି ସିଦ୍ଧାର୍ଥ ବିନିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପିକା ରେଖା ପଧାନ ଉପସ୍ଥିତ ଥିଲେ । ପଞ୍ଚାନନ ସାହୁ, ଅଧ୍ୟାପକ ସବ୍ୟସାଚୀ ଦନ୍ତା ମଞ୍ଚ ପରିଚାଳନା କରିଥିଲେ ।

ସୁବର୍ଣ୍ଣପୁରରେ ଗଡ଼ିଲା କାଳିଆ ରଥ

ସୋନପୁର,୨୨।୨(ନି.ପ୍ର.)

ଚାଷୀଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରିବ କାଳିଆ ରଥ। ଶୁକ୍ରବାର ପ୍ରଥମ ପର୍ଯ୍ୟାୟରେ ୪ଟି ରଥ ସୁବର୍ଣ୍ଣପୁର ଜିଲାରେ ପହଞ୍ଚିଛି । ଏହି ରଥ ସୋନପୁର, ତରଭା, ଉଲୁଣ୍ଡା ଓ ଡୁଙ୍ଗୁରିପାଲି ବ୍ଲକର ସମସ୍ତ ଚାଷୀଙ୍କୁ ଯୋଜନା ସମ୍ପର୍କରେ ଜଣାଇବା ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଛି । ଆଉ ୨ଟି ରଥ ବିନିକା ଓ ବୀରମହାରାଜପୁର ବ୍ଲକ ପାଇଁ ପରବର୍ତ୍ତୀ ପର୍ଯ୍ୟାୟରେ ଆସିବ ବୋଲି ଜଣାପଡିଛି। ଏହି ରଥ କୃଷି ଓ ଆନୁସଙ୍ଗିକ ଯଥା ଉଦ୍ୟାନ କୃଷି, ପ୍ରାଣୀ ସମ୍ପଦ ବିଭାଗ, ମତ୍ସ୍ୟ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗର ସମସ୍ତ ଯୋଜନାଗୁଡିକ ଚାଷୀଙ୍କ ନିକଟରେ ପହଞ୍ଚାଇବ। ଜିଲା ପ୍ରଶାସନ ପକ୍ଷରୁ କୃଷି ଉପନିର୍ଦ୍ଦେଶକ ସନ୍ତୋଷ କୁମାର ଜେନା ଶୁକ୍ରବାର ଉଦ୍‌ଘାଟନ କରି କାଳିଆ ରଥକୁ ପ୍ରଚାର ପାଇଁ ୪ଟି ବ୍ଲକକୁ ପଠାଇଛନ୍ତି ।

କୃଷି ଉପନିର୍ଦ୍ଦେଶକ କାଳିଆ ରଥର ଶୁଭାରମ୍ଭ କରୁଛନ୍ତି।

ଯାଦବ ସମାଜର ମହାସଭା

ଜହ୍ନାପଙ୍କ, ୨୨।୨ (ଡି.ଏନ.ଏ)

ବୌଦ୍ଧ ବ୍ଲକ ଟାଇଁଜନ ଗ୍ରାମରେ ଯାଦବ ସମାଜର ମହାସଭା ଅନୁଷ୍ଠିତ ହୋଇଯାଇଛି । ଦୀନବନ୍ଧୁ ପୋଢ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଉର୍କୁଲା ପାଣ୍ଡେ ମୁଖ୍ୟଅତିଥି, ଲଳିତ ବାଘ ଓ ଚୈତନ୍ୟ ମହାକୁଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୋପାଳ ସମାଜର ଶିକ୍ଷା, ସ୍ୱାସ୍ଥ୍ୟ ଓ ଆର୍ଥିକ ସ୍ଥିତିରେ କିପରି ଉନ୍ନତି ହେବ ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । କ୍ଷମାନିଧି ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲା ସମ୍ପାଦକ ନରେଶ ବଗର୍ତ୍ତିଙ୍କ ତତ୍ତ୍ୱାବଧାନରେ ବ୍ରହ୍ମାନନ୍ଦ ଭୋଇ, ଉପେନ୍ଦ୍ର ବାଘ, ଜଗବନ୍ଧୁ ଷାଣ୍ଡ, ଭୀମସେନ ପୋଢ଼, ଗଣେଷ ଭୋଇ, ରଞ୍ଜିତ ବଗର୍ତ୍ତି, ସୁରେସନ ବାଘ, ସହଦେବ ନାୟକ, କାଳିଆ ପୋଢ଼, କ୍ଷମାନିଧି ଭୋଇ, ରଘୁ ଭୋଇ, ପଦାର୍ଥ ବଗର୍ତ୍ତି, ମାଗୁଣି ଗହିର, ନାଥ ଗହିର, ରଙ୍ଗା ଭୋଇ ପ୍ରମୁଖ ସହଯୋଗ କରିଥିଲେ । ଜିଲାର ୨୯ଟି କେନ୍ଦ୍ରର କାର୍ଯ୍ୟକର୍ତ୍ତାଙ୍କ ସମେତ ପଡୋଶୀ ଜିଲାର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।

ପ୍ଲାଷ୍ଟିକ ବନ୍ଦ ପାଇ ସଚେତନତା କାର୍ଯ୍ୟକ୍ରମ

ବୌଦ୍ଧ,୨୨।୨(ସ୍ୱ.ପ୍ର)

ସାରା ବିଶ୍ୱରେ ପ୍ଲାଷ୍ଟିକ ବ୍ୟବହାର ଯୋଗୁ ପରିବେଶ ନଷ୍ଟ ହେଉଥିବା ବେଳେ ଏହାର ବ୍ୟବହାରକୁ ବନ୍ଦ କରିବାକୁ ସବୁସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି। ଏହି କ୍ରମରେ ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ଜିଲାରେ ଆସନ୍ତା ମାର୍ଚ୍ଚ ୧ ତାରିଖରୁ ପ୍ଲାଷ୍ଟିକ୍ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରିବାକୁ ପ୍ରୟାସ ଆରମ୍ଭ କରାଯାଇଛି । ଯେଉଁମାନେ ବ୍ୟବହାର କରିବେ ସେମାନଙ୍କୁ ଦଣ୍ଡ ଦେବା ବ୍ୟବସ୍ଥା ରହିଛି । ଏହାର ବ୍ୟବହାର ଦ୍ୱାରା କିପରି ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପଡୁଛି ଓ ଏହାର ସମାଧାନ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ବୌଦ୍ଧ ବନ ବିଭାଗ ପକ୍ଷରୁ ଆରମ୍ଭ କରାଯାଇଛି । ସହରର ଖଲିଆ ବଗିଚା ବିଦ୍ୟାଳୟର ଛାତ୍ରୀଛାତ୍ର ଏକ ସଚେତନତା ପଦଯାତ୍ରାରେ ସହରର ରାମେଶ୍ୱର ମନ୍ଦିର ଠାରୁ ବାହାରିଥିଲେ । ସେମାନେ ଚନ୍ଦ୍ରଚୂଡ ମନ୍ଦିର ନିକଟରେ ସଫେଇ କରିବା ସହ ପଥଚାରୀମାନଙ୍କୁ ସଚେତନ କରାଇଥିଲେ । ବୌଦ୍ଧ ଜିଲାପାଳ ସୀତାଂଶୁ କୁମାର ରାଉତ ଏହି ଯାତ୍ରାକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ବୌଦ୍ଧ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ, ଏସିଏଫ ଭୈରବ ଚନ୍ଦ୍ର ବେହେରା, ଦିଲୀପ କୁମାର ସିଂ, ବୌଦ୍ଧ ରେଞ୍ଜର ବିପିନ ବିହାରୀ ରାଉତରାୟ, ପରିବେଶବିତ୍ ଅଧ୍ୟାପକ ପ୍ରବୀର ଦାସ, ବୌଦ୍ଧ ବ୍ଲକ ଶିକ୍ଷା ଅଧିକାରୀ ଧ୍ରୁବଚରଣ ଘିବେଲା, ସମସ୍ତ ବନ କର୍ମଚାରୀ ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ସାମିଲ ହୋଇଥିଲେ ।

ଛାତ୍ରୀମାନେ ସଚେତନତା ଶୋଭାଯାତ୍ରାରେ ବାହାରିଛନ୍ତି ।

ମହିଳାଙ୍କୁ ସଶକ୍ତ କରିଛି ଉଜ୍ଜ୍ୱ

ପ୍ରତ୍ୟେକ ଲୋକ ଯଦି ନିଜ ଜମି ଖଣ୍ଡିକର ଯତ୍ନ ନିଅନ୍ତା, ଏ ପୃଥିବୀଟି କେତେ ସୁନ୍ଦର ହୋଇ ଯାଆନ୍ତା।

- ରବର୍ଟ ୱାଲ୍‌ପୋଲ୍

ସଂକ୍ଷେପରେ

କଲ୍ୟାଣ ମଣ୍ଡପ, ପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟିତ

ଲୋଇସିଂହା, ୨୨।୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବେନ୍ଦ୍ରା ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଓ ଆଗଲପୁର କଲ୍ୟାଣ ମଣ୍ଡପ ଗୁରୁବାର ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବ୍ଲକ ଅଧ୍ୟକ୍ଷା ସୁନୀତା ମାଝି, ଉପାଧ୍ୟକ୍ଷ ମନମୋହନ ପଟେଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ତଥା ବେନ୍ଦ୍ରା ସମିତି ସଭ୍ୟା ଜୟନ୍ତୀ ପଟେଲ, ସରପଞ୍ଚ ତରାସ ସାହୁ, ଆଗଲପୁର ନାଗରିକ କମିଟି ସଭାପତି ଅଖିଳଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ବେନ୍ଦ୍ରା ପଞ୍ଚାୟତରେ ଏକକଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ଉପାଧ୍ୟକ୍ଷ ପଟେଲ ସୂଚନା ଦେଇଛନ୍ତି।

ନାମଯଜ୍ଞ ଉପଲକ୍ଷେ ଶୁଭସ୍ତମ୍ଭ ସ୍ଥାପନ

ଦେଓଗାଁ, ୨୨।୨ (ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝରସ୍ଥିତ ସ୍ୱପ୍ନେଶ୍ୱର ବାବାଙ୍କ ମନ୍ଦିର ନିକଟରେ ଜାଗର ମେଳା ଉପଲକ୍ଷେ ଅନୁଷ୍ଠିତ ହେବାକୁ ଥିବା ୧୬ ପ୍ରହର ନାମଯଜ୍ଞ ପାଇଁ ଶୁକ୍ରବାର ଶୁଭସ୍ତମ୍ଭ ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଦିନ ଗ୍ରାମବାସୀଙ୍କ ଆୟୋଜନକ୍ରମେ ନିର୍ଦ୍ଧାରିତ ଲଗ୍ନ ଅନୁସାରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା । ଆସନ୍ତା ୩ ତାରିଖ କଳସ ଯାତ୍ରା, ୪ ତାରିଖ ନାମାରମ୍ଭ ହେବାକୁ ଥିବା ବେଳେ ୬ ତାରିଖ ପୂର୍ଣ୍ଣାହୁତି ସହ ଜାଗର ମେଳା ଓ ୧୬ ପ୍ରହର ନାମଯଜ୍ଞ ସମ୍ପନ୍ନ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ ।

ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

ଲୋଇସିଂହା, ୨୨।୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଅନ୍ତର୍ଗତ ନଅଗାଁ(ଖ) ଗ୍ରାମବାସୀ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା ଓ ଶ୍ରଦ୍ଧାଞ୍ଜଳି ସଭା ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ହାଇସ୍କୁଲ ଖେଳପଡିଆଠାରୁ ଶତାଧିକ ଗ୍ରାମବାସୀ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରି ବସ୍ତି ପରିକ୍ରମା କରିଥିଲେ । ପରେ ଗ୍ରାମର ପିଏପି କ୍ଲବ ସମ୍ମୁଖରେ ପ୍ରଶାନ୍ତ ନାୟକ ସଭାପତିତ୍ୱରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶହୀଦଙ୍କ ଉଦ୍ଦେଶ୍ୟରେ ୧ ମିନିଟି ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ଅବସରପ୍ରାପ୍ତ ସୈନିକ ସଦାନନ୍ଦ ପଶାୟତ, ମୁକେଶ ମହାଲିଙ୍ଗ ପ୍ରମୁଖ ଆତଙ୍କବାଦୀଙ୍କ ବର୍ମୋରଚିତ କାର୍ଯ୍ୟକୁ ନିନ୍ଦ କରିଥିଲେ । ଶହୀଦ ପରିବାରଙ୍କୁ ଆର୍ଥିକ ସହାୟତା ପାଇଁ ଗ୍ରାମବାସୀ ପାଣ୍ଠି ସଂଗ୍ରହ କରୁଥିବା ସୂଚନା ଦିଆଯାଇଛି ।

ଆତଙ୍କ ଖେଳେଇଛେ କିଡ଼ନୀ ବେମାର

ଲୋଇସିଂହା, ୨୨।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କଲିପାଟ ଗାଁରେ ଗଲା ବଛରକେତେ ହେଲା କିଡ଼ନୀ ରୋଗ୍ ଚିନ୍ତାଜନକ ପରିସ୍ଥିତି ସୁରୁଷ୍‌ଟି କରିଛେ । ଗଲା ଅଢ଼େ ବଛର ଭିତରେ ୮ରୁ ୧୦ ଝନ୍ ଲୁକ୍‌କର କିଡ଼ନୀ ବେମାରରେ ଜୀବନ୍ ଗଲାନ । ଗାଁରେ ଏହେଦେ ୧୦ରୁ ଅଧିକା ଲୋକ୍ କିଡ଼ନୀ ବେମାର ସଂଗେ ଯୁଝୁଛନ୍ । ଇ ବାବ୍‌ଦେ ଜିଲା ପରଶାସନ ଆର ସୁଆସ୍‌ତିଅ ବିଭାଗ ଜାନିଥିଲେ ବି ଯେନ୍‌ହିସାବେ ପଦକ୍ଷେପ ନେବାର କଥା ନାଇଁ ନେଉଥିବାର ଗାଁବାସୀ ଅଭିଯୋଗ୍ କରିଛନ୍ । ମଝ୍‌ଲି ବଏସିଆ ଲୁକ୍‌କର ଉତାରୁ ଏହେଦେ ଯୁବକମାନେ କିଡ଼ନୀ ରୋଗ୍‌ର ଶିକାର ହେଉଛନ୍ । ଯେନ୍‌ଥିର ଲାଗି ଗାଁବାସୀ ଭଏଭୀତ ଅବସ୍‌ତାରେ ଅଛନ୍ ।

ଲୋଇସିଂହା ପଁଚେଡ଼ର କଲିପାଟ ଗାଁ । ଲୋଇସିଂହା କଲେଜ ପଛ୍‌ଫାଲର ଡଂଗର ତଳେ ଥିବାର ଇ ଗାଁରେ ଏଭ୍‌ତକ ୧୦ ଝନ୍ କିଡ଼ନୀ ରୋଗ୍‌ରେ ମଲେନ । ସୁଦାମ ପଧାନ(୩୭), ଶ୍ରୀପତି ପଧାନ(୩୭), ତରଣୀସେନ ପଧାନ(୪୨), ଗୌର ପଧାନ(୪୫), ଲାଏବାନୀ ପଦାନ(୪୫), ଶିବ ପଧାନ(୫୦), ନିଳାମ୍ବର ପଧାନ(୫୫), ତୁଳସୀ ନାଗ(୫୦), ପୁଡୁ ପଧାନ, କାଳିଆ ପଧାନ ପରମୁଖ ଆକ୍‌ରାଂତ ହେଇ ବଲାଙ୍ଗୀର, ବୁର୍ଲା, କଟକ ଆଦି ଜାଗାରେ ଚିକିତ୍ସିତ ହେଉଛନ୍ । ସଭେ ନିହାତି ଗରିବ୍ ହେଇଥିଲା ବେଳେ ସେମାନେ ମାସକିଆ ଉଷୋକଷାର ଖରଚ୍ ବି ଉଠେଇ ନାଇଁପାରବାର । ଫିଦିନ ଉଷୋ ନାଇଁ ଖାଏଲେ ଦିହିପା ବିଗଡ଼ି ଯାଉଛେ । ଧାର ଉଧାର କରି ଚିକିତ୍ସିତ ହେଉଛନ୍ । ଇ ସମକର ଚିକିତ୍ସାରେ ଏହେଦେ ଟଂକା ବଡ଼ଭାରି ବାଧକ ସାଜିଛେ ।

ଗାଁରେ ପାଖାପାଖି ୧୫୦ ପରିବାର ବାସ କରୁଥିଲାବେଳେ ଲୋକ୍ ସଂଖ୍ୟା ୭ ଶହ । ଗାଁରେ ଥିବାର ନଲ୍‌ରୁଆଁ ଭିତରୁ ୨ଟା ବେଭାର କରିହେଉଛେ, ଉନିଆ ନଲ୍‌ରୁଆଁମାନକର ପାଏନ୍ ଖାଇ ନାଇଁ ହେବାର । କେତେ ନଲ୍‌ରୁଆଁ ପାସେ ପାଏନ୍ ଟୁଡ଼ିକରି ରହେବାର ଲାଗି ପାଏନ୍‌ରେ ପୋକ୍ ବାହାରୁଥିବାର ଗାଁବାସୀ ଅଭିଯୋଗ କରିଛନ୍ । ଗାଁ ପାସେ ଆରଡବ୍ଲୁଏସଏସ ଅଫିସ ଆର ପାଏନ୍ ଟାଁକି ଅଛେ । ଇଠାନୁ ଜଡ଼ାମୁଣ୍ଡା, ଭେର୍ଣ୍ଣିଆ ପଡ଼ାକେ ପାଇପରେ ପାଏନ୍ ଯୁଗେଇ ଦିଆଯାଉଥିଲେ ବି ୧ କି.ମି. ଦୂରେ ଥିବାର କଲିପାଟକେ ନାଇଁଯିବାର । ପାଏନ୍ ସମସିଆର ଲାଗି କିଡ଼ନୀ ବେମାର ବଢୁଥିବାର ଗାଁବାସୀ ଆଶଁକା କରୁଛନ୍ । କିଡ଼ନୀ ସମସିଆ ନେଇ ଅଭିଯୋଗ କଲେ ଜିଲା ପରଶାସନ ପାଏନ୍ ନମୂନା ନେଇ ଚୁପ୍ ମାରି ବସୁଛେ, କେହେନ୍‌ସି ପରତିକାର ବେବସ୍‌ତା ନାଇଁ କରବାର ବଲି ଗାଁବାସୀ ଅଭିଯୋଗ କରିଛନ୍ । ଇ ବାବ୍‌ଦେ ଥାନୀୟ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ସ୍ମିତା ଶତପଥୀ କହିଛନ୍ ଯେ, କିଡ଼ନୀ ପରଭାବିତ କଦଳୀପାଲି, କଲିପାଟ ଆର ପତ୍ରପାଲି ବାବ୍‌ଦେ ଜିଲା ମୁଖ୍ୟା ଚିକିତ୍ସା ଅଧିକାରୀଙ୍କୁ ଚିଠି ଲେଖି ଜନେଇଛେଁ । ସମସିଆ ବାବ୍‌ଦେ ରାଏଜ୍ ସରକାରଙ୍କୁ ଜନେଇ ଦରକାରି ପଦକ୍ଷେପ ନେବାକେ ଚିଠିରେ ଲେଖିଥିବାର ସେ କହିଛନ୍ । ସେନ୍‌ତା କଦଳୀପାଲିରେ ସ୍ୱାସ୍ଥ୍ୟ କ୍ୟାମ୍ପ ବି କରାଯାଇଥିବାର କଥା ସେ କହିଥିଲେ ।

ଭଏଭୀତ ଅବସ୍‌ତାରେ କଲିପାଟ ଗାଁବାସୀ

- ମଝଲି ବଏସିଆକର ଉତାରୁ ଯୁବପିଢ଼ୀକେ ଗ୍ରାସୁଛେ
- ଅଢ଼େ ବଛର୍‌ରେ ଗଲାନ ୧୦ ଜୀବନ୍
- ଦୂଷିତ ପାଏନ୍ ରୋଗ୍‌ର କାରନ୍ କହୁଛନ୍ ଗାଁବାସୀ
- ପାଏନ୍ ନମୂନା ନେଇ କାମ୍ ସାରିଛେ ଆରଡବ୍ଲୁଏସଏସ

ଇମାନେ ଯାହା କହିଛନ୍...

ଗାଁରେ କିଡ଼ନୀ ବେମାର ସାଂଘାତିକ୍ ରୂପ୍ ନେଲାନ। ସୁଆସ୍‌ତିଅ ବିଭାଗ, ଆରଡବ୍ଲୁଏସଏସ ଆର ଜିଲାପରଶାସନ ସବୁ ଜାନିଶୁନି ଗାଁବାସୀକର ଜୀବନ୍ ସଂଗେ ଖେଳୁଛନ୍। ଗାଁକେ ନିରମଲ ପିଇଲା ପାଏନ୍ ଯୁଗାବାରେ ବିଭାଗୀୟ କତୁରପକ୍ଷ ବିଫଳ ହେଇଛନ।

- ନୀଳାଞ୍ଚଳ ପଧାନ

ମୁଇଁ ଝନେ କିଡ଼ନୀ ରୁଗୀ। ମାସିକ ୩ ହଜାର ଟଂକାର ଉଷୋ ଖାଉଛେଁ। ଝନେ ସାଧାରନ୍ ଗରିବ୍ ଲୋକ୍ ଏତେ ଟଂକା କେନ୍‌ନୁ ପାଏବା। ଗାଁରେ କିଡ଼ନୀ ରୋଗ୍‌ରେ ପୀଡ଼ିତ ଲୁକ୍‌କୁ ସରକାର ମାହାଲିଆ ଉଷୋ ଆର ସିକିତ୍ସା ସୁବିଧା ଯୁଗେଇ ନାଇଁ ଦେଲେ ବହୁତ୍ ଲୋକ୍ ଅକାଲେ ମରିଯିବେ।

-ଗୌରଚନ୍ଦ୍ର ପଧାନ

ଗଲା ୧୩ ବଛର ହେଲା ଇ ବେମାରରେ ପଡ଼ି ଉଷୋ ଖାଉଛେଁ। ଚିକିତ୍ସା ଆର ଉଷୋର ଲାଗି ଘରେ ଯାହା ଥିଲା ବିକାଭଂଗା କରି ସାଇଲିନ। ଏହେଦେ ଟଂକା ଅଭାବୁ ଉଷୋ ଖାଏବାର ବଂଦ୍ କରିଛେଁ। ଉନିଆମାନକର ଲେଖେଁ ମୋର ବି ଜୀବନ୍ କେତେବେଳେ ପଲେଇ ଯିବା। ସୁଆସ୍‌ତିଅ ବିଭାଗ ଜିଲା ପରଶାସନ ଯାହାକେ ଗୁହାରି କଲେ କେହି ନାଇଁ ଶୁନବାର।

-ତରଣୀସେନ ପଧାନ

ବ୍ଲକ, ସୁଆସ୍‌ତିଅ ବିଭାଗ ଆର ଆରଡବ୍ଲୁଏସଏସ ଅଫିସ ଆମର ଗାଁର ନାକ୍ ତଳେ ଅଛେ। ନିରମଲ ପିଇଲା ପାଏନ୍ ଟିକେ ନାଇଁ ପାଏବାର ଲାଗି ଗାଁରେ ଲୁକ୍‌କର ଜୀବନ୍ ଯାଉଛେ। ଆର ସହି ନାଇଁ ହେବାର, ଆଏବାର ଦିନେ ବ୍ଲକ ଅଫିସ ଘେରାଉ କରମୁ। କେହେନ୍‌ସି ପଦକ୍ଷେପ ନାଇଁ ନେଲେ ଭୋଟ ବରଜନ କରବାରଟା ସାର ଆଏ। **-ଲାଲମଣୀ ନାଗ**

ଏସ୍‌ଏଚ୍‌ଜିଙ୍କୁ ସୋଲାର ଲଣ୍ଠନ ବଣ୍ଟନ

ସଇଁତଲା, ୨୨।୨ (ଡି.ଏନ.ଏ.)

ବଲାଙ୍ଗୀର ଏମପି କଲିକେଶ ନାରାୟଣ ସିଂଦେଓଙ୍କ ତାଙ୍କ ସଂସଦ ପାଣ୍ଠିରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସୋଲାର ଲଣ୍ଠନ ବଣ୍ଟନ କରିଛନ୍ତି। ସଇଁତଲା ବ୍ଲକ କୁମାରୀ ପଞ୍ଚାୟତ ଅଞ୍ଚଳରେ ଥିବା କାନ୍ଦୁଲସରଠାରେ କୁଇକେଡ଼ା, ବିବିନା, ଡେଙ୍ଗ, ତାଲବାହାଲ, କୁମାରୀ, କରମତଲା ଓ ଭଦ୍ରା ପଞ୍ଚାୟତ ଅଞ୍ଚଳର ମହିଳା ସ୍ୱୟଂ ସହାୟକ ଦଳର ସହସ୍ରାଧିକ ସଦସ୍ୟ ଏହି ସୋଲାର ଲଣ୍ଠନ ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଏମପି ସିଂଦେଓ ମୁଖ୍ୟ ଅତିଥିଭାବେ ଯୋଗଦେଇ ୫୨୨ଗୋଟି ସୋଲାର ଲଣ୍ଠନ ଉପସ୍ଥିତ ଥିବା ଏସଏଚଜିଙ୍କୁ ବଣ୍ଟନ କରିଥିଲେ । ପର୍ଯ୍ୟାୟକ୍ରମେ ଅନ୍ୟ ପଞ୍ଚାୟତମାନଙ୍କର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଲଣ୍ଠନ ବଣ୍ଟନ କରାଯିବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲା ମଙ୍ଗଳ ଅଧିକାରୀ ବିନୋଦିନୀ ପ୍ରଧାନ, ଓଡ଼ିଶା ଜୀବିକା ମିଶନର ଜିଲା ପ୍ରୋଜେକ୍ଟ ମ୍ୟାନେଜର କମଲେନ୍ଦୁ ପାଳ, ମିଶନ ଶକ୍ତି ଡିପିସି ସୁମନ ଦ୍ୱିବେଦୀ, ସଇଁତଲା ବ୍ଲକର ଆସିଷ୍ଟାଣ୍ଟ ଯନ୍ତ୍ରୀ ହେମେନ୍ଦ୍ର ମଲ୍ଲିକ, ଗ୍ରାମ ପଞ୍ଚାୟତ ଅଧିକାରୀ କିଶୋର ଚନ୍ଦ୍ର ମାନସିଂ, ବିପିସି ଜ୍ୟୋତିର୍ମୟ ପ୍ରଧାନ, ଟିଟିଲାଗଡ଼ ସରପଞ୍ଚ ସଂଘ ସଭାପତି ବୀରସେନ ସାହୁ, ବିଜେଡି ବ୍ଲକ ସଭାପତି ଦିଲିପ ରାଜପାଲିଆ, ଏମପିଙ୍କ ସଇଁତଲା ବ୍ଲକ ପ୍ରତିନିଧି ରାଜ କିଶୋର ସିଂ ବୁଡେକଙ୍କ ସମେତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ବ୍ଲୁ ବଟନ୍ ଏକ୍ସପ୍ରେସର ଶୁଭାରମ୍ଭ

ଲୋଇସିଂହା,୨୨।୨(ଡି.ଏନ.ଏ)

ମୋ ଭୋଟ ମୋ ଦେଶ, ମୋ ଭୋଟ ସ୍ୱଦାନ, ଭୋଟ ଦେବା ଦେଶ ଗଢିବା ନାରାର ନେଇ ଶୁକ୍ରବାର ବଲାଙ୍ଗୀର ଜିଲାରେ ବ୍ଲୁ ବଟନ ଏକ୍ସପ୍ରେସର ଶୁଭାରମ୍ଭ ହୋଇଛି। ଏକ୍ସପ୍ରେସ ଜିଲାର ୧୪ ବ୍ଲକକୁ ଯାଇ ନାଗରିକମାନଙ୍କ ମଧ୍ୟରେ ମତଦାନ ସମ୍ପର୍କରେ ସଚେତନତା ସୃଷ୍ଟି କରିବ । ଏଡିଆର ଏବଂ ଓଡିଶା ଇଲେକ୍ସନ ୱାଚ ପକ୍ଷରୁ ଆୟୋଜିତ ଏହି ସଚେତନତା ରଥକୁ ବଲାଙ୍ଗୀର ଏଡିଏମ ଲକ୍ଷ୍ମୀକାନ୍ତ ପ୍ୟାରିଲାଲ, ଜିଲା ନିର୍ବାଚନ ଅଧିକାରୀ ବିଜୟ କୁମାର ଶତପଥୀ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । ବରିଷ୍ଠ ନାଗରିକ ନିଳମଣୀ ମିଶ୍ର, ପିଏପିର ହିରାଲାଲ ମିଶ୍ର, ଓଡିଶା ଇଲେକ୍ସନୱାଚର କାର୍ଯ୍ୟକର୍ତ୍ତା ବାମଦେବ ଜେନା, ତ୍ରିନାଥ ନାଏକ, ପ୍ରଭାତ ସାହୁ ଏବଂ ଏସ.କେ. ସାଜନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଙ୍ଗ ହ୍ୟୁମାନ ଫାଉଣ୍ଡେଶନ ଓ ସାମୂହିକ ବିକାଶ ସମିତି ସଭ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ଗତ ୧୨ ତାରିଖ ଦିନ ଭୁବନେଶ୍ୱରଠାରେ ଏହି ରଥର ଶୁଭାରମ୍ଭ ହୋଇଥିବାବେଳେ ୨୮ ତାରିଖ ଉଦ୍‌ଯାପିତ ହେବ ବୋଲି ସୂଚନା ଦିଆଯାଇଛି।

ବ୍ଲୁ ବଟନ ଏକ୍ସପ୍ରେସର ଶୁଭାରମ୍ଭ କରାଯାଉଛି।

ଖପ୍ରାଖୋଲ ବ୍ଲକରେ ଦଶମ ବୋର୍ଡ ପରୀକ୍ଷା ୧୨୯୪ ପରୀକ୍ଷାର୍ଥୀ, ୭୯ ଅନୁପସ୍ଥିତ

ଖପ୍ରାଖୋଲ, ୨୨।୨ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ୧୦ଟି ପରୀକ୍ଷା କେନ୍ଦ୍ରରେ ଚଳିତ ବର୍ଷ ଦଶମ ବୋର୍ଡ ପରୀକ୍ଷା ୧୨ଶହ୯୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଶିକ୍ଷା ବିଭାଗର ସୂଚନା ଅନୁସାରେ ବ୍ଲକରେ ଥିବା ୨୨ଟି ଉଚ୍ଚ ବିଦ୍ୟାଳୟରୁ ଚଳିତ ବର୍ଷ ୧୩୭୩ ଜଣ ପରୀକ୍ଷା ଦେବା ପାଇଁ ଫର୍ମ ଫିଲଅପ୍ କରିଥିବାବେଳେ ସେଥିପାଇଁ ୧୦ଟି ପରୀକ୍ଷା କେନ୍ଦ୍ର କରାଯାଇଛି । ପରୀକ୍ଷା କେନ୍ଦ୍ରଗୁଡିକ ହେଲା ମହରାପଦର, ମଟିଆଭଟା, ଦେଦର୍ହ, ଲାଠୋର, ମାଲପଡା, ଫୁଲକିମୁଣ୍ଡା, ଧଣ୍ଡାମୁଣ୍ଡା, ଲୁହାସିଂହା, ଖପ୍ରାଖୋଲ ଏବଂ ଘୁନସର। ଏହି ସମସ୍ତ ପରୀକ୍ଷା କେନ୍ଦ୍ରରେ ନିର୍ଦ୍ଧାରିତ ସମୟରେ ଶାନ୍ତିଶୃଙ୍ଖଳା ସହ ପରୀକ୍ଷା ଆରମ୍ଭ ହୋଇଥିଲା। ୧୨ ଶହ ୯୪ ଜଣ ପରୀକ୍ଷା ଦେଇଥିବାବେଳେ ଫର୍ମ ଫିଲଅପ୍ କରିଥିବା ୭୯ ଜଣ ପରୀକ୍ଷାକେନ୍ଦ୍ରମାନଙ୍କରେ ବିଭିନ୍ନ କାରଣରୁ ଅନୁପସ୍ଥିତ ଥିବା ଜଣାଯାଇଛି। ପରୀକ୍ଷାକୁ ଶାନ୍ତିଶୃଙ୍ଖଳା ଓ କପିମୁକ୍ତ କରିବାକୁ ୨ଟି ଫ୍ଲାଇଙ୍ଗ ସ୍କ୍ୱାଡ ଦଳ ଗଠନ କରାଯାଇଛି। ଗୋଟିଏ ଦଳରେ ବିଡିଓ ତରଣୀ ସୁନା ଏବଂ ଏବିଇଓ ବିରେନ୍ଦ୍ର କୁମାର ସାହୁ ଏବଂ ଅନ୍ୟ ଦଳରେ ତହସିଲଦାର ନିରଞ୍ଜନ ନାଏକ ଓ ବିଇଓ ଷଷ୍ଠି ଝାଙ୍କର ବିଭିନ୍ନ ପରୀକ୍ଷା କେନ୍ଦ୍ର ବୁଲି ଦେଖିଥିବା ଜଣାଯାଇଛି । ପ୍ରଥମ ଦିନ ସବୁ କେନ୍ଦ୍ରରେ ଶାନ୍ତିଶୃଙ୍ଖଳା ସହ ପରୀକ୍ଷା ହୋଇଥିବା ଏବିଇଓ ରମେଶ କୁମାର ଝାଙ୍କର ପ୍ରକାଶ କରିଛନ୍ତି।

ରେଞ୍ଜସ୍ତରୀୟ କେନ୍ଦୁପତ୍ର କାର୍ଯ୍ୟ ସମ୍ବନ୍ଧୀୟ ଆଲୋଚନାଚକ୍ର

ତୋଳାଳିଙ୍କ ସଚେତନତା ଉପରେ ଗୁରୁତ୍ୱ

ଦେଓଗାଁ ରେଞ୍ଜ କାର୍ଯ୍ୟାଳୟ ପରିସରରେ ରେଞ୍ଜସ୍ତରୀୟ କେନ୍ଦୁପତ୍ର କାର୍ଯ୍ୟ ସମ୍ବନ୍ଧୀୟ ଆଲୋଚନାଚକ୍ର ଅବସରରେ ଉପସ୍ଥିତ ଅଧିକାରୀ ବୃନ୍ଦ ।

ଦେଓଗାଁ,୨୨।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ କେନ୍ଦୁପତ୍ର ରେଞ୍ଜ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ରେଞ୍ଜସ୍ତରୀୟ କେନ୍ଦୁପତ୍ର କାର୍ଯ୍ୟ ସମ୍ବନ୍ଧୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରେଞ୍ଜ ଅଧିକାରୀ ଭିକାରୀ ଚରଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଡିଏଫ୍‌ଓ ଯଶୋବନ୍ତ ବରିହା ଯୋଗଦେଇ ରେଞ୍ଜର କାର୍ଯ୍ୟକାରିତା ଉପରେ ଆଲୋଚନା କରିଥିଲେ । ତୋଳାଳିମାନେ ଯେତିକି ଚଟା ପତ୍ର ସଂଗ୍ରହ କରିବେ ତାଙ୍କୁ ସେତିକିଚଟାପତ୍ରର ଶହେ ପ୍ରତିଶତ ବୋନସ ଆକାରରେ ମିଳିବ । ଏଥିସହ ତୋଳାଳିଙ୍କ ପୁଅ, ଝିଅଙ୍କ ଶିକ୍ଷା ନିମନ୍ତେ ଯୁକ୍ତଦୁଇ ପଢୁଥିବା ଝିଅଙ୍କୁ ବାର୍ଷିକ ୧୦ହଜାର ୫ଶହ ଓ ପୁଅଙ୍କୁ ୭ ହଜାର, ଯୁକ୍ତତିନି ପଢୁଥିବା ଝିଅଙ୍କୁ ବାର୍ଷିକ ୨୨ହଜାର୫ଶହ ଓ ପୁଅଙ୍କୁ ୧୨ହଜାର୫ଶହ ଟଙ୍କା ପ୍ରଦାନ କରାଯାଉଛି। ସେହିପରି ସ୍ନାତକୋତ୍ତର ଓ ବିଇଡି ପାଇଁ ଝିଅଙ୍କୁ ୩୦ ହଜାର ଓ ପୁଅଙ୍କୁ ୨୦ ହଜାର ଶିକ୍ଷାବୃତ୍ତି ସହାୟତା ବ୍ୟବସ୍ଥା ରହିଛି ବୋଲି ଅଧିକାରୀମାନେ ସୂଚନା ଦେଇଥିଲେ । ଏଥିସହ କେନ୍ଦୁପତ୍ର ତୋଳାଳି ଓ ବନ୍ଧେଇ ଶ୍ରମିକଙ୍କ ଦୁଇଟି ଝିଅଙ୍କ ବାହାଘର ପାଇଁ ୨୫ହଜାର ଟଙ୍କା ଲେଖାଁଏ ବିବାହ ସହାୟତା ରହିଛି । ପ୍ରତି ଦୁଇବର୍ଷରେ ଚପଲ, ଟୋପି ଓ ପାଣି ବୋତଲ ପାଇଁ ୫୦୦ଟଙ୍କା ଲେଖାଁଏ ସହାୟତା ମଧ୍ୟ ରହିଛି। ଏଣୁ ଏହି ସରକାରୀ ସହାୟତା ବିଷୟରେ ସମସ୍ତ କେନ୍ଦୁପତ୍ର ତୋଳାଳିମାନେ କେମିତି ସଚେତନ ହୋଇପାରିବେ ସେ ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା। ଚଳିତ ବର୍ଷ ଗୋଛା କଟାଳିଙ୍କ ପାଇଁ ସରକାର ମଜୁରି ୩୨୦ଧାର୍ଯ୍ୟ କରିଥିବା ସୂଚନା ଦେଇଥିଲେ। ଏହି ଅବସରରେ ଦେଓଗାଁ କେନ୍ଦୁପତ୍ର ଡିଭିଜନର ଚେକର ଅନନ୍ତ ମେହେର, ମହାବୀର ପଧାନ, ମାନଭଞ୍ଜନ ସାହୁ, ମୁନସୀ ବିଶ୍ୱମିତ୍ର ସାହୁ, ଚପରାସୀ ଚୈତନ୍ୟ ଷାଣ୍ଡଙ୍କୁ ସମ୍ମାନୀତ କରାଯାଇଥିଲା ।

କାର୍ ଟାୟାର ଫାଟି ଦୁର୍ଘଟଣା, ୫ ଆହତ

ବଲାଙ୍ଗୀର ଅଫିସ, ୨୨।୨

ରାୟଗଡା ଜିଲା ଆମ୍ବଦୋଳାଠାରୁ ସମ୍ବଲପୁର ଯାଉଥିବା ଏକ କାର୍‌ର ଟାୟାର ଫାଟି ଯିବାରୁ ବଲାଙ୍ଗୀର ସହର ନିକଟସ୍ଥ ମଠଖାଇ ମନ୍ଦିର ନିକଟରେ ଦୁର୍ଘଟଣା ଘଟି ୫ ଜଣ ଆହତ ହୋଇଛନ୍ତି। ଆମ୍ବଦୋଳା ଠାରେ କାର୍ଯ୍ୟରତ ପୋଲିସ ସବ୍‌ଇନ୍ସପେକ୍ଟର ଏ. ଡୁଙ୍ଗଡୁଙ୍ଗଙ୍କ ବଦଳି ହୋଇଥିବାରୁ ପରିବାର ସହ କାରରେ ସମ୍ବଲପୁର ଯାଉଥିଲେ । ମଠଖାଇ ନିକଟରେ ଏହି କାରର ଆଗଚକ ଫାଟି ଯିବାରୁ ଗାଡିଟି ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଗଛରେ ଫିଟି ହୋଇଯାଇଥିଲା ।



ଭବିଷ୍ୟତକୁ ସୁନ୍ଦର କରି ଗଢ଼ିବାର ସର୍ବୋତ୍କୃଷ୍ଟ ଉପାୟ ହେଉଛି ଆଜିର କର୍ତ୍ତବ୍ୟକୁ ଭଲଭାବରେ ସମ୍ପାଦନ କରିବା।
-ଜର୍ଜ ମାକ୍‌ଡୋନାଲ୍ଡ

ସଂକ୍ଷେପରେ

ସଡକ ଦୁର୍ଘଟଣାରେ ଜଣେ ମୃତ

ଭବାନୀପାଟଣା,୨୨।୨(ଡି.ଏନ.ଏ.)
ବୁଧବାର ସଡକ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣକ ହେଲେ ଦେପୁର ଗ୍ରାମପଞ୍ଚାୟତର ପୂର୍ବତନ ୱାର୍ଡମେମ୍ବର ରବିଶଙ୍କର ମାଝି (୬୫) । ସେ ରାସ୍ତା ପାର ହେବା ସମୟରେ ଟ୍ରକ ତଳେ ଚାପି ହୋଇ ଘଟଣା ସ୍ଥଳରେ ହିଁ ମୃତ୍ୟୁ ବରଣ କରିଥିଲେ ।

ଭତା ଦାବିରେ ବ୍ଲକ ଦୁଆରମୁହେଁ ବିଧବା, ଦିବ୍ୟାଙ୍ଗ

ଜୁନାଗଡ,୨୨।୨(ଡି.ଏନ.ଏ.):
କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଛୋରିଆଗଡ଼ ପଁଚେତରେ ଭତା ଯୋଜନା ବାଟବନା ହେଇଛେ। ଇଠାନେ ବହୁତ୍‌ଟେ ବୁଢ଼ାବୁଢ଼ି, ବିଧବା ଦିବ୍ୟାଙ୍ଗ ଆଏଜତକ୍ ଭତା ଯୋଜ୍‌ନାରେ ସାମିଲ ନାଇଁ ହେଇପାରି। ସେଥିରଲାଗି ସେମାନେ ବଡ଼ାଦୁଖେ ଜୀବନ୍ ବିତଉଛନ୍। ଗଲା ଶୁକ୍ରୁବାର ସାମାଜିକ କର୍ମୀ ତ୍ରିନାଥ ମହାଲିକଙ୍କର ମଂଗୁଆଲତିରେ ଛୋରିଆଗଡ଼ ଗାଁର ୮ ଝନ୍ ବିଧବା ଆର ଝନେ ଦିବ୍ୟାଙ୍ଗ ଭତାର ଲାଗି ବ୍ଲକକେ ଗୁହାରି କରବାକେ ଯାଇଥିଲେ। ଭତା ପାଏବାର ଲାଗି ବାରବାର ଆବେଦନ କରି ହତାଶ ହେଇଥିବାର ଭାରପ୍ରାପ୍ତ ବିଏସ୍‌ଏସ୍‌ଓଙ୍କୁ ସେମାନେ ଅଭିଯୋଗ କରିଥିଲେ। ପଛେ ବିଏସ୍‌ଏସ୍‌ଓ ସେମାନକର କଥାକେ ଗୁରୁତ୍ ଦେଇ ସବୁ କାଗଜପତର ତାକରନ୍ତୁ ରଖିଥିଲେ। ଯେତେ ଜଲ୍‌ଦି ହେବା ଭତା ଯୁଗେଇ ଦେବାର ବେବସ୍ତା କରାଯିବା ବଲି ଭାରପ୍ରାପ୍ତ ବିଏସ୍‌ଏସ୍‌ଓ ସୁମନ୍ତ କୁମାର ମାଝି କହିଛନ୍।

ଜିଲାପାଳ ଅଫିସ ଘେରାଉ, ଦାବିପତ୍ର ପ୍ରଦାନ

ନୂଆପଡା ଅଫିସ,୨୨।୨

ଶୁକ୍ରବାର ଓଡିଶା କର୍ମଚାରୀ ସଂଘ ଆହ୍ୱାନକ୍ରମେ ଖଡିଆଳ ଡିଭିଜନ ତରଫରୁ ସିଜିନାଲ କର୍ମଚାରୀ, କେନ୍ଦୁପତ୍ର ତୋଳାଳି, ବନ୍ଧାଳିମାନେ ବିଭିନ୍ନ ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିବାବେଳେ ୧୨ଦଫା ଦାବି ପତ୍ର ପ୍ରଦାନ କରିଛନ୍ତି । ଘେରାଉରେ ଶତାଧିକ ତୋଳାଳି, ବନ୍ଧାଳିମାନେ ଯୋଗଦେଇ ନିଜର ସମସ୍ୟା ବଖାଣିଥିଲେ। ଏହା ଉପରେ ପ୍ରଶାସନ କି କୌଣସି ନେତା ଦୃଷ୍ଟି ଦେଉ ନ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ ।

ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ କର୍ମକର୍ତ୍ତା ଯଦୁମଣୀ ପାଣିଗ୍ରାହୀ, ଅବଦୁଲ ରସିଦଙ୍କ ନେତୃତ୍ୱରେ ସ୍ଥାନୀୟ ପୋଲିସ ପଡିଆରୁ ଏକ ଶୋଭାଯାତ୍ରା ବାହାରିଥିଲା । ଏଥିରେ ଶତାଧିକ ସଂଖ୍ୟାରେ କେନ୍ଦୁପତ୍ର ତୋଳାଳି, ବନ୍ଧାଳି, କର୍ମଚାରୀମାନେ ସାମିଲ ହୋଇଥିଲେ। ବିଭିନ୍ନ ନାରାବାଜି କରି ସହର ପରିକ୍ରମା କରିବା ପରେ ଶେଷରେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଏକତ୍ର ହୋଇଥିଲେ। ମଧ୍ୟାହ୍ନ ୧୨ଟରେ ଦୀର୍ଘ ଘଣ୍ଟାଏ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । କେନ୍ଦୁପତ୍ର ସିଜିନାଲ କର୍ମଚାରୀମାନଙ୍କୁ ବର୍ଦ୍ଧିତ ସର୍ବନିମ୍ନ ମଜୁରୀ ମୁତାବକ ଦରମା ବୃଦ୍ଧି ସହିତ ତୁରନ୍ତ ଲାଗୁ କରିବାକୁ ଦାବି କରାଯାଇଛି । ସାମାଜିକ ନିରାପତା ଯୋଜନାରେ ଷ୍ଟାଇପେଣ୍ଡ ନାମରେ ଅନୁସୂଚୀତ ଜାତି ଓ ଜନଜାତି ଛାତ୍ରୀଛାତ୍ରମାନଙ୍କୁ କେନ୍ଦୁପତ୍ର ଲାଭାଂଶରୁ ଦିଆଯାଉଥିବା

ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କେନ୍ଦୁପତ୍ର ତୋଳାଳିମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

କେନ୍ଦୁପତ୍ର କର୍ମଚାରୀ ସଂଘ
- ତୋଳାଳି, କର୍ମଚାରୀଙ୍କ ଦାବି ପୂରଣ କର
- ସମସ୍ୟା ଅନେକ, ସମାଧାନ ନାହିଁ

ଶିକ୍ଷା ସହାୟତାକୁ ବନ୍ଦ କରିବା ପାଇଁ ଦିଆଯାଇଥିବା ନିର୍ଦ୍ଦେଶକୁ ତୁରନ୍ତ ପ୍ରତ୍ୟାହାର କରାଯାଇ ପୂର୍ବବତ ପ୍ରଦାନ କରାଯିବା, କେନ୍ଦୁପତ୍ର ସଂସ୍ଥାରେ ନିୟୋଜିତ ସମସ୍ତଙ୍କ ସକାଶେ ଇପିଏଫ ଏବଂ ପେନସନ ବ୍ୟବସ୍ଥା ଲାଗୁ କରିବା, କେନ୍ଦୁପତ୍ର ତୋଳାଳି, ବନ୍ଧାଳିଙ୍କ ପତ୍ର ଖରିଦ ଦର, ବନ୍ଧେଇ ଓ ବୋନସ ବୃଦ୍ଧି କରିବା, କେନ୍ଦୁପତ୍ର କାରବାରରୁ ଜିଏସଟି ଉଚ୍ଛେଦ କରିବା, ୧୯୯୩ ପରବର୍ତି ସମୟରେ କାର୍ଯ୍ୟରତ ୱାଚରମାନଙ୍କୁ ନିୟମିତ କରିବା, ସୁନାବେଡା ଅଭୟାରଣ୍ୟରେ ସ୍ଥାନୀୟ ବନବାସୀ ଆଦିବାସୀଙ୍କୁ କେନ୍ଦୁପତ୍ର ଓ ଲଘୁବନଜାତ ଦ୍ରବ୍ୟ ସଂଗ୍ରହ ସକାଶେ ଅଧିକାର ପ୍ରଦାନ କରାଯିବା ଆଦି ଦାବି କରାଯାଇଥିଲା । ସୂଚନାଯୋଗ୍ୟ ଯେ, ନୂଆପଡାର ଅର୍ଦ୍ଧାଧିକ ଅଞ୍ଚଳ ବଣଜଙ୍ଗଲରେ ଘେରିରହିଛି । ତେଣୁ ଏଠିକାର ବନବାସୀ ଆଦିବାସୀଙ୍କ କେନ୍ଦୁପତ୍ର ଏକ ମୁଖ୍ୟ ବେଉସା ହୋଇଥାଏ । ହେଲେ ଏମାନଙ୍କ ପାଇଁ ସରକାର ବିଭିନ୍ନ ସମୟରେ ଅନୁଦାନ ଅନୁକମ୍ପା ଦେଉଥିଲେ ମଧ୍ୟ ଲୋକଙ୍କ ସଚେତନତାର ଅଭାବର ସୁଯୋଗ ନେଇ ଏଠିକାର ନେତା ଅଧିକାରୀମାନେ ମଧୁଚନ୍ଦ୍ରିକା କରି ଶୋଷଣ କରୁଥିବା ଶ୍ରମିକମାନେ ଅଭିଯୋଗ କରିଥିଲେ । ଆଜକୁ ବର୍ଷାଧିକକାଳ କାମ କରିଥିଲେ ମଧ୍ୟ କୋମନା ବ୍ଲକର ଗନିଆରୀ, କୁରୁମପୁରୀ, ନୂଆପଡା ବ୍ଲକର ମଶାନକୁଣ୍ଡା ଗାଁର ଶ୍ରମିକମାନେ ପେମେଣ୍ଟ ପାଇ ନ ଥିବା ଗଣମାଧ୍ୟମ ଆଗରେ ଅଭିଯୋଗ କରିଥିଲେ । ଏପରି କି ନିଜର ଝିଅମାନଙ୍କୁ ବିବାହ କରିବାର ବର୍ଷେ ବିତିଯାଇଥିଲେ ମଧ୍ୟ ସହାୟତା ରାଶି ପାଇ ନ ଥିବା ଅଭିଯୋଗ ହୋଇଛି । ଏହା ଉପରେ ଖୋଦ ଜିଲାପାଳ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି ହୋଇଛି । ତେବେ ଶେଷରେ ଜିଲାପାଳଙ୍କୁ ଏକ ୧୨ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହାକୁ ଜିଲାପାଳଙ୍କ ତରଫରୁ ଅତିରିକ୍ତ ଜିଲାପାଳ ସୀତାରାମ ପଟେଲ ଗ୍ରହଣ କରିଥିଲେ। ଏଥିରେ କେନ୍ଦୁପତ୍ର ଡିଏଫଓ ପ୍ରଭଞ୍ଜନ ପ୍ରଧାନ ମଧ୍ୟ ଯୋଗଦେଇ ଦାବି ପତ୍ରଗ୍ରହଣ କରିଥିଲେ । ନୂଆପଡା ଥାନାଧିକାରୀ ଆଦିତ୍ୟ ମହାକୁଡ, ଶ୍ରୀକାନ୍ତ ବାରିକ ପ୍ରମୁଖ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିଥିଲେ ।

ସ୍ମାର୍ଟ ଏଲଇଡି ଯୋଜନାର ଶୁଭାରମ୍ଭ

ସୁନ୍ଦର, ସୁରକ୍ଷିତ ହେବ ନୂଆପଡା ସହର

ନୂଆପଡା ଅଫିସ,୨୨।୨

ନୂଆପଡା ଏକ ନୂଆ ସହର । ଏଠାରେ ବିଭିନ୍ନ ସମସ୍ୟା ରହିଥିବାବେଳେ ଏହାକୁ ରାଜ୍ୟ ସରକାର ଏକ ସୁନ୍ଦର ଏବଂ ଉତ୍କଳ ସହର ଭାବେ ନିର୍ମାଣ କରିବାକୁ ବଦ୍ଧପରିକର ଅଛନ୍ତି । ଏହିକ୍ରମରେ ସ୍ମାର୍ଟ ଏଲଇଡି ଯୋଜନା ନିହାତି ଭାବରେ ସୁନ୍ଦର ଏବଂ ସୁରକ୍ଷିତ କରିବ। ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ବୋଲି ଅତିଥିମାନେ କହିଛନ୍ତି । ଶୁକ୍ରବାର ପୂର୍ବାହ୍ନରେ ସ୍ଥାନୀୟ ଭେରା ଛକ ନିକଟରେ ସ୍ମାର୍ଟ ଏଲଇଡି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ଅବସରରେ ଅତିଥିମାନେ ଏହା କହିଛନ୍ତି । ପୂର୍ବାହ୍ନ ୧୧ଟାରେ ଆୟୋଜିତ କାର୍ଯ୍ୟକ୍ରମରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦେବେନ୍ଦ୍ରନାଥ ମହାରଣା ସଭାପତିତ୍ୱ କରିଥିବାବେଳେ ଡିଆରଡିଏ ପିଡି ବୃଷଭ ଚନ୍ଦ୍ର ନାଏକ ମୁଖ୍ୟଅତିଥି, ବରିଷ୍ଠ ନାଗରିକ ସଂଘ ସଭାପତି କ୍ଷିରୋଦ ନିବାସ ପଣ୍ଡା, ପୂର୍ବତନ ଏନଏସି ଉପାଧ୍ୟକ୍ଷ ମହେଶ କୁମାର ନିଆଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ପିଡି ନାଏକ ଶୁଭାରମ୍ଭ କରି ସହରବାସୀଙ୍କୁ ଉଦ୍‌ବୋଧନ ଦେଇଥିଲେ । ସେ ସୂଚନା ଦେଇଥିଲେ ଯେ, ସହର ମଧ୍ୟରେ ସବୁଗଳିକୁ ଏଲଇଡି ଲାଇଟ ସଂଯୋଗ ହେବ । ଶୁକ୍ରବାର ପ୍ରଥମ ଦଫାରେ ସହରର ଭିନ୍ନ ଜାଗାରେ ୬ଟି ଏଲଇଡି ଲାଇଟ ଲଗା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶ୍ୟାମ ସୁନ୍ଦର ତ୍ରିପାଠୀ, ଯନ୍ତ୍ରୀ କୈଳାସ କୁମାର ଉତ୍ତୁମା, ଅଶୋକ କୁମାର ଭୋଇ, ରାମେଶ୍ୱର ମୁଣ୍ଡ, ଗଜେନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ଏହିଭଳି ଖରିଆରରୋଡ ଏନଏସିରେ ମଧ୍ୟ ଏହି ଯୋଜନାର ଶୁଭାରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମରେ ସହରର ବହୁ ଗଣ୍ୟମାନ୍ୟ ବ୍ୟକ୍ତିବିଶେଷ ଯୋଗଦେଇଥିଲେ।

ସ୍ମାର୍ଟ ଏଲଇଡି ଯୋଜନାର ଶୁଭାରମ୍ଭ କରାଯାଉଛି ।

୨ ଦିନିଆ ଜାତୀୟ ସେମିନାର ଉଦ୍‌ଯାପିତ

ଭବାନୀପାଟଣା,୨୨।୨(ଡି.ଏନ.ଏ.)

ସରକାରୀ ମହାବିଦ୍ୟାଳୟ (ସ୍ୱୟଂଶାସିତ) ଭବାନୀପାଟଣାର ନୃତତ୍ୱ ବିଭାଗ ଏବଂ ଇତିହାସ ବିଭାଗର ମିଳିତ ପ୍ରଚେଷ୍ଟାରେ ୨୦ ଓ ୨୧ ତାରିଖ ୨ ଦିନ ଧରି ଚାଲିଥିବା ଜାତୀୟ ସେମିନାର ଉଦ୍‌ଯାପିତ ହୋଇଯାଇଛି। ସେମିନାର ଶିର୍ଷକ ଥିଲା 'ଭାରତୀୟ ଏଥନୋ-ଆରକାଇଲୋଜି ଗବେଷଣାର ନୂତନ ଦିଗନ୍ତ'। ଉଦ୍‌ଘାଟନୀରେ ମୁଖ୍ୟଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର କମଳକାନ୍ତ ମିଶ୍ର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ଅବସରପ୍ରାପ୍ତ ପ୍ରଫେସର ଡ. ରାମଚନ୍ଦ୍ର ମିଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବାବା ମିଶ୍ର ଏହି ଅଧିବେଶନର ଅଧ୍ୟକ୍ଷତା କରିଥିଲେ। ଏଥନୋ-ଆରକାଇଲୋଜିର ବିଭିନ୍ନ ଦିଗନ୍ତ ବିଷୟରେ ଏଥିରେ ଆଲୋକପାତ କରାଯାଇଥିଲା। ଦୁଇ ଦିବସୀୟ ଜାତୀୟ ଆଲୋଚନାଚକ୍ରରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଗବେଷକ ସେମାନଙ୍କ ଗବେଷଣା ନିବନ୍ଧ ପାଠ କରିଥିଲେ। ଉଦ୍‌ଯାପନୀରେ ଅଧିକାଂଶ ଡେଲିଗେଟ୍‌ସ ସେମାନଙ୍କ ମତାମତ ଦେଇଥିଲେ। ସରକାରୀ ମହାବିଦ୍ୟାଳୟ (ସ୍ୱୟଂଶାସିତ) ଭବାନୀପାଟଣାକୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା 'ଏକକ ବିଶ୍ୱବିଦ୍ୟାଳୟ'ର ଘୋଷଣା କରିବା ଦୁଇଦିନ ପରେ ଏକ ଜାତୀୟ ଆଲୋଚନାଚକ୍ର ଆୟୋଜନ ଉକ୍ତ ଉଚ୍ଚଶିକ୍ଷା ଅନୁଷ୍ଠାନ ବିଦ୍‌ବତାକୁ ପରିପୁଷ୍ଟ କରୁଛି।

ଜାତୀୟ ସେମିନାରରେ ପ୍ରଫେସର ଉଦ୍‌ବୋଧନ ଦେଉଛନ୍ତି ।

ମୁସଲିମ ସମାଜ ତରଫରୁ କ୍ୟାଣ୍ଡେଲ ଯାତ୍ରା

ମୁସଲିମ ସମାଜ ତରଫରୁ ଆୟୋଜିତ କ୍ୟାଣ୍ଡେଲ ଶୋଭାଯାତ୍ରା ।

ନୂଆପଡା ଅଫିସ,୨୨।୨

ପୁଲୱାମା କାଣ୍ଡର ପ୍ରତିବାଦରେ ଶୋଭାଯାତ୍ରା ସହ ଶହୀଦଙ୍କ ଆତ୍ମାର ସଦଗତି ପାଇଁ ମୁସଲିମ ସମାଜ ତରଫରୁ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ମସଜିଦ ନିକଟରେ ଶତାଧିକ ମୁସଲିମ ପୁରୁଷ, ଶିଶୁ ଏକତ୍ର ହୋଇ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ । ଶେଷରେ ଏସପିଙ୍କ କାର୍ଯ୍ୟାଳୟଠାରୁ ଫେରି ଏକତା ଛକ ନିକଟରେ ପହଞ୍ଚିଥିଲେ । ସେଠାରେ କ୍ୟାଣ୍ଡେଲ ଜାଳି ନୀରବ ପ୍ରାର୍ଥନା କରିଥିଲେ । ଏହିକ୍ରମରେ ପାକିସ୍ତାନୀ ଆତଙ୍କବାଦୀଙ୍କ ତୀବ୍ର ନିନ୍ଦା କରିଥିଲେ । ହିନ୍ଦୁସ୍ଥାନ ଜିନ୍ଦାବାଦ ଏବଂ ପାକିସ୍ତାନ ମୁର୍ଦ୍ଦାବାଦ ଧ୍ୱନୀରେ ସହର ପ୍ରକମ୍ପିତ ହୋଇଥିଲା । ଏଥିରେ ସମାଜ ତରଫରୁ ଇର୍ଷାଦ ମହମ୍ମଦ, ଜାଭେଦ ମହମ୍ମଦ, ଫିରୋଜ ଖାନ, ଆଜାସ ମହମ୍ମଦ, ସମୀର ଖାନ, ସାଜିଦ ଖାନ, ସାହିଲ ଖାନ, ସଲାମ ଖାନ ପ୍ରମୁଖ ସାମିଲ ଥିଲେ।

ହାଇଦ୍ରାବାଦରେ ୫ ଶିଶୁ ସମେତ ୨୪ ଶ୍ରମିକ ବନ୍ଧକ

- ପରିବାର ଲୋକ ଜିଲା ଶ୍ରମ ବିଭାଗର ଦ୍ୱାରସ୍ଥ

ନୂଆପଡା ଅଫିସ/ସିନାପାଲି, ୨୨।୨ (ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ଥାନା ଅନ୍ତର୍ଗତ ଗୋଡାଲ ପଞ୍ଚାୟତ ମହଗାଁର ୫ଶିଶୁ ସମେତ ୨୪ଜଣ ଦାଦନ ଶ୍ରମିକଙ୍କୁ ହାଇଦ୍ରାବାଦର ଜଣେ ଇଟାଭାଟି ମାଲିକ ବନ୍ଧକ ରଖିଥିବା ତାଙ୍କର ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି । ପ୍ରକାଶ ଯେ, ଏହି ଗାଁର ଶ୍ରମିକମାନେ ଗତ ୪ ମାସ ତଳେ ଖଡିଆଳ ଅଞ୍ଚଳର ଜଣେ ଶ୍ରମିକ ସର୍ଦ୍ଦାରଙ୍କ ସହାୟତାରେ ହାଇଦ୍ରାବାଦ ଯାଇଥିଲେ । ସେଠାରେ ଗୁଣ୍ଡେଲଗୁଦା ଗାଁର ଏକ ଇଟାଭାଟିରେ କାମ କରୁଥିଲେ । ସେଠିକାର ମାଲିକ ଶ୍ରମିକମାନଙ୍କୁ ବିଭିନ୍ନ ନିର୍ଯାତନା ଦେବା ସହ କଠିଣ କାମରେ ନିୟୋଜିତ କରୁଛନ୍ତି। ଏକ ଅସ୍ୱାସ୍ଥ୍ୟକର ପରିବେଶରେ ରଖିଥିବା ବେଳ କୌଣସି ଚିକିତ୍ସା ବ୍ୟବସ୍ଥା କରୁ ନ ଥିଲେ। ହେଭଳି ନିର୍ଯାତନା ସହ୍ୟ କରି ନ ପାରି କିଛି ଶ୍ରମିକ

ବନ୍ଧକ ଶ୍ରମିକଙ୍କୁ ଉଦ୍ଧାର ପାଇଁ ଦାବି କରିବାକୁ ସମ୍ପର୍କୀୟମାନେ ଜିଲା ଶ୍ରମ ଅଫିସକୁ ଆସିଛନ୍ତି ।

ଲୁଚି ଚାଲିଆସିଛନ୍ତି। ସେମାନଙ୍କ କହିବାନୁଯାୟୀ ସେଠାରେ ୧୯ଜଣ ମହିଳା ପୁରଷ ଶ୍ରମିକ ଏବଂ ୫ଜଣ ଶିଶୁ ଅଟକ ରହିଛନ୍ତି । ଚୁକ୍ତି ଅନୁଯାୟୀ କାମ କରିସାରିଥିଲେ ମଧ୍ୟ ବାଧ୍ୟ କରି ରଖିଥିବା ପ୍ରକାଶ କରିଛନ୍ତି । ସେଠାରୁ ଖସିଆସିଥିବା ଶ୍ରମିକଙ୍କ ସହ ତାଙ୍କର ସମ୍ପର୍କୀୟମାନେ ଖରିଆରରୋଡକୁ ଆସି ଜିଲା ଶ୍ରମ କାର୍ଯ୍ୟାଳୟରେ ଲିଖିତ ଭାବେ ଜଣାଇଛନ୍ତି । ଏହି ପରିବାର ଲୋକଙ୍କୁ ତୁରନ୍ତ ଉଦ୍ଧାର କରିବାକୁ ଦାବି କରିଛନ୍ତି । ଏହାର ସରଜମିନ ତଦନ୍ତ କରି ସମ୍ପୃକ୍ତ ସର୍ଦ୍ଦାରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ କରିବାକୁ ଗୁହାରି କରିଛନ୍ତି ।

ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ

କୁନି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

ଭବାନୀପାଟଣା,୨୨।୨(ଡି.ଏନ.ଏ.)

ଭବାନୀପାଟଣାର ହିଲଟାଉନ୍ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଅଷ୍ଟମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ତୁଷାରକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଭବାନୀପାଟଣାର ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ଡିଆଇଇଟିର ପ୍ରିନ୍ସିପାଲ କାଇରା ମୁଣ୍ଡା ଓ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଓଡିଶା ଜାଭିୟର୍ସ ଗ୍ରୁପ୍ ଅଫ୍ ସ୍କୁଲସ୍‌ର ନିର୍ଦ୍ଦେଶକ ଅଜିତ କୁମାର ଦାଶ ଓ ସାରଳା ଜିଏନ୍‌ଏମ୍ ପ୍ରଶିକ୍ଷଣ କେନ୍ଦ୍ରର ପ୍ରଶାସନିକ ଅଧିକାରୀ ନାରାୟଣ ପରିଡା ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେବା ସହ ଭବିଷ୍ୟତ ଜୀବନରେ ଜଣେ ବଡ ମଣିଷ ହେବା ପାଇଁ ଉପଦେଶ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର କୁନି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପରିବେଷିତ ବିଭିନ୍ନ ନୃତ୍ୟଗୀତରେ ଉପସ୍ଥିତ ଅତିଥି ଓ ଅଭିଭାବକମାନେ ବିମୋହିତ ହୋଇଯାଇଥିଲେ। କ୍ରୀଡା ଏବଂ ଶିକ୍ଷାକ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଯାଦବଙ୍କ ଉନ୍ନତି ପାଇଁ ଯତ୍ନବାନ ହେବା ଜରୁରୀ

- ନିଶାମୁକ୍ତ ପାଇଁ ସମାଜ ପକ୍ଷରୁ ଆହ୍ୱାନ
- ଜୁନାଗଡରେ ଜିଲାସ୍ତରୀୟ ଯାଦବ ମହାସଭା

ଜୁନାଗଡ,୨୨।୨(ଡି.ଏନ.ଏ.)

ଯାଦବମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ସାଂସ୍କୃତିକ, ସାମାଜିକ, ଅର୍ଥନୈତିକ, ରାଜନୈତିକ ଦିଗରେ ବିଶେଷ ଯତ୍ନବାନ ହେବା ଜରୁରୀ ବୋଲି କଳାହାଣ୍ଡି ଜିଲା ଜୁନାଗଡ ହାଇସ୍କୁଲ ପଡିଆରେ ୨ଦିନ ଧରି ଚାଲିଥିବା ଜିଲାସ୍ତରୀୟ ଯାଦବ ମହାସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସେହିପରି ଏକକ ସଂଖ୍ୟା ଗରିଷ୍ଠ ଯାଦବମାନଙ୍କୁ ସାଧାରଣ ନିର୍ବାଚନରେ ରାଜନୈତିକ ଦଳମାନେ ପ୍ରାର୍ଥୀ ଦେବା ପାଇଁ ଦାବି କରାଯାଇଥିଲା। ଏହାସହ ନିଶାମୁକ୍ତ ପାଇଁ ସମାଜ ପକ୍ଷରୁ ଆହ୍ୱାନ କରାଯାଇଥିଲା। ମହାସଭାର ପ୍ରଥମ ଦିବସରେ ଯାଦବ ପତକା ଉତ୍ତୋଳନ କରିବା ପରେ ଶହୀଦ ଯବାନମାନଙ୍କ ନିମନ୍ତେ ସହର ପରିକ୍ରମା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଜୁନାଗଡ ସହରସ୍ଥିତ କଲ୍ୟାଣ ମଣ୍ଡପଠାରେ ଜିଲା ଯାଦବ ମହାସଭା କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ନୂତନ ଜିଲା ସଭାପତି ଭାବେ ହରିଶଙ୍କର ବାଗ, ଉପସଭାପତି ଅରୁପାନନ୍ଦ ନାଗ, ନୃପରାଜ ଯାଦବ, ଦୁଲ୍ଲଭ ମାହାର, ନରେନ୍ଦ୍ର ବାଗ, ସାଧାରଣ ସମ୍ପାଦକ ସଞ୍ଜୟ ଧଙ୍ଗଡାମାଝି, ସହସମ

ଜଣକ ମୁହଁରୁ ସଦାବେଳେ ହସ ଝରିପାରେ,
ତଥାପି ସେ ଅସଲ ସଇତାନ ହୋଇପାରେ।
- ସେକ୍ସପିୟର

ସଂକ୍ଷେପରେ

ମୁଖ୍ୟ ଅଭିଯୁକ୍ତ, ସହଯୋଗୀଙ୍କ ଜାମିନ ଆବେଦନ ଖାରଜ

କଟକ ଅଫିସ,୨୨।୨: ଢେଙ୍କାନାଳର ଗୁଡ୍ ନ୍ୟୁଜ ଇଣ୍ଡିଆ ଶେଲ୍‌ଟର ହୋମ ଯୌନ ନିର୍ଯାତନା ମାମଲାର ମୁଖ୍ୟ ଅଭିଯୁକ୍ତ ଫୟାଜ ରହମନ ଓ ତାଙ୍କ ସହଯୋଗୀ ଉଦିତ କୁମାର ଲିମାଙ୍କ ଜାମିନ ଆବେଦନ ହାଇକୋର୍ଟରେ ଖାରଜ ହୋଇଛି। ଉଭୟଙ୍କ ଜାମିନ ଆବେଦନର ଶୁଣାଣି ଗତ ୨୦ ତାରିଖରେ ବିଚାରପତି ଜଷ୍ଟିସ ସଙ୍ଗମ କୁମାର ସାହୁଙ୍କ ଇଜିଲାସରେ ହୋଇଥିଲା। ଜାମିନ ଆବେଦନର ପୂର୍ଣ୍ଣାଙ୍ଗ ଶୁଣାଣି କରି ବିଚାରପତି ନିଜ ରାୟକୁ ସଂରକ୍ଷିତ ରଖିଥିଲେ। ତେବେ ଶୁକ୍ରବାର ଏହି ରାୟ ପ୍ରକାଶ ପାଇଛି। ଯେଉଁଥିରେ ଉଭୟଙ୍କ ଜାମିନ ଆବେଦନକୁ ଖାରଜ କରାଯାଇଛି। ସୂଚନାଥାଉ କି, ଉକ୍ତ ଶେଲ୍‌ଟର ହୋମରେ ରହୁଥିବା ଅନ୍ତେବାସୀମାନଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଥିଲା। ଉକ୍ତ ଘଟଣାରେ ପୋଲିସ ସେଲ୍‌ଟର ହୋମର ମୁଖ୍ୟ ଫୟାଜ ରହମନ ଓ ତାଙ୍କର ସହଯୋଗୀମାନଙ୍କୁ ଗିରଫ କରିଥିଲା। ତଳ କୋର୍ଟରେ ଏମାନଙ୍କ ଜାମିନ ଆବେଦନ ଖାରଜ ହେବା ପରେ ସେମାନଙ୍କ ମଧ୍ୟରୁ ଫୟାଜ ଓ ଲିମା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ବାଘ ନୁହେଁ ବୋଲି ପଗ୍‌ମାର୍କରୁ ସ୍ପଷ୍ଟ

ଭୁବନେଶ୍ୱର,୨୨।୨(ବ୍ୟୁରୋ): ରାଜଧାନୀରେ ପୁଣି ବାଘ ଆତଙ୍କ। ରଙ୍ଗମାଟିଆ ତଳସାହି ଅଞ୍ଚଳରେ ବାଘ ବୁଲୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଗୁରୁବାର ରାତି ପ୍ରାୟ ସାଢ଼େ ୯ଟା ସମୟରେ କେଶବ ମନ୍ତ୍ରୀ ନାମକ ବ୍ୟକ୍ତି ଏହି ଅଞ୍ଚଳରେ ବାଘ ବୁଲୁଥିବାର ଦେଖିଥିବା କହିଥିଲେ। ଖବର ପାଇ ଶୁକ୍ରବାର ସକାଳୁ ବନ ବିଭାଗ ଉକ୍ତ ଅଞ୍ଚଳକୁ ଯାଇ ତନାଘନା କରିଥିଲା। ନଗର ବନଖଣ୍ଡ ପକ୍ଷରୁ ଏସିଏଫ୍ ଗୋବିନ୍ଦ ବିଶ୍ୱାଳ, ଖୋର୍ଦ୍ଧା ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକଙ୍କ ସମେତ ୧୦ଜଣିଆ ଟିମ୍ ଘଟଣାସ୍ଥଳକୁ ଯାଇ ପଚରାଉଚରା କରିଥିଲେ। ସେଠାରେ ପାଦଚିହ୍ନ ଦେଖି ତା'ର ପଗ୍‌ମାର୍କ ସଂଗ୍ରହ କରିଥିଲେ। ପରେ ତାକୁ ନନ୍ଦନକାନନରେ ପରୀକ୍ଷା କରିବା ପରେ ତାହା ବାଘର ନୁହେଁ ବୋଲି ସ୍ପଷ୍ଟ ହୋଇଥିବା ସିଟି ଡିଏଫ୍‌ଓ ଅଶୋକ ମିଶ୍ର କହିଛନ୍ତି। ତଥାପି ରାତିସାରା ପାଟ୍ରୋଲିଂ କରାଯିବ ବୋଲି ଗୋବିନ୍ଦ ବିଶ୍ୱାଳ କହିଛନ୍ତି। ଯେହେତୁ ପାଦଚିହ୍ନରୁ ବାଘ ନୁହେଁ ବୋଲି ପ୍ରମାଣିତ ହୋଇସାରିଛି, ତେଣୁ ଲୋକେ ଭୟ ନ କରିବାକୁ ବନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଅନ୍ୟପଟେ ଏହି ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଥିଲା। କାରଣ କିଛିଦିନ ତଳେ ବିମାନବନ୍ଦର ପରିସରରୁ ଏକ କଲରାପତରିଆ ବାଘକୁ ଉଦ୍ଧାର କରାଯାଇଥିଲା। ଜନବସତିରେ ବାଘ ପଶିବାର ଭୟ ଥମି ନ ଥିବାବେଳେ ପୁଣି ଏଭଳି ଘଟଣା ରାଜଧାନୀବାସୀଙ୍କୁ ଆହୁରି ଭୟଭୀତ କରାଇଦେଇଛି।

ଗୁଡଭେଲା ବ୍ଲକ : ପରୀକ୍ଷା ଦେଲେ ୮୪୧ ପରୀକ୍ଷାର୍ଥୀ

ଗୁଡଭେଲା,୨୨।୨(ଡି.ଏନ.ଏ.): ଚଳିତବର୍ଷର ମାଟ୍ରିକ ପରୀକ୍ଷା ଶୁକ୍ରବାର ଆରମ୍ଭ ହେଇଥିବା ବେଳେ ଗୁଡଭେଲା ବ୍ଲକରେ ଶାନ୍ତିଶୃଙ୍ଖଳା ସହିତ ମାତୃଭାଷା ସାହିତ୍ୟ ପରୀକ୍ଷା ସମାପ୍ତ ହୋଇଛି। ଏହି ବ୍ଲକରେ ୭ଟି ପରୀକ୍ଷା କେନ୍ଦ୍ରରେ ରେଗୁଲାର ୮୫୮ ଛାତ୍ରୀଛାତ୍ର ପରୀକ୍ଷା ପରୀକ୍ଷାର୍ଥୀ ରହିଥିବା ବେଳେ ୧୭ଜଣ ପରୀକ୍ଷା ଦେବାକୁ ଆସି ନ ଥିଲେ। ଫଳରେ ପ୍ରଥମ ଦିନରେ ୮୪୧ ଜଣ ପରୀକ୍ଷାର୍ଥୀ ମାତୃଭାଷା ପରୀକ୍ଷା ଦେଇଥିଲେ। ପରୀକ୍ଷାରେ କପି ରୋକିବା ପାଇଁ ଶିକ୍ଷା ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ଏହି ବ୍ଲକ ପାଇଁ ଦୁଇଟି ସ୍ୱତନ୍ତ୍ର ସ୍କାଡ ଗଠନ କରାଯାଇଥିବା ବ୍ଲକ ଶିକ୍ଷାଧିକାରୀ ଅଖିଳ ଦୀପ କହିଛନ୍ତି।

ଆରମ୍ଭ ହେଲା ମାଟ୍ରିକ୍ ପରୀକ୍ଷା

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲରେ ପରୀକ୍ଷାର୍ଥୀଙ୍କୁ ସ୍କୁଲ ପ୍ରବେଶ କରିବା ବେଳେ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଯାଞ୍ଚ କରୁଛନ୍ତି (ବାମ)। ବଲାଙ୍ଗୀର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଛାତ୍ରୀମାନେ ପରୀକ୍ଷା ଦେବାକୁ ବସିଛନ୍ତି। (ଫଟୋ-ସୁନୀଲ)।

୧୨ କେନ୍ଦ୍ରରେ ୧୭୧୩ ପରୀକ୍ଷାର୍ଥୀ ପରୀକ୍ଷା ଦେଲେ

ଡୁଙ୍ଗୁରିପାଲି, ୨୨।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକରେ ଶୁକ୍ରବାର ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ନିରୂପିତ ୧୨ କେନ୍ଦ୍ରରେ ମୋଟ ୧୭୧୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ବିଭିନ୍ନ କାରଣରୁ ୪୧ ଜଣ ପରୀକ୍ଷା କେନ୍ଦ୍ରକୁ ଆସି ନ ଥିବା ଜଣାଯାଇଛି । ପ୍ରଥମ ଦିନରେ ଶାନ୍ତିଶୃଙ୍ଖଳାର ସହିତ ପରୀକ୍ଷା ହୋଇଥିବା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଏବିଇଓ ଦିଲିପ ମେହେର ପ୍ରକାଶ କରିଛନ୍ତି।

ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେଲା

୧୫୯ ପରୀକ୍ଷା କେନ୍ଦ୍ରରେ ୨୪୬୧୨ ପରୀକ୍ଷାର୍ଥୀ

ବଲାଙ୍ଗୀର ଅଫିସ, ୨୨।୨

ଶୁକ୍ରବାରଠାରୁ ମାଟ୍ରିକ୍ ବୋର୍ଡ ପରୀକ୍ଷା ଆରମ୍ଭ ହୋଇଛି । ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାର ସୁପରିଚାଳନା ନିମନ୍ତେ ଜିଲା ଶିକ୍ଷା ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ପରେ ଶୁକ୍ରବାରଠାରୁ ଜିଲାର ୧୫୯ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଆରମ୍ଭ ହୋଇଛି । ପ୍ରଥମ ଦିନ ଓଡିଆ ଭାଷା ସାହିତ୍ୟ ପରୀକ୍ଷା ଅନୁଷ୍ଠିତ ହୋଇଥିଲଶ। ଜିଲାର ୩୬୩ଟି ହାଇସ୍କୁଲର ୨୩୧୮୬ ରେଗୁଲାର ଓ ୮୩୨ ଏକ୍ସ-ରେଗୁଲାର ଏପରି ସର୍ବମୋଟ ୨୪ ହଜାର ୧୮ଜଣ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେବାକୁ ଯୋଗ୍ୟ ବିବେଚିତ ହୋଇଥିଲେ । ମଧ୍ୟମା ସଂସ୍କୃତ ପରୀକ୍ଷା ୩ଟି କେନ୍ଦ୍ରରେ ୧୨୧ ଜଣ ପରୀକ୍ଷାର୍ଥୀ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପାଠ୍ୟକ୍ରମର ୩ଟି ପରୀକ୍ଷା କେନ୍ଦ୍ରରେ ୪୩୮ ଜଣ ପରୀକ୍ଷାର୍ଥୀ ମାଟ୍ରିକ୍ ପରୀକ୍ଷା ଦେବେ ବୋଲି ସୂଚନା ଦିଆଯାଇଥିଲା । ସକାଳ ପ୍ରାୟ ସାଢ଼େ ୮ଟାରୁ ଜିଲାର ବିଭିନ୍ନ ହାଇସ୍କୁଲ ପରୀକ୍ଷା କେନ୍ଦ୍ର ସମ୍ମୁଖରେ ପରୀକ୍ଷାର୍ଥୀଙ୍କ ଭିଡ ଦେଖାଯାଇଥିଲା । ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟ, ପିପି ଏକାଡେମୀ ସ୍କୁଲରେ ପରୀକ୍ଷା କେନ୍ଦ୍ର ହୋଇଥିଲା । ପରୀକ୍ଷାର୍ଥୀମାନେ ନୂଆ ଆଶା ନେଇ ପରୀକ୍ଷା କେନ୍ଦ୍ରକୁ ଆସିଥିଲେ । ସେମାନଙ୍କ ମୁହଁରେ ଶଙ୍କାମିଶ୍ରିତ ଖୁସି ପରିଲକ୍ଷିତ ହେଉଥିଲା । କିଛି ଛାତ୍ରୀଛାତ୍ର ପରୀକ୍ଷାକୁ ନେଇ ବେଶ୍ ଉତ୍ସାହିତ ଥିବାବେଳେ ଆଉ କେତେକ ଶଙ୍କାଗ୍ରସ୍ତ ଥିବା ଦେଖାଯାଇଥିଲା । ବିଭିନ୍ନ ସ୍କୁଲରେ ପରୀକ୍ଷା ପରିଚାଳାନା କରିବା ଦାୟିତ୍ୱରେ ଥିବା ପରୀକ୍ଷା ସୁପରିଣ୍ଟେଣ୍ଡେଣ୍ଟ, ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକମାନେ କପି ରୋକିବା ଦିଗରେ ପ୍ରଥମ ଦିନରୁ ହିଁ ଯତ୍ନବାନ୍ ହୋଇଥିବା ଦେଖାଯାଇଥିଲା । ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କାଙ୍କୁ ପଚରାଯିବାରୁ ପ୍ରଥମ ଦିନ ଜିଲାରେ ସୁରୁଖୁରୁରେ ପରୀକ୍ଷା ସମ୍ପନ୍ନ ହୋଇଥିବା କହିଛନ୍ତି । ପ୍ରଥମ ଦିନ ଟିଟିଲାଗଡ ସବ୍‌ଡିଭିଜନ୍‌ର ଏକ ସ୍କୁଲରେ ଜଣେ ମାତ୍ର ପରୀକ୍ଷାର୍ଥୀ କବି କରିବା ବେଳେ ସ୍କାର୍ଡ ହାବୁଡରେ ପଡିଥିବା ଜଣାଇଛନ୍ତି । କପି ରୋକିବା ପାଇଁ ଜିଲାରେ ତ୍ରିସ୍ତରୀୟ ସ୍କାଡ ଗଠନ କରାଯାଇଥିବା ଜଣାପଡିଛି । ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଚାଲୁ ରହିବ । ତେବେ କିଛିଟା ଆଶା ଓ ଆଶଙ୍କାରେ ଥିବା ଛାତ୍ରୀଛାତ୍ର ପ୍ରଥମ ଦିନ ପରୀକ୍ଷା ଦେଇ ଫେରିବା ବେଳେ ସବୁକିଛି ଠିକ୍ ଠାକ ଥିବା କହିଛନ୍ତି । କିଛି ପରୀକ୍ଷାର୍ଥୀ ବଖାଣିଛନ୍ତି ସେମାନଙ୍କ ପ୍ରଥମ ଦିନର ଅନୁଭୂତି ।

ପରୀକ୍ଷାର୍ଥୀଙ୍କ ମୁହଁରୁ:-

"ମାଟ୍ରିକ ପରୀକ୍ଷା ଛାତ୍ର ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା । ଏଥର ମୁଁ ବହୁ ପରିଶ୍ରମ କରିଛି । ଆଶା କରିଛି ସଫଳତା ପାଇବି । ପ୍ରଥମ ଦିନ ପରୀକ୍ଷା ବହୁତ ଭଲ ହୋଇଛି। ଆଶା କରିବ ଆଗକୁ ମଧ୍ୟ ସବୁ ବିଷୟ ଭଲ ହେବ।
- **ମୁସ୍କାନ୍ ବାଗ, ଛାତ୍ରୀ କଦମପଡା ସରସ୍ୱତୀ ବିଦ୍ୟା ମନ୍ଦିର**

"ପରୀକ୍ଷା ପାଇଁ ଉତ୍ସୁକତା ଥିଲା। ପ୍ରଥମ ଦିନର ପ୍ରଶ୍ନ ସବୁ ଭଲଥିଲା। ଆଶା ରଖିଛି ଆଜି ପରି ଅନ୍ୟ ଦିନରେ ହେବାକୁ ଥିବା ବିଷୟରେ ବି ଭଲ ରେଜଲ୍ଟ ରଖି ପାସ୍‌କରିବି।
- **ମନୋରଞ୍ଜନ ବିଶ୍ୱାଳ, ଛାତ୍ର କଲେଜ ଛକ ସରସ୍ୱତୀ ବିଦ୍ୟା ମନ୍ଦିର**

"ପ୍ରଥମ ଦିନ ହୋଇଥିବା ଭାଷା ପରୀକ୍ଷା ବହୁତ ଭଲ ହୋଇଛି । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ନିର୍ଦ୍ଧାରିତ ସମୟରେ କରିପାରିଛି। ମୁଁ ଖୁବ୍ ଆଶାବାଦୀ ଯେ ଏଥର ଭଲ ଫଳ ହେବ ।
- **ନୀଳିମା ଦାସ, ଛାତ୍ରୀ, ଟାଉନ ବାଳିକା ହାଇସ୍କୁଲ**

"ପରୀକ୍ଷା ପୂର୍ବରୁ ଯେଭଳି ଭାବରେ ପ୍ରସ୍ତୁତି ହେଉଥିଲି ଠିକ୍ ସେହିଭଳି ପ୍ରଶ୍ନ ଆସିଥିଲା। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଠିକ୍ ସମୟରେ କରିପାରିଛି। ଅନେକ ଆଶା ଅଛି ଏଥର ଭଲ ପରୀକ୍ଷା ଫଳ ହେବ ।
- **ସୌରଭ କୁମାର ବେହେରା, ଛାତ୍ର ପୃଥ୍ୱୀରାଜ ହାଇସ୍କୁଲ**

ଇଣ୍ଟରସିଟି ଏକ୍ସପ୍ରେସ ରହଣି ଦାବି, ୨୬ରେ ରେଳରୋକୋ

ସଇଁତଲା, ୨୨।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଲା ଷ୍ଟେଶନରେ ପୁରୀ-ଦୁର୍ଗ ଇଣ୍ଟରସିଟି ଏକ୍ସପ୍ରେସ ରହଣି ଦାବି ପ୍ରତି ରେଳ ବିଭାଗ କୌଣସି ପଦକ୍ଷେପ ନେଉନାହିଁ। ଏହାର ପ୍ରତିବାଦ କରିଛି ସଇଁତଲା ବିକାଶ ପରିଷଦ। ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଏହି ଉପଲକ୍ଷେ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଗତ ୧୪ତାରିଖରୁ ବଡ଼ମାଳଠାରେ ଇସ୍ପାତ ଏବଂ ମୁରିବାହାଲଠାରେ ଇଣ୍ଟରସିଟି ଟ୍ରେନର ରହଣି ପାଇଁ ରେଳ ବିଭାଗ ତରଫରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ଏଥିରେ ସଇଁତଲାଠାରେ ଇଣ୍ଟରସିଟ ଟ୍ରେନର ରହଣି ପାଇଁ କୌଣସି ଘୋଷଣା କରାଯାଇନାହିଁ। ବିକାଶ ପରିଷଦ ତରଫରୁ ଗତ ୧୬ତାରିଖରେ ସଇଁତଲା ଷ୍ଟେଶନମାଷ୍ଟରଙ୍କ ଜରିଆରେ ଡିଆରଏମ, ସମ୍ବଲପୁର ଓ ଜିଏମ ଭୁବନେଶ୍ୱରଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା । ଏଥିରେ ଆସନ୍ତା ୨୫ତାରିଖ ସୁଦ୍ଧା ସଇଁତଲାରେ ଇଣ୍ଟରସିଟି ଟ୍ରେନ ନ ରହିଲେ ଆଗାମୀ ୨୬ତାରିଖରେ ରେଳରୋକୋ ସହ ସଇଁତଲା ବନ୍ଦ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା । ଏହାର ପ୍ରତ୍ୟୁତ୍ତରରେ ଡ଼ିଆରଏମ କାର୍ଯ୍ୟାଳୟ ତରଫରୁ ଏକ ଚିଠି ସଇଁତଲା ବିକାଶ ପରିଷଦ ନିକଟକୁ ପ୍ରେରିତ କରାଯାଇଛି । ଉକ୍ତ ଚିଠିରେ ସଇଁତଲାଠାରେ ତିନିଟି ଏକ୍ସପ୍ରେସ ଓ ଦୁଇଟି ପାସେଞ୍ଜର ରହୁଥିବା ସହ ରେଳ ବିଭାଗ ତରଫରୁ ରେଳ ଦୋହରୀକରଣ କାର୍ଯ୍ୟ ଓ ବିଦ୍ୟୁତକରଣ କାର୍ଯ୍ୟ ସମାପ୍ତ ହେବାପରେ ଇଣ୍ଟରସିଟି ଟ୍ରେନର ରହଣୀ ବିଷୟରେ ନିଷ୍ପତ୍ତି ନିଆଯିବ ବୋଲି ଉଲ୍ଲେଖ କରାଯାଇଛି । ଏହି ଚିଠି ପାଇବା ପରେ ସଇଁତଲା ବିକାଶ ପରିଷଦର ଆହ୍ୱାନ କ୍ରମେ ସଇଁତଲା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଆଗାମୀ ୨୬ତାରିଖ ମଙ୍ଗଳବାର ସଇଁତଲା ବନ୍ଦ କରିବା ସହ ସକାଳୁ ସମସ୍ତ ଟ୍ରେନ ରୋକାଯିବାକୁ ନିଷ୍ପତି ଗ୍ରହଣ କରାଯାଇଛି। ସଇଁତଲା ବିକାଶ ପରିଷଦ, ବିନ୍ଧ୍ୟବାସିନୀ ମୋଟର ଚାଳକ ସଂଘ, ଓଡ଼ିଶା ମୋଟର ଚାଳକ ସଂଘର ସଇଁତଲା ଶାଖା, ମାଁ ଚଣ୍ଡେଶ୍ୱରୀ ବଣିକ ସଂଘ, ମାରୱାଡ଼ି ଯୁବା ମଞ୍ଚ, ମାରୱାଡ଼ି ମହିଳା ସମିତି, ଯୁବ ଯାଦବ ସେନା, ବିବେକାନନ୍ଦ ପାଠାଗାର, ଓକିଲ ସଂଘ, ଜଗନ୍ନାଥ ସାଂସ୍କୃତିକ ପରିଷଦ, ବିବେକାନନ୍ଦ ଯୁବ ସଂଘ ତଥା ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତାମାନେ ଉପସ୍ଥିତ ରହି ୨୬ ରେଳରୋକୋ ଓ ସଇଁତଲା ବନ୍ଦକୁ ପୂର୍ଣ୍ଣ ସମର୍ଥନ ଜଣାଉଛୁ ବୋଲି ମତବ୍ୟକ୍ତ କରିଥିଲେ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଖାଇଲ ପେଟେ, ପିନ୍ଧିଲ ମୋଟେ
ଚାଲିଯାଉଅଛ ବାଟେ ବାଟେ ।

ଆଜିର ସ୍ୱାର୍ଥପର ଦୁନିଆରେ ସମସ୍ତେ ନିଜ ସ୍ୱାର୍ଥ ପୂରଣ ପାଇଁ ସଦା ଚିନ୍ତିତ, ସଦା ଚେଷ୍ଟିତ। ଏପରିସ୍ଥଳେ ତାଙ୍କଠାରୁ କୌଣସି ପ୍ରକାର ସାହାଯ୍ୟ, ସହାନୁଭୂତିର ଆଶା ରଖିବା ନିରର୍ଥକ। ସାଧାରଣତଃ ସ୍ୱାର୍ଥୀ ପ୍ରକୃତିର ବ୍ୟକ୍ତି ସବୁବେଳେ ନିଜ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇଥାନ୍ତି। ନିଜ ସ୍ୱାର୍ଥପୂରଣ ହୋଇଗଲେ ସେ ସ୍ଥାନ ଛାଡ଼ି ଚାଲିଯିବାକୁ ଉଚିତ ମଣିଥାନ୍ତି। ପରେ ତାଙ୍କର ଟେର୍ ଆଉ କେହି ପାଇପାରୁ ନ ଥିବା ନେଇ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଖଣ୍ଡିଆ ବାଳୀ ଲୋ ଖଣ୍ଡି ପଞ୍ଚାରି
କିଣି ଆଣିଥିଲି ତୋତେ ।
ଯେଉଁଦିନ ତୋର ବାଳ କଅଁଳିବ
ଜବାବ ଦେବୁ ତୁ ମୋତେ ।

ମଣିଷ ବେଳେ ବେଳେ କୃତଘ୍ନତାର ସବୁ ସୀମା ଟପିଯାଏ। ଯାହାଠାରୁ ସାହାଯ୍ୟ ସମର୍ଥନ ମିଳିଥାଏ ତା'ପ୍ରତି ଆକ୍ରୋଶମୂଳକ ମନୋଭାବ ପୋଷଣ କରୁଥିବାର ଲକ୍ଷ୍ୟ କରାଯାଏ। ଓଲଟି କୃତଜ୍ଞ ରହିବା ବଦଳରେ ବେଇମାନି ପ୍ରଦର୍ଶନ କରିବାକୁ ପଛଘୁଞ୍ଚା ଦେଇ ନ ଥାଏ। ଏପରିସ୍ଥଳେ ନିରାଶ୍ରୟା ଅସହାୟା ତରୁଣୀ ପ୍ରତି ସହୃଦୟତାର ହାତ ବଢ଼ାଇଥିବା ବ୍ୟକ୍ତି ତା'ର ପରିବର୍ତ୍ତିତ ବ୍ୟବହାର ନେଇ ସନ୍ଦିହାନ ହୋଇପଡ଼ିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

ଚିଲିକା ବ୍ଲକ ଉପାଧ୍ୟକ୍ଷ ଭାଜପାରୁ ନିଲମ୍ବିତ

ଭୁବନେଶ୍ୱର, ୨୨।୨(ବ୍ୟୁରୋ)

ଅନୁଶାସନ ଭଙ୍ଗ ଏବଂ ବିଶୃଙ୍ଖଳିତ କାର୍ଯ୍ୟ ପାଇଁ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଅନୁମୋଦନ କ୍ରମେ ଖାର୍ଦ୍ଧା ଜିଲା ଚିଲିକା ବ୍ଲକ ଉପାଧକ୍ଷ ଉତ୍ପଳ ପାଇକରାୟ ଓ ସରପଞ୍ଚ ମମତା ପାଇକରାୟଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବନ କରାଯାଇଛି। ଏନେଇ ଶୁକ୍ରବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଦଳର ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି ।

ଚତୁର୍ଥ ଦିନରେ ତୁଷୁରା ଚିକିତ୍ସାଳୟ ଅପଗ୍ରେଡ ଦାବି ଧାରଣା

ଧାରଣାରେ ବସିଥିବା ଆନ୍ଦୋଳନକାରୀ ।

ଗୁଡ଼ଭେଲା,୨୨।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ତୁଷୁରା ସରକାରୀ ଚିକିତ୍ସାଳୟକୁ ଅପଗ୍ରେଡ କରିବା ଦାବିରେ ସ୍ଥାନୀୟ ନାଗରିକ କମିଟି ପକ୍ଷରୁ ତୁଷୁରା ବସ୍‌ଷ୍ଟାଣ୍ଡରେ ଚାଲିଥିବା ଧାରଣାର ଶୁକ୍ରବାର ଥିଲା ଚତୁର୍ଥ ଦିବସ। ଏହି ଦିନ ଡାହିମାଳ ଛକ ଦୋକାନୀ ସଂଘ ଓ ତେନ୍ତୁଳିଖୁଣ୍ଟି ପଞ୍ଚାୟତର ସମିତିସଭ୍ୟା ଅମ୍ରିତା ପ୍ରଧାନ ସମର୍ଥନ କରି ଧାରଣାରେ ବସିଥିଲେ । ତୁଷୁରା ଚିକିତ୍ସାଳୟରେ ୬ଟି ଶଯ୍ୟା ରହିଛି । କିନ୍ତୁ ଉକ୍ତ ଶଯ୍ୟାରେ ପକାଯାଇଥିବା ବେଡସିଟ ଆଦି ରୋଗୀଙ୍କୁ ଦିଆଯାଉନାହିଁ । ଏପରିକି ରୋଗୀଙ୍କ କୋଠରିକୁ ସଫାସୁତରା ରଖା ନ ଯାଇ ଡଷ୍ଟବିନ ରଖାଯାଇଥିବା ଅଭିଯୋଗ ହୋଇଛି। ଦୋକାନୀ ସଂଘ ସଭାପତି ନିଲୁ ପ୍ରଧାନ, ଉଲ୍ଲାସିନୀ ସାହୁ, କ୍ଷେତ୍ର ମୋହନ ମନହିରା, ଦେବରାଜ ପ୍ରଧାନ, ତୁଫାନ ମନହିରା, ଯୁବନେତା ଶ୍ରୀକାନ୍ତ ବାଗ, ବିଜୟ ବାଗ ପ୍ରମୁଖ ସାମିଲ ହୋଇଥିଲେ। ନାଗରିକ କମିଟି ସଭାପତି ରୁଣୁଗୋପାଳ ସାହୁ ସମସ୍ତଙ୍କୁ ସ୍ୱାଗତ କରିଥିଲେ।

ମହିଳାଙ୍କୁ ସଶକ୍ତ କରିଛି ଉଜ୍ଜ୍ୱଳା: ସୁଷମା ସ୍ୱରାଜ

ଭୁବନେଶ୍ୱର,୨୨।୨(ବ୍ୟୁରୋ)

ଉଜ୍ଜ୍ୱଳା ଯୋଜନା ପରିବାରଗୁଡ଼ିକୁ କେବଳ ଗ୍ୟାସ ସିଲିଣ୍ଡର ପ୍ରଦାନ କରି ନାହିଁ। ଏହା ମହିଳାଙ୍କୁ ସଶକ୍ତ କରିବା ଦିଗରେ କାର୍ଯ୍ୟ କରୁଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ କହିଛନ୍ତି। ଶୁକ୍ରବାର ସାରା ରାଜ୍ୟର ଜିଲାସ୍ତରରେ ଅନୁଷ୍ଠିତ ଉଜ୍ଜ୍ୱ

ଭଗବାନଙ୍କୁ ନିଜଠାରୁ ଆପଣାର ବୋଲି ଜାଣି ଯିଏ ତାଙ୍କ ପାଇଁ ଜୀବନର ସମସ୍ତ ସୁଖ, ଭୋଗ, ବାସନା ତ୍ୟାଗ କରିଛି, ସେ ତାଙ୍କର ଅତି ନିକଟତର ହୋଇଛି।
-ବ୍ରହ୍ମାନନ୍ଦ ସ୍ୱାମୀ

ସଂକ୍ଷେପରେ

୭୨ ଛାତ୍ରୀଙ୍କୁ ଆତ୍ମସୁରକ୍ଷା ତାଲିମ ପ୍ରଦାନ

କଲମପୁର,୨୨।୨(ଡି.ଏନ.ଏ.)
ଛାତ୍ରୀମାନଙ୍କ ମଧ୍ୟରେ ଆତ୍ମସୁରକ୍ଷା ଓ ସଶକ୍ତ ଭାବ ଧାରା ଜାଗ୍ରତ କରିବା ଉଦ୍ଦେଶ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ରାଜ୍ୟ ବ୍ୟାପି ବିଭିନ୍ନ ପର୍ଯ୍ୟାୟରେ ଆତ୍ମସୁରକ୍ଷା ତାଲିମ ପ୍ରଦାନ କରାଯାଉଥିବା ବେଳେ କଳାହାଣ୍ଡି ଜଲା ଥୁଆମୂଳ ରାମପୁର ମା' ମାଣିକେଶ୍ୱରୀ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୭୨ ଜଣ ଛାତ୍ରୀଙ୍କୁ ଆତ୍ମସୁରକ୍ଷା ତାଲିମ ପ୍ରଦାନ କରାଯାଇଛି। ଏହି ତାଲିମ ଶିବିରକୁ ବିଡିଓ ନବୀନ କୁମାର ନାଏକ ଉଦ୍‌ଘାଟନ କରିଥିଲେ। ଭବାନୀପାଟଣା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ରିକିନା ରାଉତ ଏବଂ ଶ୍ରଦ୍ଧାଞ୍ଜଳି ମାଝି ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଅଗ୍ନିଶମ ଅଧିକାରୀ ବନମାଳୀ ପୃଝାରୀ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ସରୋଜ କୁମାର ପଙ୍ଗଯୋଷୀ ପରିଚାଳନା କରିଥିଲେ । ତାଲିମ ସମାପ୍ତ ପରେ ସମସ୍ତ ୭୨ ଜଣ ଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିବା ଅଧ୍ୟକ୍ଷ ମୁଣ୍ଡଛିନା ପ୍ରକାଶ କରିଛନ୍ତି ।

ଉଜ୍ଜ୍ୱଳା ସ୍ୱାଭିମାନ ଦିବସ ପାଳିତ

ଲାଞ୍ଜିଗଡ଼,୨୨।୨(ଡି.ଏନ.ଏ.)
କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଇଣ୍ଡେନ୍ ଗ୍ରାମୀଣ ବିତରକ ସଂସ୍ଥା ତରଫରୁ ଲାଞ୍ଜିଗଡ଼ସ୍ଥିତ ଭାଟଗୁଡ଼ା ଖେଳପଡ଼ିଆଠାରେ ଉଜ୍ଜ୍ୱଳା ସ୍ୱାଭିମାନ ଦିବସ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲା ପରିଷଦ ଅଧକ୍ଷା ନମିତାରାଣୀ ସାହୁ, ସମ୍ମାନିତ ଅତିଥି ଭାବେ ଜିଲା ନୋଡାଲ୍ ଅଫିସର ଶୋଭନ କୁମାର ସାହୁ, ଭାଜପା ନେତା ରମେଶ ମାଝି ପ୍ରମୁଖ ଯୋଗଦେଇଥିଲେ । ଲାଞ୍ଜିଗଡ ଗ୍ରାମୀଣ ବିତରକ ସୁଶ୍ରୀତା ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଉପସ୍ଥିତ ମହିଳାଙ୍କୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଏବଂ ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଇଥିଲେ । ଏଥିରେ ନର୍ଲା ବ୍ଲକ ବିତରକ ଅଭିଷେକ ଇଣ୍ଡେନ୍, ମ. ରାମପୁର ବ୍ଲକ ଭାରତୀ ଭାରତ ଗ୍ୟାସ୍, କେସିଙ୍ଗାସ୍ଥିତ ଅମ୍ବେ ଗ୍ୟାସ୍ ଓ କର୍ଲାମୁଣ୍ଡା ବ୍ଲକର ମାଣିକେଶ୍ୱରୀ ଇଣ୍ଡେନ୍ ସହଯୋଗ କରିଥିଲେ। ବାବୁ ଜେନା ସଭା ପରିଚାଳନା କରି ଥିବାବେଳେ ଲାଞ୍ଜିଗଡ଼ ବିତରକ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ଆଦିବାସୀ ଗାଁ କୁଲାନାଲ

ପୋଡୁ ଚାଷ, ନାଳ ପାଣି ଭରସା

ଭବାନୀପାଟଣା,୨୨।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ ଲାଞ୍ଜି ପଞ୍ଚାୟତ ଏକ ଆସିବାସୀ ଗାଁ କୁଲାନାଲ । ୪୫ଟି କୁଟିଆ କନ୍ଧ ପରିବାର ରହୁଥିବା ଏହି ଗାଁରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମାନ, ପାନୀୟଜଳ, କୃଷି, ପଶୁପାଳନ ସବୁ ଦୃଷ୍ଟିରୁ ଅବହେଳିତ ହୋଇ ରହିଛି । ଆଦିବାସୀ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରୁଥିବା ରାଜ୍ୟ ସରକାରଙ୍କୁ ଉପହାସ କିରୁଛି ଏହି ଗାଁ। ଗ୍ରାମର କୌଣସି ଗୋଟିଏ ପରିବାରକୁ ମଧ୍ୟ ଜଙ୍ଗଲ ଜମି ପଟ୍ଟା କିମ୍ବା ଭୂମିହିନ ପଟ୍ଟା ମିଳିନାହିଁ। କୃଷି ଓ କୃଷକଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର କାଳିଆ ଯୋଜନା ପ୍ରଣୟନ କରିଥିବାବେଳେ ପ୍ରଶାସନିକ ଖାମଖିଆଲ ଯୋଗୁ ଗାଁର ଜଣେ ହେଲେବି କାଳିଆ ଯୋଜନା ଟଙ୍କା ପାଇନାହାନ୍ତି। ପୁଷ୍ଟି ହିନତାର ଶିକାର ହେଉଛନ୍ତି ଶିଶୁ । ଗାଁଠାରୁ ୨୨ କି.ମି. ଦୂର ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି। ଏତେ ଦୂରକୁ ଚିକିତ୍ସା ପାଇଁ ଯାଇ ନ ପାରି ରୋଗରେ ଘାଣ୍ଟି ହୁଅନ୍ତ ଆଦିବାସୀ। ଆବାସ ଯୋଜନା ଏଠାରେ ବାଟବଣା ହୋଇଛି । ଗାଁର ୪୫ଟି ମାଟି ଘର ମଧ୍ୟରୁ ମାତ୍ର ୧୦ ଜଣଙ୍କୁ ମିଳିଛି ଆବାସ ଯୋଜନା ଗୃହ। ଗାଁର ମୁଖ୍ୟ ସମସ୍ୟା ପାନୀୟ ଜଳ। ୪ ବର୍ଷ ହେଲା ନଳକୂପ ଖରାପ ହୋଇଥିବାରୁ ଲୋକେ ନାଳ ପାଣି ବ୍ୟବହାର କରୁଛନ୍ତି । ନଳକୂପ ମରାମତି ପାଇଁ ବାରମ୍ବାର ସରପଞ୍ଚ ଓ ପ୍ରଶାସନକୁ ଜଣାଇଥିଲେ ମଧ୍ୟ କିଛି

ଯୋଜନା ବାଟବଣା

- ଜଣଙ୍କୁ ବି ଜଙ୍ଗଲ ଜମି ପଟ୍ଟା କିମ୍ବା ଭୂମିହୀନ ପଟ୍ଟା ମିଳିନାହିଁ
- କାଳିଆ ଯୋଜନାରେ ଜଣେ ବି ଟଙ୍କା ପାଇନାହାନ୍ତି



କୁଲାନାଲ ଗାଁର ଆଦିବାସୀ ପିଲାମାନେ ।

ସୁଫଳ ମିଳୁ ନ ଥିବା ଗ୍ରାମବାସୀ କହିଛନ୍ତି। ନାଳର ଦୂଷିତ ପାଣି ବ୍ୟବହାର କରୁଥିବାରୁ ସେମାନଙ୍କୁ ବିଭିନ୍ନ ରୋଗ ଗ୍ରାସ କରୁଛି। ପାହାଡିଆ ଅଞ୍ଚଳ ହୋଇଥିବାରୁ ଏଠାରେ ଚାଷ ଭଲ ହୁଏ ନାହିଁ। ଯେଉଁଠି ମଣିଷର ତୃଷ୍ଣା ମେଣ୍ଟାଇବାକୁ ପାନୀୟ ଜଳର ଅଭାବ ସେଠାରେ କୃଷି ପାଇଁ ଜଳ ସେଚନ କଥା ନ କହିବା ଭଲ । ଜଙ୍ଗଲ ବିଭାଗର କଟକଣା ଯୋଗୁ ଗୋଟିଏ ଜାଗାରେ ବାରମ୍ବାର ଜଙ୍ଗଲ ପୋଡି ଚାଷ କରୁଥିବାରୁ ଆଉ ଆଗପରି ଭଲ ଉତ୍ପାଦନ ହୋଇନାହିଁ। ପୋଡୁ ଚାଷ ଓ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରି ଚଳନ୍ତି । ଯେଉଁଥିରେ ସେମାନଙ୍କ ଗୁଜୁରାଣ ମେଣ୍ଟାଇବା ସହଜ ହୋଇ ନ ଥାଏ। ଏମ୍‌ଜିଏନ୍‌ଆରଇଜିଏସ୍ କିମ୍ବା ଅନ୍ୟ କୌଣସି ଯୋଜନା ଏମାନଙ୍କୁ ହାତକୁ କାମ ଦେଇ ପାରିଲାନାହିଁ। ଏହି ଗାଁର କାଁଭାଁ ଜଣେ ଦୁଇ ଜଣଙ୍କୁ ଛାଡିଦେଲେ କେହି ବାହାରକୁ କାମଧନ୍ଧା କରିବାକୁ ଯାଆନ୍ତିନାହିଁ। ଗାଁରେ ବିଦ୍ୟାଳୟ ନାହିଁ, ଶିଶୁମାନେ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ । ଅନ୍ୟ ଗାଁକୁ ପଢିବାକୁ ଗଲେ ୩ଟି ନାଳ ପାରି ହେବାକୁ ପଡେ। ଛୋଟ ପିଲା ଦୂର ଗାଁକୁ ପଢିବାକୁ ଯାଇ ପାରନ୍ତି ନାହିଁ । ୮/୯ ବର୍ଷର ପିଲା ହିଁ ବାହାରକୁ ପଢିବାକୁ ଯାଆନ୍ତି। ବର୍ଷା ଦିନେ ଗମନାଗମନ ସମ୍ଭବ ହୋଇପାରି ନ ଥାଏ । ଏହି ଗାଁରେ ସରକାର ବିଦ୍ୟାଳୟ କରିପାରି ନ ଥିବାବେଳେ ଜଣେ ସାମାଜିକ କର୍ମୀଙ୍କ ନେତୃତ୍ୱ ଓ ମୁସାନାଲ ପୁରାତନ ଛାତ୍ର ସଂସଦଙ୍କ ଉଦ୍ୟମରେ ଗାଁର ପିଲାଠୁ ବୁଢା ଯାଏଁ ସମସ୍ତଙ୍କୁ ଗୋଟିଏ ଜାଗାରେ ରଖି ଅକ୍ଷର ସିଖାଯାଉଛି। ଦେଶ ସ୍ୱାଧୀନ ହେବାର ଦୀର୍ଘ ବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଏହି ଗାଁରେ କେବେ ଜାତୀୟ ପତାକା ଉଡି ନ ଥିଲା। ଏ ବର୍ଷ ପ୍ରଥମ କରି ସ୍ୱତନ୍ତ୍ରତା ଦିବସରେ ତ୍ରୀରଙ୍ଗା ଉଡିଛି। ଅର୍ଥନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଦୁର୍ବଳ ଏହି କୁଟିଆକନ୍ଧ ଜନଜାତିର ବହୁବିଧ ଉନ୍ନତି ପାଇଁ ସରକାର ଗଠନ କରିଛନ୍ତି କୁଟିଆ କନ୍ଧ ଉନ୍ନୟନ ସଂସ୍ଥା (କେକେଡିଏ)। ଏହା ସହ ଅନେକ ଏନ୍‌ଜିଓ ଲାଞ୍ଜିଗଡ ବ୍ଲକରେ କାର୍ଯ୍ୟ କରୁଛନ୍ତି। କୁଲାନାଲ ଗାଁର ଚିତ୍ର ହିଁ ସୂଚିତ କରୁଛି ଯେ କୁଟିଆ କନ୍ଧଙ୍କ ଉନ୍ନତି ପାଇଁ ଉଭୟ ସରକାରୀ ଓ ବେସରକାରୀସ୍ତରରେ ଚାଲିଥିବା ବିଭିନ୍ନ ଯୋଜନା କାମକୁ ନୁହେଁ। ଆଦିବାସୀଙ୍କ ବିକାଶ ନାମରେ ଆସୁଥିବା କୋଟି କୋଟି ଟଙ୍କା ହରିଲୁଟ୍ ହେଉଛି କିନ୍ତୁ କୁଲାନାଲ ପରି ଅନେକ ଆଦିବାସୀ ଗାଁ ପ୍ରତି କାହାର ଦରଦ ନାହିଁ। ଏହି ଗାଁର ସମସ୍ୟା ପ୍ରତି ପ୍ରଶାସନ ଓ ଜନପ୍ରତିନିଧିମାନେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ସ୍ମାର୍ଟ ଏଲ୍‌ଇଡି ଆଲୋକୀକରଣ କାର୍ଯ୍ୟ ଉଦ୍‌ଘାଟନ

- ୨୨୩ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ

ଜୁନାଗଡ,୨୨।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହରର ଷ୍ଟ୍ରିଟ ଲାଇଟ୍ ଲାଗିଥିବା ନ ଥିବା ଅଞ୍ଚଳଗୁଡିକୁ ସ୍ମାର୍ଟ ଏଲ୍‌ଇଡି ଆଲୋକୀକରଣ କାର୍ଯ୍ୟର ଶୁକ୍ରବାର ଅପରାହ୍ନରେ ଉଦ୍‌ଘାଟନ ହୋଇଯାଇଛି। ସେହିପରି ସହରର ବିଭିନ୍ନ ୱାର୍ଡର ୨୨୩ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଜୁନାଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଈଶ୍ୱର ପୃଝାରୀଙ୍କ ଅଧକ୍ଷତା କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ ଜୁନାଗଡର ସର୍ବାଙ୍ଗୀନ ବିକାଶ ପାଇଁ ସବୁବେଳେ ମୁଖ୍ୟମନ୍ତ୍ରୀଙ୍କ ଆର୍ଶିବାଦ ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଏନ୍‌ଏସି ଅଧକ୍ଷ ମହେଶ ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ରଶ୍ମି ରଞ୍ଜନ ନାୟକ, ବିଦ୍ୟୁତ ବିଭାଗ ଏସଡିଓ ମନୋଜ କୁମାର ପଙ୍ଗନାୟକ, ଯନ୍ତ୍ରୀ ଶୁଭେନ୍ଦୁ ସାମନ୍ତରାଏ ପ୍ରମୁଖ ଯୋଗଦେଇଥିଲେ। ଅଶୋକ ପଙ୍ଗନାୟକ ମଞ୍ଚ ପରିଚାଳନା କରିଥିଲେ। ଯନ୍ତ୍ରୀ ଅରୁଣ କୁମାର ବେହେରା, ନାରାୟଣ ମହାରଣା, ହିସାବରକ୍ଷକ ହିମାଂଶୁ ଶେଖର ରଣା, ମୁଖ୍ୟ କିରାଣି ବିଜୟ ପୃଝାରୀଙ୍କ ସମେତ ଏନ୍‌ଏସି କର୍ମଚାରୀମାନେ ସହଯୋଗ କରିଥିଲେ।

ଏଲ୍‌ଇଡି ଆଲୋକୀକରଣ କାର୍ଯ୍ୟର ଉଦ୍‌ଘାଟନ କରାଯାଉଛି ।

ବିଶ୍ୱନାଥପୁର ଏମ୍‌ଇ ସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

ଲାଞ୍ଜିଗଡ଼,୨୨।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ମଧ୍ୟ ଇଂରାଜୀ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଯାଇଛି । ଉତ୍ସବକୁ ଲାଞ୍ଜିଗଡ ବ୍ଲକ ଅଧକ୍ଷ ଇଂ ଫକୀରମୋହନ ମାଝି ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟଅତିଥି ଭାବେ ସର୍ବଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ ସଂଯୋଜକ ଗବାକ୍ଷ ନାଏକ, ମୁଖ୍ୟବକ୍ତା ଲାଞ୍ଜିଗଡ ବିଡିଓ ବାସୁଦେବ ନାୟକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧକ୍ଷ ମନୋହର ହରପାଲ, ଶିକ୍ଷକ ନେତା ପ୍ରଣବ କୁମାର ଜେନା, ବିଶ୍ୱନାଥପୁର ସରପଞ୍ଚ ପିଙ୍କି ସିରିକାକା, ସାମାଜିକ କର୍ମୀ ନବୀନ ସୁନା, ନର୍ଲା ଏବିଇଓ ସଚ୍ଚିଦାନନ୍ଦ ନାୟକ ପ୍ରମୁଖ ଯୋଗଦେଇଥିଲେ। ସୁବର୍ଣ୍ଣ ଜୟନ୍ତୀ ପାଳନ କମିଟି ମୁଖ୍ୟ ତଥା ଏବିଇଓ କାଶୀନାଥ ରାଉତରାୟଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବକୁ ଆଶୁକବି ହେମନ୍ତ ଜେନା ପରିଚାଳନା କରିଥିଲେ। କଟକସ୍ଥିତ ଭାବଗ୍ରାହୀ କଳା ନିକେତନର ପ୍ରତିଷ୍ଠାତା ବିମଳ ପରିଡାଙ୍କ ନିର୍ଦ୍ଦେଶନାରେ ବିଦ୍ୟାଳୟ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିବା ପରେ ସିଆର୍‌ସିସି ନଗେନ୍ଦ୍ରନାଥ ପଙ୍ଗନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ ଏବଂ ବିଦ୍ୟାଳୟ ପ୍ରଧାନଶିକ୍ଷକ ବାସୁଦେବ ସାହୁ ବିବରଣୀ ପାଠ କରିଥିଲେ । ପରେ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା ସୁବର୍ଣ୍ଣାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଜିଲା ଶିକ୍ଷାଧିକାରୀ ସଞ୍ଜୀବ କୁମାର ସିଂହ, ନର୍ଲା ବିଇଓ ନିରୂପମା ଦୋରା, ଲାଞ୍ଜିଗଡ ବିଇଓ ସଞ୍ଜୀବ କୁମାର ନାଏକ, ସିଆର୍‌ସିସି ପ୍ରଭାତ ପାଠୀ, ନଗେନ୍ଦ୍ର ପଙ୍ଗନାୟକ, ଶିକ୍ଷକ ସୁଶାନ୍ତ ବେହେରା, ଅର୍ଚ୍ଚନା ମିଶ୍ର, ରୀତାଞ୍ଜଳି ତାଣ୍ଡିଙ୍କୁ ପ୍ରଗତି ଚାରିଟେବଲ ଟ୍ରଷ୍ଟ ଓ ସୁବର୍ଣ୍ଣ ଜୟନ୍ତୀ ପାଳନ କମିଟି ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ପୁରାତନ ଛାତ୍ର ସଂସଦ, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ଓ ଏକ୍ସ କେଡର ଶିକ୍ଷକ ସଂଘର କର୍ମକର୍ତ୍ତା ସହଯୋଗ କରିଥିଲେ । ସିଆର୍‌ସିସି ଜି.ଶଙ୍କର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ବିଜେଡିର ୱାର୍ଡ ବୈଠକ

ସମ୍ବଲପୁର,୨୨।୨(ବ୍ୟୁରୋ)

ଶାନ୍ତିନଗରସ୍ଥିତ ଦଳୀୟ କାର୍ଯ୍ୟାଳୟଠାରେ ବିଜେଡିର ୱାର୍ଡ ବୈଠକ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୨୭ ଓ ୨୮ ନମ୍ବର ୱାର୍ଡର କର୍ମକର୍ତ୍ତାମାନେ ସମବେତ ହୋଇଥିଲେ । ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ୨୭ ନଂ. ୱାର୍ଡରେ ଦେହେରିପାଲି, ଜଗନ୍ନାଥ ମନ୍ଦିର କଲୋନୀ, ଏସଆରଆଇଟି କଲୋନୀ, ସହଯୋଗ ନଗର, ପଧାନପଡା, କେନାଲପଡା, ଖଜରିଆପଡା ପ୍ରଭୃତି ଅଞ୍ଚଳରେ ୩୦ଟି କାର୍ଯ୍ୟ ମାଧ୍ୟମରେ ୩କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯିବ। ଅପରପକ୍ଷେ ୨୮ ନମ୍ବର ୱାର୍ଡରେ ୨କୋଟି ୫୦ ଲକ୍ଷ ବ୍ୟୟ ଅଟକଳରେ ୨୭ଟି ଉନ୍ନୟନ ମୂଳକ କାର୍ଯ୍ୟ କରାଯିବ ବୋଲି ବିଧାୟିକା ସୂଚନା ଦେଇଥିଲେ। ଟାଉନ ସଭାପତି ପ୍ରଫୁଲ୍ଲ ଦାଶ, ମହିଳା ଟାଉନ ସଭାନେତ୍ରୀ ଡା. ସୁମିତ୍ରା ଅଗ୍ରୱାଲ, ଜିଲା ମହିଳା ସଭାନେତ୍ରୀ ରାଜଲକ୍ଷ୍ମୀ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

ଜିଏସ୍‌ଟି କମାଇବାକୁ କେନ୍ଦୁପତ୍ର ଶ୍ରମିକଙ୍କ ଦାବି

ଭବାନୀପାଟଣା,୨୨।୨(ଡି.ଏନ.ଏ.)

କେନ୍ଦୁପତ୍ର ଜିଏସ୍‌ଟି ହ୍ରାସ କରିବା ସହ ସେମାନଙ୍କ ପିଲାମାନଙ୍କୁ ଶିକ୍ଷାନୁଷ୍ଠାନରେ ପ୍ରଦାନ କରାଯାଉଥିବା ଶିକ୍ଷାବୃତ୍ତି ପୂର୍ବଭଳି ପ୍ରଦାନ କରିବାକୁ କେନ୍ଦୁପତ୍ର ଶ୍ରମିକ ଓ କର୍ମଚାରୀ ଦାବି କରିଛନ୍ତି। ଅନ୍ୟଥା ଆଗାମୀ ନିର୍ବାଚନରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଉଚିତ ଜବାବ ଦେବୁ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସଂଘ ପକ୍ଷରୁ ୧୧ ଦଫା ସମ୍ବଳିତ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଦାବିଗୁଡିକ ଉପରେ ସରକାର କୌଣସି ପଦକ୍ଷେପ ନ ନେଇ ସଂଘ ସହ କୌଣସି ଆଲୋଚନା ନ କଲେ ମାର୍ଚ୍ଚ ୧ରେ ରାଜ୍ୟର ବିଭିନ୍ନ ସ୍ଥାନରେ କେନ୍ଦୁପତ୍ର ଶ୍ରମିକ ଓ କର୍ମଚାରୀମାନେ ୪ ଘଣ୍ଟିଆ ରାସ୍ତାରୋକୋ କରିବେ ବୋଲି ଚେତାବନୀ ଦିଆଯାଇଛି। ସେମାନେ କହିଛନ୍ତି ଯେ ରାଜ୍ୟର ଲକ୍ଷ ଲକ୍ଷ ଆଦିବାସୀ, ଦଳିତ, ପଛୁଆବର୍ଗ ଏବଂ ଅତ୍ୟନ୍ତ ଗରିବ ପରିବାରଗୁଡିକ କେନ୍ଦୁପତ୍ର କାରବାର ଉପରେ ନିର୍ଭର କରନ୍ତି। ଏହି କାରବାରରେ ସମ୍ପୃକ୍ତ ଲକ୍ଷାଧିକ ତୋଳାଳି, ବନ୍ଧେଇ ଶ୍ରମିକ ଓ ସିଜିନାଲ କର୍ମଚାରୀଙ୍କ ଯୋଗୁ ରାଜ୍ୟ ସରକାର ପ୍ରତିବର୍ଷ ପ୍ରାୟ ୨ ଶହ କୋଟି ଲାଭ ପାଇଥାନ୍ତି। ଏହି ଲାଭାଂଶରୁ କିଛି ଅଂଶ କେନ୍ଦୁପତ୍ର ଶ୍ରମିକଙ୍କୁ ଆବଣ୍ଟିତ ହେଉଥିବାରୁ ସେଥିରୁ କେନ୍ଦୁପତ୍ର କର୍ମଚାରୀ ଓ ଶ୍ରମିକଙ୍କ ସନ୍ତାନ ଓ ସନ୍ତତିଙ୍କୁ ଉଚ୍ଚଶିକ୍ଷା ପାଇଁ ବୃତ୍ତି ପ୍ରଦାନ କରାଯାଇଥାଏ। ଉପରୋକ୍ତ ବୃତ୍ତି ରାଜ୍ୟ ସରକାରଙ୍କ ବଜେଟ୍‌ରେ ଅନ୍ତର୍ଗତ ନ ଥିବା ବେଳେ ବିଭାଗୀୟ ଉଚ୍ଚ ଅମଲାତନ୍ତ୍ର ଅନ୍ୟାନ୍ୟ ସୂତ୍ରରୁ ବୃତ୍ତି ଲାଭ କରିଥିବା ଛାତ୍ରୀଛାତ୍ରମାନଙ୍କୁ କେନ୍ଦୁପତ୍ର କଲ୍ୟାଣ ପାଣ୍ଠିରୁ ଶିକ୍ଷା ବୃତ୍ତି ବନ୍ଦ ପାଇଁ ଦେଇଥିବା ନିର୍ଦ୍ଦେଶ ଯୋଗୁ ରାଜ୍ୟର ପ୍ରାୟ ୪୦ ହଜାର ଆଦିବାସୀ, ଦଳିତ, ପଛୁଆବର୍ଗ ଓ ଗରିବ ଛାତ୍ରୀଛାତ୍ର ଉଚ୍ଚଶିକ୍ଷାରୁ ବଞ୍ଚିତ ହେବାକୁ ଯାଉଛନ୍ତି। ଆଦିବାସୀ ଦଳିତ ଛାତ୍ରୀଛାତ୍ରଙ୍କ ଶିକ୍ଷାବୃତ୍ତି ବାବଦ ଅନୁଦାନ ହ୍ରାସ ନେଇ କେନ୍ଦ୍ର ସରକାରଙ୍କଠାରେ ପ୍ରତିବାଦ କରୁଥିବା ରାଜ୍ୟ ସରକାର କେଉଁ ଉଦ୍ଦେଶ୍ୟରେ କେନ୍ଦୁପତ୍ର ଶ୍ରମିକ ଓ କର୍ମଚାରୀଙ୍କ ସନ୍ତାନସନ୍ତତିଙ୍କ ଛାତ୍ର ବୃତ୍ତି ଉଚ୍ଛେଦ କରୁଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଏହା ସହିତ ଉଭୟ କେନ୍ଦୁପତ୍ର ଓ ବିଡି ଉପରେ ମାତ୍ରାଧିକ ଜିଏମ୍‌ଟି ଲାଗୁ ଯୋଗୁ କେନ୍ଦୁପତ୍ର କାରବାର ବିପଦରେ ବୋଲି କହିଥିଲେ। ପୂର୍ବ ଅନୁସୃତ ନିୟମର ବ୍ୟତିକ୍ରମ କରାଯାଇ ତ୍ରୁଟିପୂର୍ଣ୍ଣ ଦରମା ହାର ନିର୍ଦ୍ଧାରଣ, ଫେବୃୟାରୀ ସୁଦ୍ଧା କେନ୍ଦୁପତ୍ର ଶ୍ରମିକ କର୍ମଚାରୀଙ୍କୁ ବୋନସ୍ ଏବଂ ସେମାନଙ୍କ କ୍ଷେତ୍ରରେ ଇପିଏଫ୍ ଏବଂ ପେନ୍‌ସନ୍ ଯୋଜନା ଲାଗୁ, ଜଙ୍ଗଲ ଅଧିକାର ଆଇନ ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଗଠିତ କେଏଲ୍‌ଡିବିକୁ କେନ୍ଦୁପତ୍ର ସଂସ୍ଥାର ସର୍ବୋଚ୍ଚ ସଂସ୍ଥା ନିର୍ଦ୍ଧାରଣକାରୀ ଅନୁଷ୍ଠାନ ଭାବେ ଗ

ଖରାପ ଲୋକ ନିଜର ଦୋଷ ସପକ୍ଷରେ ଯୁକ୍ତି ବାଢ଼ିଥାଏ,
କିନ୍ତୁ ଭଲ ଲୋକ ସେ ସବୁକୁ ଦୂରକୁ ଫିଙ୍ଗିଦିଏ।
- ବେନ୍ ଜନସନ

ସଂକ୍ଷେପରେ

ଶାନ୍ତିଶୃଙ୍ଖଳାରେ ସରିଲା ପ୍ରଥମ ଭାଷା ପରୀକ୍ଷା

ଲଇକେରା,୨୨।୨(ଡି.ଏନ୍.ଏ.) ଲଇକେରା ନୋଡାଲ ସେଣ୍ଟର ଅଧୀନ ୧୨ ପରୀକ୍ଷା କେନ୍ଦ୍ରରେ ଶୁକ୍ରବାର ମାଟ୍ରିକ୍ ପରୀକ୍ଷାର ପ୍ରଥମ ଦିନରେ ପ୍ରଥମ ଭାଷା ପରୀକ୍ଷା ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି। ତେବେ ପ୍ରଥମ ଦିନରେ ଲଇକେରା ହାଇସ୍କୁଲରେ ୨ଜଣ, ବାଗମରା ହାଇସ୍କୁଲରେ ୬ଜଣ, କୋଲାବିରା ହାଇସ୍କୁଲରେ ଜଣେ, ଓଡ଼ିଆପାଲି ବାଳିକା ହାଇସ୍କୁଲରେ ୩ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ଓଡ଼ିଆପାଲି ବାଳିକା ହାଇସ୍କୁଲରେ ୬ଜଣ ଏମ୍‌ପି ହୋଇଥିବା ସୂଚନା ଦେଇଛନ୍ତି ଡେପୁଟି ନୋଡାଲ ଇନ୍‌ଚାର୍ଜ ଚୈତନ୍ୟ କଣ୍ଢା। ସମସ୍ତ କେନ୍ଦ୍ରରେ ପୋଲିସ ମୁତୟନ ହୋଇଛନ୍ତି।

କିର୍ମିରା,(ଡି.ଏନ୍.ଏ.): କିର୍ମିରା ବ୍ଲକ ଅଞ୍ଚଳରେ ମାଟ୍ରିକ ପରୀକ୍ଷାର ପ୍ରଥମ ଦିନ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି। କିର୍ମିରା ପରୀକ୍ଷା କେନ୍ଦ୍ରରେ ଫ୍ଲାଇଂ ସ୍କ୍ୱାଡ୍ ପରିଦର୍ଶନ କରିଥିଲେ। ତେବେ ପରୀକ୍ଷା ସୁଚାରୁରୂପେ ଚାଲୁଥିବାରୁ ସ୍କ୍ୱାଡ୍ ସନ୍ତୋଷ ବ୍ୟକ୍ତ କରିଥିଲେ। କିର୍ମିରାରେ ତିନୋଟି କେନ୍ଦ୍ର କରାଯାଇଛି। ଅର୍ଡା ଆଶ୍ରମ ସ୍କୁଲ କେନ୍ଦ୍ରରେ ୧୪୨, କିର୍ମିରା କେନ୍ଦ୍ରରେ ୧୫୬ ଏବଂ ବାଗଡିହି କେନ୍ଦ୍ରରେ ୧୬୮ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି।

ମାଟ୍ରିକ ପରୀକ୍ଷାର ପ୍ରଥମ ଦିନ

୬ ମାଲ୍ ପ୍ରାକ୍ଟିସ୍, ୧୨୩ ଅନୁପସ୍ଥିତ

ଝାରସୁଗୁଡ଼ା ଅଫିସ,୨୨।୨

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ଶୁକ୍ରବାର ଆରମ୍ଭ ହୋଇଛି। ନିର୍ଦ୍ଧାରିତ ସମୟରେ ପରୀକ୍ଷା ଆରମ୍ଭ ହୋଇ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି। ପ୍ରଥମ ଦିନ ଓଡ଼ିଆ ବିଷୟ ପରୀକ୍ଷା ସୁରୁଖୁରୁରେ ସମାପ୍ତ ହୋଇଛି। ଅନ୍ୟପକ୍ଷରେ ଷ୍ଟେଟ୍ ଓପନ ସ୍କୁଲ ସାର୍ଟିଫିକେଟ (ଏସ୍‌ଓଏସ୍‌ସି)ର ୬ ପରୀକ୍ଷାର୍ଥୀ ମାଲ୍ ପ୍ରାକ୍ଟିସ (ଏମ୍‌ପି) ହୋଇଛନ୍ତି। ଅନ୍ୟାନ୍ୟ ରେଗୁଲାର, ଏକ୍ସ-ରେଗୁଲାର, ସିସି ଛାତ୍ରୀଛାତ୍ର ଶୃଙ୍ଖଳାର ସହ ପରୀକ୍ଷା ଦେଇଛନ୍ତି। ପରୀକ୍ଷା ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ପାଇଁ କେନ୍ଦ୍ରଗୁଡ଼ିକରେ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ଜିଲାର ୪୧ ପରୀକ୍ଷା କେନ୍ଦ୍ରରେ ମୋଟ ୬୯୭୭ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି।

ଝାରସୁଗୁଡା, ଲଖନପୁର, ଲଇକେରା ବ୍ଲକ ସମେତ ବେଲପାହାଡ଼ ପୌର ପରିଷଦକୁ ମିଶାଇ ଜିଲାରେ ଜିଲାରେ ମୋଟ ୪ ନୋଡାଲ ସେଣ୍ଟର କରାଯାଇଛି। ରାଜ୍ୟ ଓପନ୍ ସ୍କୁଲ ପରୀକ୍ଷାର୍ଥୀଙ୍କ ପାଇଁ ୨ ପରୀକ୍ଷା କେନ୍ଦ୍ରକୁ ମିଶାଇ ମୋଟ ୪୧ ପରୀକ୍ଷା କେନ୍ଦ୍ରରେ ୭୧୦୦ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ସ୍ଥିରୀକୃତ ହୋଇଥିଲା। ୬୫୫୭ ରେଗୁଲାର, ୧୮୨ ଏକ୍ସ-ରେଗୁଲାର ଓ ୩୨୭ ଜଣ ରାଜ୍ୟ ଓପନ୍ ସ୍କୁଲ ସାର୍ଟିଫିକେଟ ପାଇଁ ପରୀକ୍ଷାର୍ଥୀ ରହିଥିଲେ। ପ୍ରଥମ ଦିନ ୧୨୩ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ଝାରସୁଗୁଡ଼ା ଓଡ଼ିଆପାଲି ବାଳିକା ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ଦେଉଥିବା ରାଜ୍ୟ ମୁକ୍ତ ବିଦ୍ୟାଳୟର ୬ ପରୀକ୍ଷାର୍ଥୀ ସ୍କ୍ୱାଡ୍ ହାତରେ ଧରାପଡ଼ି ଏମ୍‌ପି ହୋଇଛନ୍ତି। ଶୃଙ୍ଖଳିତ ପରୀକ୍ଷା ପରିଚାଳନା ପାଇଁ ଗୋଟିଏ ଜିଲାସ୍ତରୀୟ ସ୍କ୍ୱାଡ୍, ଗୋଟିଏ ଫ୍ଲାଇଂ ସ୍କ୍ୱାଡ୍, ୪୧ ଜଣ ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ, ୪୪ ଜଣ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ, ୩୦୧ ଇନ୍‌ଭିଜିଲେଟର, ୧୪୮ ରୋଭର, ୮୯ ରିଲିଭର, ୪୧ କିରାଣିଙ୍କ ସମେତ ମୋଟ ୭୭୩ ଜଣ ଶିକ୍ଷା ବିଭାଗ କର୍ମଚାରୀ ନିୟୋଜିତ ହୋଇଥିବା ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ କହିଛନ୍ତି।

ମା' ଲକ୍ଷ୍ମୀ କ୍ରିକେଟ ଟୁର୍ନାମେଣ୍ଟ

ସେମି ଫାଇନାଲରେ ଲୋଇସିଂହ

ଝାରସୁଗୁଡ଼ା ଅଫିସ,୨୨।୨

ଝାରସୁଗୁଡ଼ା ଭୋଇମୁଣ୍ଡା ଖେଳପଡ଼ିଆରେ ଗୁରୁବାର ତୃତୀୟ ମା' ଲକ୍ଷ୍ମୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ପ୍ରଥମ ମ୍ୟାଚ୍ ଲୋଇସିଂହ ଏବଂ ନିଆଳିପାଲି ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚକୁ ଲୋଇସିଂହ ଦଳ ୮ ଉଇକେଟରେ ଜିତି ନେଇଥିଲା। ଦ୍ୱିତୀୟ ମ୍ୟାଚ ଚିଚିଣ୍ଡା ଏବଂ ରାଜପୁର ମଧ୍ୟରେ ଖେଳାଯାଇଥିଲା। ରାଜପୁର ୨ ରନ୍‌ରେ ବିଜୟୀ ହୋଇଥିଲା। ଶେଷରେ ରାଜପୁର ଓ ଲୋଇସିଂହ ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଲୋଇସିଂହ ଦଳ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଅତିଥି ଭାବେ ଜଗନ୍ନାଥ ପଟେଲ, ସନାତନ ରୋହିଦାସ, ଘନଶ୍ୟାମ ବାଗ ପ୍ରମୁଖ ଯୋଗଦେଇଥିଲେ। ଆୟୋଜକ ଫ୍ରେଣ୍ଡସ୍ କ୍ଲବର ଭୀମ ମେହେର, ପ୍ରଦୀପ ମେହେର, ପୁଲିନ ମେହେର, ମଣ୍ଟୁ ମେହେର, ବିନୋଦ ମେହେର, ଅଭିମନ୍ୟୁ ମେହେର, ଗଦା ମେହେର, ମହାଜନ ମେହେର ପ୍ରମୁଖ ପରିଚାଳନା କରିଥିଲେ।

ବୋଲେରୋ ସହ ଧକ୍କା, ସ୍କୁଟି ଚାଳକ ମୃତ

ବ୍ରଜରାଜନଗର,୨୨।୨(ଡି.ଏନ୍.ଏ.) ଗାନ୍ଧୀ ଛକ ଫାଣ୍ଡି ଅନ୍ତର୍ଗତ ରାଜପୁର ଗ୍ରାମ ବସୁନ୍ଧରା ସେତୁ ନିକଟରେ ଦୁର୍ଘଟଣା ଘଟି ସ୍କୁଟି ଚାଳକ ନିତ୍ୟାନନ୍ଦ ପଟେଲଙ୍କ ମୃତ୍ୟୁ ଘଟିଛି। ନିତ୍ୟାନନ୍ଦ ଓଡି୨୩-ଏଫ୍୨୩୯୫ନଂ ସ୍କୁଟିରେ ଯାଉଥିବାବେଳେ ଓଡି୧୬-ଡି୮୦୩୫ନଂ ବୋଲେରୋ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ରାଜପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇ ଝାରସୁଗୁଡ଼ାସ୍ଥିତ ଏକ ଘରୋଇ ହସ୍ପିଟାଲ ଓ ପରେ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ ନିତ୍ୟାନନ୍ଦ ସ୍ଥାନୀୟ ୱେସ୍କୋ କାର୍ଯ୍ୟାଳୟରେ କିରାଣି ଭାବେ କାର୍ଯ୍ୟରତ ଥିଲେ।

ସ୍ମାର୍ଟ ଏଲ୍‌ଇଡି ଆଲୋକୀକରଣ କାର୍ଯ୍ୟ ଆରମ୍ଭ

ଝାରସୁଗୁଡ଼ା ଅଫିସ,୨୨।୨ ଆମ ସହର ଆମ ଉନ୍ନତି ଯୋଜନାରେ ଶୁକ୍ରବାର ରାଜ୍ୟର ୧୧୩ଟି କାର୍ଯ୍ୟକ୍ରମ ହୋଇଛି। ସେଥିମଧ୍ୟରୁ ଝାରସୁଗୁଡ଼ା ପୌରାଞ୍ଚଳରେ ମଧ୍ୟ ଆଲୋକ ବ୍ୟବସ୍ଥା ନ ଥିବା ଅଞ୍ଚଳରେ ସ୍ମାର୍ଟ ଏଲ୍‌ଇଡି ଲଗାଇବା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଅପରାହ୍ନରେ ଝାରସୁଗୁଡ଼ା ଏଲ୍.ଏନ୍. କଲେଜ ଛକଠାରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏହି ଅବସରରେ ପ୍ରକଳ୍ପ ନିର୍ଦ୍ଦେଶକ ସତ୍ୟନାରାୟଣ ଦାଶ, ପୌର ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ପ୍ରଧାନ, ପୂର୍ବତନ ପୌରାଧ୍ୟକ୍ଷ ହରିଶ ଗଣତ୍ରା, ପୂର୍ବତନ କାଉନସିଲର ରାଜୁ ପାଣିଗ୍ରାହୀ, ତ୍ରିନାଥ ଗୁଆଲ, ପିଣ୍ଟୁ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ଝାରସୁଗୁଡ଼ା ସହରାଞ୍ଚଳରେ ବହୁ ସ୍ଥାନରେ ଆଲୋକୀକରଣ ବ୍ୟବସ୍ଥା ନ ଥିବାବେଳେ ଏହି ଯୋଜନାରେ ଆଲୋକୀକରଣ ହୋଇପାରିବ ବୋଲି ନିର୍ବାହୀ ଅଧିକାରୀ ପ୍ରଧାନ କହିଛନ୍ତି।

କ୍ରୀଡ଼ା ଛାତ୍ରାବାସ ପାଇଁ ମନୋନୟନ ଶିବିର

ମନୋନୟନ ଶିବିରରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ ଏବଂ ପ୍ରଶିକ୍ଷକ।

ଝାରସୁଗୁଡ଼ା ଅଫିସ,୨୨।୨ ରାଜ୍ୟ କ୍ରୀଡ଼ା ଛାତ୍ରାବାସ ନିମନ୍ତେ ଆସନ୍ତା ୨୬ ଓ ୨୭ ତାରିଖ ଦୁଇଦିନ ଧରି ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଭା ଚୟନ ଶିବିର ଅନୁଷ୍ଠିତ ହେବ। ଫୁଟବଲ, ବାସ୍କେଟବଲ, ଭଲିବଲ, ଦୌଡ଼କୁଦ, ହକି ଓ ସନ୍ତରଣ ପାଇଁ ପ୍ରତିଭା ଚୟନ କରାଯିବ। ଫେବୃୟାରୀ ୧୮ ତାରିଖରୁ କ୍ଲଷ୍ଟରସ୍ତରୀୟ ଚୟନ ଶିବିର ଜାରି ରହିଛି। ଶୁକ୍ରବାର ଝାରସୁଗୁଡ଼ା ମନମୋହନ ପଡ଼ିଆ ଏବଂ ଓଏସ୍‌ଏପି ପଡ଼ିଆରେ ଏହି ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ମନମୋହନ ପଡ଼ିଆରେ ୧୧୧ ଏବଂ ଓଏସ୍‌ଏପି ପଡ଼ିଆରେ ୮୪ ଜଣ ଅଂଶଗ୍ରହଣ କରିଥିଲେ। ସେଥିରୁ ଯଥାକ୍ରମେ ୨୭ ଏବଂ ୨୧ ଜଣ ଜିଲା ସ୍ତରକୁ ମନୋନୀତ ହୋଇଛନ୍ତି। ଏହି ଦୁଇଟି ଶିବିରକୁ ଶାରୀରିକ ଶିକ୍ଷା ପ୍ରଶିକ୍ଷକ ଡମ୍ବରୁଧର ପୂଜାରୀ, ବଂଶୀଧର ପଶାୟତ, ଜିଲା କ୍ରୀଡ଼ା ଅଧିକାରୀ ସୁଶିଲ କୁମାର ମିଶ୍ର, ନୁରୁକୁ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

ବେଲପାହାଡ଼ରେ ହେବ ଏଲ୍‌ଇଡି ଷ୍ଟ୍ରିଟ୍ ଲାଇଟ ବ୍ୟବସ୍ଥା

ବେଲପାହାଡ଼ ଅଟଳ ଛକ ନିକଟରେ ସ୍ମାର୍ଟ ଆଲୋକୀକରଣ କାର୍ଯ୍ୟ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବେଲପାହାଡ଼,୨୨।୨(ଡି.ଏନ୍.ଏ.) ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌରାଞ୍ଚଳର ଷ୍ଟ୍ରିଟ୍ ଲାଇଟ ନ ଥିବା ସ୍ଥାନରେ ଆଲୋକୀକରଣ ବ୍ୟବସ୍ଥା କରାଯିବ। ଏହି ସବୁ ସ୍ଥାନରେ ସ୍ମାର୍ଟ ଏଲ୍‌ଇଡି ଲାଇଟ୍ ଲାଗିବ। ଏହି ପ୍ରକଳ୍ପ ପାଇଁ ଏକ ଘରୋଇ ସଂସ୍ଥାକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଶୁକ୍ରବାର ମଧ୍ୟାହ୍ନରେ ସହରର ଅଟଳ ଛକ ନିକଟରେ ଏହାର ଶୁଭ ଦିଆଯାଇଥିଲା। ପୌରାଧ୍ୟକ୍ଷ ପର୍ଶୁରାମ ସାହୁ ଏକ ଷ୍ଟ୍ରିଟ ଲାଇଟ ଖୁଣ୍ଟ ସମ୍ମୁଖରେ ନଡ଼ିଆ ଫଟାଇ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ପୌର ପରିଷଦ ଉପାଧ୍ୟକ୍ଷା ଅନୁପମା ଭଇଁଷା, ନିର୍ବାହୀ ଅଧିକାରୀ ଲୋକନାଥ କୁମାର ତିୱାରୀ, କାଉନସିଲର କୈଳାସ ଚନ୍ଦ୍ର ନାୟକ, ରଞ୍ଜିତା ବିଶ୍ୱାଳ, ଚରଣ ଦୀପ, ଦିଲୀପ କୁର୍ମି, ଅରୁଣ ବିଶ୍ୱାଳ ଓ ସୁଷମା ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ବୈଲପାହାଡ଼ ପୌରାଞ୍ଚଳର ବିଭିନ୍ନ ୱାର୍ଡକୁ ସଂଯୋଗ କରୁଥିବା ପ୍ରମୁଖ ରାସ୍ତା ପାର୍ଶ୍ୱରେ ଷ୍ଟ୍ରିଟ୍ ଲାଇଟ ବ୍ୟବସ୍ଥା ନାହିଁ। ଫଳରେ ଲୋକଙ୍କ ଯାତାୟାତରେ ବହୁ ଅସୁବିଧା ସୃଷ୍ଟି ହେଉଛି। ଏଥିସହିତ ବିଭିନ୍ନ ସମୟରେ ରାସ୍ତାରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଆଗାମୀ ଦିନରେ ପ୍ରତ୍ୟେକ ପ୍ରମୁଖ ରାସ୍ତାରେ ଷ୍ଟ୍ରିଟ୍ ଲାଇଟ ଲାଗିଲେ ଦୁର୍ଘଟଣା ସଂଖ୍ୟା ହ୍ରାସ ପାଇବ ବୋଲି ଆଶା କରାଯାଉଛି। ଆଲୋକୀକରଣ ପ୍ରକଳ୍ପ ପାଇଁ ଏବେ ରାସ୍ତା ପାର୍ଶ୍ୱରେ ଖୁଣ୍ଟ ପୋତା କାର୍ଯ୍ୟ ଆରମ୍ଭ ହେବ। ଏହି କାର୍ଯ୍ୟ ସରିବା ପରେ ଲାଇଟ ସଂଯୋଗ କରାଯିବ ବୋଲି ପୌର ପରିଷଦ ନିର୍ବାହୀ ଅଧିକାରୀ ତିୱାରୀ ପ୍ରକାଶ କରିଛନ୍ତି।

ଇବ୍‌ନଦୀ ଉପରେ ଦ୍ୱିତୀୟ ସେତୁର ଶିଳାନ୍ୟାସ

ବ୍ରଜରାଜନଗର,୨୨।୨(ଡି.ଏନ୍.ଏ.) ଝାରସୁଗୁଡ଼ା ଜିଲାର ଯମେରା ଦେଇ ଯାମାପାଲିକୁ ସଂଯୋଗ କରୁଥିବା ଦ୍ୱିତୀୟ ବୃହତ ଇବ୍ ସେତୁର ଶିଳାନ୍ୟାସ କରିଛନ୍ତି ସ୍ଥାନୀୟ ବିଧାୟିକା ରାଧାରାଣୀ ପଣ୍ଡା। ଏହି ସେତୁ ବ୍ରଜରାଜନଗର ଗୋଲ ଛକଠାରୁ ସିଧାସଳଖ ଯମେରା ଦେଇ ସମ୍ବଲପୁର ରୋଡ୍ ଯାମାପାଲିଠାକୁ ସଂଯୋଗ କରିବ। ଫଳରେ ଟ୍ରାଫିକ ସମସ୍ୟା ଦୂର ହେବା ସହିତ ୨୦କିମି ଦୂର ରାସ୍ତା କମ୍ ପଡ଼ିବ। ବ୍ରିଜର ଲମ୍ବ ୬୩୦ ମିଟର ଏବଂ ଓସାର ୩୫ ମିଟର ହେବ। ମୋଟ ୧୮ଟି ଖମ୍ବ ନିର୍ମାଣ କରାଯିବ। ଏଥିସହ ୨.୫ ମିଟର ଓସାରର ଚଲାରାସ୍ତା ରହିବ। ପ୍ରକଳ୍ପ ବ୍ୟୟ ଅଟକଳ ୪୯.୦୧ କୋଟି ରହିଛି। ଶିଳାନ୍ୟାସ କାର୍ଯ୍ୟକ୍ରମରେ ଜିଲା ସମ୍ପାଦକ ଅନୀଲ ନାଏକ, ସୁଶିଲ ପୁରୋହିତ, କ୍ରିଷ୍ଣାମୁରାରୀ ସିଂ, ଭଗବାନ ଦାଶ, କୁନ୍ତୀ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

ଇବ୍ ନଦୀ ଉପରେ ଦ୍ୱିତୀୟ ବୃହତ ସେତୁ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

୨ ରାଜପଥ ଲୁଟେରା ଗିରଫ

ସୋର, ୨୨।୨(ଡି.ଏନ.ଏ.)

ସୋର ୧୬ନଂ ଜାତୀୟ ରାଜପଥ ତଳନଗର ଚପରପଦାଠାରେ ଗୁରୁବାର ବିଳମ୍ବିତ ରାତିରେ ସୋର ପୋଲିସ ଗୋଟିଏ କାର୍ ସହିତ ଦୁଇ ଲୁଟେରାଙ୍କୁ ଗିରଫ କରିଛି। ୨ ଲୁଟେରା ଏକ କାର୍ (ନଂ. ଓଡ଼ି.୦୧.୯୭୪୨) ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ଗାଡ଼ି ସ୍ଥାନୀୟ ଚପରପଦାଠାରେ ବ୍ରିଜ୍‌କୁ ଧକ୍କା ଦେଇଥିଲା। ଏହି ସମୟରେ ସୋର ଥାନା ତରଫରୁ ପାଟ୍ରୋଲିଂରେ ଯାଉଥିବା ଗାଡ଼ି ଦୁଇ ଯୁବକଙ୍କୁ ଅଟକ ରଖିବା ସହିତ ସେମାନଙ୍କଠାରେ ଲୁହା ରଡ଼ ଓ ଛୁରୀ ଓ ମଦ ଜବତ କରିଥିଲା। ଗିରଫ ଦୁଇ ଯୁବକମାନେ ହେଲେ ଖନ୍ତାପଡ଼ା ଥାନା ଇଞ୍ଚୁଡ଼ି ଗ୍ରାମର ନିରଞ୍ଜନ ଦାସ ଓ ଅନ୍ୟ ଜଣେ ସୋର ଥାନା ଅନ୍ତର୍ଗତ ମୂଳିସିଂ ଗ୍ରାମର ନବୀନ ଦାସ। ସୋର ପୋଲିସ ଉକ୍ତ ଘଟଣାର ତଦନ୍ତ ଚଳାଇଛି।

୨୪ରେ ପହଞ୍ଚିବେ କଂଗ୍ରେସର କେନ୍ଦ୍ରୀୟ ସ୍କ୍ରିନିଂ କମିଟି

ଭୁବନେଶ୍ୱର, ୨୨।୨(ବ୍ୟୁରୋ) ୧୧ ଲୋକ ସଭା ଏବଂ ଏହାର ଅନ୍ତର୍ଗତ ୭୭ ବିଧାନସଭା ଆସନ ପାଇଁ କଂଗ୍ରେସର ସମ୍ଭାବ୍ୟ ପ୍ରାର୍ଥୀ ଚୟନ କରିବାକୁ କିଛିଦିନ ତଳେ କେନ୍ଦ୍ରୀୟ ସ୍କ୍ରିନିଂ କମିଟି ୩ ଦିନିଆ ଓଡ଼ିଶା ଗସ୍ତରେ ଆସିଥିଲେ। ଏହି ନିର୍ବାଚନମଣ୍ଡଳୀ ପାଇଁ ଆଶାୟୀ ପ୍ରାର୍ଥୀମାନଙ୍କ ତାଲିକା ସ୍କ୍ରିନିଂ କମିଟି ପକ୍ଷରୁ ବୃତ୍ତାନ୍ତ କରାଯାଇଥିଲା। ବାକିଥିବା ୧୦ ଲୋକ ସଭା ନିର୍ବାଚନମଣ୍ଡଳୀ ଓ ଏହାର ଅନ୍ତର୍ଗତ ବିଧାନସଭା ଆସନ ପାଇଁ ଆଶାୟୀ ସମ୍ଭାବ୍ୟ ପ୍ରାର୍ଥୀତାଲିକା ବୃତ୍ତାନ୍ତ କରିବା ଲାଗି ପୁନର୍ବାର କେନ୍ଦ୍ରୀୟ ସ୍କ୍ରିନିଂ କମିଟି ୪ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ପୂର୍ବରୁ ଏହି କମିଟି ୨୧ରେ ଆସିବେ ବୋଲି ଦଳ ପକ୍ଷରୁ ଶୁଣିବାକୁ ମିଳିଥିଲା। ତେବେ ଆସନ୍ତା ୨୪ତାରିଖରେ ସ୍କ୍ରିନିଂ କମିଟି ଅଧ୍ୟକ୍ଷ ଭିଡି. ସାଥିସାନ ଏବଂ ଦୁଇ ସଦସ୍ୟ ନୌସାଦ ସୋଲାଙ୍କି ଓ ଜିତିନ ପ୍ରସାଦ ଓଡ଼ିଶାରେ ପହଞ୍ଚିବେ। ଏହି ଅବସରରେ ସାଥିସାନ ୨୫ ଓ ୨୬ରେ ମୟୂରଭଞ୍ଜ ଜିଲା ବାରିପଦାଠାରେ ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କ ମତାମତ ସଂଗ୍ରହ କରି ଆଶାୟୀଙ୍କ ତାଲିକା ବୃତ୍ତାନ୍ତ କରିବେ। ସେହିପରି ସୋଲାଙ୍କି ସମ୍ବଲପୁର ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ପ୍ରାର୍ଥୀ ତାଲିକା ବୃତ୍ତାନ୍ତ କରିବେ। ଅନ୍ୟପଟେ ଜିତିନ ପ୍ରସାଦ ଭୁବନେଶ୍ୱର କାର୍ଯ୍ୟାଳୟଠାରେ ୨୭ରେ ରହି ପ୍ରାର୍ଥୀ ତାଲିକା ପ୍ରସ୍ତୁତ କରିବେ। ସାଥିସାନ ୨୫ରେ ମୟୂରଭଞ୍ଜ ଓ କେନ୍ଦୁଝର ଲୋକ ସଭା ଆସନ ଏବଂ ଏହାର ଅନ୍ତର୍ଗତ ବିଧାନସଭାମଣ୍ଡଳୀ ପାଇଁ ପ୍ରାର୍ଥୀ ତାଲିକା ପାଇଁ ମତାମତ ସଂଗ୍ରହ କରିବେ। ୨୬ରେ ବାଲେଶ୍ୱର ଓ ଭଦ୍ରକ ଲୋକ ସଭା ନିର୍ବାଚନମଣ୍ଡଳୀ ଏବଂ ଏହାର ଅନ୍ତର୍ଗତ ବିଧାନସଭାମଣ୍ଡଳୀ ଆସନ ପାଇଁ ମତାମତ ନେବେ। ସେହିପରି ସୋଲାଙ୍କି ୨୫ରେ ସମ୍ବଲପୁର ଲୋକ ସଭା ଆସନ ଏବଂ ଏହାର ଅନ୍ତର୍ଗତ କୁଚିଣ୍ଡା, ରେଙ୍ଗାଲି, ସମ୍ବଲପୁର, ରେଢ଼ାଖୋଲ ଓ ଦେବଗଡ଼ ବିଧାନସଭା ଆସନ ପାଇଁ ଆଶାୟୀ ପ୍ରାର୍ଥୀ ତାଲିକା ବୃତ୍ତାନ୍ତ କରିବେ। ବରଗଡ଼ ଓ ସୁନ୍ଦରଗଡ଼ ଲୋକ ସଭା ଆସନ ଏବଂ ଏହାର ଅନ୍ତର୍ଗତ ବିଧାନସଭାମଣ୍ଡଳୀ ପାଇଁ ମଧ୍ୟ ସେହିଦିନ ସେ ମତାମତ ଗ୍ରହଣ କରିବେ। ୨୫ରେ ସେ ସୁନ୍ଦରଗଡ଼ ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତଳସରା, ସୁନ୍ଦରଗଡ଼ ଓ ବୀରମିତ୍ରପୁର ଆସନର ପ୍ରାର୍ଥୀପତ୍ର ସଂଗ୍ରହ ପାଇଁ ମତାମତ ନେବେ। ଏହାର ପରଦିନ ସୁନ୍ଦରଗଡ଼ ଲୋକ ସଭା ଆସନ ଅନ୍ତର୍ଗତ ରଘୁନାଥପାଲୀ, ରାଉରକେଲା, ରାଜଗାଙ୍ଗପୁର ଓ ବଣାଇ ବିଧାନସଭାମଣ୍ଡଳୀ ପାଇଁ ମତାମତ ସଂଗ୍ରହ କରିବେ। ସେହିଦିନ ବଲାଙ୍ଗୀର ଲୋକ ସଭା ଆସନ ଓ ଏହାର ଅନ୍ତର୍ଗତ ବିଧାନସଭାମଣ୍ଡଳୀ ପାଇଁ ଆଶୀୟୀ ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ବୃତ୍ତାନ୍ତ କରିବେ। ଅପରପକ୍ଷରେ ୨୭ରେ ଜିତିନ ପ୍ରସାଦ ଭୁବନେଶ୍ୱର କାର୍ଯ୍ୟାଳୟଠାରେ କନ୍ଧମାଳ, ଯାଜପୁର ଏବଂ ସମ୍ବଲପୁର ଲୋକ ସଭା ଆସନ ପାଇଁ ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ବୃତ୍ତାନ୍ତ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି। ଏନେଇ ଜିଲା କଂଗ୍ରେସ କମିଟି ସଭାପତିମାନେ ନିଜ ଜିଲାରେ ଥିବା ନେତୃବୃନ୍ଦଙ୍କୁ ଏ ସମ୍ପର୍କରେ ଜଣାଇଦେବା ଲାଗି ଦଳର ସାଧାରଣ ସମ୍ପାଦକ ବିଶ୍ୱଜିତ୍ ଦାସ ଚିଠି କରିଥିବା ସୂଚନା ମିଳ

ଅନ୍ୟର ସମୃଦ୍ଧିରେ ଯେ ଆନନ୍ଦ ପ୍ରକାଶ କରେ, ସେ ସେହି ସମୃଦ୍ଧିରେ ହିଁ ଭାଗିଦାର ହୋଇଥାଏ।

- ମେରି ଆଣ୍ଟିନ

ସଂକ୍ଷେପରେ

ହାଇଦ୍ରାବାଦରେ ୫ ଶିଶୁ ସମେତ ୨୪ ଶ୍ରମିକ ବନ୍ଧକ

ନୂଆପଡା ଅଫିସ/ସିନାପାଲି, ୨୨।୨ (ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ଥାନା ଗୋଡାଲ ପଞ୍ଚାୟତ ମହଗାଁର ୫ଶିଶୁ ସମେତ ୨୪ଜଣ ଦାଦନ ଶ୍ରମିକଙ୍କୁ ହାଇଦ୍ରାବାଦର ଜଣେ ଇଟାଭାଟି ମାଲିକ ବନ୍ଧକ ରଖିଥିବା ତାଙ୍କର ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି । ଏହି ଗାଁର ଶ୍ରମିକମାନେ ଗତ ୪ ମାସ ତଳେ ଖଡିଆଳ ଅଞ୍ଚଳର ଜଣେ ଶ୍ରମିକ ସର୍ଦ୍ଦାରଙ୍କ ସହାୟତାରେ ହାଇଦ୍ରାବାଦ ଯାଇଥିଲେ । ସେଠାରେ ଗୁଣ୍ଡେଲଗୁଦା ଗାଁର ଏକ ଇଟାଭାଟିରେ କାମ କରୁଥିଲେ । ସେଠିକାର ମାଲିକ ଶ୍ରମିକମାନଙ୍କୁ ବିଭିନ୍ନ ନିର୍ଯାତନା ଦେବା ସହ କଠିଣ କାମରେ ନିୟୋଜିତ କରୁଛନ୍ତି। ଏକ ଅସ୍ୱାସ୍ଥ୍ୟକର ପରିବେଶରେ ରଖିଥିବା ବେଳ କୌଣସି ଚିକିତ୍ସା ବ୍ୟବସ୍ଥା କରୁ ନ ଥିଲେ। ସେହିଭଳି ନିର୍ଯାତନା ସହ୍ୟ କରି ନ ପାରି କିଛି ଶ୍ରମିକ ଲୁଚି ଚାଲିଆସିଛନ୍ତି। ସେମାନଙ୍କ କହିବାନୁଯାୟୀ ସେଠାରେ ୧୯ଜଣ ମହିଳା ପୁରୁଷ ଶ୍ରମିକ ଏବଂ ୫ଜଣ ଶିଶୁ ଅଟକ ରହିଛନ୍ତି ।

■ ପୁଣି ତାତିଲେ ସେଲ୍ ଡିପ୍ଲୋମା ଯନ୍ତ୍ରୀ

ସାର୍ଟିଫିକେଟ ନକଲ ଜାଳି ବିର୍ସା ଛକରେ ବିକ୍ଷୋଭ

ରାଉରକେଲା ଅଫିସ,୨୨।୨

ଶୁକ୍ରବାର ସନ୍ଧ୍ୟାରେ ବିର୍ସା ଛକରେ ରାଉରକେଲା ଇସ୍ପାତ କାରଖାନାରେ କାର୍ଯ୍ୟରତ ଶତାଧିକ ଡିପ୍ଲୋମା ଯନ୍ତ୍ରୀ ଏକଜୁଟ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କର୍ତ୍ତୃପକ୍ଷଙ୍କ ମନମାନି ବିରୋଧରେ ବିକ୍ଷୋଦଗାର କରିବା ସହ ସେମାନେ ନିଜ ଶିକ୍ଷାଗତ ଯୋଗ୍ୟତା ସାର୍ଟିଫିକେଟର ନକଲ ଜାଳିଥିଲେ। ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ ଲିମିଟେଡ୍ (ସେଲ୍) ପକ୍ଷରୁ ଶିକ୍ଷା ଓ ମାନବାଧିକାର ଉଲ୍ଲଂଘନ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଡିପ୍ଲୋମା ଯନ୍ତ୍ରୀ କେନ୍ଦ୍ର ସରକାରଙ୍କ କର୍ମଚାରୀ ବିରୋଧୀ ନୀତିର ଦୃଢ଼ ସମାଲୋଚନା କରିଥିଲେ। ସେଲ୍ କର୍ତ୍ତୃପକ୍ଷ ଚଞ୍ଚକତା କରି ଡିପ୍ଲୋମା ଯନ୍ତ୍ରୀଙ୍କୁ ଟେକ୍ନିସିଆନ ଭାବେ ଖଟାଉଥିବାରୁ ଏଥିରେ କ୍ଷୋଭ ପ୍ରକାଶ କରାଯାଇଥିଲା। ବାରମ୍ବାର କେନ୍ଦ୍ର ସରକାରଙ୍କ ନିକଟରେ ଜୁନିୟର ଇଞ୍ଜିନିୟର ଭାବେ ମାନ୍ୟତା ପାଇବାକୁ ଦାବି ହୋଇ ଆସୁଥିବାବେଳେ

ସେଲ୍ ଡିପ୍ଲୋମା ଯନ୍ତ୍ରୀଙ୍କ ପକ୍ଷରୁ ବିର୍ସା ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ସାର୍ଟିଫିକେଟ ନକଲ ପୋଡ଼ାଯାଉଛି।

ଏହାକୁ ଅଣଦେଖା କରାଯିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ଉପସ୍ଥିତ କର୍ମକର୍ତ୍ତା କହିଥିଲେ। ୨୦୧୭ରେ ଏ ନେଇ ନିର୍ଦ୍ଦେଶନାମା ଜାରି ସତ୍ତ୍ୱେ ଏହାକୁ ଶୀତଳଭଣ୍ଡାରରେ ପକାଇ ରଖାଯିବା ପଛରେ କି ରହସ୍ୟ ରହିଛି ବୋଲି ପ୍ରଶ୍ନ କରିଥିଲେ ସଂଘ କର୍ମକର୍ତ୍ତା। କର୍ତ୍ତୃପକ୍ଷଙ୍କ ଚରମ ଅବହେଳା ଏଥିପାଇଁ ଦାୟୀ ବୋଲି ଅଭିଯୋଗ କରାଯାଇଥିଲା। ସେଲ୍ କର୍ତ୍ତୃପକ୍ଷ ନିଜ ଭ୍ରଷ୍ଟ ମାନବସମ୍ବଳ ନୀତିର ଅପବ୍ୟବହାର କରୁଛନ୍ତି। ବାରମ୍ବାର ପ୍ରତିଶ୍ରୁତି ଦେଇ ପ୍ରତାରିତ କରୁଛନ୍ତି। ଡିପ୍ଲୋମା ଯନ୍ତ୍ରୀଙ୍କୁ ଏସ୍-୬ ପରିବର୍ତ୍ତେ ୧୨ ବର୍ଷ ଡିଗ୍ରେଡେଶନ କରାଇ ଏସ୍-୩ରେ ଗତ ୨୦୦୮ରୁ ନିଯୁକ୍ତି ଦେଇ ଆସୁଛନ୍ତି। ସେଲ୍ ଏକମାତ୍ର ଉଦ୍ୟୋଗ ଯେଉଁଠି ଏଭଳି ବ୍ୟତିକ୍ରମ ଦେଖାଯାଇଛି। ଏପରି ଅବସ୍ଥାରେ ସେଲ୍ ୟୁନିଟଗୁଡ଼ିକରେ କାମ କରୁଥିବା ଡିପ୍ଲୋମା ଯନ୍ତ୍ରୀଙ୍କ ମଧ୍ୟରେ ହତାଶା ଭାବ ସୃଷ୍ଟି ହୋଇଛି। ଯାହାର ପ୍ରଭାବ ଉତ୍ପାଦନ ଓ ଉତ୍ପାଦକତା ଉପରେ ପଡୁଛି। ଏହାର ପୁନରାବୃତ୍ତି ହେବା ଶୁଭଲକ୍ଷଣ ନୁହେଁ ବୋଲି କହିଥିଲେ ସଗଠନ କର୍ମକର୍ତ୍ତା। ଆଗାମୀ ଦିନରେ ଏ ନେଇ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କୁହାଯାଇଥିଲା। କାର୍ଯ୍ୟକ୍ରମରେ ସଭାପତି ରଶ୍ମିରଞ୍ଜନ ଦାସ, ସାଧାରଣ ସମ୍ପାଦକ ନରେନ୍ଦ୍ର ଦାସ, ମିହିର ମହାପାତ୍ର, ଭୀମସେନ ନାୟକ ଓ ଦେବୀପ୍ରସନ୍ନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସଙ୍ଗଠନର ସର୍ବଭାରତୀୟ ସାଧାରଣ ସମ୍ପାଦକ ନରେନ୍ଦ୍ର ଦାସଙ୍କ ନେତୃତ୍ୱରେ ବୋକାରୋ, ଭିଲାଇ, ଦୁର୍ଗାପୁର, ବର୍ଣ୍ଣପୁର ଓ ଅନ୍ୟ ୟୁନିଟଗୁଡ଼ିକରେ ମଧ୍ୟ ସମାନ୍ତରାଳ ଭାବେ ଡିପ୍ଲୋମା ଯନ୍ତ୍ରୀ ବିକ୍ଷୋଭ ପ୍ରଦର୍ଶନ କରି ସାର୍ଟିଫିକେଟ ନକଲ ଜାଳିଥିବା ସୂଚନା ମିଳିଛି।

ଭତ୍ତା ଦାବିରେ ବ୍ଲକ ଦୁଆରମୁହେଁ ବିଧବା, ଦିବ୍ୟାଙ୍ଗ

ଜୁନାଗଡ,୨୨।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଛୋରିଆଗଡ଼ ପଁଚେତରେ ଭତା ଯୋଜନା ବାଟବନା ହେଇଛେ। ଇଠାନେ ବହୁତ୍‌ଟେ ବୁଢ଼ାବୁଢ଼ି, ବିଧବା ଦିବ୍ୟାଙ୍ଗ ଆଏଜତକ୍ ଭତା ଯୋଜ୍‌ନାରେ ସାମିଲ ନାଇଁ ହେଇପାରି। ସେଥିରଲାଗି ସେମାନେ ବଡ଼ାଦୁଖେ ଜୀବନ୍ ବିତଉଛନ୍। ଗଲା ଶୁକୁରବାର ସାମାଜିକ କର୍ମୀ ତ୍ରିନାଥ ମହାଲିକଙ୍କର ମଂଗୁଆଲତିରେ ଛୋରିଆଗଡ଼ ଗାଁର ୮ ଝନ୍ ବିଧବା ଆର ଝନେ ଦିବ୍ୟାଙ୍ଗ ଭତାର ଲାଗି ବ୍ଲକକେ ଗୁହାରି କରବାକେ ଯାଇଥିଲେ। ଭତା ପାଏବାର ଲାଗି ବାରବାର ଆବେଦନ କରି ହତାଶ ହେଇଥିବାର ଭାରପ୍ରାପ୍ତ ବିଏସ୍‌ଏସ୍‌ଓକୁଁ ସେମାନେ ଅଭିଯୋଗ କରିଥିଲେ। ପଛେ ବିଏସ୍‌ଏସ୍‌ଓ ସେମାନକର କଥାକେ ଗୁରୁତ୍ ଦେଇ ସବୁ କାଗଜପତର ତାକରନୁ ରଖିଥିଲେ। ଯେତେ ଜଲ୍‌ଦି ହେବା ଭତା ଯୁଗେଇ ଦେବାର ବେବସ୍‌ତା କରାଯିବା ବଲି ଭାରପ୍ରାପ୍ତ ବିଏସ୍‌ଏସ୍‌ଓ ସୁମନ୍ତ କୁମାର ମାଝି କହିଛନ୍।

ଉଦିତନଗର ହାଇସ୍କୁଲ ସମ୍ମୁଖରେ ଏବିଭିପି କର୍ମକର୍ତ୍ତାମାନେ ପରୀକ୍ଷାର୍ଥୀଙ୍କ ମୁଣ୍ଡରେ ଚନ୍ଦନ ଟିପା ଲଗାଇ ସେମାନଙ୍କ ମଙ୍ଗଳ କାମନା କରୁଛନ୍ତି।

ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ଏବିଭିପିର ଶୁଭେଚ୍ଛା

ରାଉରକେଲା ଅଫିସ,୨୨।୨

ଷ୍ଟିଲ ସିଟିର ବିଭିନ୍ନ କେନ୍ଦ୍ରରେ ଶୁକ୍ରବାର ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ଏହି ଅବସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯିବା ସହ ସେମାନଙ୍କ ସଫଳତା କାମନା କରାଯାଇଛି। ପରିଷଦ କର୍ମକର୍ତ୍ତାମାନେ ଉଦିତନଗର ସରକାରୀ ହାଇସ୍କୁଲ ସମେତ ଅନ୍ୟ କେତେକ କେନ୍ଦ୍ର ସମ୍ମୁଖରେ ଉପସ୍ଥିତ ରହି ପରୀକ୍ଷାର୍ଥୀଙ୍କ ମୁଣ୍ଡରେ ଚନ୍ଦନ ଟିକା ଲଗାଇ ପୁଷ୍ପ ସିଞ୍ଚନ ପୂର୍ବକ ସେମାନଙ୍କ ମଙ୍ଗଳ ମନାସିଥିଲେ। ପରୀକ୍ଷା କେନ୍ଦ୍ରକୁ ଆସୁଥିବା ଛାତ୍ରୀଛାତ୍ରୀଙ୍କ ମନରେ ସକାରାତ୍ମକ ଚିନ୍ତା ସୃଷ୍ଟି କରାଇବା ଉଦ୍ଦେଶ୍ୟରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ଅନୁଷ୍ଠାନ କର୍ମକର୍ତ୍ତା କହିଥିଲେ। ଏଥିରେ ଅମର ମହାପାତ୍ର, ଆଶିଷ ଦାସ, ସୌମ୍ୟ ପ୍ରଧାନ, ଲଗ୍ନା ମଲ୍ଲିକ, ସସ୍ମିତା ରାଉତ, ପଦ୍ମିନୀ ମୁଖି, ଇସ୍ମିତା ରାଉତ, ହେମାନନ୍ଦ ଦାସ, ବିରାଜ ଏକ୍କା ଓ ସମୀର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ଶାନ୍ତିଶୃଙ୍ଖଳା ସହ ମାଟ୍ରିକ ପରୀକ୍ଷା ଆରମ୍ଭ

ରାଉରକେଲା ଅଫିସ,୨୨।୨

ଷ୍ଟିଲ ସିଟିରେ ମାଟ୍ରିକ ପରୀକ୍ଷାର ପ୍ରଥମ ଦିନ ଶାନ୍ତି ଶୃଙ୍ଖଳାରେ ଶେଷ ହୋଇଛି। ସେଭଳି କୌଣସି ଅପ୍ରୀତିକର ପରିସ୍ଥିତି ସାମନାକୁ ଆସି ନାହିଁ। ସବୁ ପରୀକ୍ଷା କେନ୍ଦ୍ର ସମ୍ମୁଖରେ ପୋଲିସ ମୁତୟନ କରାଯାଇଥିଲା। ଏଥର ରାଉରକେଲାରେ ୫ ହଜାର ୯୭୦ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଧାର୍ଯ୍ୟ ସମୟରେ ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରରେ ପହଞ୍ଚିଥିଲା। ପୂର୍ବାହ୍ନ ୯ଟାରେ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା କେନ୍ଦ୍ରକୁ ଛଡ଼ାଯାଇଥିଲା। ୧୦ଟାରେ ପରୀକ୍ଷା ଆରମ୍ଭ ହୋଇଥିଲା।

ଉଦିତନଗର ହାଇସ୍କୁଲଠାରେ ସେଣ୍ଟର ପ୍ରବେଶ ପୂର୍ବରୁ ପରୀକ୍ଷାର୍ଥୀଙ୍କୁ ଯାଞ୍ଚ କରାଯାଉଛି।

ରାଉରକେଲାର ୩ ନୋଡାଲ ସେଣ୍ଟର ଅଧୀନରେ ୨୨ ପରୀକ୍ଷା କେନ୍ଦ୍ର ପରିଚାଳିତ ହେଉଛି। କପି ରୋକିବା ପାଇଁ ତ୍ରିସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି।

ବେଦବ୍ୟାସ ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ ମାତୃଭାଷା ଦିବସ

ରାଉରକେଲା ଅଫିସ,୨୨।୨

ଅଗ୍ରଣୀ ସାହିତ୍ୟାନୁଷ୍ଠାନ ବେଦବ୍ୟାସ ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ ଫର୍ଟିଲାଇଜର ଟାଉନଶିପ ଇ-ବ୍ଲକସ୍ଥିତ ଗୁଣ୍ଡିଚା ମନ୍ଦିରରେ ଗୁରୁବାର ସନ୍ଧ୍ୟାରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଛି। ଏଥିରେ ବିଭିନ୍ନ ସଂଗଠନ ସମେତ ସ୍ଥାନୀୟ ଯୁବ ଗୋଷ୍ଠୀ ଯୋଗଦେଇଥିଲେ। ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଦିଲୀପ ନାୟକ ମୁଖ୍ୟଅତିଥି, ହରିହର ମୁଦାଲି ଓ ଉଦିତ ଅମାତ ସମ୍ମାନିତ ଅତିଥି, ଓ ବିଚିତ୍ରାନନ୍ଦ ଦାସ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ପରିଷଦ ସଭାପତି ଡା. ରାହାସବିହାରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ସାଧାରଣ ସମ୍ପାଦକ ଗୌରାଙ୍ଗ

ବେଦବ୍ୟାସ ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ ଆୟୋଜିତ ବିଶ୍ୱ ମାତୃଭାଷା ଦିବସ ଅବସରରେ ମଞ୍ଚାସୀନ କର୍ମକର୍ତ୍ତା।

ଦାସ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିମାନେ କହିଥିଲେ ଯେ ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟ ୧୯୫୪ରେ ଭାଷା ଆଇନ ପ୍ରଣୟନ କରାଯାଇଥିଲା। ଓଡ଼ିଆ ଭାଷା ସାହିତ୍ୟର ସମୃଦ୍ଧି ପାଇଁ ସମସ୍ତ ପଦକ୍ଷେପ ନିଆଯାଇଥିଲା। ସମୟ କ୍ରମେ ଏହାର ଅବକ୍ଷୟ ଘଟି ଚାଲିଲା। ଏ ଦିଗରେ କେହି ଆନ୍ତରିକତା ଦେଖାଇଲେ ନାହିଁ। ଓଡ଼ିଆରେ ଶାସନ ବ୍ୟବସ୍ଥା ନେଇ ଅନେକ ସମୟରେ ଆନ୍ଦୋଳନ କରାଯାଇଛି। ଏହା ସତ୍ତ୍ୱେ ଆଜିପର୍ଯ୍ୟନ୍ତ ଏହା ସଫଳ ରୂପ ନେଇ ପାରିନି ବୋଲି ଅତିଥି ପ୍ରକାଶ କରିଥିଲେ। ସରକାରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଆଗ୍ରହ ଅଭାବରୁ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ହୋର୍ଡିଂ ମଧ୍ୟ ଓଡ଼ିଆରେ ଲେଖାଯାଇ ପାରିଲା ନାହିଁ। ଏ ଦିଗରେ ସରକାର ଆଗ୍ରହ ପ୍ରକାଶ କରିବା ଉଚିତ ବୋଲି କୁହାଯାଇଥିଲା। ଆନ୍ତରିକତା ସହ କାର୍ଯ୍ୟ କଲେ ଓଡ଼ିଆ ଭାଷା ସୁରକ୍ଷିତ ରହିପାରିବ ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଅଛୁ ପ୍ରଧାନ, ପ୍ରଫୁଲ୍ଲ ପରିଜା, ହରିହର ବେହେରା, ସୁବାସ ପାତ୍ର, ପଦ୍ମାବତୀ ରାଉତ, ଏସ୍. କମଲ, ବିଦ୍ୟୁତଲତା ବେହେରା, ପ୍ରସନ୍ନ ନନ୍ଦ, ପ୍ରମୋଦ ବେହେରା, ବନବାସ ସାହୁ, ଇଲିଆସ ଟେଟେ, ପୂର୍ଣ୍ଣ ଓଝା, ଚାନ୍ଦମଣି ନାୟକ ଓ ଲକ୍ଷ୍ମୀଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସନାତନ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭିଏଚ୍‌ପିର ସ୍ମାରକପତ୍ର

କଶ୍ମୀରରୁ ଧାରା ୩୭୦ ତୁରନ୍ତ ଉଚ୍ଛେଦ କର

ରାଉରକେଲା ଅଫିସ,୨୨।୨

ଫେବୃୟାରୀ ୧୪ରେ କଶ୍ମୀରର ପୁଲୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛି ବିଶ୍ୱ ହିନ୍ଦୁ ପରିଷଦ। ଏଥିସହ କଶ୍ମୀରରୁ ତୁରନ୍ତ ୩୭୦ ଧାରା ଉଚ୍ଛେଦ କରିବାକୁ ପରିଷଦ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଦାବି କରିଛି। ଏନେଇ ସଂଗଠନର ପଶ୍ଚିମ ଓଡ଼ିଶା ଧର୍ମ ପ୍ରସାର ସମ୍ପାଦକ ଶାନ୍ତନୁ କୁସୁମ ଘୋର ଉଦ୍‌ବେଗ ପ୍ରକାଶ କରି ବଣାଇଁ ଉପଜିଲାପାଳଙ୍କୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ ରହିଛି ଯେ ଆତଙ୍କବାଦର ମୂଳୋତ୍ପାଟନ କରିବାକୁ ହେଲେ କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ଜରୁରୀ। ପାକିସ୍ତାନ ସହ ଯୁଦ୍ଧ ଯେତିକି ଜରୁରୀ ନୁହେଁ ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ଧାରା ୩୭୦ ଉଚ୍ଛେଦ କରିବା। ଦେଶ ଭିତରେ ରହି ଯଦି କୌଣସି ରାଜ୍ୟ ଶାସନ ବ୍ୟବସ୍ଥାର ଅବମାନନା କରେ ତେବେ ବିଚ୍ଛିନ୍ନତାବାଦ ବୃଦ୍ଧି ପାଇବା ନିଶ୍ଚିତ। କଶ୍ମୀର ଦେଶର କର୍ତ୍ତୃତ୍ୱ ଭିତରେ ନ ରହିବାର ମୂଳ କାରଣ ହେଉଛି ଧାରା ୩୭୦। ଏହାର ସୁଯୋଗ ନେଇ କଶ୍ମୀରରେ ଡେରା ପକାଇଥିବା ବିଚ୍ଛିନ୍ନତାବାଦୀ ମନ ମୁତାବକ ଆତଙ୍କବାଦୀ ଶିବିର ପରିଚାଳନା କରୁଛନ୍ତି। ଶାନ୍ତିପ୍ରିୟ ଦେଶ ଭାରତ ଭିତରେ ରହି ବିଷ ମଞ୍ଜି ବୁଣୁଛନ୍ତି। ଆତଙ୍କବାଦୀଙ୍କୁ ଲାଳନ ପାଳନ କରି ସେମାନଙ୍କ କ୍ଷମତା ବୃଦ୍ଧି କରୁଛନ୍ତି। ଧାରା ୩୭୦ ଅନୁସାରେ କଶ୍ମୀରରେ ଅନ୍ୟ କୌଣସି ଭାରତୀୟ ସ୍ଥାୟୀ ଭାବେ ବସବାସ କରିବା ବ୍ୟବସ୍ଥା ନାହିଁ। ପାକିସ୍ତାନ ବାସିନ୍ଦା କଶ୍ମୀରରେ ବସବାସ କରିବା, ଜମି କିଣିବା ଓ ବିବାହ କରିବା ଭଳି ସହଜ ବ୍ୟବସ୍ଥା ଆଜି ଦେଶର ଅବସ୍ଥାକୁ ଏଭଳି ଦୟନୀୟ କରିଛି ବୋଲି କୁସୁମ ଅଭିଯୋଗ କରିଛନ୍ତି।

ଏଭଳି ସୁବିଧା ସୁଯୋଗ କାରଣରୁ ଏହି ରାଜ୍ୟରେ ଭାରତୀୟଙ୍କ ସଂଖ୍ୟା ବଢ଼ିବା ପରିବର୍ତ୍ତେ କମୁଛି ଓ ପାକିସ୍ତାନୀଙ୍କ ସଂଖ୍ୟା ବଢୁଛି। ଯାହା ଦ୍ୱାରା କଶ୍ମୀରରେ ଭାରତ ବିରୋଧୀ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ଧାରା ୩୭୦ ଅନୁସାରେ ଏହି ରାଜ୍ୟରେ ଭାରତୀୟ ସମ୍ବିଧାନ, ଜାତୀୟ ପତାକାର ମୂଲ୍ୟ କିଛି ନାହିଁ। ଭାରତୀୟ ଆଇନକାନୁନକୁ ଜଳାଞ୍ଜଳି ଦିଆଯାଉଥିବା ଏହି ରାଜ୍ୟରେ କାହିଁକି ୩୭୦ ଧାରା ଲାଗୁ କରାଯିବ ସେ ନେଇ ତର୍ଜମା କରାଯିବା ସମୟ ଆସିଛି ବୋଲି କୁସୁମ ଏଥିରେ ପ୍ରକାଶ କରଛନ୍ତି। ଏଣୁ ଦେଶର ସୁରକ୍ଷା ଓ ଆତଙ୍କବାଦର ମୂଳୋତ୍ପାଟନ ପାଇଁ ତୁରନ୍ତ ଧାରା ୩୭୦କୁ ଉଚ୍ଛେଦ କରାଯାଉ ବୋଲି ସଂଗଠନ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରାଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ କୁସୁମଙ୍କ ସମେତ ଭିଏଚ୍‌ପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଚୂଡ଼ାମଣି ମହାନ୍ତ, ଆଇନଜୀବୀ ତହସିଲ ପାତ୍ର, ହେମନ୍ତ ଓରାମ, ରାଜୁ ସା ଓ ସୁଜାତା ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

ଆରମ୍ଭ ହେଲା ଏଲ୍‌ଇଡି ଷ୍ଟ୍ରିଟ୍ ଲାଇଟ ଯୋଜନା

■ ପ୍ରଥମ ପର୍ଯ୍ୟାୟରେ ବାଗବୁଡ଼ି ବସ୍ତି ସାମିଲ

ରାଉରକେଲା ଅଫିସ,୨୨।୨

ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ଅନ୍ତର୍ଗତ ଛେଣ୍ଡ କଲୋନୀ ନିକଟ ବାଗବୁଡ଼ି ବସ୍ତିଠାରେ ଶୁକ୍ରବାର ଏଲ୍‌ଇଡି ଷ୍ଟ୍ରିଟ ଲାଇଟ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି। ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜଗାଙ୍ଗପୁର ବିଧାୟକ ମଙ୍ଗଳା କିଷାନ, ଆର୍‌ଡିଏ ଅଧ୍ୟକ୍ଷ ସାରଦା ନାୟକ ଅତିଥି ରୂପେ ଯୋଗଦେଇଥିଲେ। ବାଗବୁଡ଼ି ବସ୍ତି ମହିଳାଙ୍କ ଦ୍ୱାରା ପ୍ରଥମେ ପୂଜାର୍ଚ୍ଚନା କରାଯିବା ପରେ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ଅତିଥି କିଷାନ ଓ ନାୟକ ବକ୍ତବ୍ୟରେ କହିଥିଲେ ଯେ ରାଜ୍ୟ ସରକାରଙ୍କ ଏଭଳି ଐତିହାସିକ ପଦକ୍ଷେପ ଦ୍ୱାରା ବସ୍ତିବାସିନ୍ଦା ନିଶ୍ଚିତ ରୂପେ ଉପକୃତ ହେବେ। ବସ୍ତିରୁ ଅନ୍ଧକାର ଅପସରି ଯିବ। ଯାତାୟାତ ସହଜ ହେବ।

ବାଗବୁଡ଼ି ବସ୍ତିରେ ଆର୍‌ଏମ୍‌ସି ପକ୍ଷରୁ ଏଲ୍‌ଇଡି ଷ୍ଟ୍ରିଟ୍ ଲାଇଟ ଯୋଜନା ଉଦ୍‌ଘାଟନ ସମାରୋହରେ ମଞ୍ଚାସୀନ ଅତିଥି।

ସହରରେ ପ୍ରଥମକରି ଏକ ଆଦିବାସୀ ବହୁଳ ବସ୍ତିରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଥିବାରୁ ବିଧାୟକ କିଷାନ ଖୁସି ବ୍ୟକ୍ତ କରିଥିଲେ। ସେ କହିଥିଲେ, ଓଡ଼ିଶା ସରକାର ରାଉରକେଲାର ବିକାଶ ପାଇଁ ଆନ୍ତରିକ ପଦକ୍ଷେପ ନେଉଛନ୍ତି। ବିଶେଷକରି ଆଦିବାସୀ ବହୁଳ ଗାଁ ବସ୍ତିର ସର୍ବାଙ୍ଗୀନ ବିକାଶ ନେଇ ନେଇ ବହୁବିଧ ଯୋଜନା କାର୍ଯ୍ୟକାରୀ କରାଯାଇଛି। ସହଯୋଗ ରହିଲେ ଆଗାମୀ ଦିନରେ ବିକାଶ ପ୍ରକ୍ରିୟାକୁ ଆହୁରି ଅଧିକ ତ୍ୱରାନ୍ୱିତ କରାଯାଇ ପାରିବ ବୋଲି କିଷାନ ମତ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ, ସରକାର ରାଜ୍ୟର ସମସ୍ତ ସହରରେ ଏଲ୍‌ଇଡି ଷ୍ଟ୍ରିଟ୍ ଲା

ଦୁଷ୍ଟଙ୍କର ସାରା ଶରୀରରେ ବିଷ ରହିଛି। ଦୁଷ୍ଟ ତଥା କଣ୍ଟାର ଦୁଇପ୍ରକାର ଉପଚାର ରହିଛି ; ଜୋତାରେ ମଳି, ମକଚି ଦିଅ ନତୁବା ତାକୁ ଦୂରରେ ଛାଡି ଦେଇଆସ।
- ଚାଣକ୍ୟ

ସଂକ୍ଷେପରେ

ଢେଙ୍କାନାଳ ଶେଲ୍‌ଟର ହୋମ ଯୌନ ନିର୍ଯାତନା ମାମଲା

ମୁଖ୍ୟ ଅଭିଯୁକ୍ତ, ସହଯୋଗୀଙ୍କ ଜାମିନ ଆବେଦନ ଖାରଜ

କଟକ ଅଫିସ,୨୨।୨: ଢେଙ୍କାନାଳର ଗୁଡ୍ ନ୍ୟୁଜ ଇଣ୍ଡିଆ ଶେଲ୍‌ଟର ହୋମ ଯୌନ ନିର୍ଯାତନା ମାମଲାର ମୁଖ୍ୟ ଅଭିଯୁକ୍ତ ଫୟାଜ ରହମନ ଓ ତାଙ୍କ ସହଯୋଗୀ ଉଦିତ କୁମାର ଲିମାଙ୍କ ଜାମିନ ଆବେଦନ ହାଇକୋର୍ଟରେ ଖାରଜ ହୋଇଛି। ଉଭୟଙ୍କ ଜାମିନ ଆବେଦନର ଶୁଣାଣି ଗତ ୨୦ ତାରିଖରେ ବିଚାରପତି ଜଷ୍ଟିସ ସଙ୍ଗମ କୁମାର ସାହୁଙ୍କ ଇଜିଲାସରେ ହୋଇଥିଲା। ଜାମିନ ଆବେଦନର ପୂର୍ଣ୍ଣାଙ୍ଗ ଶୁଣାଣି କରି ବିଚାରପତି ନିଜ ରାୟକୁ ସଂରକ୍ଷିତ ରଖିଥିଲେ। ତେବେ ଶୁକ୍ରବାର ଏହି ରାୟ ପ୍ରକାଶ ପାଇଛି। ଯେଉଁଥିରେ ଉଭୟଙ୍କ ଜାମିନ ଆବେଦନକୁ ଖାରଜ କରାଯାଇଛି। ସୂଚନାଥାଉ କି, ଉକ୍ତ ଶେଲ୍‌ଟର ହୋମରେ ରହୁଥିବା ଅନ୍ତେବାସୀମାନଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଥିଲା। ଉକ୍ତ ଘଟଣାରେ ପୋଲିସ ସେଲ୍‌ଟର ହୋମର ମୁଖ୍ୟ ଫୟାଜ ରହମନ ଓ ତାଙ୍କର ସହଯୋଗୀମାନଙ୍କୁ ଗିରଫ କରିଥିଲା। ତଳ କୋର୍ଟରେ ଏମାନଙ୍କ ଜାମିନ ଆବେଦନ ଖାରଜ ହେବା ପରେ ସେମାନଙ୍କ ମଧ୍ୟରୁ ଫୟାଜ ଓ ଲିମା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ଖୁସି ଯୋଜନାକୁ କ୍ୟାବିନେଟ ମୋହର

ଭୁବନେଶ୍ୱର,୨୨।୨(ବ୍ୟୁରୋ)

- ୧୭.୨୫ ଲକ୍ଷ ଛାତ୍ରୀଙ୍କୁ ମିଳିବ ମାଗଣା ସାନିଟାରୀ ନାପକିନ
- ୫ ବର୍ଷରେ ଖର୍ଚ୍ଚ ହେବ ୪୬୬ କୋଟି
- ସବୁ ସହରରେ ଆହାର
- ଦୈନିକ ୧ ଲକ୍ଷ ଲୋକଙ୍କୁ ୫ଟଙ୍କାଆ ଡାଲମା ଭାତ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦିଆଯାଇଥିବା ୮ଟି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ କରିଛି। ସରକାରୀ ସ୍କୁଲ, ସରକାରୀ ଅନୁଦାନପ୍ରାପ୍ତ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ନବୋଦୟ ବିଦ୍ୟାଳୟରେ ପାଠ ପଢୁଥିବା ଷଷ୍ଠରୁ ଦ୍ୱାଦଶ ଶ୍ରେଣୀର ଛାତ୍ରୀମାନଙ୍କୁ ରାଜ୍ୟ ସରକାର ଖୁସି ଯୋଜନାରେ ମାଗଣା ସାନିଟାରୀ ନାପକିନ ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ଶୁକ୍ରବାର କ୍ୟାବିନେଟ ଅନୁମୋଦନ କରିଛି। ଉକ୍ତ ଯୋଜନାରେ ପ୍ରତ୍ୟେକ ଛାତ୍ରୀଙ୍କୁ ମାସକୁ ୧୮ଟି ଲେଖାଏ ସାନିଟାରୀ ନାପକିନ ଯୋଗାଇ ଦିଆଯିବ। ଏଥିରେ ୧୭ ଲକ୍ଷ ୨୫ ହଜାର ଛାତ୍ରୀ ଉପକୃତ ହେବେ। ଏହି ଯୋଜନାରେ ୫ ବର୍ଷ ପାଇଁ ୪୬୬ କୋଟି ଟଙ୍କା ଖର୍ଚ୍ଚ ହେବ। ପୂର୍ବରୁ ମୁଖ୍ୟମନ୍ତ୍ରୀ ଏହି ଯୋଜନା ଘୋଷଣା କରିଥିଲେ। ହୋମିଓପାଥିକ ନିଯୁକ୍ତି ନିୟମରେ ସଂଶୋଧନ କରାଯାଇଛି। ନିଯୁକ୍ତି ପାଇଁ ଆବେଦନ କରିବାକୁ ଥିବା ବୟସ ସୀମାରେ କୋହଳ କରାଯାଇଛି। ଏଣିକି ହୋମିଓପାଥିକ ନିଯୁକ୍ତି ପାଇଁ ବୟସ ସୀମା ୪୦ ବର୍ଷ ରହିବ। ପୂର୍ବରୁ ୩୨ ବର୍ଷ ଥିଲା। ଗତ କିଛିବର୍ଷ ହେବ ହୋମିଓପାଥିକରେ କୌଣସି ନିଯୁକ୍ତି ଦିଆଯାଇନଥିବାରୁ ପୂର୍ବତନ ଛାତ୍ରୀଛାତ୍ରମାନଙ୍କୁ ସୁଯୋଗ ଦେବା ଲାଗି ଏହି ନିଷ୍ପତ୍ତି ନିଆଯାଇଛି। ସବୁ ସହରରେ ଆହାର କେନ୍ଦ୍ର ଖୋଲିବ। ରାଜ୍ୟରେ ଥିବା ୧୧୪ଟି ପୌରାଞ୍ଚଳରେ ୧୫୭ଟି ଆହାର କେନ୍ଦ୍ର ଖୋଲିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଦୈନିକ ୧ ଲକ୍ଷ ଲୋକଙ୍କୁ ୫ ଟଙ୍କିଆ ଡାଲମା ଭାତ ଯୋଗାଇ ଦିଆଯିବ। କେତେକ ସ୍ଥାନରେ ରାତ୍ରିରେ ମଧ୍ୟ ଖାଇବାକୁ ମିଳିବ। ଏଥିପାଇଁ ବାର୍ଷିକ ୬୦ କୋଟି ଟଙ୍କା ଖର୍ଚ୍ଚ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୮ ଡିସେମ୍ବର ୩୧ ତାରିଖରେ ସମସ୍ତ ସହରରେ ଆହାର କେନ୍ଦ୍ର ଖୋଲିବାକୁ ଘୋଷଣା କରିଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।

ଭୁବନେଶ୍ୱର ଭେଙ୍କଟେଶ୍ୱର ଇଂଲିଶ୍ ମିଡିୟମ୍ ସ୍କୁଲରେ ଛାତ୍ରୀଛାତ୍ରମାନେ ଶୁକ୍ରବାର ଆରମ୍ଭ ହୋଇଥିବା ଆଇସିଏସ୍‌ଇ ଦଶମ ପରୀକ୍ଷା ଦେଉଛନ୍ତି।

ଚିଲିକା ବ୍ଲକ ଉପାଧ୍ୟକ୍ଷ ଭାଜପାରୁ ନିଲମ୍ବିତ

ଭୁବନେଶ୍ୱର, ୨୨।୨(ବ୍ୟୁରୋ): ଅନୁଶାସନ ଭଙ୍ଗ ଏବଂ ବିଶୃଙ୍ଖଳିତ କାର୍ଯ୍ୟ ପାଇଁ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଅନୁମୋଦନ କ୍ରମେ ଖାର୍ଦ୍ଧା ଜିଲା ଚିଲିକା ବ୍ଲକ ଉପାଧ୍ୟକ୍ଷ ଉତ୍ପଳ ପାଇକରାୟ ଓ ସରପଞ୍ଚ ମମତା ପାଇକରାୟଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବନ କରାଯାଇଛି। ଏନେଇ ଶୁକ୍ରବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଦଳର ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି ।

୩ ପରୀକ୍ଷା କେନ୍ଦ୍ରରେ ୧୪୪ ଧାରା

କେନ୍ଦୁଝର, ୨୨।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ମାଟ୍ରିକ ପରୀକ୍ଷା ଶୁକ୍ରବାର ଶାନ୍ତିପୂର୍ଣ୍ଣ ଭାବେ ଆରମ୍ଭ ହୋଇଛି। ସମୁଦାୟ ରେଗୁଲାର ଓ ଏକ୍ସ ରେଗୁଲାର ପରୀକ୍ଷାରେ ୬୪୨ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିବା ଜଣାପଡିଛି। ଆନନ୍ଦପୁର ଉପଖଣ୍ଡର ୩ ପରୀକ୍ଷା କେନ୍ଦ୍ରରେ ଗଣ୍ଡଗୋଳ ଆଶଙ୍କା କରି ଧାରା ୧୪୪ ଲାଗୁ କରାଯାଇଥିବା ଜଣାପଡିଛି। ସେଗୁଡିକ ହେଲା କୁଣ୍ଡଳେଇ ହାଇସ୍କୁଲ, ବେଲବାହାଳି, ବାରାହି ହାଇସ୍କୁଲ, ବଞ୍ଚୋ ଓ ଧନେଇ ବିଦ୍ୟାପୀଠ, ଖାଲିଆମେଣ୍ଟା ବୋଲି ଜଣାପଡିଛି। ଜିଲାରେ ସମୁଦାୟ ୧୨୩ କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହୋଇଥିବା ବେଳେ ୨୩,୨୩୩ ଜଣ ରେଗୁଲାର ଓ ୧୨୨୧ ଏକ୍ସ ରେଗୁଲାର ଛାତ୍ରୀଛାତ୍ର ପରୀକ୍ଷା ଦେଉଥିବା ବେଳେ ପ୍ରଥମ ଦିନରେ ୬୪୨ ଜଣ ଅନୁପସ୍ଥିତ ଥିଲେ। ୩ ଜଣ ଅସାଧୁ ଉପାୟ ଅବଲମ୍ବନ କରୁଥିବା ବେଳେ ଧରାପଡିଛି। ପରୀକ୍ଷା ଅନୁଧ୍ୟାନ ପାଇଁ ଜିଲାର ୨ଟି ଓ ବୋର୍ଡର ଗୋଟିଏ ସ୍କ୍ୱାଡ ବୁଲୁଛି ବୋଲି ଜିଲା ଶିକ୍ଷା ଅଧିକାରୀ କପିଳେନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି।

ଉଦ୍ଧାର ହେଲା ହରିଣ ଛୁଆ

ସଜନାଗଡ଼/ ନୀଳଗିରି, ୨୨।୨(ଡି.ଏନ.ଏ.)

ନୀଳଗିରି ବ୍ଲକ ଜାମୁଡ଼ିଆ ପଞ୍ଚାୟତ ବଲବଲିଆ ଗ୍ରାମ ନିକଟ ଘାଘରା ନଦୀ କୂଳରୁ ଶୁକ୍ରବାର ମଧ୍ୟାହ୍ନରେ ଏକ ୨ବର୍ଷର ହରିଣ ଛୁଆ ବନବିଭାଗ ଉଦ୍ଧାର କରିଛି। ତାକୁ ସୁରକ୍ଷିତ ଭାବେ କୁଲଡ଼ିହା ଅଭୟାରଣ୍ୟରେ ଛାଡ଼ି ଦିଆଯାଇଛି। ଖାଦ୍ୟ ଅନ୍ୱେଷଣରେ ହରିଣ ଛୁଆଟି କୁଲଡ଼ିହା ଅଭୟାରଣ୍ୟରୁ ଗ୍ରାମାଭିମୁଖୀ ହୋଇଥିଲା। ପରେ ବାଟବଣା ହୋଇ ରାଜ୍ୟ ରାଜପଥ ପାର୍ ହୋଇ ଗୋପାଳପୁର ସଂରକ୍ଷିତ ଜଙ୍ଗଲରେ ବୁଲୁଥିବାର ଜଙ୍ଗଲ ପାଖ ଗ୍ରାମବାସୀ ଗୁରୁବାର ଦେଖିଥିଲେ। ଗ୍ରାମବାସୀଙ୍କ ସୂଚନାନୁସାରେ ବନବିଭାଗ ପକ୍ଷରୁ ଫରେଷ୍ଟର ଗଣେଶ ପ୍ରସାଦ ଲେଙ୍କା ଓ ଦେବରାଜ ରାଉତ, ଗାର୍ଡ଼ ଦୁଷ୍ମନ୍ତ ଜେନା ଓ ସବୁଜବାହିନୀ କର୍ମୀ ମିଳିତ ଭାବେ ବଲବଲିଆ ନିକଟ ଘାଗରା ନଦୀ କୂଳରେ ଠାବ କରିଥିଲେ।

ବାଘ ନୁହେଁ ବୋଲି ପଗ୍‌ମାର୍କରୁ ସ୍ପଷ୍ଟ

ପୁଣି ରାଜଧାନୀରେ ବାଘ ଆତଙ୍କ

ଭୁବନେଶ୍ୱର,୨୨।୨(ବ୍ୟୁରୋ): ରାଜଧାନୀରେ ପୁଣି ବାଘ ଆତଙ୍କ। ରଙ୍ଗମାଟିଆ ତଳସାହି ଅଞ୍ଚଳରେ ବାଘ ବୁଲୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଗୁରୁବାର ରାତି ପ୍ରାୟ ସାଢ଼େ ୯ଟା ସମୟରେ କେଶବ ମନ୍ତ୍ରୀ ନାମକ ବ୍ୟକ୍ତି ଏହି ଅଞ୍ଚଳରେ ବାଘ ବୁଲୁଥିବାର ଦେଖିଥିବା କହିଥିଲେ। ଖବର ପାଇ ଶୁକ୍ରବାର ସକାଳୁ ବନ ବିଭାଗ ଉକ୍ତ ଅଞ୍ଚଳକୁ ଯାଇ ତନାଘନା କରିଥିଲା। ନଗର ବନଖଣ୍ଡ ପକ୍ଷରୁ ଏସିଏଫ୍ ଗୋବିନ୍ଦ ବିଶ୍ୱାଳ, ଖୋର୍ଦ୍ଧା ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁମଲ୍ଲିକଙ୍କ ସମେତ ୧୦ଜଣିଆ ଟିମ୍ ଘଟଣାସ୍ଥଳକୁ ଯାଇ ପଚରାଉଚରା କରିଥିଲେ। ସେଠାରେ ପାଦଚିହ୍ନ ଦେଖି ତା'ର ପଗ୍‌ମାର୍କ ସଂଗ୍ରହ କରିଥିଲେ। ପରେ ତାକୁ ନନ୍ଦନକାନନରେ ପରୀକ୍ଷା କରିବା ପରେ ତାହା ବାଘର ନୁହେଁ ବୋଲି ସ୍ପଷ୍ଟ ହୋଇଥିବା ସିଟି ଡିଏଫ୍‌ଓ ଅଶୋକ ମିଶ୍ର କହିଛନ୍ତି। ତଥାପି ରାତିସାରା ପାଟ୍ରୋଲିଂ କରାଯିବ ବୋଲି ଗୋବିନ୍ଦ ବିଶ୍ୱାଳ କହିଛନ୍ତି। ଯେହେତୁ ପାଦଚିହ୍ନରୁ ବାଘ ନୁହେଁ ବୋଲି ପ୍ରମାଣିତ ହୋଇସାରିଛି, ତେଣୁ ଲୋକେ ଭୟ ନ କରିବାକୁ ବନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଅନ୍ୟପଟେ ଏହି ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଥିଲା।

ସଦାଶିବ ପ୍ରଧାନୀ, ବହୁ ଅବସରପ୍ରାପ୍ତ କର୍ମଚାରୀ ବିଜେଡିରେ ସାମିଲ

ଭୁବନେଶ୍ୱର,୨୨।୨(ବ୍ୟୁରୋ): ସାଧାରଣ ନିର୍ବାଚନ ପାଖେଇ ଆସୁଛି। ଅନ୍ୟ ଦଳର ନେତାଙ୍କୁ ନିଜଆଡ଼କୁ ଟାଣିବା ପାଇଁ ସମସ୍ତେ ପ୍ରୟାସ କରୁଛନ୍ତି। ଶାସକ ବିଜେଡି ମଧ୍ୟ ଏହି ପ୍ରକ୍ରିୟାରେ ଅନ୍ୟ ଦଳଗୁଡିକଠାରୁ ସାମାନ୍ୟ ଆଗରେ ଥିବା ମନେହେଉଛି। ଅନ୍ୟ ଦଳର ବିଧାୟକ ହୁଅନ୍ତୁ ବା ତୃଣମୂଳସ୍ତରୀୟ ନେତା ସମସ୍ତଙ୍କୁ ନିଜ ଆଡ଼କୁ ଆଣୁଛି। ଏହି କ୍ରମରେ ଶୁକ୍ରବାର ନବରଙ୍ଗପୁରର ସଦାଶିବ ପ୍ରଧାନୀ ବିଜେଡିରେ ସାମିଲ ହୋଇଛନ୍ତି। ସଦାଶିବ ଜଣେ ବର୍ଷୀୟାନ୍ କଂଗ୍ରେସ ନେତା ତଥା ନବରଙ୍ଗପୁର ଏମ୍‌ପି ଖଗପତି ପ୍ରଧାନୀଙ୍କ ପୁଝୁରା ଏବଂ ନବରଙ୍ଗପୁର ଜିଲାର ପ୍ରଥମ ଜିଲା ପରିଷଦ ଅଧ୍ୟକ୍ଷ ଗୋପୀନାଥ ପ୍ରଧାନୀଙ୍କ ପୁତ୍ର । ନାଲ୍‌କୋର ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର ପଦବୀରୁ ଇସ୍ତଫା ଦେଇ ନବୀନ ନିବାସରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି।

ସଦାଶିବ କହିଛନ୍ତି ଯେ, ବିଜୁବାବୁଙ୍କ ଆଦର୍ଶ ଓ ମୁଖ୍ୟମନ୍ତ୍ରୀଙ୍କ ନିର୍ମଳ ଭାବମୂର୍ତ୍ତିରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦେଇଛି। ସେ ସାଧାରଣ ଜୀବନରୁ ଆସିଛନ୍ତି। ତେଣୁ ଆଦିବାସୀ ଅଧ୍ୟୁଷିତ ନବରଙ୍ଗପୁର ଜିଲାର ବିକାଶ ପାଇଁ କାମ କରିବେ ବୋଲି ପ୍ରଧାନୀ କହିଛନ୍ତି। ସଦାଶିବଙ୍କ ଯୋଗଦାନ ସମୟରେ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି, ନବରଙ୍ଗପୁର ଜିଲା ପର୍ଯ୍ୟବେକ୍ଷକ ସଞ୍ଜୟ ଦାସବର୍ମା, ଏମ୍‌ପି ବଳଭଦ୍ର ମାଝି, ପ୍ରତାପ ଦେବ, ନବରଙ୍ଗପୁର ବିଧାୟକ ମନୋହର ରନ୍ଧାରୀ, ଜିଲା ବିଜେଡି ସଭାପତି ପ୍ରହ୍ଲାଦ ତ୍ରିପାଠୀ ଓ ବିଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସଦାଶିବଙ୍କୁ ବାଦ୍ ଦେଇ ଏକାଧିକ ଅବସରପ୍ରାପ୍ତ ଅଧ୍ୟାପକ, ପ୍ରଶାସନିକ ଅଧିକାରୀ ଓ କଳାକାରଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ବୁଦ୍ଧିଜୀବୀ ବିଜେଡିରେ ସାମିଲ ହୋଇଛନ୍ତି। ସେମାନେ ହେଉଛନ୍ତି– ସାଲେପୁର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ବ୍ରହ୍ମାନନ୍ଦ ଶତପଥୀଙ୍କ ପୁତ୍ର ତଥା ସ୍ତମ୍ଭକାର ଗିରିଶ୍ ଚନ୍ଦ୍ର ଶତପଥୀ, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଡ. ସୁଲୋଚନା ଦାସ, ପ୍ରଫେସର ଡ. କପିଳେଶ୍ୱର ମିଶ୍ର, ଓଡ଼ିଶା ହାଇକୋର୍ଟ ଆଇନଜୀବୀ ଜୟନ୍ତ କୁମାର ବିଶ୍ୱାଳ ଓ କିରଣ ରାଉତ, ପ୍ରଫେସର ଜୟକୃଷ୍ଣ ମହାନ୍ତ, ପ୍ରଫେସର ବିଜୟ କୁମାର ଟପ୍ପୋ, ଅବସରପ୍ରାପ୍ତ ଅତିରିକ୍ତ ଡିଜି ପୋଲିସ ଗୋପବନ୍ଧୁ ମଲ୍ଲିକ, ଭୁବନେଶ୍ୱର ଜିଲା ଲାୟନ ଗଭର୍ନର ବିଶ୍ୱନାଥ ମହାନ୍ତି, ଅବସରପ୍ରାପ୍ତ ସିଡିପିଓ ଛବି ମହାନ୍ତି, ଅବସରପ୍ରାପ୍ତ ସିଆର୍‌ଆର୍‌ଆଇ ଅଧିକାରୀ ସୁରେନ୍ଦ୍ର ନାଥ ରାଉତ, ଓଡ଼ିଶୀ ନୃତ୍ୟଶିଳ୍ପୀ ଡ. ସୁଜାତା ମିଶ୍ର ଏବଂ ଅର୍ଥନୀତିଜ୍ଞ ପ୍ରଫେସର ଡ. ହରିଶ୍ ଚନ୍ଦ୍ର ନାୟକ।

ମହିଳାଙ୍କୁ ସଶକ୍ତ କରିଛି ଉଜ୍ଜ୍ୱଳା: ସୁଷମା ସ୍ୱରାଜ

ଭୁବନେଶ୍ୱର,୨୨।୨(ବ୍ୟୁରୋ)

ଉଜ୍ଜ୍ୱଳା ଯୋଜନା ପରିବାରଗୁଡ଼ିକୁ କେବଳ ଗ୍ୟାସ ସିଲିଣ୍ଡର ପ୍ରଦାନ କରି ନାହିଁ। ଏହା ମହିଳାଙ୍କୁ ସଶକ୍ତ କରିବା ଦିଗରେ କାର୍ଯ୍ୟ କରୁଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ କହିଛନ୍ତି। ଶୁକ୍ରବାର ସାରା ରାଜ୍ୟର ଜିଲାସ୍ତରରେ ଅନୁଷ୍ଠିତ ଉଜ୍ଜ୍ୱଳା ଦିବସ କାର୍ଯ୍ୟକ୍ରମରେ ସ୍ୱରାଜ ଏବଂ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଡ଼ିଓକନଫରେନ୍ସି ଯୋଗେ ସାମିଲ ହୋଇଥିଲେ। ଏହି ଅବସରରେ ସୁଷମା ସ୍ୱରାଜ କହିଛନ୍ତି ଯେ, କାଠ ଦ୍ୱାରା ରୋଷେଇ ଯୋଗୁ ମହିଳାଙ୍କ ଅନେକ ସମୟ ଅପଚୟ ହେଉଥିଲା। ଏହା ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇବା ସହ ପରିବେଶକୁ ମଧ୍ୟ ପ୍ରଦୂଷଣ କରୁଥିଲା। ମାତ୍ର ଉଜ୍ଜ୍ୱଳା ଆସିବା ପରେ ମହିଳାମାନେ ଏସବୁ ସମସ୍ୟାରୁ ମୁକ୍ତି ପାଇଛନ୍ତି। ଉଜ୍ଜ୍ୱଳା ଯୋଜନା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସ୍ୱରାଜ ଧନ୍ୟବାଦ ଦେଇଛନ୍ତି।

ଉଜ୍ଜ୍ୱଳା ହିତାଧିକାରୀଙ୍କ ସହ ଆଲୋଚନା କରି ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଉଜ୍ଜ୍ୱଳା ଦ୍ୱାରା ଦେଶରେ ଏକ ନୂଆ କ୍ରାନ୍ତି ଆସିଛି। ପୂର୍ବରୁ ଏଲ୍‌ପିଜି ବିତରକ ସଂଖ୍ୟା ୧୩ ହଜାର ଥିବା ବେଳେ ଏହା ବର୍ତ୍ତମାନ ୨୩ ହଜାର ଟିପିଛି। ବିତରଣ କେନ୍ଦ୍ର ବୃଦ୍ଧି ସହ କମନ ସର୍ଭିସ ସେଣ୍ଟର ମଧ୍ୟ ଯୋଡାଯାଇଛି ବୋଲି ସେ ସୂଚନା ଦେଇଛନ୍ତି।

ଉଜ୍ଜ୍ୱଳା ଦିଦି ସମାବେଶ ଆଜି

ଭୁବନେଶ୍ୱର,୨୨।୨(ବ୍ୟୁରୋ): ତୈଳ ବୀପଣନ କମ୍ପାନୀଗୁଡ଼ିକ (ଓଏମ୍‌ସି) ପକ୍ଷରୁ ସାରା ରାଜ୍ୟର ଉଜ୍ଜ୍ୱଳା ଦିଦିଙ୍କୁ ନେଇ ଏଠାକାର ମଞ୍ଚେଶ୍ୱର ସ୍ପୋର୍ଟସ କମ୍ପ୍ଲେକ୍ସ ଗ୍ରାଉଣ୍ଡଠାରେ ଏକ ସମାବେଶ ଶନିବାର ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ପ୍ରାୟ ୧୦,୦୦୦ ଉଜ୍ଜ୍ୱଳା ଦିଦି ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି। କେନ୍ଦ୍ର ପେଟ୍ରୋଲିୟମ ତଥା ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ ବୋଲି ଓଏମ୍‌ସିଗୁଡ଼ିକ ପକ୍ଷରୁ ଏକ ମିଳିତ ଖବରଦାତା କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଛି। ଉଜ୍ଜ୍ୱଳା ଉପଭୋକ୍ତା ଏବଂ ବିତରକଙ୍କ ମଧ୍ୟରେ ଏକ ସେତୁ ଭାବେ ଉଜ୍ଜ୍ୱଳା ଦିଦି କାର୍ଯ୍ୟ କରିବେ। ଗ୍ରାମାଞ୍ଚଳର ଘରୋଇ ଉର୍ଜା କ୍ଷେତ୍ର ଏବଂ ବିତରଣ ନେଟୱର୍କରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିବ। କାର୍ଯ୍ୟକ୍ରମ ଅବସରରେ ତେଲ କମ୍ପାନୀର ଏସ୍‌ଏଲସି ତଥା ସିଜିଏମ୍ ଆଇଓସିଏଲ୍ ଶୁଭଜିତ ଘୋଷ, ଏଚ୍‌ପିସିଏଲ୍ ଡିଜିଏମ୍ ଧର୍ମେନ୍ଦ୍ର ବେହୁରା, ଆଇଓସିଏଲ୍ ଜିଏମ୍ ଏସ୍.କେ.ଝା, ରାଜ୍ୟସ୍ତରୀୟ ସଂଚାଳକ ଅନମୋଲ ବାରା ଏବଂ ସିନିୟର ମ୍ୟାନେଜର କର୍ପୋରେଟ କମ୍ୟୁନିକେଶନ ଶ୍ରୀନିବାସ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ପରକୀୟା ପ୍ରୀତିକୁ ବିରୋଧ କରିବାରୁ ସ୍ତ୍ରୀଙ୍କୁ ହତ୍ୟା ମାମଲା: ଶିକ୍ଷକ ଗିରଫ

ତିହିଡି, ୨୨।୨ (ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ କାଁପଡ଼ା ପଞ୍ଚାୟତ କାଁପଡ଼ାବିନ୍ଧା ଗ୍ରାମର ବିନିଲତା ଦାସ ନାମ୍ନୀ ଜଣେ ମହିଳାଙ୍କୁ ଗତ ୧୫ ତାରିଖରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ପରକୀୟା ପ୍ରୀତିକୁ ବିରୋଧ କରିବାରୁ ବିନିଲତାଙ୍କୁ ତାଙ୍କ ସ୍ୱାମୀ ହତ୍ୟା କରିଥିବା ଅଭିଯୋଗରେ ଦର୍ଶାଯାଇଥିଲା। ତିହିଡ଼ି ଥାନା ପୋଲିସ ତଦନ୍ତ କରି ଶୁକ୍ରବାର ବିନିଲତାଙ୍କ ସ୍ୱାମୀ ଶିକ୍ଷକ ନିର୍ମଳ ଚନ୍ଦ୍ର ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତବର୍ଷ ମାର୍ଚ୍ଚରେ ଭଦ୍ରକ କାଉପୁର ପଞ୍ଚାୟତ ମୁକ୍ତାଳି ଗ୍ରାମର କୁଳମଣି ଦାସଙ୍କ ଝିଅ ବିନିଲତା ନିର୍ମଳଙ୍କୁ ବିବାହ କରିଥିଲେ। ବିବାହ ପରେ ଅନ୍ୟ ଜଣେ ମହିଳାଙ୍କ ସହ ନିର୍ମଳଙ୍କର ଅନୈତିକ ସମ୍ପର୍କ ଥିବା ଜାଣି ବିନିଲତା ଏହାକୁ ବିରୋଧ କରିଥିଲେ। ଏଥିରେ ଉତ୍ୟକ୍ତ ହୋଇ ନିର୍ମଳ ବିନିଲତାଙ୍କୁ ହତ୍ୟା କରିଥିବା ତାଙ୍କ ଭାଇ ତିହିଡ଼ି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ହତ୍ୟା ମାମଲା (ନଂ.୭୭/୧୯) ରୁଜୁ କରି ତଦନ୍ତ ଚଳାଇଥିଲା।

ଜେନେରେଟର ଅପରେଟରଙ୍କ ମୃତ୍ୟୁ

କେନ୍ଦୁଝର, ୨୨।୨(ସ୍ୱ.ପ୍ର.)

ପୁରୁଣା ସହର ନ

ଇଭିଏମ୍ ଭାରତୀୟ ଗଣତନ୍ତ୍ରର 'ବିସ୍ମୟ ଯନ୍ତ୍ର' । ଏହା ଉପରେ ପ୍ରଶ୍ନ ଉଠାଉଥିବା ଲୋକେ ସନ୍ଦେହର ବୀଜ ବୁଣି ଗଣତନ୍ତ୍ରକୁ ନ୍ୟୂନ କରିବାକୁ ଷଡ଼ଯନ୍ତ୍ର ରଚୁଛନ୍ତି ।
- ଏସ୍.ୱାଇ. କୁରେଶୀ, ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର

ସଂକ୍ଷେପରେ

ସାପ୍ତାହିକ ବଜାର ଉଦ୍‌ଘାଟିତ

ହେମଗିର,୨୨।୨(ଡି.ଏନ.ଏ.)- ଆଙ୍କେଲବିରା ପଞ୍ଚାୟତର ତିଲିଆ(ଡୁମେରମୁଣ୍ଡା)ଠାରେ ଏକ ନୂତନ ସାପ୍ତାହିକ ବଜାର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ହେମଗିର ବିଡିଓ ପ୍ରଦୀପ ଡାଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଙ୍କେଲବିରା ସରପଞ୍ଚ ଥଇଚରଣା ସା ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟା କସ୍ତୁରୀ ଧୃଆ, କନିକା ସରପଞ୍ଚ ସୁନିତା ମାଝି, ପୂର୍ବତନ ସରପଞ୍ଚ ମୂରଲୀ ବନଛୋର ପ୍ରମୁଖ ଉପସ୍ଥିତ ଥିଲେ। ଦୀର୍ଘ ଦିନ ହେଲା ଅଞ୍ଚଳବାସୀ ଏକ ବଜାର ପାଇଁ ଦାବି କରି ଆସୁଥିଲେ। ଶୁକ୍ରବାର ତିଲିଆଠାରେ ବଜାରର ଶୁଭାରମ୍ଭ ହୋଇଥିବାରୁ ଜନସାଧାରଣ ଖୁସି ବ୍ୟକ୍ତ କରିଛନ୍ତି। ବଜାର ସପ୍ତାହର ଶୁକ୍ରବାର ଦିନ ସକାଳ ସମୟରେ ବସିବା ପାଇଁ ଧାର୍ଯ୍ୟ କରାଯାଇଥିଲା । ଅଶୋକ ପଣ୍ଡା, ବିଭୂତି ପଣ୍ଡା, ମୁସ୍ତାକ ଅହମ୍ମଦ, ଶାନ୍ତି ଧୃଆ, ବେଦବ୍ୟାସ ସାହୁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅମୂଲ୍ୟ ସିଂ, ଜେଇ ଧନୁର୍ଯ୍ୟ କିଷାନ, ଉପେନ୍ଦ୍ର ଭୋଇ, ସୁରେଶ ମିଶ୍ର, ମାଇନିୟୁସ ମୁଣ୍ଡୁ, ଅମୂଲ୍ୟ ମାକରଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ।

ମାଟ୍ରିକ ପରୀକ୍ଷା ଆରମ୍ଭ

୧୧୮କେନ୍ଦ୍ରରେ ୨୭ହଜାର ୧୦୯ ପରୀକ୍ଷାର୍ଥୀ



ପରୀକ୍ଷାର୍ଥୀମାନେ ପ୍ରଥମ ଦିନ ପରୀକ୍ଷା ସାରି ବାହାରକୁ ବାହାରୁଛନ୍ତି।

ସୁନ୍ଦରଗଡ଼,୨୨।୨(ଡି.ଏନ୍.ଏ.)

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ୨୦୧୯ ମାଟ୍ରିକ ପରୀକ୍ଷା ଶୁକ୍ରବାର ଆରମ୍ଭ ହୋଇଯାଇଛି। ଜିଲାରେ ୧୧୮ଟି ପରୀକ୍ଷା କେନ୍ଦ୍ରରେ ୨୭ହଜାର ୧୦୯ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ପ୍ରଥମ ଦିନରେ ପରୀକ୍ଷା କେନ୍ଦ୍ର ମୁଖ୍ୟ ଫାଟକରେ ସକାଳ ୯ଟା ୧୫ମିନିଟରେ ପରୀକ୍ଷାର୍ଥୀଙ୍କୁ କଡା ଯାଞ୍ଚ ପରେ ଭିତରକୁ ଛଡା ଯାଇଥିଲା । ୯ଟା ୪୫ରେ ଓଏମ୍‌ଆର୍ ସେଟ ପ୍ରଦାନ ପରେ ପୂର୍ବାହ୍ନ ୧୦ଟାରେ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଏହାପୂର୍ବରୁ ଜିଲାର ବିଭିନ୍ନ ନୋଡାଲ ସେଣ୍ଟରଗୁଡିକରୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପରୀକ୍ଷା କେନ୍ଦ୍ରଗୁଡିକୁ ପ୍ରଶ୍ନପତ୍ର ଓ ଉତ୍ତରଖାତା ପହଞ୍ଚିଥିଲା । ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରିଙ୍କ ନେତୃତ୍ୱରେ ଗଠିତ ସ୍କାର୍ଡ ୧୪ଟି ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିବା ବେଳେ ମାତୃଭାଷାରେ କପି କରି ଜଣେ ପରୀକ୍ଷାର୍ଥୀ ସ୍କାର୍ଡ ହାତରେ ଧରାପଡିଥିବା ଜଣାପଡିଛି। ସୁନ୍ଦରଗଡ଼ ଭବାନୀଶଙ୍କର ଉଚ୍ଚବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଉଥିବା ପରୀକ୍ଷାର୍ଥୀମାନେ ପ୍ରଶ୍ନ ସହଜଥିବାରୁ ପରୀକ୍ଷା ଭଲ ହୋଇଥିବା ପ୍ରକାଶ କରିଛନ୍ତି।

ପରୀକ୍ଷାର୍ଥୀଙ୍କ ମୁହଁରୁ...

ପରୀକ୍ଷା ପୂର୍ବରୁ ଡର ଲାଗୁଥିଲା। ହେଲେ ପ୍ରଶ୍ନ ସହଜ ଥିଲା। ସବୁ ପ୍ରଶ୍ନର ଉତ୍ତର ଲେଖିଛି। ଆଶା ୯୦ ପ୍ରତିଶତରୁ ଅଧିକ ମାର୍କ ରହିବ।
-**ପ୍ରଯୁକ୍ତା ମିଶ୍ର**, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍କ ଶିକ୍ଷାକେନ୍ଦ୍ର ସୁନ୍ଦରଗଡ଼

ଭଲ ପ୍ରଶ୍ନ ପଡିଥିଲା ଓ ସହଜ ବି ଥିଲା। ଭଲ ମାର୍କ ମିଳିବ। ପରୀକ୍ଷା ପାଇଁ ପ୍ରସ୍ତୁତି ଜୋରଦାର ଥିଲା। ସନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ ପଢୁଥିଲି। ଏପରି କି ଭୋର ସାଢେ ୩ଟାରୁ ଉଠି ପଢୁଛି।
ପ୍ରିୟା ସାହୁ, ସେଣ୍ଟମେରୀ ବାଳିକା ଉଚ୍ଚବିଦ୍ୟାଳୟ ସୁନ୍ଦରଗଡ଼

ପରୀକ୍ଷା ଭଲ ହୋଇଛି । ହେଲେ ସମୟ ହୋଇଯିବାରୁ ୫ମାର୍କ ଛାଡି ଦେଇଛି । ତଥାପି ଭଲ ମାର୍କ ରହିବ ବୋଲି ଆଶା ରଖିଛି। ପରୀକ୍ଷା ପାଇଁ ଦିନକୁ ୮ଘଣ୍ଟା ପଢୁଛି। **ନୟନ ପଟେଲ**, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍କ ଶିକ୍ଷା କେ

ପରୀକ୍ଷା ପାଇଁ ଭଲଭାବେ ପ୍ରସ୍ତୁତି କରିଛି। ପରୀକ୍ଷାରେ ଉତ୍ତର ଠିକ୍ ଲେଖିଛି। ଭଲ ମାର୍କ ମିଳିବ ବୋଲି ଆଶା ରଖିଛି।
ରୋହିତ ଖାଖା, **ଟାଉନ ହାଇସ୍କୁଲ ସୁନ୍ଦରଗଡ଼**

ବାର୍‌ହା ଶିକାର ଅଭିଯୋଗରେ ୬ ଗିରଫ

ହେମଗିର,୨୨।୨ (ଡି.ଏନ.ଏ.) ହେମଗିର ରେଞ୍ଜ ବନ ବିଭାଗ ବାର୍‌ହା ଶିକାର ଅଭିଯୋଗରେ ୬ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି । ଗତ ୨୧ ତାରିଖରେ ରୋହିଣୀ ସଂରକ୍ଷିତ ଜଙ୍ଗଲରେ ବାର୍‌ହା ଶିକାର କରାଯାଇଥିବା ନେଇ ବନ ବିଭାଗକୁ ସୂଚନା ମିଳିଥିଲା। ଖବର ପାଇ ରେଞ୍ଜର ହୋବିରାମ ଚୌଧୁରୀଙ୍କ ନିର୍ଦ୍ଦେଶକ୍ରମେ ରୋହିଣୀ ସେକସନ୍‌ର ବନପାଳ ସବ୍ୟସାଚୀ କାଲୋ, ବନରକ୍ଷୀ ଶୁଶିଲ କୁମାର ନାୟକଙ୍କ ସହ ଅନ୍ୟ ବନଚାରୀମାନେ ଅପରାହ୍ନ ୫ଟା ସମୟରେ ଚଢ଼ାଉ କରିଥିଲେ। ସେତିକିବେଳେ ଜଙ୍ଗଲରୁ ବନ ବିଭାଗ କର୍ମଚାରୀମାନେ ବରବାହାଲି ଗ୍ରାମର ଅଶୋକ ବରିହା(୩୮), ଥଣ୍ଡା ଭୋଇ(୩୯), କରୁଣାକର ଭୋଇ(୩୬), ଦୟା ଭୋଇ(୨୮) ଏବଂ ଗୁଲାପ ଲରିଆ (୫୦)ଙ୍କୁ ଧରି ଥିବାବେଳେ ଅନ୍ୟମାନେ ଫେରାର ହୋଇଯାଇଥିଲେ। ଏପରି କି ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରୁ ଏକ ବାର୍‌ହା ମୁଣ୍ଡ ସହ ପ୍ରାୟ ୨୦କି.ଗ୍ରା ଓଜନର ମାଂସ, ବାରହା ଶିକାର ପାଇଁ ବ୍ୟବହୃତ ବିଦ୍ୟୁତ୍ ତାର, ଟାଙ୍ଗିଆ ଆଦି ମାରଣାସ୍ତ୍ର ଜବତ କରିଥିଲେ। ବନ ବିଭାଗ ଶୁକ୍ରବାର ବର୍‌ହା ଶିକାରରେ ସମ୍ପୃକ୍ତ ସେହି ଗ୍ରାମର ସୌକି ଭୋଇ(୪୨)ଙ୍କୁ ଗିରଫ କରିଛି। ଏନେଇ ବନ ବିଭାଗ ଏକ ମାମଲା(ନଂ. ୨୧୧/୧୯) ରୁଜୁ କରିଛି।

ଟ୍ରକ ଧକ୍କାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ସୁନ୍ଦରଗଡ଼,୨୨।୨(ଡି.ଏନ୍.ଏ.)

ଭଷ୍ମା ଥାନା ଅଧୀନ କୁଣ୍ଡୁକେଲା ଛକରେ ଶୁକ୍ରବାର ଅପରାହ୍ନରେ ଏକ ଟ୍ରକ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ୱାମୀ ଗୁରୁତର ଆହତ ହୋଇ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୃତକ ହେଲେ ମନୋରମା ମିଶ୍ର। ଗୁରୁତର ହେଲେ ମହିଳାଙ୍କ ସ୍ୱାମୀ ହେମନ୍ତ ମିଶ୍ର। ତାଙ୍କ ଘର ଭଷ୍ମାରେ ବୋଲି ଜଣାପଡିଛି। ମିଳିଥିବା ସୂଚନା ମୁତାବକ ସ୍ୱାମୀ ସ୍ତ୍ରୀ ଶୁକ୍ରବାର ଦେଉଳିସ୍ଥିତ ନବନିର୍ମିତ ଦଧୀବାମନ ମନ୍ଦିର ଦର୍ଶନ ସାରି ଏକ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ସେତିକିବେଳେ କୁଣ୍ଡୁକେଲା ଛକରେ ଏକ କୋଇଲା ବୋଝେଇ ଟ୍ରକ ଭାରସାମ୍ୟ ହରାଇ ବାଇକ୍‌କୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ମନୋରମାଙ୍କ ମୃତ୍ୟୁ ଘଟିଥିଲା । ହେମନ୍ତଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏନେଇ ଘଟଣାସ୍ଥଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଉତ୍ତ୍ୟକ୍ତ ଲୋକେ ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଦାବିକରି ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା। ଖବର ପାଇ ସଦର ଏସ୍‌ଡିପିଓ ବଳଭଦ୍ର ଦୀପ, ଭଷ୍ମା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ଭଷ୍ମା ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

ମୃତକଙ୍କ ପରିବାର କ୍ଷତିପୂରଣ ଦାବିରେ ଲୋକଙ୍କ ରାସ୍ତାରୋକୋ।

ସୁନ୍ଦରଗଡ଼ ଟ୍ରକ୍ ମାଲିକ ସଂଘ ବୈଠକ

ସୁନ୍ଦରଗଡ଼,୨୨।୨(ଡି.ଏନ୍.ଏ.)- ଦୀର୍ଘ ୩ବର୍ଷ ଧରି ନିଷ୍କ୍ରିୟ ହୋଇପଡିଥିବା ସୁନ୍ଦରଗଡ଼ ଟ୍ରକ ମାଲିକ ସଂଘକୁ ପୂନଃ କର୍ଯ୍ୟକ୍ଷମ ସକାଶେ ଶୁକ୍ରବାର ଗାଡିମାଲିକଙ୍କୁ ନେଇ ଏକ ବୈଠକ ସଂଘ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଟ୍ରକ ମାଲିକ ସଂଘର ଆଗାମୀ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା। ଏପରି କି ଟ୍ରକଗୁଡିକୁ କିପରି ସୂଚାରୁ ରୁପ ଚଳାଯାଇ ପାରିବ ସେନେଇ ଆଲୋଚନା କରାଯାଇଥିଲା। ବୈଠକରେ ସରୋଜ କୁମାର ପଣ୍ଡା, ଜ୍ଞାନରଞ୍ଜନ ହୋତା, ସଞ୍ଜୟ କୁମାର ନନ୍ଦ, ବଟକିଶୋର ମିଶ୍ର, ଲଲାଟେନ୍ଦୁ ପରିଡ଼ା, ମନୋଜ କୁମାର ବହିଦାର, ରମଣୀ ରଞ୍ଜନ ଯୋଶୀ, ହାଜି ଅବଦୁଲ ସୟିଦ୍, ପ୍ରଫୁଲ୍ଲ କୁମାର ସୁନ୍ୟାନୀ, ଲାଲବାହାଦୂର ସିଂ, ପ୍ରେମରତ୍ନ ପଣ୍ଡା, ଆବଦୁଲ ୱାହାବ, ସୟଦ୍ ସକିଲ ଅହମ୍ମଦ ପ୍ରମୁଖ ଯୋଗଦେଇ ସଂଘର ଉନ୍ନତି ପାଇଁ ମତବ୍ୟକ୍ତ କରିଥିଲେ।

ପଞ୍ଚ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଉଦ୍‌ଯାପିତ

ଲହୁଣୀପଡ଼ା,୨୨।୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ୨ଦିନିଆ ପଞ୍ଚ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ଡୁମକଳା ବ୍ରାହ୍ମଣୀ ନଦୀରୁ କଳସରେ ଜଳ ଆଣି ଶୋଭଯାତ୍ରାରେ ଲହୁଣୀପଡ଼ା ମୁଖ୍ୟ ବଜାର ପରିକ୍ରମା କରିଥିଲେ । ସନ୍ଧ୍ୟାରେ ଦୀପଯଜ୍ଞ, ଯୁଗ ସଂଗୀତ, ପ୍ରଜ୍ଞା ପୁରାଣ କଥା ଶୁଭାରମ୍ଭ ହୋଇଥିଲା । ଏପରି କି ଶହୀଦ ଯବାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୧୦୦୮ ଦୀପ ଦାନ କରାଯାଇଥିଲା । ଶୁକ୍ରବାର ସକାଳେ ଯୋଗ, ପ୍ରାଣାୟାମ, ଯଜ୍ଞ, ସଂସ୍କାର ତଥା ମୁଣ୍ଡ, ଦିକ୍ଷା ଭଳି ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାମକ୍ରିପାଲ ସା, ରେଖା ସା, ଦିଲୀପ ଠାକୁର, ରେଣୁ ଠାକୁର, ଦେବାନନ୍ଦ ଜୟସ୍ୱାଲ, ଜାନକୀ ଜୟସ୍ୱାଲ, ଗଜାଧର ପ୍ରସାଦ ଜୟସ୍ୱାଲ, ଦୁର୍ଗା ଜୟସ୍ୱାଲ, ନନ୍ଦଲାଲ ଜୟସ୍ୱାଲ ଓ ସୀତା ଜୟସ୍ୱାଲ ପ୍ରମୁଖ ପାଞ୍ଚଟି କୁଣ୍ଡରେ କର୍ତ୍ତା ଦାୟୀତ୍ୱ ତୁଳାଇଥିଲେ। ରାଉରକେଲା ଗାୟତ୍ରୀ ପରିବାରର ବିଶ୍ୱାମିତ୍ର ଶାସ୍ତ୍ରୀ ତାଙ୍କ ସହଯୋଗୀ ଯଜ୍ଞ ସଞ୍ଚାଳନ କରିଥିଲେ। ଗୌରିଶଙ୍କର ତିୱାରି, ଟୁକୁ ଜୟସ୍ୱାଲ, ସନ୍ତୋଷ ବର୍ମା, ସନ୍ତୋଷ ସା, ବିକାଶ ଚୌଧୁରୀ, ସମ୍ବାରି ସା, ରେଖା ଜୟସ୍ୱାଲ, ରିଙ୍କୁ ଚୌଧୁରୀ, ଗିର୍ଜା ଜୟସ୍ୱାଲ ପ୍ରମୁଖଙ୍କ ସମେତ ଲହୁଣୀପଡ଼ା ଗାୟତ୍ରୀ ଯଜ୍ଞ କମିଟି କର୍ମକର୍ତ୍ତାଙ୍କ ସହଯୋଗ କରିଥିଲେ। ଏଥିରେ ଆଖପାଖ ଗ୍ରାମର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।

ପଞ୍ଚ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅବସରରେ ବାହାରିଥିବା କଳସ ଶୋଭାଯାତ୍ରା।

ବାଲିଶଙ୍କରା ବ୍ଲକରେ କ୍ରୀଡ଼ା ସାମଗ୍ରୀ ବଣ୍ଟନ

ବାଲିଶଙ୍କରା,୨୨।୨(ଡି.ଏନ.ଏ)- ବାଲିଶଙ୍କରା ବ୍ଲକର ସଭା ଗୃହଠାରେ ବିଜୁ ଯୁବବାହିନୀ ବ୍ଲକ କୋଡିନେଟର ଚନ୍ଦ୍ରମଣି ପ୍ରଧାନଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ତଳସରା ବିଧାୟକ ଡ. ପ୍ରଫୁଲ୍ଲ ମାଝି ଯୋଗଦେଇ କ୍ରୀଡ଼ା ପ୍ରତି ଗୁରୁତ୍ୱ ଦେବାକୁ ବିଜୁ ଯୁବବାହିନୀ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ତ୍ରିବେଣୀ ମାଝି, ବିଡିଓ ଅଭିମନ୍ୟୁ ବେହେରା, ଜିପିଓ ନଗେନ୍ଦ୍ର ନାଥ ନାଏକ ଯୋଗଦେଇ ସରକାରଙ୍କ ଏପରି ପଦକ୍ଷେପ ଦ୍ୱାରା କ୍ରୀଡ଼ାର ବିକାଶ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ୧୯ଟି ପଞ୍ଚାୟତର ସଭାପତି, ସମ୍ପାଦକ ବିଜୁ ଯୁବବାହିନୀ ଯୋଗଦେଇଥିଲେ। ଶେଷରେ ବାଲିଶଙ୍କରା ବ୍ଲକ ବିଜୁ ବାହିନୀ କୋଡିନେଟର ଚନ୍ଦ୍ରମଣି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ଜିଲାସ୍ତରୀୟ ସ୍କାଉଟ୍‌ଗାଇଡ୍ ଚିନ୍ତନ ଦିବସ ପାଳନ

ସୁନ୍ଦରଗଡ଼,୨୨।୨(ଡି.ଏନ୍.ଏ.)

ସ୍ଥାନୀୟ ସୁନ୍ଦରଗଡ ପବ୍ଲିକ ସ୍କୁଲ ପରିସରରେ ଲର୍ଡ ବେଡେନ ପାୱେଲଙ୍କ ଜନ୍ମ ଦିବସକୁ ସ୍କାଉଟଗାଇଡ ଚିନ୍ତନ ଦିବସ ଭାବେ ପାଳନ କରାଯାଇଛି । କାର୍ଯ୍ୟକ୍ରମରେ ଜିଲା ସ୍କାଉଟଗାଇଡ ସମ୍ପାଦକ ବିଦ୍ୟାଧର ପ୍ରଧାନ ଛାତ୍ରୀଛାତ୍ରମାନଙ୍କୁ ସ୍କାଉଟର ଲକ୍ଷ ଓ ବିଶ୍ୱ ଭାତୃଭାବ ସମ୍ପର୍କରେ ସୂଚନା ଦେଇ ଉଚ୍ଚଶିକ୍ଷା କ୍ଷେତ୍ରରେ ନିଯୁକ୍ତିର ସୁଯୋଗ ସମ୍ପର୍କରେ କହିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ହରିପ୍ରିୟା ପଟେଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ରାଜ୍ୟ ପୁରସ୍କାର ବିଜେତା ସ୍କାଉଟ ଶୁଭମ ସାହୁ ମଞ୍ଚ ପରିଚାଳନା କରିଥିଲେ । ସ୍କାଉଟ ମାଷ୍ଟର ଅଶୋକ ପରିଡା ଓ ଗାଇଡ କ୍ୟାପଟେନ ସସ୍ମିତା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ସ୍କାଉଟ ଗାଇଡ ଛାତ୍ରୀଛାତ୍ରମାନେ ବିଭିନ୍ନ ସେବା କାର୍ଯ୍ୟୟ ମାଧ୍ୟମରେ ଅନ୍ୟମାନଙ୍କୁ ସ୍କାଉଟ ବ୍ୟାଜ ଦେଇ ସ୍କାଉଟ ଗାଇଡସ୍ ଭାତୃତ୍ୱ ଭାବ ଓ ସେବାର ଲକ୍ଷ୍ୟ ବିଷୟରେ ପ୍ରଚାର କରିଥିଲେ। ଗାଇଡ ସ୍ନେହା କୁମାର ଭାଷଣରେ ଚିନ୍ତନ ଦିବସର ତାତ୍ପର୍ଯ୍ୟ ବିଷୟରେ ଅବଗତ କରାଇଥିଲେ। ଶେଷରେ ସ୍କାଉଟ ମାଷ୍ଟର ସନ୍ତୋଷ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ । ବିଦ୍ୟାଳୟର ସମ୍ପାଦକ ରାଜକିଶୋର ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

ଜାତୀୟ ନାଟ୍ୟ ମହୋତ୍ସବରେ ପରିବେଷଣ ହେବ ନାଟକ 'ମାଉ'

ସୁନ୍ଦରଗଡ,୨୨।୨(ଡି.ଏନ୍.ଏ.)

ଓଡ଼ିଶା ସଂଗୀତ ନାଟକ ଏକାଡେମୀ, ଓଡ଼ିଶା ସଂସ୍କୃତି ବିଭାଗ, ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ କୋଲକାତାର ମିଳିତ ଆନୁକୂଲ୍ୟରେ ଆସନ୍ତା ୨୩ରୁ ୨୭ତାରିଖ ପର୍ଯ୍ୟନ୍ତ ନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପଠାରେ ଜାତୀୟ ନାଟ୍ୟ ଉତ୍ସବ ପୂର୍ବରଙ୍ଗ -୨୦୧୯ ଅନୁଷ୍ଠିତ ହେବ। ଏଥିରେ ଓଡିଶା ସମେତ ୪ଟି ରାଜ୍ୟର ନାଟ୍ୟାନୁଷ୍ଠାନ ଭାଗ ନେଉଛନ୍ତି। ଏଥିରେ ଓଡ଼ିଶା ସୁନ୍ଦରଗଡ଼ର ନବଜୀବନ ନାଟ୍ୟାନୁଷ୍ଠାନ ଭାଗ ନେଇଛି। ୨୩ ତାରିଖ ସନ୍ଧ୍ୟାରେ ନବଜୀବନ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ସରଳ ଆଦିବାସୀଙ୍କୁ ନେଇ ଲିଖିତ ସମ୍ବଲପୁରୀ ନାଟକ 'ମାଉ' ପରିବେଷିତ ହେବ । ୨୦୧୧ରେ ସୁନ୍ଦରଗଡରେ ଏହି ଅନୁଷ୍ଠାନ ପକ୍ଷରୁ ସର୍ବାଧିକ ୧୨୦ଜଣ କଳାକାରଙ୍କୁ ନେଇ ମୁକ୍ତାକାଶ ରଙ୍ଗମଞ୍ଚରେ ପରିବେଷିତ ଏହି ନାଟକ ଦର୍ଶକ ମହଲରେ ଆଦୃତ ଲାଭ କରି ଲିମକା ବୁକ୍ ଅଫ ୱାଲର୍ଡ ରେକର୍ଡ ପାଇଁ ମନୋନୀତ ହୋଇଥିଲା। ସାଂପ୍ରତିକ ପରିସ୍ଥିତିରେ ଜଙ୍ଗଲ ମଧ୍ୟରେ ବସବାସ କରୁଥିବା ସରଳ ନିରିହ ଜନଜାତି ମାଓବାଦୀ ତଥା ପୋଲିସର ନିର୍ଯାତନାର ଶିକାର ହୋଇଥାନ୍ତି। ପ୍ରକୃତି କୋଳରେ ବସବାସ କରୁଥିବା ଆଦିବାସୀଙ୍କ ଜନଜୀବନ ଓ ସମସ୍ୟାକୁ ନେଇ ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଦୀପ ଭୋଳଙ୍କ ଲିଖିତ ଓ ନିର୍ଦ୍ଦେଶିତ ଏହି ନାଟକ ବେଶ ବାସ୍ତବ ଓ ଜୀବନଧର୍ମୀ ହୋଇପାରିଛି। ଭୂବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପରେ ଦେଢଘଣ୍ଟା ଅବଧିକୁ ଆଖି ଆଗରେ ରଖି ବର୍ତ୍ତମାନ ଏହି ନାଟକରେ କଳାକାର ସଂଖ୍ୟା ୬୦ରେ ସୀମିତ ରଖାଯାଇଛି । ନିର୍ଦ୍ଦେଶକ ପ୍ରଦୀପ ଭୋଳ ଓ ଅଜୟ ବହିଦାରଙ୍କ ପରିଚାଳନାରେ ପରିବେଷିତ ହେବାକୁ ଥିବା ଏହି ନାଟକ ପାଇଁ ସସ୍ମିତା ସାହୁ ସଂଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ମଞ୍ଚ ସଜ୍ଜାରେ ଦେବେନ ଅମାତ, ମଞ୍ଚ ପରିଚାଳନା କୁମୁଦ ପଣ୍ଡା, ଅକ୍ଷୟ ଭୋଳ ରହିଛନ୍ତି। ପ୍ରମୁଖ ଭୂମିକାରେ ରତିକା ଯୋଶୀ, ପ୍ରିୟଦର୍ଶିନୀ ମିଶ୍ର, ଲକ୍ଷ୍ମୀପ୍ରୀୟା ପତି, ମାଧବରାମ ପଟେଲ, ଲତିକା ପଟ୍ଟନାୟକ, ବିଜୁ ମହାରଣା, ସ୍ୱର୍ଣ୍ଣମଞ୍ଜରୀ ଦାଶ, ସୁବାଷ ଦାଶ, ମନୋଜ କୁମାର ମହାରଣା, ସମରେନ୍ଦ୍ର ଠାକୁର, ଗୋପାଳ ପୃଷ୍ଟେଠ